ସ୍ମୃତି ସୌରଭ



ପଣ୍ଡିତ କୁଳମଣି ମିଶ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ବାସର ଅବସରରେ

ତା: ୮- ୨- ୧୯୯୧, ଫାଲଗୁନ କୃଷ୍ଣ ଦଶମୀ, ଶୁକ୍ରବାର

ସ୍ମୃତି ସୌରଭ

ପଣ୍ଡିତ କୁଳମଣି ମିଶ୍ରଙ୍କ ପ୍ରଥମବାର୍ଷିକ ଶ୍ରାଦ୍ଧବାସରୀୟ

ସ୍ମରଣିକା

ସଂପାଦକଦ୍ୱୟ

ଡକ୍ଟର ବ୍ରଜକିଶୋର ସ୍ୱାଇଁ

ଡକ୍ଟର ଜୟକୃଷ୍ଣ ମିଶ୍ର

ପ୍ରକାଶକ

ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗ

ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର

ପୁରୀ, ୧୯୯୦

ପଣ୍ଡିତ କୁଳମଣି ମିଶ୍ରଙ୍କ ରଚନାବଳୀ

୧-	ଧର୍ମଶାସ୍ତ୍ରଶବ୍ଦକୋଶ (ପ୍ରଥମ ଓ ଦ୍ୱିତୀୟ ଭାଗ)	ପ୍ରକାଶିତ
୨-	ପ୍ରାୟଶ୍ଚିତ୍ତବିବେକ (ସଂପାଦିତ) (୧ମ ଓ ୨ୟ ଭାଗ)	,,
୩-	ନିତ୍ୟାଚାରପ୍ରଦୀପ (ସଂପାଦିତ)	,,
୪-	ଧ୍ୱନ୍ୟାଲୋକ (ଅନୁବାଦ)	,,
୫-	ବିଷ୍ଣୁସହସ୍ରନାମବ୍ୟାଖ୍ୟା	,,
୬-	ଶିବସହସ୍ରନାମବ୍ୟାଖ୍ୟା	,,
୭-	ସାମବେଦୀୟକର୍ମକାଣ୍ଡମ୍ (ସଂପାଦିତ)	,,
୮-	ଶ୍ରୁତବୋଧଃ (ସଂପାଦିତ)	,,
୯-	କୌଟିଲ୍ୟାର୍ଥଶାସ୍ତ୍ରଟୀକା	,,
୧୦-	'କ'-ନବକମ୍	,,
୧୧-	ଯମଗୀତା	,,
୧୨-	ଲକ୍ଷ୍ମୀଗୀତା	,,
୧୩-	କୃପାସିନ୍ଧୁବିଜ୍ଞପ୍ତି	,,
୧୪-	ବାଣୀବିଳାସ	,,
୧୫-	କାଳଦୀପଟୀକା 'ତେଜସ୍ୱୀ'	,,
୧୬-	ପାରସ୍କରଗୃହ୍ୟସୂତ୍ରଟୀକା 'ମାର୍ଗଦର୍ଶିନୀ'	,,
୧୭-	ଶ୍ରୀକୃଷ୍ଣଭକ୍ତିଲତାଫଲମ୍ (ସଂପାଦିତ)	,,
୧୮-	ମେଘଦୂତବ୍ରହ୍ମପ୍ରକାଶିକାଟୀକା (ସଂପାଦିତ)	,,
୧୯-	ଗୌତମଧର୍ମସୂତ୍ରଟୀକା 'ସୂକ୍ଷ୍ମା'	,,
୨୦-	ସୂକ୍ତିରତ୍ନାବଳୀ	,,
୨୧-	ଦର୍ଶଦୀପିକା (ସଂପାଦିତ)	,,
୨୨-	ବଶିଷ୍ଠଧର୍ମସୂତ୍ରଟୀକା 'ତତ୍ତ୍ୱପ୍ରକାଶିକା'	ଅପ୍ରକାଶିତ
୨୩-	ଧମ୍ମପଦ (ଅନୁବାଦ)	,,
୨୪-	ସାହିତ୍ୟଦର୍ପଣ (ଟିପ୍ପଣୀସହିତ)	,,
୨୫-	ଆତ୍ମଜୀବନୀ	,,
	ଏବଂ [illegible]୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ (ସଂସ୍କୃତ ଏବଂ ଓଡ଼ିଆ)	

—o—

ପଣ୍ଡିତ କୁଳମଣି ମିଶ୍ର
ଆବିର୍ଭାବ - ୨୨-୧୨-୧୯୧୮
ତିରୋଧାନ ୧୯-୨-୧୯୯୦

This Page is intentionally left Blank



କହିଥିଲ ତୁମେ
ସ୍ମୃତିର ସୌରଭ ଖୋଲିବ
କିଏ ବା ଜାଣିଛି ଇଚ୍ଛାମୟଙ୍କର ଇଚ୍ଛାରେ
ଇଚ୍ଛା ପଥେ ଆପେ ବାହୁଡ଼ିବ ।

ପଣ୍ଡିତ ମହାଶୟଙ୍କ ଘନିଷ୍ଠ ବନ୍ଧୁ, ସହକର୍ମୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ
ବିଶ୍ୱବିଦ୍ୟାଳୟର ଅଦ୍ୱୈତବେଦାନ୍ତ ବିଭାଗୀୟ ଅତିଥିପ୍ରାଧ୍ୟାପକ
ପଣ୍ଡିତ କୃଷ୍ଣଚନ୍ଦ୍ର ରାଜଗୁରୁଙ୍କର
ତା ୩୦-୧-୯୨ ରିଖରେ ଆକସ୍ମିକ ମହାପ୍ରୟାଣରେ
ସ୍ମୃତିସୌରଭ ସେ ମହାନ୍ ଆତ୍ମାଙ୍କ ଉଦ୍ଦେଶ୍ୟରେ
ଅଶ୍ରୁତର୍ପଣ ଜଣାଉଛି ।

This Page is intentionally left Blank



ସଂପାଦକୀୟ—

ମଣିଷ କାମକରେ । ସେଥିରୁ ସଂସ୍କାର ଜନ୍ମେ । ସେ ସଂସ୍କାରଟି ନିର୍ମଳ ଆତ୍ମା ଉପରେ ପରଦାଭଳି ପଡ଼ିଯାଏ । ସେ ପରଦାଟି ଯେଭଳି ସେ ଆତ୍ମା ଦୁନିଆଁକୁ ସେଇଭଳି ଦେଖେ । ତାକୁ କହନ୍ତି ଅନୁଭବ । ପରେ କେବେ ସମୟ ଆସେ, ଆବଶ୍ୟକତା ପଡ଼େ, ସେ ଅନୁଭବଟିକୁ ପୁଣି ଭାବେ, ମନେ ପକାଏ, ଗୁଣି ହୁଏ । ତାକୁ କହନ୍ତି ସ୍ମୃତି । ସେ ସ୍ମୃତିଗୁଡ଼ିକ ଆଉ କିଛି ନୁହେଁ ଖାଲି ଅନୁଭୂତିର ରୂପାନ୍ତରଟିଏ । ସେ ପୁଣି କେବେ ଦୁଃଖ ହୁଏ କେବେ ପୁଣି ସୁଖ ବି ହୁଏ । ଦୁଃଖର ସ୍ମୃତିଟାକୁ ଅନ୍ୟ ଆଗରେ କହି ଅଜାଡ଼ି ପକେଇଲେ ଲାଘବ ହୋଇଗଲା ବୋଲି ମଣେ । କିନ୍ତୁ ଦୁଃଖର ସ୍ମୃତିଟା ଅବସ୍ଥାକୁ ଚାହିଁ କେଉଁଠି ଅନୁତାପ ଜଳାଏ ତ କେଉଁଠି ପ୍ରେରଣା ହୁଏ, ନୋହିଲେ ଅଟୋପ ଥିଲେ ଅହଙ୍କାର କମ୍ପା ଗର୍ବରେ ପରିଣତ ହୋଇଯାଏ । ସେ ଯାହାହେଉ ଅନ୍ୟ ଆଗରେ କହି ନ ପକାଇଲେ ସ୍ମୃତିଗୁଡ଼ାକ ମନରେ ଏମିତି ଜମାଟ ବାନ୍ଧି ଯାଏ ଯେ ସେଗୁଡ଼ାକ ମଣିଷକୁ କାବା କରିଦିଏ । ତେଣୁ ମଣିଷ ସେଗୁଡ଼ାକ ପଖାଳେ ସ୍ନେହୀ ବନ୍ଧୁ, ଆତ୍ମୀୟ,

ସ୍ୱଜନ ଓ ସମଧର୍ମୀଙ୍କ ଆଗରେ ଖୋଲି ମନଟାକୁ ହାଲକା କରିବା ପାଇଁ । ଏଥିରେ ଏଗୁଣ୍ଡିକରର ଛାପ ଭଲ କଜର ମନଟା ଯେମିତି ହାଲକା ହୁଏ ଯାହା ବିଷୟରେ ସେ ସ୍ମୃତିଟି; ସେ ଯେଉଁଠି ଥାଆନ୍ତୁ ନା କାହିଁକି ତାଙ୍କୁ ବି ଟିକିଏ ଆଶ୍ୱସ୍ତି ଲାଗେ । କାହିଁକି ନା ଅନ୍ତରାତ୍ମା ସବୁ ସମାନ । ସେଠି ଯାହା ଏଠି ସେଇଆ ।

ପଣ୍ଡିତ ମହାଶୟ କେମିତି ଥିଲେ ଦେଖିଥିବା, ମିଶିଥିବା ଲୋକ ଜାଣନ୍ତି । ହେଲେ କିଏ କିପରି ଜାଣନ୍ତି ଅନ୍ୟ ଜଣେ ଜାଣିବ କିପରି ? ଆଜି ଅବସରଟିଏ ମିଳିଛି ତାଙ୍କୁ କିଏ କିପରି ଜାଣିଛି ଜଣାଇବା ପାଇଁ । ଫୁଲଟି ଫୁଟିବା ପୂର୍ବରୁ କଢ଼ି ଧରେ, ସେଥିରୁ ଟିକିଏ ଟିକିଏ ବାସ୍ନା ବାହାରେ । ତାପରେ ପାଖୁଡ଼ା ମେଲିଦିଏ । ଭିତରର ବାସ୍ନାଟିକକ ବି ଆଉ ସେଠି ଏକ-ଘରକିଆ ହୋଇ ରହେ ନାହିଁ । ଚାରିଆଡ଼କୁ ଚାଲିଯାଏ । ସମସ୍ତେ ଜାଣନ୍ତି । ଫୁଲଟି ଫୁଟିଛି ବୋଲି । ସ୍ମୃତି କଳିକାଟିର ପାଖୁଡ଼ା ମେଲେଇବାକୁ କେହି କେବେ ବଳ ପ୍ରୟୋଗ କରିନାହିଁ । ତାର ବାସ୍ନାଟି ଚହଟିଯିବା ପାଇଁ ତ ଏ ଉଦ୍ୟମ । ସେଇ ବାସ୍ନାଟି ତାର ସୌରଭ । ପଣ୍ଡିତ ମହାଶୟଙ୍କ ସ୍ମୃତିର ସୌରଭ ଦିଗ ଦିଗନ୍ତକୁ ଛୁଇଁବା ପାଇଁ ସମସ୍ତେ ଷଟ୍‌ପଦ ସାଜିଛନ୍ତି । ହେଲେ ସମସ୍ତଙ୍କର କ'ଣ ସମାନ କଥା ? ପ୍ରତ୍ୟେକଙ୍କର ପ୍ରତ୍ୟେକଙ୍କଠୁ ଫରକ । ସେଇ ଫରକ ସୌରଭ ଟିକକୁ ତ' ଧରିବା ପାଇଁ କାହାର କେଉଁଠି କେତେ ଅଂଶ ବିଆଗ କରିଦେବାକୁ ପଡୁଛି, ନୋହିଲେ ତାଙ୍କର ସୌରଭଟା କ'ଣ ଅନ୍ୟ ସାଙ୍ଗରେ ମିଶି ଫିକ୍‌କା ପଡ଼ିଯାଇ ନ ଥାନ୍ତା ? ସେ ମହାନ୍ ଆତ୍ମା, ତାଙ୍କୁ କିଏ କେମିତି ଜାଣେ ଏବେ ସିଏ ଜାଣନ୍ତୁ । ଆମେ ତ' ଜାଣିବା । ଏ ସ୍ମୃତିର ସୌରଭ ଟିକକ ଚହଟେଇବା ପାଇଁ ଯେଉଁମାନେ ସମୀରଣର ଭୂମିକା ଗ୍ରହଣ କରିଛନ୍ତି ସେହି ମହାନ୍ ଆତ୍ମାଙ୍କର ପାଞ୍ଚଟି ପ୍ରାଣ ସମୀରଣର ଆଶିଷ ତାଙ୍କର ଉପରେ ଝରିପଡୁ । ଆଉ ବଳଦେଉ — ତାଙ୍କ ବିଦ୍ୟାର ସ୍ମୃତି ସଞ୍ଚିକାଟିଏ ସଜାଡ଼ିବା ପାଇଁ ।

ଡକ୍ଟର ବ୍ରଜକିଶୋର ସ୍ୱାଇଁ

ଶ୍ରୀବିହାର | ଧର୍ମଶାସ୍ତ୍ର ଅଧ୍ୟାପକ
ପୁରୀ | ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ଭାରତର ମାନ୍ୟବର ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହଙ୍କଠାରୁ
Certificate of honour ଗ୍ରହଣ କରୁଛନ୍ତି (୧୬-୩-୮୫)



ଅପର ପକ୍ଷରେ ତର୍ପଣ କରୁଥିବା ସମୟରେ ପଣ୍ଡିତ କୁଳମଣି ମିଶ୍ର

ପଣ୍ଡିତ କୁଳମଣି ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ

ପୁରୀ ଜିଲ୍ଲାର ଖୋର୍ଦ୍ଧା ଉପଖଣ୍ଡ । ତନ୍ମଧ୍ୟରେ ହଳଦିଆ ଗ୍ରାମ । ସେଠାରେ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତକର ଭାରତ ବିଖ୍ୟାତ ବେଦ-ଧର୍ମଶାସ୍ତ୍ର ବିଶାରଦ, ଭରଦ୍ୱାଜ ଗୋତ୍ରୀୟ ଶମ୍ଭୁକର ମିଶ୍ରଙ୍କ ଅନ୍ୱୟରେ ଗଦାଧର ମିଶ୍ର ଓ ବିମଳାଦେବୀଙ୍କ ଔରସରୁ ପଣ୍ଡିତ ମହାଶୟଙ୍କର ଜନ୍ମ ତା ୨୧-୧୨-୧୯୧୮ ମସିହାରେ । ପୁରୀ ନିକଟବର୍ତ୍ତୀ ବାସୁଦେବପୁରରୁ ଆସି ଏହି ବଂଶର ତିନୋଟି ସୋଦର ଭ୍ରାତାଙ୍କ ମଧ୍ୟରୁ ପ୍ରଥମ କଁଜମ୍ବାରେ, ମଧ୍ୟମ ନରସିଂହପୁରରେ ଏବଂ କନିଷ୍ଠ ହଳଦିଆରେ ସ୍ଥାୟୀ ଭାବରେ ରହିଥିଲେ । ପଣ୍ଡିତ ମହାଶୟଙ୍କ ବିବରଣୀ ଅନୁସାରେ କନିଷ୍ଠ ଭ୍ରାତା ବିଶ୍ୱେଶ୍ୱର ମିଶ୍ରଙ୍କ ଅନ୍ୱୟରେ ତାଙ୍କର ଜନ୍ମ । ଯଥା—

ବିଶ୍ୱେଶ୍ୱର ମିଶ୍ରଙ୍କର ପୁତ୍ର ଯଦୁନାଥ । ଯଦୁନାଥଙ୍କର ପୁତ୍ର ନାରାୟଣ । ନାରାୟଣଙ୍କର ପୁତ୍ର ଜଗନ୍ନାଥ, ତାଙ୍କ ପୁତ୍ର ଯଜ୍ଞେଶ୍ୱର । ଯଜ୍ଞେଶ୍ୱରଙ୍କର ପାଞ୍ଚପୁତ୍ର- ଧନେଶ୍ୱର, ଜୀବନ, ମୁକୁନ୍ଦ, ମୁରାରି ଓ ଦୀନବନ୍ଧୁ । ଧନେଶ୍ୱରଙ୍କର ତିନିପୁତ୍ର- ନୀଳାମ୍ବର, ବିଶ୍ୱମ୍ଭର ଓ ପଦ୍ମନାଭ । ନୀଳାମ୍ବରଙ୍କର ଦୁଇପୁତ୍ର ମାଧବ ଏବଂ ଶତାନନ୍ଦ (ମିଠୁ ମିଶ୍ର) ଶତାନନ୍ଦଙ୍କର ଦୁଇ ପୁତ୍ର ଦାମୋଦର ଏବଂ ଶ୍ୟାମ । ଶ୍ୟାମଙ୍କର ପୁତ୍ର ବୈଦ୍ୟନାଥ, ବୈଦ୍ୟନାଥଙ୍କ ପୁତ୍ର ଗଦାଧର । ଗଦାଧର ମିଶ୍ରଙ୍କର ଦୁଇ ପୁତ୍ର- କୁଳମଣି ଏବଂ ଚନ୍ଦ୍ରଶେଖର ।

ପିତା ଗଦାଧରଙ୍କର ପ୍ରବଳ ନିଷ୍ଠା ଏବଂ ବ୍ରାହ୍ମଣୋଚିତ କୁଳୀନତାରେ ସେ ପିଲାଟି ଦିନୁ ବଢି ଆସିଥିଲେ । ଉଚ୍ଚ ପ୍ରାଥମିକ ଶିକ୍ଷା ସମାପ୍ତି ପରେ ସେ ହଳଦିଆ ସଂସ୍କୃତ ଟୋଲରେ ସଂସ୍କୃତର ଉଭୟ ପ୍ରଥମା ଓ ମଧ୍ୟମା ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ସଂସ୍କୃତ ଶିକ୍ଷା ପ୍ରତି ତାଙ୍କ ପିତୃଦେବଙ୍କଠାରୁ ଯେଉଁ ପ୍ରେରଣା ମିଳିଥିଲା ଟୋଲର ତତ୍କାଳୀନ ସଂସ୍କୃତ ଅଧ୍ୟାପକ ସ୍ୱର୍ଗତଃ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କର ଅନାବିଳ ସ୍ନେହ, କର୍ତ୍ତବ୍ୟନିଷ୍ଠା ଓ ମମତା ସେଥିକି ପ୍ରବର୍ଦ୍ଧିତ କରିଥିଲା । ତାପରେ ପୁରୀ ସଂସ୍କୃତ ମହାବିଦ୍ୟାଳୟରେ ସେ ପ୍ରଥମେ ଧର୍ମଶାସ୍ତ୍ରରେ ଶାସ୍ତ୍ରୀ ଓ ୧୯୩୯ ମସିହାରେ ଧର୍ମଶାସ୍ତ୍ର ଆଚାର୍ଯ୍ୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଧର୍ମଶାସ୍ତ୍ରାଧ୍ୟାପକ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଆନନ୍ଦ ମିଶ୍ରଙ୍କ ସାନ୍ନିଧ୍ୟ ଲାଭ କରିଥିଲେ । ତାପରେ ସାହିତ୍ୟାଚାର୍ଯ୍ୟ ପରୀକ୍ଷାପାଇଁ ସେ ପ୍ରଧାନାଚାର୍ଯ୍ୟ ପଣ୍ଡିତ ସ୍ୱର୍ଗତଃ ବାସୁଦେବ ମିଶ୍ର ବିଦ୍ୟାବାଗୀଶଙ୍କଠାରୁ ନିୟମିତ ଛାତ୍ର ଭାବରେ ଅଧ୍ୟୟନ କରି

୧୯୪୨ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ବେଦରେ ଶାସ୍ତ୍ରୀପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ ଏବଂ ସେତେବେଳେ ତାଙ୍କର ଅଧ୍ୟାପକ ଥିଲେ ସ୍ୱର୍ଗତଃ ପଣ୍ଡିତ ରାମଚନ୍ଦ୍ର ରଥ । ପୁରୀ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳର ଦୁଇଜଣ ପୁଣ୍ୟଶ୍ଳୋକ ଅଧ୍ୟକ୍ଷଙ୍କ ନାମ ସେ ସବୁ ସମୟରେ କହନ୍ତି । ସେ ହେଉଛନ୍ତି-ଡକ୍ଟର କରୁଣାକର କର ଏବଂ ପଣ୍ଡିତ କଣୋଗ ମୋହନ ଦ୍ୱିବେଦୀ । ଛାତ୍ର ଜୀବନରେ ସରକାରୀ ଛାତ୍ର ବୃତ୍ତି ସହିତ ଏକ ବିଶେଷ ବୃତ୍ତି ସେ ପାଉଥିଲେ-ବଙ୍ଗୀୟ ସନ୍ନ୍ୟାସିନୀ 'ସାଧୁମା'ଙ୍କ ଦ୍ୱାରା ସେହି ବୃତ୍ତି ଦିଆଯାଉଥିଲା । ତାହାର ପରିମାଣ ମାସକୁ ଟ ୧-୫୦ ପଇସା ।

ଧର୍ମଶାସ୍ତ୍ରାଚାର୍ଯ୍ୟ, ସାହିତ୍ୟାଚାର୍ଯ୍ୟ, ବେଦଶାସ୍ତ୍ରୀ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ସାରିଲା ପରେ ବୃତ୍ତି ଖଣ୍ଡେ ପାଇବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ଥିଲା । ସେତେବେଳକୁ ଡକ୍ଟର କରୁଣାକର କର ରେଭେନ୍ସା କଲେଜର ସଂସ୍କୃତ ବିଭାଗରେ ମୁଖ୍ୟ ଅଧ୍ୟାପକ ଭାବେ ଅବସ୍ଥାପିତ ହୋଇ ସାରିଥାନ୍ତି । ତାଙ୍କ ପ୍ରରୋଚନାରୁ ପଣ୍ଡିତ ମିଶ୍ର ରେଭେନ୍ସା କଲେଜରେ ସର୍ବ ପ୍ରଥମେ ଅପ୍ରକାଶିତ ସଂସ୍କୃତ ତାଳପତ୍ର ପୋଥି ମାନଙ୍କ ପାଠୋଦ୍ଧାର ଓ ସଂପାଦନା ପାଇଁ ରିସର୍ଚ୍ଚ ଅସିଷ୍ଟାଣ୍ଟ ଭାବରେ କାର୍ଯ୍ୟ ଆରମ୍ଭ କଲେ ଯାହାକି ଜୀବନର ଅନ୍ତିମଦିନ ପର୍ଯ୍ୟନ୍ତ ତାଙ୍କର ପରମ ଧ୍ୟେୟ ଥିଲା । ସେଠାରେ କିଛିଦିନ କାର୍ଯ୍ୟ କରୁଥିବାବେଳେ ପୁରୀସଂସ୍କୃତ କଲେଜରେ ଧର୍ମଶାସ୍ତ୍ର ଅଧ୍ୟାପକ ପଣ୍ଡିତ ଆନନ୍ଦ ମିଶ୍ର ଅବସର ଗ୍ରହଣ କଲେ । ସେତେବେଳେ ସେ ରେଭେନ୍ସା କଲେଜ ଛାଡି ସେଠାରେ (ପୁରୀ) ୪ମାସ ପର୍ଯ୍ୟନ୍ତ ସାମୟିକ ଅଧ୍ୟାପକ ଭାବରେ ନିଯୁକ୍ତି ପାଇ ଧର୍ମଶାସ୍ତ୍ର ଅଧ୍ୟାପନା ପ୍ରାରମ୍ଭ କଲେ । ତାପରେ ଏହି ପଦବୀରେ ସ୍ଥାୟୀ ନିଯୁକ୍ତି ନିମନ୍ତେ ସାକ୍ଷାତ୍କାର ପାଇଁ ଘୋଷଣା ନାମା ପ୍ରକାଶ ପାଇଲା । ଏଥିପାଇଁ ପ୍ରଧାନାଚାର୍ଯ୍ୟ ଆନନ୍ଦ ମିଶ୍ରଙ୍କର ଜ୍ୟେଷ୍ଠ ପୁତ୍ର ଜଗନ୍ନାଥ ମିଶ୍ର, ତାଙ୍କର ଆଦ୍ୟ ସଂସ୍କୃତ ଅଧ୍ୟାପକ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏବଂ ନିଜେ ପଣ୍ଡିତ ମିଶ୍ର ପ୍ରାର୍ଥୀ ଥିଲେ । ପଣ୍ଡିତ ମିଶ୍ର ଆବେଦନ କରିଥିବା ଶୁଣି (ଗୁରୁଦୃଷ୍ଟିରୁ) ପଣ୍ଡିତ ରଥ ସାକ୍ଷାତ୍କାରରୁ ଓହରି ଗଲେ ।

କେବଳ ଜଗନ୍ନାଥ ମିଶ୍ର ଓ ତାଙ୍କ ମଧ୍ୟରେ ସାକ୍ଷାତ୍କାର ହେଲା ଏବଂ ପଣ୍ଡିତ ମହାଶୟ ତା ୧୪-୨-୧୯୪୫ ରେ ନିଯୁକ୍ତି ପାଇ ସ୍ଥାୟୀ ଧର୍ମଶାସ୍ତ୍ର ଅଧ୍ୟାପକ ଭାବରେ ଯୋଗଦେଲେ । ସବୁଠାରୁ ବଡ଼ଘଟଣା ହେଲା ଯେ ଏହି ନିଯୁକ୍ତି ପାଇଁ ଗଠିତ ହୋଇଥିବା ବିଶେଷଜ୍ଞ କମିଟିରେ ପଣ୍ଡିତ ଆନନ୍ଦ ମିଶ୍ର ପ୍ରମୁଖ ସଦସ୍ୟ ଥିଲେ । ସେ ନିଜ ପୁତ୍ରଙ୍କୁ ନ ବାଛି ଯୋଗ୍ୟ-ଉତ୍ତରାଧିକାରୀ ଅଧ୍ୟାପକ ଭାବରେ ପଣ୍ଡିତ ମିଶ୍ରଙ୍କୁ ହିଁ ବାଛିଲେ । ଶୁଣାଯାଏ ପଣ୍ଡିତ ଆନନ୍ଦ ମିଶ୍ର କହନ୍ତି-ପଣ୍ଡିତଙ୍କ ଶିଷ୍ୟ ସିନା ପଣ୍ଡିତ, ପଣ୍ଡିତଙ୍କ ପୁତ୍ର ପଣ୍ଡିତ କି ?

ମାସିକ ଟ ୪୦-୦୦ ଦରମାରେ ସେ ସ୍ଥାୟୀ ଭାବରେ ଧର୍ମଶାସ୍ତ୍ର ଅଧ୍ୟାପକ ପଦରେ ନିଯୁକ୍ତି ପାଇଲେ ଏବଂ ଏକାଦି କ୍ରମେ ଦୀର୍ଘ ୩୪ ବର୍ଷ ଅଧ୍ୟାପନା କରିଥିଲେ । ଇତିମଧ୍ୟରେ ପୁରୀ ସଂସ୍କୃତ କଲେଜର ଦୁଇଥର ରୂପାନ୍ତର ହୋଇଯାଇଛି । ସ୍ୱାଧୀନତା ପ୍ରାପ୍ତି ପରେ ସଦାଶିବ ସଂସ୍କୃତକଲେଜ ଓ ୧୯୭୧ ମସିହାରେ କେନ୍ଦ୍ରସରକାରଙ୍କ ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ ପରିଚାଳନାଧୀନ ହେବାଠାରୁ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ଭାବରେ ଘୋଷିତ ହୋଇଥିଲା । ଏହି ଅନୁଷ୍ଠାନଟି କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନକୁ ହସ୍ତାନ୍ତର କରାଯିବା କ୍ଷେତ୍ରରେ ସେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ସ୍ୱର୍ଗତଃ ବନମାଳୀ ପଟ୍ଟନାୟକ ଓ ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନର ତତ୍କାଳୀନ ନିର୍ଦ୍ଦେଶକ ଡକ୍ଟର ରାମକରଣ ଶର୍ମାଙ୍କ ମଧ୍ୟରେ ମନସ୍ତାତ୍ତ୍ୱିକ ଯୋଗସୂତ୍ର ରକ୍ଷା କରିଥିଲେ । ୧୯୭୮ ମସିହା ଡିସେମ୍ବର ୩୧ ତାରିଖରେ ସେ ଅବସର ଗ୍ରହଣ କରିବାକଥା, କିନ୍ତୁ ସଂସ୍ଥାନ କର୍ତ୍ତୃପକ୍ଷ ତାଙ୍କର ଅଉ ଅଧିକ ୪ ମାସ କାର୍ଯ୍ୟକାଳ ବଢାଇଦେଲେ । ତେଣୁ ୧୯୭୯ ମସିହା ଏପ୍ରିଲ ୩୦ ତାରିଖରେ ପଣ୍ଡିତ ମହାଶୟ ଅବସର ଗ୍ରହଣ କଲେ ।

ତଥାପି ତା'ପରଠାରୁ ସେ ନିଜର କର୍ମ ପ୍ରବଣତାରୁ ଓହରିଯାଇ ନ ଥିଲେ । ବିଦ୍ୟାପୀଠର ଅଧ୍ୟକ୍ଷ ଡକ୍ଟର ହରିହର ଝା ଉପାଧ୍ୟକ୍ଷ ପ୍ରଫେସର କେତକୀ ନାୟକଙ୍କ ଉଦ୍ୟମରେ ଶାସ୍ତ୍ରଚୂଡ଼ାମଣି ଗବେଷକଭାବରେ ତା ୮-୧୨-୮୨ରେ ଅବସ୍ଥାପିତ ହୋଇ ସେ ଅନେକ ଦୁର୍ଲଭ ପୁସ୍ତକ ସଂପାଦନା କରିଛନ୍ତି । ୧୯୮୩ ମସିହାରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ-ବିଦ୍ୟାଳୟରେ କିଛିଦିନପାଇଁ ସାମୟିକ ଅଧ୍ୟାପକଭାବରେ କାର୍ଯ୍ୟକରି

ତା ୫-୧୨-୮୩ ଠାରୁ ଅତିଥି ପ୍ରାଧ୍ୟାପକ ଓ ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗ ମୁଖ୍ୟ ଭାବରେ ସେ କାର୍ଯ୍ୟକରି ଆସିଛନ୍ତି । ୧୯୮୮ ମସିହାଠାରୁ ସ୍ନାତକୋତ୍ତର ବିଭାଗର ସଂଯୋଜକ ଭାବରେ କାର୍ଯ୍ୟରତ ଥାଇ ତା ୧୯-୨-୯୦ ତାରିଖ ମଧ୍ୟରାତ୍ରି ଘ ୧୨।୩୦ ମିନିଟ ଫାଲ୍‌ଗୁନ କୃଷ୍ଣ ଦଶମୀରେ ସେ ଦିବାପ୍ତ ହେଲେ । ସେତେବେଳକୁ ତାଙ୍କର ଚିରସେବ୍ୟ ଶାଶୁ, ଶ୍ୱଶୁର (୯୫ ବର୍ଷ ବୟସ୍କ), ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଓ ସ୍ୱଜନବର୍ଗ ଉପସ୍ଥିତ ଥିଲେ । ତାଙ୍କର ସ୍ୱଜନ ଶ୍ରୀମତୀ କୁନ୍ତଳାକୁମାରୀ ଆଚାର୍ଯ୍ୟ (ସମାଜ ସେବୀ), ପୁରୀ ସଦର ଚିକିତ୍ସାଳୟର ଡାକ୍ତର ହୃଦାନନ୍ଦ ସାମନ୍ତ ପ୍ରାଣପଣେ ଲାଗି ଚିକିତ୍ସା କରୁଥିଲେ । ତଥାପି କାଳ ମୁଖରୁ ରକ୍ଷା କରିବା ସମ୍ଭବପର ହେଲାନାହିଁ ।

ଦୀର୍ଘ କର୍ମମୟ ଜୀବନମଧ୍ୟରେ ସେ ଭାରତବର୍ଷର ନାନାସ୍ଥାନ ବୁଲିଛନ୍ତି । ଅଖିଳ ଭାରତ ପ୍ରାଚ୍ୟବିଦ୍ୟା ସମ୍ମେଳନର ପଣ୍ଡିତ ପରିଷଦରେ ଜଣେ ସ୍ଥାୟୀ ସମ୍ମାନିତ ବିଦ୍ୱାନ୍ ଭାବରେ କୁରୁକ୍ଷେତ୍ର, ପୁନା ଓ ବାରାଣସୀ ପ୍ରଭୃତି ଅଧିବେଶନ ମାନଙ୍କରେ ନିଜର ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧମାନ ଉପସ୍ଥାପନା କରିଛନ୍ତି । ଗବେଷଣା ମନୋଭାବ ନେଇ ସେ ୨୫ ଖଣ୍ଡ ବିଶ୍ଳେଷଣାତ୍ମକ ପୁସ୍ତକ ରଚନା କରିଛନ୍ତି । ତାଙ୍କ ମହାପ୍ରୟାଣର ଗୃରନ୍ଧନ ପୂର୍ବରୁ ସେ 'ମହାଭାରତର ଯୁଦ୍ଧକାଣ୍ଡ' ଶୀର୍ଷକ ଗୋଟିଏ ଗବେଷଣା ପ୍ରବନ୍ଧ ପ୍ରକାଶ ନିମନ୍ତେ କଲିକତାର ଏକ ସଂସ୍ଥାର ମୁଖପତ୍ରକୁ ପଠାଇ ଅଛନ୍ତି । ଏକଶହରୁ ଊର୍ଦ୍ଧ୍ୱ ପ୍ରବନ୍ଧ ଓ କବିତା ସଂସ୍କୃତ ଓ ଓଡ଼ିଆରେ ପ୍ରକାଶ ପାଇଛି । 'ଶ୍ରୀ ଦେବଯାନ" ଧର୍ମଶାସ୍ତ୍ର ପତ୍ରିକା ତାଙ୍କ ସଂପାଦନାରେ ଦୀର୍ଘ ୩ ବର୍ଷ ଧରି ପ୍ରକାଶ ପାଇଛି ।

କର୍ମ ମୁଖର ଗବେଷଣା ପରାୟଣ କର୍ମଠ ବ୍ୟକ୍ତିତ୍ୱର ପ୍ରତିଭା ପୂଜା ନିମନ୍ତେ ଭାରତର ରାଷ୍ଟ୍ରପତି ୧୯୮୪ ମସିହାରେ ତାଙ୍କୁ ସମ୍ମାନିତ କରିଛନ୍ତି । ଏତଦ୍ ବ୍ୟତୀତ ସେ ସଂପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ, ସଦାଶିବକେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ପୁରୀ, କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ଜୟପୁର, ଲକ୍ଷ୍ନୌ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ପ୍ରଭୃତି ଅନୁଷ୍ଠାନଦ୍ୱାରା ସମ୍ମାନିତ ହୋଇଛନ୍ତି । ଉତ୍କଳ ସଂସ୍କୃତ ସମିତିରେ ବହୁଦିନଧରି ସେ ସଦସ୍ୟ ରହିଥିଲେ । ୧୯୫୦

सत्यमेव जयते

अहं भारतस्य राष्ट्रपतिः

ज़ैल सिंहः

पं० कुलमणि मिश्राय

संस्कृत-वाङ्मये पाण्डित्याय

शास्त्र-निष्ठायाश्च कृते

इदं प्रमाणपत्रमुपहरामि ॥

ज़ैलसिंह

राष्ट्रपतिः

नई दिल्ली,

दिनांक: 16 मार्च, 1985 / 25 फाल्गुन, 1906

सत्यमेव जयते

मैं, भारत का राष्ट्रपति

ज़ैल सिंह

पं० कुलमणि मिश्र

को

संस्कृत में पाण्डित्य तथा

शास्त्रनिष्ठा के लिए

यह प्रमाण-पत्र प्रदान करता हूं।

ज़ैल सिंह

राष्ट्रपति

नई दिल्ली,

दिनांक 16 मार्च, 1985 / 25 फाल्गुन, 1906

ମହୀଶୂରରେ ସଂସ୍କୃତ କାର୍ଯ୍ୟାଳୟ ଅଯୋଧ୍ୟା ତରଫରୁ "ସାହିତ୍ୟ ରତ୍ନ" ଏବଂ ୧୯୭୧ରେ ଓରେସ୍ସା ଇଣ୍ଡିଆ ତରଫରୁ "ବିଦ୍ୟା ଭୂଷଣ" ଉପାଧି ଗ୍ରହଣ କରିବା ନିମନ୍ତେ ତାଙ୍କୁ ଅନୁରୋଧ କରାଯାଇଥିଲା ।

ନିଜର ଗୁଣମାନଙ୍କୁ ଉତ୍ସାହିତ କରିବାପାଇଁ ୧୯୭୭ ମସିହାରେ ପଣ୍ଡିତ ମହାଶୟ 'ବିଦ୍‌ଦର୍ଶିନୀ' ସଂସ୍କୃତ ପତ୍ରିକା ପ୍ରତିଷ୍ଠାପିତ କରିଛନ୍ତି । ପୁରୀରେ ବୈଦିକ ପରମ୍ପରାକୁ ଉଜ୍ଜୀବିତ କରିବାପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ପରିଚାଳନା ହାତକୁ ନେଇ ଉକ୍ତ ଅନୁଷ୍ଠାନରେ ସ୍ଥାୟୀ ସଭାପତି ଥିଲେ । ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଂସଦ, ବିଦ୍ୟାପରିଷଦ ଓ ଗବେଷଣା ପତ୍ରିକା ସମ୍ପାଦକ ମଣ୍ଡଳୀର ସେ ଅନ୍ୟତମ ସଦସ୍ୟ ଥିଲେ । ଦୈନିକ ନିଜ ବାଡ଼ି ବଗିଚାରୁ ଫୁଲ ତୋଳି ଶ୍ରୀ ଜଗନ୍ନାଥଙ୍କୁ ଲାଗି କରିବା ପାଇଁ ସନ୍ଧ୍ୟା ଆରତି ବେଳକୁ ଉପସ୍ଥିତହେବା ତାଙ୍କର ନିତିଦିନିଆ କାମଥିଲା । ସେତିକିବେଳେ ବୈଦିକ ଶିକ୍ଷାନୁଷ୍ଠାନକୁ ଅନ୍ତତଃ ଦିନରେ ଥରେ ଯିବା ତାଙ୍କର ଅଭ୍ୟାସ ଥିଲା । ବେଦପାଠୀମାନଙ୍କୁ ସାଙ୍ଗରେ ନେଇ ସାରା ଭାରତବର୍ଷରେ ବୈଦିକ ସମ୍ମିଳନୀରେ ସେ ଯୋଗଦାନ କରୁଥିଲେ । ତାଙ୍କ ଅଧ୍ୟକ୍ଷତାରେ ୧୯୮୫ ମସିହାରେ ପୁରୀଠାରେ ଅଖିଳ ଭାରତ ବୈଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ଭାରତବର୍ଷର କାଶ୍ୟପ ପରମ୍ପରା ଓ ଉତ୍କଳୀୟ ଆଚାରର ବିଶେଷତ୍ୱକୁ ଆଧାରକରି ସେ ଧର୍ମଶାସ୍ତ୍ରରେ ଅନେକ ମର୍ମଜ୍ଞ ତତ୍ତ୍ୱ ଉଦ୍‌-ଘାଟନ କରୁଥିଲେ । କଟକ ରାଧାରମଣ ପ୍ରେସ ପଞ୍ଜିକାରେ ତାଙ୍କର ଧର୍ମଶାସ୍ତ୍ର ବ୍ୟବସ୍ଥା ୧୯୭୪ ମସିହାରୁ ପ୍ରକାଶପାଇ ଆସୁଥିଲା । ଅନବରତ ଗବେଷଣା କାର୍ଯ୍ୟରେ ରତଥାଇ ସେ ନିଜେ ଯେତିକି କାର୍ଯ୍ୟ କରିଛନ୍ତି ସେତିକି ମଧ୍ୟ ଅନ୍ୟମାନଙ୍କୁ ଉତ୍ସାହିତ କରିଛନ୍ତି । ତାଙ୍କ ମାର୍ଗଦର୍ଶନରେ ବେଦ-ଧର୍ମଶାସ୍ତ୍ର ଓ ସାହିତ୍ୟରେ ଅନେକ ପି. ଏଚ୍. ଡ଼ି. ପାଇଛନ୍ତି । କେତେକ ଶୋଧସନ୍ଦର୍ଭ ଉପସ୍ଥାପିତ କରିଛନ୍ତି ଏବଂ କେତେକ ମଧ୍ୟ ଗବେଷଣାରତ ଅଛନ୍ତି । ତାଙ୍କର ଗ୍ରନ୍ଥ ଗ୍ରନ୍ଥୀ ଭାରତବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନମାନଙ୍କରେ ଅବସ୍ଥାପିତ ହୋଇଛନ୍ତି, ବିଶେଷକରି ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ

ବିଶ୍ୱବିଦ୍ୟାଳୟ, ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ଓ ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗରେ ସେମାନେ ତାଙ୍କ ବିଦ୍ୟାବଂଶର ପ୍ରତିନିଧିତ୍ୱ କରୁଛନ୍ତି ।

ଜଣେ ଆଦର୍ଶ ଗୃହସ୍ଥ, କର୍ତ୍ତବ୍ୟନିଷ୍ଠ ସାଧକ, ଆଜୀବନ କର୍ମଯୋଗୀ ଯଶସ୍ୱ ଫେଉଁଥିବା ସଂସ୍କୃତ ବିଦ୍ୱାନ୍ ଏବଂ ସର୍ବୋପରି ବିଂଶ ଶତକର ବୈଦିକ ଆଗ୍ରହର ନିଷ୍ଠାବାନ୍ ବ୍ୟକ୍ତି ଭାବରେ ତାଙ୍କସ୍ଥାନ ଅପୂରଣୀୟ ।

□

✽ ଅମର ଆତ୍ମାପାଇଁ ପଦେ ✽

ଶ୍ରୀ ପୁରେନ୍ଦ୍ର ବାରିକ

ହେ ଅମର ଆତ୍ମା ତୁମେ ମିଶିଗଲ ଆକାଶରେ ।
ଦେଖାଦେଲ କିନ୍ତୁ ଚିରଭାସ୍ୱର ଭାସ୍କରରେ ॥

ହେ ଚିରନ୍ତନ ଆତ୍ମା ତୁମେ ମିଶିଗଲ ନୀଳସମୁଦ୍ରରେ ।
ଦେଖାଦେଲ କିନ୍ତୁ ଶାଶ୍ୱତଢେଉ ମାଧ୍ୟମରେ ॥

ହେ ଅବିନାଶୀ ଆତ୍ମା ତୁମେ ମିଶିଗଲ ବିଦ୍ୟାର ସାଗରେ ।
ଦେଖାଦେଲ କିନ୍ତୁ ଶାସ୍ତ୍ର ମାଧ୍ୟମରେ ॥

ହେ ଅମୃତମୟ ପରମପୁରୁଷ ସୁନ୍ଦର ।
ମନେପଡ଼େ ମୁହିଁ ଆଜି ଥରକୁ ଥର ॥

ତୁମ ଅଦୃଶ୍ୟ ପଦରେ ଲଗାଉଛୁ ମନ ।
ଅଦୃଶ୍ୟରେ ଥାଇ ସଦା ଦିଅ ଦିବ୍ୟଜ୍ଞାନ ॥

ଗୁରୁସ୍ମୃତିପଞ୍ଚକଂ

ପଣ୍ଡିତ ଶ୍ରୀଲକ୍ଷ୍ମୀଧରଦ୍ୱିବେଦୀ

ଗ୍ରନ୍ଥାନ୍ ବିଧାୟ ନିପୁଣାନୁପଦେଶ ବର୍ତ୍ମୈ-
ରଧ୍ୟାପନୈଶ୍ଚ ସତତଂ ନିଜମନ୍ଦିରେଽପି ।
ବିଦ୍ୱତ୍କୁଲେ କୁଲମଣିଃ କିଲ ସାର୍ଥନାମା
ଜାତୋଽନ୍ନଦାସ ହି ଗୁରୁଃ ସୁରଲୋକଧାମା ॥ ୧ ॥

ଜ୍ଞାନେନ ସାର୍ଦ୍ଧମପି ଯୋ ଦ୍ରବିଣଂ ପ୍ରଦାୟ
ସାହ୍ୟଂ ବ୍ୟଧାଦନଭିସନ୍ଧିରହୋ ମହାତ୍ମା ।
ଧୀନାୟ ଗ୍ରନ୍ଥନିବହାୟ ସଦା ପ୍ରସନ୍ନଃ
ସୋଽସ୍ତଂଗତୋ ଗୁରୁବରୋ ମହନୀୟମୂର୍ତ୍ତିଃ ॥ ୨ ॥

ପ୍ରତ୍ୟୁଷ ଏବ ବିଧିବତ୍ କୃତନିତ୍ୟକୃତ୍ୟ-
ଶ୍ଚିତ୍ୱା ସୁମାନି ବିବିଧାନି ବିଧାୟ ମାଲା ।
ନୀଳାଚଳାଧିପତୟେ ସମଦାଚ୍ଚ ଭକ୍ତ୍ୟା
ଯଃ କ୍ୱାଦ୍ୟ ଧାର୍ମିକବରଃ ସ ଗୁରୁର୍ଗତୋନଃ ॥ ୩ ॥

ବିଦ୍ୟାଦରେ ବିବିଧଶାସ୍ତ୍ରବିଚାରଣେଷୁ
ଶ୍ରଦ୍ଧାନ୍ୱିତୋ ବିବୁଧବୃନ୍ଦସମର୍ଚ୍ଚନେଷୁ ।
ଅଭ୍ୟାଗତପ୍ରିୟକରେ ମୃଦୁଳସ୍ୱଭାବଃ
ସଦ୍ଧାମଗୋ ଯଦ୍ଦିଗୁରୁଃ ସ କିମସ୍ତି ଶର୍ମ ॥ ୪ ॥

ସନ୍ମାର୍ଗଦର୍ଶନବଳେନ ହି ଲବ୍ଧବନ୍ତୋ
ବିଦ୍ୟାବ୍ଧ୍ୟପାଧ୍ୟମନିଶଂ ପରିଶୀଲ୍ୟ ଗ୍ରନ୍ଥାଃ ।
ଯଦ୍‌ବୈଦୁଷୀ ସୁବିଦିତା ସ୍ମୟବର୍ଜିତା ଚ
ସଚ୍ଛ୍ରେଣିବନ୍ଦିତ ଗୁଣାୟ ନମୋଽସ୍ତୁ ତସ୍ମୈ ॥ ୫ ॥

ଅକିଞ୍ଚନେନାର୍ଚ୍ଚିତଃ ସନ୍ ପଦ୍ୟପୁଷ୍ପୈସ୍ତୁ ପଞ୍ଚଭିଃ
ଦୟାଳୁଃ ସ୍ୱରଧିଷ୍ଠାୟ ପ୍ରଯୁଚ୍ଛତ୍ୱାଶିଷଂ ଶୁଭଂ ॥ ୬ ॥

ବଲାଙ୍ଗିର- ୨

ଅଶ୍ରୁଳସ୍ମୃତିଃ

ପଣ୍ଡିତ ଶ୍ରୀକୃଷ୍ଣଚନ୍ଦ୍ରରାଜଗୁରୁଃ

ଗୁଣିଗଣଗଣନାରମ୍ଭେ ନ ପତତି କଠିନୀ ସସମ୍ଭ୍ରମଂ ଯସ୍ୟ
ତେନାମ୍ବା ଯଦି ସୁତିନୀ ବଦ ବନ୍ଧ୍ୟା କୀଦୃଶୀ ନାମ ।

ପଦସ୍ୟାସ୍ୟାୟମେବ ଫଳିତୋଽର୍ଥଃ— ଯତ୍ ପୂର୍ବସ୍ମିନ୍ କାଳେ ସ୍ୱରାଜ୍ୟଶାସନବିଧୌ ରାଜ୍ୟେ ଯେ ଯେ ଯଥା ଯଥା ଗୁଣିନଃ ଆସନ୍ ରାଜାନଃ ତାଂସ୍ତାନନ୍ୱିଷ୍ୟ, ସାଦରଂ ସମାହୂୟ, ପୁରସ୍କୁର୍ବନ୍ତିସ୍ମ । ଇଦାନୀମପି ତଥାବିଧା ରୀତିଃ ପ୍ରଚଲତି, ରାଷ୍ଟ୍ରେ ଯେ ଯେ ଗୁଣବନ୍ତଃ ବିଦ୍ୱାଂସଃ ସନ୍ତି ତେଷାଂ ନାମାନି ସଂଗୃହ୍ୟ ତାନ୍ ସସମ୍ମାନଂ ପୁରସ୍କୃତାନ୍ କୁର୍ବନ୍ତି, ତ ଏବ ସାର୍ଥକଜନ୍ମାନ ଇତି ଲୋକପ୍ରସିଦ୍ଧିଃ । ନ ଯେ ତାଦୃଶାସ୍ତେ ତେ ବିଫଳଜନ୍ମାନଃ ।

ଦିବଂଗତାଃ ପଣ୍ଡିତକୁଳମଣିମିଶ୍ରମହୋଦୟାଃ ତଥାବିଧସୌଭାଗ୍ୟଭାଜଃ ଆସନ୍ । ରାଷ୍ଟ୍ରପତିଭିଃ ଏତେ ସମାଦୃତ୍ୟ ପୁରସ୍କୃତା ଅଭୂବନ୍ । ଅବଶ୍ୟମେତେଷାଂ ଗୁଣଗଣଗରିମ୍ଣା ଜନତାପକାରଃ ବହୁଶଃ ପରିଲକ୍ଷିତଃ ଏତେ ତାବତ୍ ସଂସ୍କୃତବିଦ୍ୟାୟାଃ ବହୁତରସମୁନ୍ନତୟେ କୃତପ୍ରୟତ୍ନାଃ ଅଭୂବନ୍ । ଏକଦା ତୈଃ ସାକଂ ମମ ସାମାନାଧିକରଣ୍ୟମାସୀତ୍ । ଯଦା ତୁ ଓଡ଼ିଶାସର୍କାରସ୍ୟ ପୁରୀ-ସଂସ୍କୃତ-ମହାବିଦ୍ୟାଳୟଃ ଆସୀତ୍, ତଦା ତଦନୁଷ୍ଠାନେ ଅହଂ ବେଦାନ୍ତବିଭାଗେ ଅଧ୍ୟାପକଃ ଆସମ୍ । ତେଽପି ଧର୍ମଶାସ୍ତ୍ରାଧ୍ୟାପକାଃ ଆସନ୍ । ପ୍ରାୟଃ ୧୯୫୧ ଖ୍ରୀଷ୍ଟାବ୍ଦତଃ ୧୯୬୯ ଖ୍ରୀଷ୍ଟାବ୍ଦଂ ଯାବତ୍ ତୈଃ ସହ ତଦନୁଷ୍ଠାନେ ସହାବସ୍ଥିତିରାସୀତ୍ । ତଦବଧି ତତ୍ ପୂର୍ବତୋଽପି ମୟା ଏତେଷାଂ କର୍ମପ୍ରବୃତ୍ତିଃ ପରିଲକ୍ଷିତା । ତେ ତୁ ସର୍ବଥା ପୂର୍ବପୂର୍ବସୂରୀଣାଂ କୃତୀଃ ଅନ୍ୱିଚ୍ଛନ୍ତି ସ୍ମ । ଯାଃ ଯାଃ ଅପ୍ରକାଶିତାଃ ତାସାଂ ସମୁଦ୍ଧରଣାୟ ପ୍ରକାଶନାୟ ଚ ନିତରାଂ ପ୍ରୟତ୍ନଶୀଲାଶ୍ଚ ଅଭବନ୍ । କେଷାଂଚିଦ୍ ଗ୍ରନ୍ଥାନାଂ ଭାଷାୟାନୁବାଦଃ ତୈଃ କୃତଃ । ସଂସ୍କୃତଭାଷାୟାଃ ସାହିତ୍ୟସ୍ୟ ସରଳମାର୍ଗଃ ତୈଃ ଉଦ୍ଭାବିତଃ । ଛାତ୍ରାଃ ସଂସ୍କୃତସାହିତ୍ୟେ ସ୍ୱଳ୍ପାୟାସା ପ୍ରୟତ୍ନେନ କଥଂ ପ୍ରବେକ୍ଷ୍ୟନ୍ତି ତଥୈବୋପଦେଶଂ ସର୍ବଥା ତେ ପ୍ରଯଚ୍ଛନ୍ତି ସ୍ମ । ନ କେବଲଂ ଏତଦେବ ଅପିତୁ ସଂସ୍କୃତଭାଷାଂ ପଦ୍ୟାକାରେଣ ପରିଣମୟିତୁଂ କଥଂ ଛାତ୍ରାଃ ସମର୍ଥା ଭବେୟୁଃ ତଦର୍ଥମପି ପ୍ରୟାସଃ ତେଷାମାସୀତ୍ । ସଂସ୍କୃତଭାଷାୟାଂ ଯେ ଯେ ଧୁରୀଣାଃ ବିଦ୍ୱାଂସଃ

ପୂର୍ବତନାଃ ତତ୍ପରସ୍ତରୀନାଃ ଇଦାନୀନ୍ତନା ଅପି ତାନ୍ ସର୍ବାନ୍ ଯଥାବିଧି ସମ୍ମାନୟନ୍ତି ସ୍ମ । ବହୂନାଂ ବିଦୁଷାଂ ବିଭିନ୍ନ ଦେଶବାସିନାଂ ସଂକ୍ଷେପତଃ ପରିଚୟପ୍ରଦାନପୁରଃସରଂ ତେଷାଂ ଲେଖନ୍ୟଃ କାଞ୍ଚିଦୁ-ଦ୍ଧୃତ୍ୟୋଦ୍ଧୃତ୍ୟ, ତଥାବିଧସଞ୍ଚୟରୂପଃ କଶ୍ଚିଦ୍ ଗ୍ରନ୍ଥଃ ତୈଃ ପ୍ରକାଶିତଃ ଏତେନ ତେଷାଂ ସର୍ବେଭ୍ୟୋ ଗୁଣିଗଣେଭ୍ୟଃ ସମ୍ମାନଦାନାୟ ଉଦାରଭାବଃ ସ୍ଫୁଟତର ଏବ । ଅସ୍ମାକମୁତ୍କଳୀୟାନାଂ ସଂସ୍କୃତଭାଷାଲେଖନେ ବର୍ଣ୍ଣଲିପିଷୁ ବକାରଦ୍ୱୟଂ ନିର୍ବିଶେଷେଣ ବ୍ୟବହୃତମାସୀତ୍ । ସ ଖଳୁ ପ୍ରମାଦଃ "ବ-ନବକ" ଗ୍ରନ୍ଥଂ ବିରଚୟ୍ୟ ନିରାକୃତଃ । କିମୁ ବକ୍ତବ୍ୟଂ ତେଷାଂ ଶାସ୍ତ୍ରସମାଦରଃ । ଯେନ ତେ ଚିରସ୍ମରଣୀୟାଃ କୃତଜ୍ଞତାଭାଜଃ ସର୍ବେଷାଂ ସର୍ବଦା ଭବିଷ୍ୟନ୍ତୀତ୍ୟତ୍ର ନ କସ୍ୟଚିଦ୍ ବିବାଦଲେଶୋଽପି ।

ନ କେବଲମେତଦେବ ତେ ଧର୍ମଶାସ୍ତ୍ରବିଦଃ ଆସନ୍ । ଧର୍ମଶାସ୍ତ୍ରୋକ୍ତାଚାରଃ ତେଷୁ ସର୍ବଥା ପରିଲକ୍ଷିତଃ ସର୍ବୈଃ । ନ କଦାଚିଦପି ଶାସ୍ତ୍ରମର୍ଯ୍ୟାଦାମୁଲ୍ଲଂଘ୍ୟ ତେଷାଂ ଯଥେଚ୍ଛାଚାରଃ କୈରପି ଦୃଷ୍ଟଃ । "ପୁରୀ ସଂସ୍କୃତ ମହାବିଦ୍ୟାଳୟଃ" କାଳକ୍ରମେଣ "କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠମ୍" ଇତି ନାମ୍ନା ପରିଣତଃ । ତତ୍ରାପି ତୈଃ କତିପୟ ବର୍ଷାଣି ଅତିବାହିତାନି । ତଦବସରେ ଛାତ୍ରୋପକାରାଃ ବିବିଧାଃ ଛାତ୍ରେଷୁ ଅଧ୍ୟାପକେଷୁ ଚ ଏତୈରେବ ବହୁଧା ସମାହିତାଃ । ତତୋଽପି ଲବ୍ଧାବସରାଃ ଶ୍ରୀ ଜଗନ୍ନାଥ-ସଂସ୍କୃତବିଶ୍ୱବିଦ୍ୟାଳୟେ ଅତିଥିପ୍ରାଧ୍ୟାପକତ୍ୱମଙ୍ଗୀକୃତବନ୍ତଃ । ନ କେବଲମତିଥିପ୍ରାଧ୍ୟାପକତ୍ୱଂ ଅପିତୁ ସଂଯୋଜକତ୍ୱମ୍ । ତତ୍ରାପି ତେଷାଂ ଛାତ୍ରାନ୍ ପ୍ରତି ସଦୁପଦେଶଃ ପୂର୍ବବଦାସୀତ୍ । କିମୁ ବକ୍ତବ୍ୟଂ ତେଷାଂ ଛାତ୍ରବତ୍ସଳତା, ବିଦ୍ୱଦନୁରାଗଃ ଜନପ୍ରିୟତା ଚ । ଯଥା ତେ ସର୍ବଥା ସର୍ବେଷାଂ ଚିରଂ ସ୍ମର୍ତ୍ତବ୍ୟା ଏବ । କିନ୍ତୁ ଦୁର୍ଦ୍ଦୈବବଶତଃ ତେଷାମକାଳବିୟୋଗୋ ଜାତଃ ଯତ୍ତୁ ଅସ୍ମାକଂ ମହଦ୍ଦୁଃଖସ୍ୟ ବିଷୟଃ । ବହୁସଦ୍ଗୁଣସଂପନ୍ନାନ୍ ବୟଂ ବିସ୍ମର୍ତ୍ତୁଂ ନ ଶକ୍ନୁମଃ । ଦିବଂଗତାନାଂ ବିଦ୍ୱଦ୍ୱରାଣାଂ କୁଳମଣିମିଶ୍ର-ମହୋଦୟାନାମଭାବଃ ପଣ୍ଡିତସମାଜେ ଅପୂରଣୀୟଃ ।

ଭଗବତଃ ନୀଳାଚଳନାଥଶ୍ରୀଜଗନ୍ନାଥଦେବସ୍ୟ ସନ୍ନିଧୌ ସର୍ବଥା ପ୍ରାର୍ଥୟାମୋ ଯତ୍ ତସ୍ୟ କୃପୟା ତଥାବିଧଃ କଶ୍ଚିତ୍ ବିଦ୍ୱତ୍ପ୍ରବରୋ ଜାୟତାଂ, ଯେନ ସା କ୍ଷତିଃ ପରିପୂରିତା ଭବତୁ ଇତି । □□□

ଅନ୍ତେବାସୀର ଅନ୍ତରେ ଦେଲ........

ଅଧ୍ୟାପକ ପ୍ରଭାତରଞ୍ଜନ ମହାପାତ୍ର

ଅକିଞ୍ଚନର ପ୍ରଣାମାଞ୍ଜଳି ଘେନ ହେ ପୁଣ୍ୟଯଶା,
ତବ ଗୁଣଗାନେ ପୂର୍ଣ୍ଣ ହେଉ ଏ ଅନ୍ତେବାସୀର ଆଶା ॥ ୧ ॥

ଧର୍ମମାନ୍ତର ବିଗ୍ରହ ତୁମେ ଉତ୍କଳ ରାଇଜରେ,
ରାଷ୍ଟ୍ରପତିଙ୍କ ସମ୍ମାନ ଲଭିଥିଲ ତେଣୁ ଯଥାକାଳେ ॥ ୨ ॥

ସ୍ମୃତିଜଗତର ସୂର୍ଯ୍ୟ ତୁମେ ହେ ଶୁଦ୍ଧକରଣ ଦାନେ,
ଉଲ୍ଲାସ ଭରି ଦେଇଛ ସମାଜେ ଜିଜ୍ଞାସୁ ଜନ ମନେ ॥ ୩ ॥

ଶିବରାତ୍ରିର ପୁଣ୍ୟ ଦିବସେ ଗଙ୍ଗାକୂଳରେ ବସି,
ଶିବ ପୂଜନ କରୁଥିଲ ଯେବେ ଅନ୍ତରେ ହସି ହସି ॥ ୪ ॥

ଶୁଣିଥିଲି ତବ ମୁଖନିଃସୃତ ପୁଣ୍ୟ ମଧୁର ବାଣୀ;
ଭାରତୀରାଇଜେ ଭୂସୁରକୁଳେ ତୁମେ ଉତ୍କଳମଣି ॥ ୫ ॥

ପ୍ରୟାଗତୀର୍ଥ ଦର୍ଶନ ପାଇଁ ହେଲି ଅନୁରାଗୀ ଦିନେ,
'କୁସୁମପରଶେ ପଥ ନିସ୍ତରେ' ଚିନ୍ତିଲି ମୁହିଁ ମନେ ॥ ୭ ॥

ତବ ସଙ୍ଗତେ ତୀର୍ଥ ଗମନେ ମାଗିଲି ମୁଁ ଅନୁମତି,
ନିର୍ମଳମନେ ହୃଦୟଗଦ୍‌ଗଦନେ ଦେଲ ମୋତେ ସନମତି ॥ ୭ ॥

ବିରଚିଲ କେତେ ନବ ନବ କୃତି ଅଳପ ଜୀବନକାଳେ,
ବହୁ ସଂସ୍ଥାର ଜନକ ତୁମେ ହେ ନିଜ ଯୋଗ୍ୟତା ବଳେ ॥ ୮ ॥

ଅନ୍ତେବାସୀର ଅନ୍ତରେ ଦେଲ ନବ ସଂସ୍କୃତି ଭରି,
ଅନ୍ତିମେ ଲୟ ଲଭିଲ ହେ ସେହି ଅନନ୍ତ ରୂପ ଧରି ॥ ୯ ॥

ଶ୍ରୀ ଜଗନ୍ନାଥସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

—o—

ସୌଜନ୍ୟାବତାର ଗୁରୁଦେବ

ଅଧ୍ୟାପକ ଶ୍ରୀ ଲକ୍ଷ୍ମୀଧର ଦ୍ୱିବେଦୀ

୧୯୬୨ ମସିହା । ମାସ ଦିନ ଠିକ୍ ମନେ ପଡ଼ୁନାହିଁ । ପୁରୀ ସଦାଶିବ ସଂସ୍କୃତ କଲେଜ ବାରଣ୍ଡାରେ ପଦଚାରଣ କରି ପିଲରରେ ଲିଖିତ ନାମ ପଟ୍ଟିକାଗୁଡ଼ିକୁ 'ସାହିତ୍ୟଂ' 'ଧର୍ମଶାସ୍ତ୍ରଂ' ପଢ଼ି ପଢ଼ି ଚାଲୁଥିବାବେଳେ ହଠାତ୍ କଳା କୋଟ୍ ଉପରେ ଉତ୍ତରୀୟଟିଏ ପକାଇଥିବା ଚନ୍ଦାଳିଆ ମୁଣ୍ଡରେ ଊର୍ଦ୍ଧ୍ୱପୁଣ୍ଡ୍ର ଚନ୍ଦନତିଳକ ଲଗାଇଥିବା ଧର୍ମଶାସ୍ତ୍ର ଲେଖାଥିବା ବଖରାରେ ଚଉକିରେ ବସିଥିବା ଜଣେ ପ୍ରୌଢ଼ ବ୍ୟକ୍ତିଙ୍କୁ ଦେଖି ଅଧ୍ୟାପକ ହୋଇଥିବେ ଭାବି ମୁଁ ନମସ୍କାର କଲି । ସେ ମୋତେ ଆଶୀର୍ବାଦ ଦେଇ ସ୍ନେହପୂର୍ଣ୍ଣଭାବରେ ଘର ଭିତରକୁ ଡାକି ବସିବାକୁ କହିଲେ । ଟେବୁଲ ଉପରେ ମନୁସ୍ମୃତି ବହିଟିଏ ଥୁଆହୋଇଥାଏ । 'ଏ ବହି କ'ଣ ଏଠାରେ ପଢ଼ାହୁଏ ?' ପ୍ରଶ୍ନ କରିବାରୁ ସେ 'ହଁ' ବୋଲି କହିଲେ । 'କ'ଣ ବୁଝିହେବ ?' କହି ବହିରୁ କେତୋଟି ଶ୍ଲୋକ ପଢ଼ିଲି । ବେଶ ବୁଝିହେଲା । ମୋତେ ଭାରି ଆନନ୍ଦ ଲାଗିଲା । ସେ ମୋତେ ପଢ଼ି ପରୀକ୍ଷା ଦେବାପାଇଁ ପ୍ରବର୍ତ୍ତାଇଲେ । ତାଙ୍କ ପ୍ରେରଣା ପ୍ରୋତ୍ସାହନା ମୋଭଳି ଅଯୋଗ୍ୟକୁ ବହୁତ ଉପରକୁ ଉପରକୁ ଆଣିଛି । ସେହି ପ୍ରେରଣା ପ୍ରୋତ୍ସାହନଦାତା ଆଉ କେହି ନୁହନ୍ତି । ସେ ହେଉଛନ୍ତି ମୋର ପୂଜ୍ୟଗୁରୁ ପଣ୍ଡିତ ଅଧ୍ୟାପକ ଶ୍ରୀ କୁଳମଣି ମିଶ୍ର, ଧର୍ମଶାସ୍ତ୍ରସାହିତ୍ୟାଚାର୍ଯ୍ୟବେଦଶାସ୍ତ୍ରୀ । ସେହି ପ୍ରଥମ ସାକ୍ଷାତରେ ତାଙ୍କର ଅକୃତ୍ରିମ ସ୍ନେହ ମୋତେ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା ।

ହାଇସ୍କୁଲରେ ଶିକ୍ଷକତା କରୁଥିବାରୁ କଲେଜରେ ନାମ ଲେଖାଇ ନିୟମିତଭାବରେ ମୋର ପଢ଼ିବା ସମ୍ଭବପର ନ ଥିଲା । ତେଣୁ ହୋଲି ଓ ଦଶହରା ଆଦି ଛୁଟି ଗୁଡ଼ିକରେ ଯାଇ ତାଙ୍କପାଖରେ ପଢ଼େ । ବେଳେ ବେଳେ ଚିଠିପତ୍ର ମାଧ୍ୟମରେ ମଧ୍ୟ ଆମର ପଢ଼ାପଢ଼ି ଚାଲେ । ଅମୁକ ଗ୍ରନ୍ଥର ଅମୁକ ପୃଷ୍ଠାର ଅମୁକ ଧାଡ଼ି ବୁଝି ହେଉନାହିଁ । କିମ୍ବା ଅମୁକ ପ୍ରଶ୍ନର ଉତ୍ତର କ'ଣ ହେବ ? ପରବର୍ତ୍ତୀ ଉତ୍ତରରେ ମୋର ସବୁ ସନ୍ଦେହ ନିରାକୃତ ଏବଂ ସମସ୍ୟା ସମାହିତ ହୋଇଯାଏ । ପଢେଇବାରେ ଲୀକ ଢଙ୍ଗ

ମାନକ ତ୍ରୁଟି ବା କୁଣ୍ଠା ତାଙ୍କର ନ ଥିଲା । ସେ ବଡ଼ ସରଳ ପ୍ରକୃତିର ଲୋକ ଥିଲେ । ତାଙ୍କର ଅମାୟିକ ବ୍ୟବହାର ଯେ ଥରେ ଅନୁଭବ କରନ୍ତି, ସେ କେବେ ଭୁଲି ପାରିବ ନାହିଁ । ଥରେ ବସିଷ୍ଠ ସ୍ମୃତିର କେତେକ ଅଂଶ ବୁଝି ନ ହେବାରୁ ମୁଁ ପଚାରିଲି । ସେ କହିଲେ ସେ ଅଂଶ ମୋର ମଧ୍ୟ ଦୁର୍ବୋଧ । ମୁଁ କହିଲି "ଯଦି ସେହି ଅଂଶର ପ୍ରଶ୍ନ ଆସେ—" ସେ ହସି ହସି କହିଲେ, ମୁଁ ମୋର ଗୁରୁଙ୍କୁ ପଚାରିବାରୁ ସେ ମୋତେ କହିଥିଲେ "ହଇରେ ମୋତେ ଯାହା ନ ଆସୁଛି ତତେ ପଚାରିବ କିଏ ?" ହୁଏ ତ ଅନ୍ୟଲୋକ ହୋଇଥିଲେ ଅଯଥା ଆଟୋପ ଦେଖାଇ ବାହାନା କରି କିମ୍ବା ଯାଉଁ ସାଉଁ ହଧାଡ଼ି କରି ପ୍ରୌଢ଼ି ଦେଖାଇଥା'ନ୍ତା । ତାଙ୍କର ସେପରି ବୃଥାଭିମାନ ନ ଥିଲା । ପରେ ସେ ବସିଷ୍ଠସ୍ମୃତିର ଟୀକା ଅବଶ୍ୟ କରିଛନ୍ତି ।

ତାଙ୍କର ସରଳତାର ସୁଯୋଗ ନେଇ କେତେକ ବ୍ୟକ୍ତି ତାଙ୍କୁ ଠକିଛନ୍ତି । ମୋର ମନେଅଛି— ମୋର ଶିଷ୍ୟ ବୋଲି ପରିଚୟ ଦେଇ ତାଙ୍କଠାରୁ କିଛି ଟଙ୍କା ଧା'ର ଆଣି ପଠାଇ ଦେବାକୁ କହି ଜଣେ ଧୂର୍ତ୍ତ-ବ୍ୟକ୍ତି ଚାଲିଆସିଲା । ଅଥଚ ଟଙ୍କା ପଠାଇଲା ନାହିଁ । ଦୁଇମାସ ପରେ ଯିବାରୁ ସେ କଥାପ୍ରସଙ୍ଗରେ କହିଲେ । ମୁଁ ସେ ବ୍ୟକ୍ତି ନିକଟକୁ ଯାଇ ପଚାରିବାରୁ ସେ ପଠାଇଦେଲଣି ବୋଲି କହିଲା । ପରେ ବୁଝିଲି ସେ ବାସ୍ତବରେ ପଠାଇ ନାହିଁ ।

ସେ ଅତ୍ୟନ୍ତ ଛାତ୍ରବତ୍ସଳ ଥିଲେ । ବହୁ ଛାତ୍ର ତାଙ୍କ ଘରେ ଅଧିକାଂଶ ସମୟରେ ଖିଆପିଆ କରନ୍ତି । ହୋଟେଲରେ ବା କୌଣସି କାରଣବଶତଃ ମହାପ୍ରସାଦ ଖାଉ ନ ଥିବାରୁ ପଣ୍ଡିତ ମହାଶୟଙ୍କ ଘରେ ମୁଁ ଖାଉଥିଲି । ପଣ୍ଡିତମହାଶୟ ଘରେ ନ ଥା'ନ୍ତି । ଚାଉଳ ସରିଯାଇଥିବାରୁ ଦିନେ ମା' (ଗୁରୁ ପତ୍ନୀ) ମୋତେ ଧାନ କୁଟାଇ ଆଣିବାକୁ କହିଲେ । ମୁଁ ରିକ୍ସାରେ ଧାନନେଇ କଳକୁ ଗଲି । ଆମ ଅଞ୍ଚଳରେ କଳବାଲା ଧାନ କୁଟାଇଥାଏ । ଧାନବାଲା କେବଳ ପଇସାଦେଲେ ହେଲା । ପୁରୀ ସହରର ଘଟଣା ଭିନ୍ନ । କଳ ମାଲିକ ପଇସା ନେଇଯିବ । ଧାନ କୁଟିବା ଧାନ ନେଲବାଲାର କାମ । ମତେ ଏ କଥା ମାଲୁମ ନ ଥାଏ । ସେ ଦିନ ଧାନ କୁଟାଇ ଧୂସରେ ବଡ଼ ବ୍ୟତିବ୍ୟସ୍ତ ହୋଇ ପଡ଼ିଥାଏ । ଫେରିଲା ବେଳକୁ ପଣ୍ଡିତ ମହାଶୟ ମୋ ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହେଲେ ।

ଯାହାଙ୍କ ଆଶୀର୍ବାଦରେ ଜୀବନବାଟିକା ଗଢ଼ିଉଠିଛି

ନନା
ଶ୍ରୀ ଗଦାଧର ମିଶ୍ର

ବୋଉ
ବିମଳା ଦେବୀ

ବଡ ବୋଉ
ଲବଣ୍ୟ ଦେବୀ

ସାହିତ୍ୟ ଗୁରୁ
ପ୍ରଧାନାଚାର୍ଯ୍ୟ ପଣ୍ଡିତ ବାସୁଦେବ ମିଶ୍ର

ସେତେବେଳର ତାଙ୍କର ମୁଖମୁଦ୍ରା ଏବେ ବି ମୋ ସ୍ମୃତିରେ ସତେଜ ହୋଇ ଉଠୁଛି । ସେ ମା'ଙ୍କୁ କହିଲେ "ଲକ୍ଷ୍ମୀଧରକୁ ତୁମେ ଧାନକୁଟାଇବାକୁ ପଠାଇଲ !" " ମୃତ୍କୁମ୍ଭ-ବାଲୁକାରନ୍ଧ୍ରପିଧାନଛଦନାର୍ଥିନା । ଦକ୍ଷିଣାବର୍ତ୍ତ-ଶଙ୍ଖୋଽୟଂ ହନ୍ତ ଚୂର୍ଣ୍ଣୀକୃତୋ ମୟା ।"

ତାଙ୍କର ଦୈନିକ ନିରଳସ କର୍ମପ୍ରବଣତା ଚିନ୍ତା କଲେ ଆଶ୍ଚର୍ଯ୍ୟ ଲାଗେ । ପ୍ରତ୍ୟହ ପାହାନ୍ତାରୁ ଉଠି ଫୁଲ ତୋଳି କିଛି ଲେଖା ପଢ଼ା ପରେ ସ୍ନାନ କରନ୍ତି । ଦେବାର୍ଚ୍ଚନରେ କିଛି ସମୟ ବିତାଇ ଭୋଜନ ପରେ କଲେଜକୁ ଯା'ନ୍ତି । ଫେରିଲେ ଗୃହସ୍ଥୀ ବେଳେ ବଜାର ସଉଦା ଦରକାର ହେଲେ ଆଣନ୍ତି ଅଥବା ବହିପତ୍ର ଦେଖନ୍ତି । ପ୍ରତି ସନ୍ଧ୍ୟାରେ ଜଗନ୍ନାଥଙ୍କ ପାଇଁ ସେ ଫୁଲନେଇ ନିଶ୍ଚୟ ଯା'ନ୍ତି । ଫେରିଲେ ରାତିରେ ପୁଣି ପଢ଼ାପଢ଼ି କରି ଭୋଜନ ପରେ ଶୟନ କରନ୍ତି । ଛୁଟି ଦିନମାନଙ୍କରେ ଘରକୁ ଆସୁଥିବା ଛାତ୍ରମାନଙ୍କୁ ଧର୍ମଶାସ୍ତ୍ର ସାହିତ୍ୟ ଆଦି ପଢ଼ାଇଥା'ନ୍ତି । ପରବର୍ତ୍ତୀ କାଳରେ ତାଙ୍କ ମାର୍ଗଦର୍ଶନରେ ଯେଉଁ ଛାତ୍ରମାନେ ବିଦ୍ୟା ବାରିଧିରସନ୍ଦର୍ଭ ପ୍ରସ୍ତୁତ କରୁଥା'ନ୍ତି, ସେମାନଙ୍କର ସନ୍ଦର୍ଭ ସଂଶୋଧନ, ଗ୍ରନ୍ଥ ସମ୍ପାଦନା ଏବଂ ଶାସ୍ତ୍ରବ୍ୟାଖ୍ୟା ଲେଖିବାରେ ଅତିବାହିତ କରୁଥିଲେ । କେତେକ ଛାତ୍ର ଅନ୍ୟ ଅଧ୍ୟାପକଙ୍କ ନାମ ମାର୍ଗଦର୍ଶକ (ଗାଇଡ୍) ରୂପେ ଲେଖି ମଧ୍ୟ ବସ୍ତୁତଃ ତାହାଙ୍କ ନିକଟରେ ହିଁ କାମ କରୁଥିଲେ ।

ସେ ଅତ୍ୟନ୍ତ ଅତିଥିପରାୟଣ ଥିଲେ । ବହୁ ସନ୍ନ୍ୟାସୀ ଓ ବିଦ୍ୱାନ୍ ବ୍ୟକ୍ତିଙ୍କୁ ଅନେକ ସମୟରେ ଘରେ ଡାକି ଭୋଜନ ଦେବାର ମୁଁ ଜାଣେ । ମା, ବାପା, ଦେଢେଇ, ଦଦେଇଙ୍କ ଶ୍ରାଦ୍ଧ ଓ ମହାଳା ପ୍ରାୟ ବର୍ଷକୁ ଛଅଥର ହୁଏ । ମହାବିଦ୍ୟାଳୟର ଛାତ୍ରମାନଙ୍କୁ ଡାକି ପ୍ରାୟ ଏ ଶ୍ରାଦ୍ଧ-ମାନଙ୍କରେ ଖାଇବାକୁ ଦିଆଯାଏ ।

ଧ୍ୱନ୍ୟାଲୋକର ଓଡ଼ିଆ ଅନୁବାଦ, ଧର୍ମଶାସ୍ତ୍ରକୋଷ ସଙ୍କଳନ, ନିତ୍ୟାଚାର ପ୍ରଦୀପ ଆଦି ବହୁ ଗ୍ରନ୍ଥ ସମ୍ପାଦନା ଏବଂ ଗୌତମ ଧର୍ମସୂତ୍ର ଆଦିର ବ୍ୟାଖ୍ୟା ପ୍ରଭୃତି ବହୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅନୁଷ୍ଠାନ କରିଥିଲେ ବି ତାଙ୍କ ବିଦ୍ୱତ୍ତା ଏବଂ ପ୍ରତିଷ୍ଠାକୁ ଈର୍ଷ୍ୟା କରି କେତେକ ବ୍ୟକ୍ତି ପ୍ରଧାନାଚାର୍ଯ୍ୟ ଉପାଧି ଦେବାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ହେଲେ ପାଣ୍ଡିତ୍ୟଯୋଗୁଁ ମହାମହିମ ଭାରତ ରାଷ୍ଟ୍ରପତିଙ୍କ ଦ୍ୱାରା ସେ ସମ୍ମାନିତ ହେଲେ ।

ଗୁରୁଜନଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ଥିଲା । ପ୍ରଧାନାଚାର୍ଯ୍ୟ ୬ ଆନନ୍ଦ ମିଶ୍ର, ପ୍ରଧାନାଚାର୍ଯ୍ୟ ବାସୁଦେବ ମିଶ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ଡ଼ଃ. କରୁଣାକର କର ଏବଂ ପଣ୍ଡିତ ଭଜକୃଷ୍ଣ ମିଶ୍ରଙ୍କର ସେ ଭୂୟସୀ ପ୍ରଶଂସା କରନ୍ତି । ମହାଳୟାରେ ସେ ଗୁରୁମାନଙ୍କୁ ତର୍ପଣ କରିବା ମଧ୍ୟ ମୁଁ ଜାଣେ ।

ସେ କୁଶାଗ୍ର ସୂକ୍ଷ୍ମବୁଦ୍ଧି ଏବଂ ବିଚାରବାନ୍ ବ୍ୟକ୍ତି ଥିଲେ । ଦରଭଙ୍ଗାସ୍ଥ କାମେଶ୍ୱରସିଂହ ସଂସ୍କୃତ ବିଶ୍ୱବିଦ୍ୟାଳୟର ମୁଖପତ୍ରରେ ମେଘଦୂତରେ ମେଘମାର୍ଗ ସମ୍ବନ୍ଧୀ ପ୍ରବନ୍ଧ ତାଙ୍କର ସୁତୀକ୍ଷ୍ଣ ବୁଦ୍ଧି ତଥା ବିଚାରଧାରାର ପରିଚାୟକ । ଚତୁରଙ୍ଗ ଓ ସମାଜ ପ୍ରଭୃତିରେ ବିଭିନ୍ନ ବିଷୟରେ ଓଡ଼ିଆ ପ୍ରବନ୍ଧ ଦିଗ୍‌ଦର୍ଶିନୀ ଏବଂ ଜଗନ୍ନାଥ ଜ୍ୟୋତିଃରେ ତାଙ୍କର ସଂସ୍କୃତ ପ୍ରବନ୍ଧ ମୌଳିକ ଚିନ୍ତାର ସ୍ୱାକ୍ଷର ବହନ କରେ ।

ତାଙ୍କର କଠୋର ଅଧ୍ୟବସାୟ, ନିରଳସ କର୍ମପ୍ରବଣତା, ଅନନ୍ୟ ଗୁରୁଭକ୍ତି, ଅକୃତ୍ରିମ ଛାତ୍ରବାତ୍ସଲ୍ୟ ଏବଂ ସର୍ବୋପରି ସଦାଚାରର ନିଷ୍ଠା ତଥା ଅସାଧାରଣ ଭଗବଦ୍ ବିଶ୍ୱାସ ତାଙ୍କୁ ଜଣେ ଆଦର୍ଶ ପୁତ୍ର, ଛାତ୍ର, ଭ୍ରାତା, ସ୍ୱାମୀ, ପିତା ତଥା ଗୁରୁରୂପେ ପ୍ରତିଷ୍ଠିତ କରିପାରିଛି । ଖଣ୍ଡନ ଖଣ୍ଡ ଖାଦ୍ୟ ଟୀକାକାର ଶଙ୍କର ମିଶ୍ରଙ୍କ ଭାଷାରେ—

"ଅଧୀତମଧ୍ୟାପିତମର୍ଜିତଂ ଯଶୋ
ନ ଶୋଚନୀୟଂ କିମପୀହ ଭୂତଲେ ।"

ଏହି ପବିତ୍ର ଶ୍ରାଦ୍ଧ ବାସରରେ ସେହି ସାର୍ଥକନାମା ସୁକୃତକର୍ମା ତଥା ସଫଳଜନ୍ମା ମହାତ୍ମାଙ୍କର ଅବାରିତ ଆଶିଷଧାରା ଦେବଲୋକରୁ ଆମ ସମସ୍ତଙ୍କ ମସ୍ତକ ଉପରେ ଝରିପଡୁ ଏହା ହିଁ କାମନା କରି ତାଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ପ୍ରଣତି ନିବେଦନ କରୁଛି । ○○○

ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ, ବଲାଙ୍ଗିର

ସରଳ ସୁଜନ ପଣ୍ଡିତ କୁଳମଣି ମିଶ୍ର

ଶ୍ରୀ ଦୁଃଖିଶ୍ୟାମ ପଟ୍ଟନାୟକ

ଧର୍ମଶାସ୍ତ୍ରାଚାର୍ଯ୍ୟ—ଆଚାର୍ଯ୍ୟ କିଏ ବା କାହାକୁ କୁହାଯାଏ । ଆଙ୍ ଉପସର୍ଗ ପୂର୍ବକ ଚର୍ ଧାତୁରୁ ଣ୍ୟତ୍ ପ୍ରତ୍ୟୟ ହୋଇ ସୃଷ୍ଟ ଆଚାର୍ଯ୍ୟ ଶବ୍ଦର ଲକ୍ଷଣ ନିର୍ଦ୍ଦେଶକରି କୁହାଯାଇଛି—

ଆଚିନୋତି ଚ ଶାସ୍ତ୍ରାର୍ଥାନ୍ ଧର୍ମାନ୍ ଆଚରୟତ୍ୟପି ।
ଶିଷ୍ୟାନ୍, ସ୍ୱୟଂ ଚାଚରତି, ତସ୍ମାଦାଚାର୍ଯ୍ୟ ଉଚ୍ୟତେ ॥

ଅର୍ଥାତ୍, ଯେ ଶାସ୍ତ୍ର ଅଧ୍ୟୟନ କରି ବୁଦ୍ଧି ବଳରେ ତା'ର, ଗୂଢ଼ ଅର୍ଥ ସମୂହକୁ ସଂଗ୍ରହ କରିଥାନ୍ତି ଏବଂ ତଦନୁସାରେ ପାଳନୀୟ ଧର୍ମକୁ ଶିଷ୍ୟମାନଙ୍କଦ୍ୱାରା ଆଚରଣ କରାଇଥାନ୍ତି ଏବଂ ନିଜେ ମଧ୍ୟ ତଦନୁସାରେ ଆଚରଣ କରନ୍ତି— ତାହାଙ୍କୁ ତେଣୁ 'ଆଚାର୍ଯ୍ୟ' ବୋଲି କୁହାଯାଏ ।

ଏହି ଦୃଷ୍ଟିରୁ ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ର ଥିଲେ ଜଣେ ପ୍ରକୃତ ଆଚରଣଶୀଳ ଆଚାର୍ଯ୍ୟ । ସେ ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ବା କେନ୍ଦ୍ରୀୟ ବିଦ୍ୟାପୀଠରେ ଧର୍ମଶାସ୍ତ୍ର ବିଭାଗର ପ୍ରଧାନ ଅଧ୍ୟାପକଭାବରେ ଆଚାର୍ଯ୍ୟପଦ ଭଜନ ହୋଇଥିଲେ ମଧ୍ୟ ତାଙ୍କର କର୍ତ୍ତବ୍ୟ କେବଳ ନିର୍ଦ୍ଦିଷ୍ଟ ଗ୍ରନ୍ଥ ଅଧ୍ୟୟନ ଓ ଅଧ୍ୟାପନାରେ ସୀମିତ ନ କରି ସେ ନିଜର ଆଚରଣ ଦ୍ୱାରା ଜନସମାଜରେ ଏକ ଆଦର୍ଶ ନିଷ୍ଠାବାନ୍ ଆଚାର୍ଯ୍ୟଭାବରେ ଆଦୃତ ହୋଇ-ଥିଲେ । ମନୁସ୍ମୃତିରେ ଆଚାର ହିଁ ପରମ ଧର୍ମବୋଲି ଘୋଷଣା କରି କୁହାଯାଇଛି—

"ଆଚାରଃ ପରମୋ ଧର୍ମଃ ଶ୍ରୁତ୍ୟୁକ୍ତଃ ସ୍ମାର୍ତ୍ତ ଏବ ଚ ।
ତସ୍ମାତ୍ ଅସ୍ମିନ୍ ସଦା ଯୁକ୍ତୋ ନିତ୍ୟଂ ସ୍ୟାଦାତ୍ମବାନ୍ ଦ୍ୱିଜଃ ॥
(୧ । ୧୦୮)

ତେଣୁ ଶ୍ରୁତି ଓ ସ୍ମୃତି ଶାସ୍ତ୍ର ଅନୁସାରେ ନିଜେ ଚଳି ନିଜ ଶିଷ୍ୟ ମାନଙ୍କୁ ତଦନୁସାରେ ଚଳିବାପାଇଁ ସେ ପ୍ରେରଣା ଯୋଗାଉଥିଲେ ।

ଓଡ଼ିଶାରେ ଓଡ଼ିଆଙ୍କ ପର୍ବ-ପର୍ବାଣୀର କାଳ ନିର୍ଦ୍ଧାରଣ ପାଇଁ ଗଦାଧର ପଦ୍ଧତି (କାଳସାର) ଏବଂ ତତ୍ ପରବର୍ତ୍ତୀ ପଣ୍ଡିତ ସର୍ବସ୍ୱ ନାମକ ଦୁଇଟି ଗ୍ରନ୍ଥ ମୁଖ୍ୟତଃ ବ୍ୟବହୃତ ହୋଇଥାଏ । ପଣ୍ଡିତ କୁଳମଣି ମିଶ୍ରଙ୍କ ଗୁରୁ ଧର୍ମଶାସ୍ତ୍ରର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ଆନନ୍ଦ ମିଶ୍ରଙ୍କୁ ମୁଁ ଦେଖିଛି, କଥା ହୋଇଛି ଓ ତାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇଛି । ତାଙ୍କ ପ୍ରଦତ୍ତ ଧର୍ମଶାସ୍ତ୍ରୀୟ ବ୍ୟବସ୍ଥାକୁ ସମସ୍ତେ ବିନା ଦ୍ୱିଧାରେ ମାନି ନେଉଥିଲେ । ପଣ୍ଡିତ ଆନନ୍ଦ ମିଶ୍ରଙ୍କ ବଡ଼ଭାଇ ମଧୁସୂଦନ ତର୍କବାଚସ୍ପତି ଗଦାଧର ପଦ୍ଧତିର ଓଡ଼ିଆ ଟିପ୍ପଣୀସମ୍ବଳିତ ଏକ ସଂସ୍କରଣରେ ଶୁଦ୍ଧି ପ୍ରକରଣ ବ୍ୟାଖ୍ୟା କଲାବେଳେ ମଧୁସୂଦନ ତର୍କବାଚସ୍ପତିଙ୍କ ଭଳି କବି ପଣ୍ଡିତ ସାହାଯ୍ୟ ନେଇଥିଲେ ଆଠଗଡ଼ ଝିଗିଡ଼ିଆର ବକୁଳ କବି ଓ ପ୍ରକାଣ୍ଡ ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କର । ଆନନ୍ଦ ବୃନ୍ଦାବନ ଚମ୍ପୂର ରଚୟିତା ଏହି ସ୍ୱନାମଧନ୍ୟ ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡା 'ବାର୍ଷିକ ପର୍ବ ସଂଗ୍ରହ' ନାମରେ ଏକ କ୍ଷୁଦ୍ରକାୟ ରଚନା ମଧ୍ୟରେ ଓଡ଼ିଶାର ପର୍ବ-ପର୍ବାଣିଗୁଡ଼ିକର କାଳ ସରଳ ସଂକ୍ଷେପରେ ନିର୍ଦ୍ଦିଷ୍ଟ କରାଯାଇଛନ୍ତି । ଦୁର୍ଲଭ କ୍ଷୁଦ୍ରକାୟ ଏହି ପୁସ୍ତକଟି ପଣ୍ଡିତ କୁଳମଣି ମିଶ୍ରଙ୍କ ପଟ୍ଟଶିଷ୍ୟ ଡ. ବ୍ରଜକିଶୋର ସ୍ୱାଇଁ ପ୍ରକାଶ କରି ଓଡ଼ିଆ ପାଠକଙ୍କ ଏକ ଅଭାବ ପୂରଣ କରିଛନ୍ତି । ପଣ୍ଡିତ କୁଳମଣି ମିଶ୍ର ଉପର୍ଯ୍ୟୁକ୍ତ ତାଙ୍କ ପୂର୍ବସୂରିମାନଙ୍କ ପରି ଅପ୍ରତିଦ୍ୱନ୍ଦ୍ୱୀ ମଧ୍ୟ ଥିଲେ ଧର୍ମଶାସ୍ତ୍ରୀୟ ବ୍ୟବସ୍ଥା ପ୍ରଦାନରେ ତାଙ୍କସହ ମୋର କେତେକ ମତଭେଦ ଥିଲା । ସେଥିମଧ୍ୟରୁ ସରସ୍ୱତୀ ପୂଜାର କାଳ 'ପ୍ରଦୋଷ' ବୋଲି ଗଦାଧରଙ୍କ ମତକୁ ମୁଁ ସମର୍ଥନ କରୁଥିବାବେଳେ ପଣ୍ଡିତ ସର୍ବସ୍ୱ ଅନୁସାରେ ସରସ୍ୱତୀ ପୂଜାର କର୍ମକାଳ 'ପୂର୍ବାହ୍ଣ' ବୋଲି ପଣ୍ଡିତ ମିଶ୍ର ମତ ପ୍ରଦାନ କରୁଥିଲେ । ମୁକ୍ତିମଣ୍ଡପ ପକ୍ଷରୁ ସ୍ୱର୍ଗତ ପ୍ରଧାନାଚାର୍ଯ୍ୟ ଚିନ୍ତାମଣି ମିଶ୍ର ଗଦାଧରଙ୍କ ଅନୁସାରେ କୋହିନୂର ପ୍ରେସ୍ ପଞ୍ଜିକାକୁ ପ୍ରସ୍ତୁତ କରୁଥିଲା ବେଳେ ପଣ୍ଡିତ କୁଳମଣି ମିଶ୍ର ପଣ୍ଡିତ ସର୍ବସ୍ୱ ଅନୁସାରେ ରାଧାରମଣ ପ୍ରେସ୍ ପଞ୍ଜିକାରେ ବ୍ୟବସ୍ଥା ଦେଇ ମତାନ୍ତର ପ୍ରକାଶ କରୁଥିଲେ । ଏହାଦ୍ୱାରା ମୁକ୍ତିମଣ୍ଡପ ପଣ୍ଡିତ ସଭାର ଧର୍ମଶାସ୍ତ୍ର ଓ ଗଣିତ ଜ୍ୟୋତିଷକୁ ପସନ୍ଦ କରାଯାଉ ନଥିଲା । ତେଣୁ ରାଧାରମଣ ପ୍ରେସ୍ ପଞ୍ଜିକା ପ୍ରକାଶନକୁ ପ୍ରୋତ୍ସାହିତ କରିଥିଲେ ଏବଂ ସେଥିରେ ସେ ନିଜର ସ୍ୱକୀୟ ମତ ପ୍ରଦାନ ମାଧ୍ୟମରେ ନିଜର ସୁଜନ ସ୍ୱଭାବସୁଲଭ ପ୍ରତିବାଦ ସରଳ ଭାବରେ ପ୍ରକାଶ କରୁଥିଲେ ।

ତାଙ୍କ ସହିତ ଧର୍ମଶାସ୍ତ୍ରୀୟ ବିଷୟରେ ମୋର ମତଭେଦ ଥିଲେ ସୁଦ୍ଧା, ତାଙ୍କର ବହିଟିଏ ପ୍ରକାଶ ପାଇଲେ ସେ ନିଜେ ମୋ ପାଖକୁ ଆସି ବହି ଖଣ୍ଡିଏ ଉପହାର ଦେଇ କହୁଥିଲେ— 'ଆପଣ ନିଶ୍ଚୟ ପଢ଼ିବେ ଏବଂ ଆପଣ ପଢ଼ିଲେ ବହିର କିଛି ଅଭାବ ଅସୁବିଧା ଥିଲେ ମୋତେ ନିଶ୍ଚୟ ଜଣାଇବେ। ସମାଲୋଚନା ପାଇଁ ଏପରି ସସମ୍ମାନ ସ୍ୱାଗତିକା ତାଙ୍କ ସରଳ, ସୁଜନ ଓ ମହନୀୟ ବ୍ୟକ୍ତିତ୍ୱର ଦ୍ୟୋତକ ମାତ୍ର।

ପାରସ୍କରଗୃହ୍ୟସୂତ୍ର ଉପରେ ସେ ଏକ ମାର୍ଗଦର୍ଶିନୀ ନାମକ ସରଳ ସଂସ୍କୃତ ଟୀକା ରଚନା କରି ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ପକ୍ଷରୁ ୧୯୮୧ରେ ପ୍ରକାଶ କରିଥିଲେ। ବହିଟି ମଧ୍ୟ ପଣ୍ଡିତ କୁଳମଣି ମିଶ୍ରଙ୍କର ଲେଖନୀ ତୁଳନାରେ ଥିବା ସରଳତାର ଏକ ନିଦର୍ଶନ। ପାରସ୍କରଗୃହ୍ୟସୂତ୍ରର ହରିହର ଭାଷ୍ୟ ମୁଁ ଭଲରୂପେ ପଢ଼ିଥାଏ। ପଣ୍ଡିତ ମିଶ୍ର ଯେତେବେଳେ ବହିଟି ଦେଲେ, ମୁଁ ତାଙ୍କୁ ସେ ବହିଟି ହରିହରଙ୍କ ବିସ୍ତୃତ ଭାଷ୍ୟରୁ କେବଳ ମୂଳ ଗ୍ରନ୍ଥରେ ବ୍ୟବହୃତ ଶବ୍ଦମାନଙ୍କର ସରଳ ପ୍ରତିଶବ୍ଦ ଚୟନକରି ଲେଖିଥିବାରୁ ସରଳତା ବ୍ୟତୀତ ଅନ୍ୟକିଛି ବୈଶିଷ୍ଟ୍ୟ ନାହିଁ ବୋଲି ମୁଁ ମତ ଦେବାରୁ ପଣ୍ଡିତ ମହାଶୟ ହସି ହସି କହିଥିଲେ, "ହରିହର ଭାଷ୍ୟ ଆପଣସିନା ବୁଝୁଛନ୍ତି, ପଢ଼ୁଥିବା ପିଲାମାନେ ସେଥିରେ ଉଦ୍‌ଭ୍ରାନ୍ତ ହୋଇ ମୂଳଗ୍ରନ୍ଥର ଆଶୟକୁ ଧରିପାରୁ ନାହାନ୍ତି। ତେଣୁ ହରିହର ଭାଷ୍ୟରୁ ଶବ୍ଦ ଚୟନ କରି କିପରି ପାରସ୍କରଗୃହ୍ୟସୂତ୍ର ବୁଝିବାକୁ ହେବ ସେ ମାର୍ଗ ପ୍ରଦର୍ଶନ କରିଥିବାରୁ ମୁଁ ଟୀକାଟିର ନାମ ଦେଇଛି ମାର୍ଗଦର୍ଶିନୀ ଏବଂ ଗୃହ୍ୟସୂତ୍ରରେ ପ୍ରଯୁକ୍ତ ମନ୍ତ୍ରମାନଙ୍କର ସରଳ ସୁବୋଧ ଅର୍ଥ କରି ଦେଇଛି।" ପାରସ୍କରଗୃହ୍ୟସୂତ୍ରର ପ୍ରଥମକାଣ୍ଡ ଚତୁର୍ଥ କଣ୍ଡିକା ଦ୍ୱିତୀୟ ସୂତ୍ରରେ ବ୍ୟବହୃତ କେଶାନ୍ତେ ଶବ୍ଦଟିର ଅର୍ଥ ମନୁସ୍ମୃତି (୨।୬୫) "କେଶାନ୍ତେ ଷୋଡଶେ ବର୍ଷେ ବ୍ରାହ୍ମଣସ୍ୟ ବିଧୀୟତେ" ଅନୁସାରେ ବ୍ରହ୍ମଚର୍ଯ୍ୟ ଅବସ୍ଥାରେ ଧାରଣ କରିଥିବା କେଶର ଛେଦନ ରୂପକ କେଶାନ୍ତ ସଂସ୍କାର ବୋଲି ନ କରି ଗୋଦାନ କର୍ମ ବୋଲି ଅର୍ଥ କରିବା ମୂଳରେ ହରିହରଙ୍କ ଭାଷ୍ୟର ଅନୁକରଣ ବ୍ୟତୀତ ଆଉ କିଛି ଯୁକ୍ତି ଅଛି କି ? ବୋଲି ପଚାରିବାରୁ ସେ ହସି ହସି କହିଥିଲେ, 'ଏହା ମୁଁ ପିଲାମାନଙ୍କ ସକାଶେ ହରିହର ଭାଷ୍ୟରୁ ସାରସଂଗ୍ରହ କରି ଲେଖିଛି।'

ପଣ୍ଡିତ ମିଶ୍ର ଗୋଟିଏ ଧର୍ମଶାସ୍ତ୍ରକୋଷ ପ୍ରଣୟନ କରିଯାଇଛନ୍ତି । ଉପଲଭ୍ୟମାନ ବିପୁଳ କଳେବର ବିଶିଷ୍ଟ ଧର୍ମଶାସ୍ତ୍ର କୋଷଗୁଡ଼ିକ ଛାତ୍ରମାନଙ୍କ ପକ୍ଷେ ସୁଲଭ ହୋଇ ନ ଥିବାରୁ ସେମାନଙ୍କୁ ଉପଯୋଗୀ ଶବ୍ଦମାନଙ୍କୁ ନେଇ, ସେ ଏହି ସର୍ବଜନ ସୁଲଭ ଧର୍ମଶାସ୍ତ୍ର ଶବ୍ଦକୋଷଟିକୁ ସରଳ ସଂସ୍କୃତ ଭାଷାରେ ରଚନା କରିଯାଇଛନ୍ତି ।

ଧର୍ମଶାସ୍ତ୍ର କ୍ଷେତ୍ରରେ ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ର ଧର୍ମଶାସ୍ତ୍ରାଚାର୍ଯ୍ୟଙ୍କର ପାରସ୍କରଗୃହ୍ୟସୂତ୍ରର ମାର୍ଗଦର୍ଶିନୀ ଟୀକା ଏବଂ ଧର୍ମଶାସ୍ତ୍ରକୋଷ ହେଉଛି ସଫଳତା ଭିତ୍ତିକ ଦୁଇଟି ଉଲ୍ଲେଖଯୋଗ୍ୟ ଅବଦାନ ।

ସାହିତ୍ୟାଚାର୍ଯ୍ୟ:— ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ର ସାହିତ୍ୟ ବିଷୟରେ ମଧ୍ୟ ଥିଲେ ଆଚାର୍ଯ୍ୟ । ସାହିତ୍ୟ ବିଷୟରେ ତାଙ୍କର ଗୁରୁ ବାସୁଦେବ ମିଶ୍ରଙ୍କର ସରଳ ଧାରାବାହିକ ସଂସ୍କୃତ ଶୈଳୀ ତାଙ୍କ ଉପରେ ବେଶ୍ ପ୍ରଭାବ ବିସ୍ତାର କରିଥିଲା । ସେ ସଂସ୍କୃତରେ କେତୋଟି ଗୀତିକବିତା ରଚନା କରି ତାଙ୍କ ସରଳ ସଂସ୍କୃତ ରଚନା ପାଟବର ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତ ଭାଷଣ ଦେଲାବେଳେ ମଧ୍ୟ ପଣ୍ଡିତ କୁଳମଣି ମିଶ୍ରଙ୍କର ସକଳ ଅଭିବ୍ୟକ୍ତି ମଧ୍ୟରେ ତାଙ୍କର ସରଳ ନିରଭିମାନ ଜୀବନ ପ୍ରତିଫଳିତ ହେଉଥିଲା । ସଂସ୍କୃତରେ ଫକୀରମୋହନଙ୍କର ଆତ୍ମଜୀବନ ଚରିତର ସଂସ୍କୃତ ଅନୁବାଦକୁ ସଂପାଦନ କରି ସେ ତାହା ଉପରେ ଏକ ସରଳ ଟୀକା ରଚନା କରିଥିଲେ ।

ସାହିତ୍ୟ କ୍ଷେତ୍ରରେ ସଂସ୍କୃତ ପଣ୍ଡିତମାନଙ୍କ ମଧ୍ୟରେ କୁଳମଣି ଦାଶଙ୍କ ପରେ ଅନ୍ୟତମ କୁଳମଣି ହେଉଛନ୍ତି ଆମର ଏହି ସରଳ ସ୍ୱଜନ ସୁପଣ୍ଡିତ କୁଳମଣି ମିଶ୍ର । ସେ ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ'ର ଅନୁବାଦ ସରଳ ଓଡ଼ିଆରେ ପ୍ରକାଶ କରି ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି କରିଯାଇଛନ୍ତି । ସଂସ୍କୃତ ପଣ୍ଡିତମାନଙ୍କ ମଧ୍ୟରେ ଓଡ଼ିଆ ଲେଖିବାରେ ପଣ୍ଡିତ କୁଳମଣି ମିଶ୍ରଙ୍କର ଏକ ନିଚ୍ଛକ ଓ ନିଜସ୍ୱ ଶୈଳୀ ଥିଲା ।

ପଣ୍ଡିତ କୁଳମଣି ମିଶ୍ର ବୃତ୍ତିରେ ଧର୍ମଶାସ୍ତ୍ର ବିଷୟରେ ଆଚାର୍ଯ୍ୟ ହୋଇଥିଲେ ହେଁ, ସେ ଥିଲେ ପ୍ରବୃତ୍ତିରେ ସାହିତ୍ୟାଚାର୍ଯ୍ୟ । ସାହିତ୍ୟ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା ।

ସଂଗଠକ— ପ୍ରାଚୀନ ଭାରତୀୟ ସଂସ୍କୃତି ଓ ସଂସ୍କୃତର ଉଦ୍ଧାର-କଳ୍ପେ ପଣ୍ଡିତ ମିଶ୍ର ରତ୍ନାକର ଆସୁଥିଲେ । ଓଡ଼ିଶାରେ ଗୁରୁଶିଷ୍ୟ କ୍ରମରେ ଶ୍ରୁତି ପରମ୍ପରା ଲୋପ ହୋଇଯାଇ ଥିବାରୁ ଏବଂ ଜଗନ୍ନାଥ ମନ୍ଦିର ପରି ଏକ ସର୍ବଭାରତୀୟ ଅନୁଷ୍ଠାନରେ ବୈଦିକ ମନ୍ତ୍ରମାନଙ୍କର ଉଚ୍ଚାରଣ ବୈଦିକ ଶିକ୍ଷାସମ୍ମତ ହୋଇ ନ ଥିବା ଲକ୍ଷ୍ୟ କରି ସେ ଜଗନ୍ନାଥ ମନ୍ଦିର ବେଢା ଭିତରେ ବେଦ ପ୍ରଶିକ୍ଷଣର ବ୍ୟବସ୍ଥା କରିଥିଲେ । ଆଜି ତାଙ୍କର ଉକ୍ତ ପ୍ରଚେଷ୍ଟାରୁ ଜଗନ୍ନାଥ ମନ୍ଦିର ଭିତରେ ପୁରୁଷସୂକ୍ତ ପ୍ରଭୃତି ବୈଦିକ ମନ୍ତ୍ରାବଳୀର ସୁସ୍ୱର ଉଚ୍ଚାରଣ ଅନେକ ବଟୁକୁମାରମାନଙ୍କର ମଧୁର କଣ୍ଠରେ ଆବୃତ୍ତି ଧ୍ୱନିତ ହେଉଥିବା ଦେଖିଲେ ପ୍ରତ୍ୟେକ ପରମ୍ପରା ଅନୁରାଗୀ ଲୋକର ମନରେ ଆନନ୍ଦର ଉଦ୍‌ବେଳନ ସୃଷ୍ଟି ହୋଇଥାଏ । ତାଙ୍କର ଏହି ସଂଗଠନଟିର ମଧ୍ୟ ତଦୀୟ ବିଲକ୍ଷଣ ସରଳତା ଓ ଶୁଦ୍ଧତା ଦେଖିବାକୁ ମିଳିଥାଏ । ପରମ୍ପରା କ୍ରମରେ ଜଗନ୍ନାଥଙ୍କ ସେବାପୂଜା କରିବା ପାଇଁ ଅଧିକାର ପାଇଥିବା ପଣ୍ଡାମାନେ ସଂସ୍କୃତ ନ ପଢିବାରୁ ଓ ସଂସ୍କୃତ ନ ଜାଣିବାରୁ ଶ୍ରୀ ଜଗନ୍ନାଥଙ୍କ ଆଗମ ନିଗମ ସମ୍ମତ ପୂଜା ପଦ୍ଧତିରେ ତ୍ରୁଟି ପରିଲକ୍ଷିତ ହେଲା । ମନ୍ତ୍ରଉଚ୍ଚାରଣ ବିନା କେବଳ ତାଳିମାରି ପୂଜା କରିବା ଏକ ପ୍ରହସନରେ ପରିଣତ ହେଲା । ଏହି ଜାତୀୟ ଧାର୍ମିକ ବ୍ୟଭିଚାର ଓ ସ୍ୱେଚ୍ଛାଚାରିତାକୁ ରୋକିବା ପାଇଁ ସରଳ ସୁଜନ ପଣ୍ଡିତ କୁଳମଣି ମିଶ୍ର ପ୍ରତିବାଦର ସ୍ୱର ଉତ୍ତୋଳନ ନ କରି ଯେଉଁ ସଂସ୍କାରମୁଖୀ ଆଭିମୁଖ୍ୟ ଗ୍ରହଣ କଲେ ଏବଂ ଅନେକ ବିଦ୍ୟାର୍ଥୀ ବାଳକମାନଙ୍କ ମଧ୍ୟରେ ଶୁଦ୍ଧ ବୈଦିକ ମନ୍ତ୍ର ଉଚ୍ଚାରଣ କରାଇ ମନ୍ଦିରର ପରମ୍ପରାକ୍ରମେ ପ୍ରଚଳିତ ଶାସ୍ତ୍ରୀୟ ପୂଜା-ପଦ୍ଧତିର ପୁନଃ ପ୍ରବର୍ତ୍ତନ କରିଥିଲେ । ଏହାଦ୍ୱାରା ସେ ମନୁସ୍ମୃତିର ଆଚାର୍ଯ୍ୟ ସଂଜ୍ଞାକୁ କିଛି ପରିମାଣରେ ସାର୍ଥକ କରିଥିଲେ । ଆଚାର୍ଯ୍ୟ ଶବ୍ଦର ଲକ୍ଷଣ ନିର୍ଦ୍ଦେଶ କରି ମନୁ କହିଛନ୍ତି—

"ଉପନୀୟ ତୁ ଯଃ ଶିଷ୍ୟଂ ବେଦମଧ୍ୟାପୟେଦ୍ ଦ୍ୱିଜଃ ।
ସକଳ୍ପଂ ସରହସ୍ୟଞ୍ଚ ତମାଚାର୍ଯ୍ୟଂ ପ୍ରଚକ୍ଷତେ ॥"

ଆଜିକାଲି ଯେତେବେଳେ ଯଜ୍ଞବିଧି— "ଯଜ୍ଞାଧାନଂ ଗବାଲମ୍ଭଂ ସନ୍ନ୍ୟାସଂ ପଲପୈତୃକମ୍, ଦେବରେଣ ସୁତୋତ୍ପତ୍ତିମ୍ କଲୌ ପଞ୍ଚ ବିବର୍ଜୟେତ୍ ।"- ଏହି ପରାଶରୋକ୍ତ ପ୍ରମାଣ ଅନୁସାରେ ନିଷିଦ୍ଧ ହେଲାବେଳେ

କଳ୍ପସୂତ୍ରର ସରହସ୍ୟ ଅଧ୍ୟୟନ ଓ ଅଧ୍ୟାପନ ଆଜି ଏକାନ୍ତ ଦୁର୍ଲଭ । କିନ୍ତୁ ଆର୍ଯ୍ୟସଂସ୍କୃତିର ମୂଳ ବେଦ ମନ୍ତ୍ରମାନଙ୍କ ବିଧିପୂର୍ବକ ଅଧ୍ୟୟନ ଓ ଅଧ୍ୟାପନକୁ ଜଗନ୍ନାଥ ମନ୍ଦିର ପରି ଏକ ପବିତ୍ର ସ୍ଥାନରେ ପ୍ରବର୍ତ୍ତନ କରି ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ର ନିଜର ଧର୍ମଶାସ୍ତ୍ର ଆଚାର୍ଯ୍ୟ ପଦବୀକୁ ସାର୍ଥକ କରି ଯାଇଛନ୍ତି ।

ବ୍ୟକ୍ତିତ୍ୱ— ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ର ଦେଖିବାକୁ ଅତି ସିଧା ସାଧା ସରଳ ଗୌରବର୍ଣ୍ଣ ବ୍ରାହ୍ମଣ ପଣ୍ଡିତ ଥିଲେ । ଆଚାରରେ ନିଷ୍ଠା ଓ ବିଚାରରେ ପ୍ରୌଢତା ଏବଂ ବ୍ୟବହାରରେ ସରଳତା ତାଙ୍କୁ ମହୀୟାନ୍ କରିଥିଲା । ସାଧାରଣ ସଂସ୍କୃତ ପଣ୍ଡିତମାନଙ୍କର ପାଣ୍ଡିତ୍ୟାଭିମାନ ଓ ଅହମ୍ ତାଙ୍କ ନିକଟରେ ନ ଥିଲା । କଥାଟିଏ ପଚାରିଲେ ହସିହସି ଉତ୍ତର ଦେବା ଓ ବୁଝାଇଦେବା ତାଙ୍କର ସ୍ୱଭାବ ଥିଲା । ଚିଠି କିଏ ଲେଖିଲେ ନିଶ୍ଚିତ ଭାବରେ ଉତ୍ତରଦେବା ତାଙ୍କର ଆଉ ଏକ ଭଲ ଗୁଣ ଥିଲା । ସେ ଆଲୋଚନା ପ୍ରସଙ୍ଗରେ ମଧ୍ୟ ମତାନ୍ତର ପୋଷଣ କରୁଥିବା ପ୍ରତିଦ୍ୱନ୍ଦ୍ୱୀ ପଣ୍ଡିତଙ୍କ ପ୍ରତି ଆକ୍ଷେପ କରିବା ତାଙ୍କର ସ୍ୱଭାବ ବିରୁଦ୍ଧ ଥିଲା । ସରଳ ଜୀବନ ଓ ମଧୁର ବ୍ୟବହାର ଦ୍ୱାରା ତାଙ୍କର ବ୍ୟକ୍ତିତ୍ୱ ଉଜ୍ଜ୍ୱଳ ଥିଲା । ପାଣ୍ଡିତ୍ୟ ଥାଇ ଅଭିମାନହୀନ ପଣ୍ଡିତ ମିଶ୍ରଙ୍କର ସଂପର୍କରେ ଯେ ଥରେ ଆସିଛି ସେ କେବେହେଲେ ତାଙ୍କୁ ଭୁଲିପାରିବ ନାହିଁ । ତାଙ୍କପରି ସରଳ ସଜ୍ଜନ ଲେଖକ ପଣ୍ଡିତଟିଏ ଖୋଜିଲେ ମିଳିବା ନାହିଁ । ଶ୍ରୀ ଜଗନ୍ନାଥ-ପଦାରବିନ୍ଦରେ ଭ୍ରମରପରି ନିତ୍ୟ-ସକ୍ତ ପଣ୍ଡିତ କୁଳମଣି ମିଶ୍ରଙ୍କର ଆତ୍ମା ଶାନ୍ତିଲାଭ କରୁ ଏବଂ ସମଗ୍ର ମାନବ ଜାତିକୁ ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱ ସରଳତା ଓ ସୁଜନତା ଶିକ୍ଷାଦେଇ ଆଶା ଓ ପ୍ରେରଣାର ଉଜ୍ଜ୍ୱଳ ଦୀପଶିଖା ଭଳି କାମକରୁ— ଏହାହିଁ ପ୍ରାର୍ଥନା । ସରଳ ସୁଜନ ପଣ୍ଡିତ ମିଶ୍ରଙ୍କର ସଖ୍ୟ ଓ ସ୍ମୃତି ଅବିସ୍ମରଣୀୟ । □□□

ସଂପାଦକ, ସଂସ୍କୃତି ବିଭାଗ, ଓଡ଼ିଶା

ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ରଙ୍କ ସ୍ମରଣେ

ପଣ୍ଡିତ ଶ୍ରୀ ସୋମନାଥ ଦାଶ

ବେଦଃ ସ୍ମୃତିଃ ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।
ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣମ୍ ॥

ବେଦ, ସ୍ମୃତି (ଧର୍ମଶାସ୍ତ୍ର), ସଦାଚାର (ଶିଷ୍ଟାଚାର) ଓ ଉକ୍ତ ତ୍ରିବିଧ ଧର୍ମରେ ଯେଉଁଥିରେ ମଣିଷ ନିଜର ଆତ୍ମତୃପ୍ତି ଲଭକରେ ସେ ମଧ୍ୟ ଧର୍ମ ନାମରେ ଅଭିହିତ । ଏହି ଚତୁର୍ବିଧ ଧର୍ମର ପ୍ରତୀକ ଥିଲେ ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ର ଶର୍ମା ।

ସେ ଦୈନିକ ବେଦାଧ୍ୟୟନ, ସ୍ମୃତି ବିହିତ ନିତ୍ୟ ହୋମ ବଂଶ-ପରମ୍ପରାଗତ ଶିଷ୍ଟାଚାର ପାଳନ, ବିଶେଷରେ ଧର୍ମଶାସ୍ତ୍ରାନୁମୋଦିତ ପ୍ରମାଣ ଅନୁସାରେ ଯାହା ଦେଶକାଳୋଚିତ ସର୍ବବାଦୀ ସମ୍ମତ ତାହାକୁ କର୍ତ୍ତବ୍ୟ-ରୂପେ ପାଳନକରିବା ଓ ଅନ୍ୟକୁ ପ୍ରେରଣା ଦେବା ତାଙ୍କର ଥିଲା ନିଜର ଧର୍ମ । ସେଥିରୁ ସେ କେବେମାନ ବିଚ୍ୟୁତ ହୋଇ ନ ଥିଲେ । ଏହା ଥିଲା ତାଙ୍କର ଆଦର୍ଶ । ତେଣୁପାଇଁ ସେ ସମାଜ ମଧ୍ୟରେ ଓ ବିଦ୍ୱଦ୍‌ସମାଜରେ ଆଦୃତ ଓ ପ୍ରତିଷ୍ଠିତ ଥିଲେ । ସେ କହୁଥିଲେ 'ବୈକଲ୍ପେ ଆତ୍ମତୁଷ୍ଟିଃ ପ୍ରମାଣମ୍ ।' ତାଙ୍କର ଗ୍ରନ୍ଥିକ ବିଚାରଧାରା ଏପରି ପ୍ରବଳଥିଲା ଯେ ସେ ସର୍ବଦା ଲେଖନୀ ଧରି ତାକୁ ପ୍ରକାଶ କରିବାରେ ସତତ ବ୍ରତୀ ଥିଲେ । ତାହା ସମସ୍ତଙ୍କର ପ୍ରଣିଧାନ ଯୋଗ୍ୟ ।

ଧର୍ମଶାସ୍ତ୍ର ବିଷୟରେ ସନ୍ଦେହ ଜନ୍ମିଲେ ମିଶ୍ର ଶର୍ମା ନିସନ୍ଦେହ ଭାବେ ପ୍ରମାଣ ଦର୍ଶାଇ ତାହା ନିରାକରଣ କରୁଥିଲେ, ବୈଦିକବାକ୍ୟ ଉଦ୍ଧାରକରି ସିଦ୍ଧାନ୍ତମାନ ଦେଉଥିଲେ । ସେ କହନ୍ତି "ଶ୍ରୁତିସ୍ମୃତିବିରୋଧେ ତୁ ଶ୍ରୁତି-ରେବ ଗରୀୟସୀ ।" ସେଥିପାଇଁ ଶ୍ରୀମନ୍ଦିରସ୍ଥିତ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନରେ ଦୀର୍ଘଦିନ ସଭାପତିତ୍ୱକରି ବୈଦିକ ପରଂପରାକୁ ବଞ୍ଚାଇ ରଖିଥିଲେ । ଏବେ ମଧ୍ୟ ତାହା ଚାଲୁଅଛି ଏବଂ ଚାଲିବ । ସମସ୍ତ ଶାସ୍ତ୍ର ଅଧ୍ୟୟନ କରି ଧର୍ମକୁ ସାରତତ୍ତ୍ୱ ରୂପେ ଗ୍ରହଣ କରି ତଦନୁସାରେ କାଳାତିପାତ କରୁଥିଲେ । ଏହାଥିଲା ତାଙ୍କର ଧାର୍ମିକ ବିଦ୍ୱଦ୍‌ବରତ୍ୱର ଲକ୍ଷଣ ।

ସର୍ବଂ ତୁ ସମବେକ୍ଷ୍ୟେଦଂ ନିଖିଳଂ ଜ୍ଞାନଚକ୍ଷୁଷା ।
ଶ୍ରୁତିପ୍ରାମାଣ୍ୟତୋ ବିଦ୍ୱାନ୍ ସ୍ୱଧର୍ମେ ନିବିଶେତ ବୈ ॥

ଏସବୁ ଚିହ୍ନ ତାଙ୍କଠାରେ ପରିସ୍ଫୁଟ ହେଉଥିଲା । ଧର୍ମପାଳନ କରି ମିଶ୍ର ମହାଶୟ ଅନାୟାସରେ କର୍ମରତ ହେଉଥିବା ଅବସ୍ଥାରେ ସ୍ୱର୍ଗତ ହେଲେ । ଏହା ତାଙ୍କର ପୁଣ୍ୟାର୍ଜନର ଫଳ ।

ଶ୍ରୁତିସ୍ମୃତ୍ୟୁଦିତଂ ଧର୍ମମନୁତିଷ୍ଠନ୍ ହି ମାନବଃ
ଇହକୀର୍ତ୍ତିମବାପ୍ନୋତି ପ୍ରେତ୍ୟଚାନୁତ୍ତମଂ ସୁଖମ୍ ॥

ସେ ଗଲେ ତାଙ୍କର ଆଦର୍ଶ ଓ ପ୍ରତିଷ୍ଠା ବଞ୍ଚିରହିଲା । ତାଙ୍କର ଉତ୍ତରାଧିକାରୀମାନେ ଯଦି ତାହା ପାଳନ କରନ୍ତି ତେବେ ଗୋଷ୍ଠୀର ସ୍ତରପରି ତାଙ୍କପକ୍ଷରେ ଉନ୍ମୁକ୍ତ ସମ୍ମାନ ଓ ଧର୍ମଶାସ୍ତ୍ରର ମର୍ଯ୍ୟାଦା ରହିବ ।

୦୦୦

ଅପରିଚିତ ହୋଇଥିଲେ ବି ଯାହାଙ୍କୁ ଦେଖିଲେ ଖୁବ୍ ଆନନ୍ଦ ଲାଗେ ତାଙ୍କର କିଛି ପୁଣ୍ୟ ଅଛି, ଯାହାଙ୍କୁ ଦେଖିଲେ ବିରକ୍ତି ଲାଗେ ତାଙ୍କର କିଛି ପାପ ଅଛି ବୋଲି ଜାଣିବାକୁ ହେବ ।

● ● ●

ସତ୍ୟ କହିଦେବା ସହଜ, କହିସାରିବା ପରେ ନିଜେ ସତକୁ କାମରେ ଲଗାଇବା କଷ୍ଟ ।

—ପଣ୍ଡିତ କୁଳମଣି ମିଶ୍ର ଶର୍ମା

ସଂସ୍କୃତପାଇଁ ଯୋଗୀଟିଏ ...

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର

ସାରଙ୍କ ସଂଗେ ମୋର ପ୍ରଥମ ସାକ୍ଷାତ ହେଲା ୧୯୭୪ ମସିହା ଜୁଲାଇରେ । ମାଟ୍ରିକ୍ ପାଶ୍‌କରି ଆସିଥାଏ କେନ୍ଦ୍ରୀୟ ବିଦ୍ୟାପୀଠକୁ । ସେଇଦିନର କଥୋପକଥନ ସାରାଜୀବନ ପାଇଁ ଅଭୁଲା ରହିଥିବ । ସଂସ୍କୃତ ପରିବାର ଭିତରକୁ ଜଣକୁ କେମିତି ଟାଣି ଆଣିବାକୁ ହୁଏ ସେ କଳା ସାର୍‌ଙ୍କର ଥିଲା ବୋଲି ଏବେ ଷୋଳବର୍ଷପରେ ଆମେ ଦୃଢ଼ ନିଶ୍ଚିତ ହେଉଛୁ । କାରଣ ତାଙ୍କର ଇଣ୍ଟରଭ୍ୟୁ (ନାଁ ଲେଖାପାଇଁ) ନିହାତି ଆପଣେଇ ନେଲାଭଳି । ସତେ ଯେମିତି 'ନନା' ପ୍ରଶ୍ନକଲାଭଳି ଲାଗୁଥାଏ ବାତ୍ସଲ୍ୟ ସ୍ନେହରେ ପୁଅକୁ ! ସିଏ ଶାସ୍ତ୍ର ପଢ଼ୁରୁ ନଥିଲେ କି ପାଠ ପଢ଼ୁରୁ ନଥିଲେ । ଶାସ୍ତ୍ର ପାଠ ପଢ଼ୁର କଷ୍ଟ ନେଉଥିଲେ କେଉଁ ପିଲା ପଢିପାରିବ । ଖାଲି ପଢ଼ିବନି ତ ଓତଃପ୍ରୋତଃ ଭାବରେ ଜଡ଼ିତ ହେବ ଶେଷ ପର୍ଯ୍ୟନ୍ତ ତିଷ୍ଠି ରହିବ । ଏଇଟା ଅନେକାଂଶରେ ମୋ ଭଳି ଅନେକ ଛାତ୍ର ମଧ୍ୟ ସ୍ୱୀକାର କରିବେ ।

ସାରଙ୍କ ସହାଗରେ ନ ପଢିଥିବା ଛାତ୍ରଟିଏ ମଧ୍ୟ ନିଶ୍ଚିତ ଭାବେ ସାରଙ୍କ ହାବୁଡ଼େ ପଡିଥିବ । ଏବଂ ଅନେକଙ୍କର ଘର, ପୂର୍ବପୁରୁଷ ତଥା ପରିବାର ବିଷୟ ମଧ୍ୟ ସାର ମନେ ରଖିଥାନ୍ତି । ଦେଖାହେଲେ ସେ ସବୁ କଥା ସହିତ ସେ ଅଞ୍ଚଳ କଥା ପଚାରି ବୁଝନ୍ତି ।

ସାର୍ ଯେ କେବଳ ସଂସ୍କୃତ ପଣ୍ଡିତ ତିଆରି କରୁଥିଲେ, ସଂସ୍କୃତ ବଂଶବୃଦ୍ଧି କରିବାରେ ଲାଗିଥିଲେ ତାହା ନୁହେଁ, ତାହା ସହିତ ସଂସ୍କୃତ ଗ୍ରନ୍ଥ ତିଆରି କରୁଥିଲେ । ଉତ୍କଳୀୟ ପଣ୍ଡିତମାନଙ୍କୁ ଖୋଜି ଲୋଡ଼ି ସର୍ବଭାରତୀୟ ସ୍ତରରେ ପହଞ୍ଚାଇବାପାଇଁ ଗ୍ରନ୍ଥମାନ ତିଆରି (ସଂପାଦନା) କରୁଥିଲେ । ସେଥିପାଇଁ ଶ୍ରମଶ୍ରାଦ୍ଧ ସହିତ ଅର୍ଥଶ୍ରାଦ୍ଧ ମଧ୍ୟ କରୁଥିଲେ । ତାହା ପୁଣି ଶେଷ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ଇମିତିକି ଛପାପାଇଁ ସଂପୂର୍ଣ୍ଣ ଟଙ୍କା ଦେଇସାରି ଦୁଇଟା ବହି ଅଧାଛପା ରହିଛି ଚାଲିଗଲେ ।

ସାରଙ୍କ ସହିତ କେତୋଟି ସଭାରେ ଏକାଠି ଭାଷଣ ଦେବାର ସୌଭାଗ୍ୟ ମୁଁ ପାଇଛି । ସାରଙ୍କର ସେ-ଭାଷଣ ନୁହେଁ ତ ! ଯେପରି ପରସ୍ପର ଭାବ ବିନିମୟର ଅବସର ଓଡ଼ିଆ ଭାଷଣ ! ମୂଲିଆଟିଏ ବୁଝିପାରୁଥିବ । ସଂସ୍କୃତ ଭାଷଣ 'ମଧ୍ୟମା କିମ୍ବା ମାଟ୍ରିକ୍ ଗ୍ରୁଜଟିଏ ବି ବୁଝିପାରୁଥିବ । ବେଳେବେଳେ ଇମିତି ବାସ୍ତବବାଦୀ କଥାଗୁଡ଼ିଏ ସାରେ କହନ୍ତି ଯେ ଭାରି ଠୋସ୍ ଠାସ୍ କଥା ମନରେ ଲେପି ହୋଇଲେ ପରି ଲାଗୁଛି, ସିଏ ଚାଲିଗଲା ପରେ ।

ସଂସ୍କୃତ ପରିବାର ମଧ୍ୟରୁ ସିଏ ରାଷ୍ଟ୍ରପତି ସମ୍ମାନ ପାଇଲେ । ସେଇଟା କିନ୍ତୁ ତାଙ୍କର ଅବଦାନ ପାଇଁ ଯଥେଷ୍ଟ ବୋଲି ମୁଁ କାଇଁ ଗ୍ରହଣ କରିପାରୁନି । ଜୀବନକୁ ସବୁଦୃଷ୍ଟିରୁ ସଂସ୍କୃତ ପାଇଁ ଉତ୍ସର୍ଗ କରିଥିବା ଯୋଗୀ-ଟିଏ ପାଇଁ କ'ଣ ଅଧିକ ସମ୍ମାନ ଆଶା କଲେ ପ୍ରଣବ ଅଶୁଦ୍ଧ ହୋଇଯାଇଥାନ୍ତା? କାହାଠାରୁ ଆଶା କରିବା ? ଇୟେ ଗୋଟାଏ ସାଂଘାତିକ ପ୍ରଶ୍ନ । ଯାହାକୁ ସାମ୍ନା କରିବାକୁ ପ୍ରତ୍ୟେକ ଓଡ଼ିଆଙ୍କୁ ପ୍ରସ୍ତୁତ ହେବାକୁ ଆଜି କିଛି ବର୍ଷ ଲାଗିଯିବ । ପ୍ରଶ୍ନ କରିବା ତ ଦୂରର କଥା । ନହେଲେ କ'ଣ ସାରେ ଟିପ ମାରିଦେଲା ପରି ପଚାଶ ଓଡ଼ିଆ ପ୍ରବନ୍ଧ ଲେଖିସାରିବା ପରେ ବି ଓଡ଼ିଆ ସାହିତ୍ୟ ତାଙ୍କୁ ବାଟଆଡ଼େଇ ଚାଲି ଯାଇଥାନ୍ତା ?" ତଥାକଥିତ ଓଡ଼ିଆ ସାହିତ୍ୟର ଝଣ୍ଡା ଧରିଥିବା ମହାମହାରଥୀମାନେ ନିଜ ଜାଗିରଦାରି ଇଲାକାର ଚଉହଦୀ ମଧ୍ୟରେ ଯିମିତି କାହାକୁ ପୂରେଇ ନଦେବାକୁ କଙ୍କୁଲି ବାଡ଼ି ଧରି ଜଗିବସିଛନ୍ତି ଭୁବନେଶ୍ୱର ଠାରୁ ବାଲୁବଜାର ପର୍ଯ୍ୟନ୍ତ ।

ସାରଙ୍କଠାରୁ ଓଡ଼ିଆ ସାହିତ୍ୟ ଆହୁରି କିଛି ପାଇଥାନ୍ତା, ଯେତିକି ପାଇଲା ସଂସ୍କୃତ ସାହିତ୍ୟ । ଆମେ ହତଭାଗ୍ୟ ଓଡ଼ିଆର ହେଲେ ସାରଙ୍କୁ ହରାଇ ଦେଲୁ ତାଙ୍କଠାରୁ କିଛି ପାଇବା ପୂର୍ବରୁ । ✻✻✻

ଗବେଷଣା ବିଭାଗ,
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

ସାର୍‌ଙ୍କ ସମ୍ବନ୍ଧରେ

ଡକ୍ଟର ରମେଶ ଚନ୍ଦ୍ର ହୋତା

ଫେବୃୟାରୀ ୨୮ ତାରିଖରେ ଛୁଟି ପାଇଲି । "ପଣ୍ଡିତ କୁଳମଣି ମିଶ୍ର ଆଉ ଇହଜଗତରେ ନାହାନ୍ତି" ବଂଶୀ ଭାଇନାଙ୍କ (ନାଗପୁଣ ପ୍ରେସ୍) ଚିଠିଟି ପାଇ ହତପ୍ରଭ ହେଲି । ତାପରଦିନ ସାର୍‌ଙ୍କର ପ୍ରିୟ ପୁତ୍ରଜ ଧର୍ମଶାସ୍ତ୍ର ଅଧ୍ୟାପକ ବ୍ରଜସ୍ୱାମୀଙ୍କ ଏବଂ ସାରଙ୍କ ଜ୍ୟେଷ୍ଠ ପୁତ୍ର ରମାକାନ୍ତଙ୍କ ଠାରୁ ଅନୁରୂପ ଦୁଃସମ୍ବାଦ ପାଇ ବହୁତ ଦୁଃଖିତ ହେଲି । କ'ଣ ସାର୍‌ଙ୍କ ସହ ଆଉ ଦେଖା ହେବନି ? ଦୁଃଖ ନସବରେ ମୋର ହୃଦୟ ଭରିଗଲା । ସାର୍ ଇହଧାମରୁ ଚାଲିଗଲେ ସତ । କିନ୍ତୁ ସାରଙ୍କର ମଧୁରବାକ୍ୟ ନିରାଡମ୍ବର ଜୀବନ ଯାପନ ହିଁ ଆମ୍ଭମାନଙ୍କ ମନରେ ଯେପରି ଆଦର୍ଶ ପ୍ରତିବିମ୍ବରୂପେ ପ୍ରତିଫଳିତ ହୋଇଛି, ତାହା ଅବିସ୍ମରଣୀୟ ଅଟେ ।

୧୯୮୧ ମସିହାରେ ପୁରୀ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରୁ ମୋର ଆହ୍ଲାବାଦସ୍ଥିତ ଗଙ୍ଗାନାଥ ଝା କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠକୁ ବଦଳି ହେଲା । ସାରଙ୍କର ମୋ ପ୍ରତି ଆଦେଶ 'ରମେଶ ତୁ ଜୟକୃଷ୍ଣର କାର୍ଯ୍ୟ କରିବୁ' । ମୁଁ ସାର୍‌ଙ୍କର କଥାନୁସାରେ ସମୟେ ସମୟେ ସାର୍‌ଙ୍କ ପାଖକୁ ଗଙ୍ଗାଜଳ ପଠାଏ । ସାରେ ବହୁଖୁସି ହୁଅନ୍ତି । ଆହ୍ଲାବାଦ ଆସିଲେ ସାରେ ମୋ ପାଖରେ ରହନ୍ତି । ସାରଙ୍କ ସାନ୍ନିଧ୍ୟ ପାଇ ମୁଁ ଅତ୍ୟନ୍ତ ଖୁସି ହୁଏ । ମାଘମେଳା କ୍ଷେତ୍ରରେ ଆୟୋଜିତ ବିଶ୍ୱ ସଂସ୍କୃତ ସମ୍ମିଳନୀରେ ସାରଙ୍କ ଭାଷଣରେ ସମସ୍ତ ଶ୍ରୋତାଗଣ ମୁଗ୍ଧ ହୋଇ ଯାଇଥିଲେ । ସାର୍‌ଙ୍କ ଅସ୍ଥି ବିସର୍ଜନ ପାଇଁ ସାର୍‌ଙ୍କ ପୁତ୍ର ଶ୍ରୀମାନ୍ ରମାକାନ୍ତ ଏଠାକୁ ଯେଉଁଦିନ ଆସିଲେ ରାତିରେ ଆମେ ଦୁହେଁ ଗ୍ରୀଷ୍ମ ସମୟ ଯୋଗୁଁ ଛାତଉପରେ ଶୋଇଲୁ । ମୁଁ ସାର୍‌ଙ୍କୁ ସ୍ୱପ୍ନରେ ଦେଖିଛି, ସାର୍ ମୋ ପାଖରେ ବସିଛନ୍ତି ।

ସରସ୍ୱତୀଙ୍କ ବରପୁତ୍ର, ଜଗନ୍ନାଥଙ୍କ ପରମଭକ୍ତ ସାର୍ ଆମମାନଙ୍କ ପାଇଁ ଦେବତା ସ୍ୱରୂପ ଥିଲେ । ସାର୍‌ଙ୍କ ସମ୍ପର୍କରେ ଯେ ଥରେ ମାତ୍ର ଆସିଛି ସେ କଦାପି ଭୁଲି ପାରିବ ନାହିଁ । ପବିତ୍ର ଆତ୍ମା ସାର୍ ଆମମାନଙ୍କୁ ସ୍ୱର୍ଗଲୋକରୁ ଅମୃତଦୃଷ୍ଟିରେ ଦେଖୁଥିବେ ଏତିକିମାତ୍ର କାମନା କରି ରହୁଛି ।

***

ବିନମ୍ରାବତାର ପଣ୍ଡିତ କୁଳମଣି ମିଶ୍ର ମହାଶୟ

ଡକ୍ଟର ବଳରାମ ଦାସ

ଭାରତର ବିଦ୍ୟାନଗରୀ ଓ ସାଂସ୍କୃତିକ ରାଜଧାନୀ ବାରାଣସୀରେ ଅଠର ବର୍ଷ ଅଧ୍ୟୟନ କରିବା ସମୟରେ ଅନେକ ପ୍ରାଚ୍ୟବିଦ୍ୟା ବିଶାରଦ ଏବଂ ପାଶ୍ଚାତ୍ୟ ଭାଷା ତଥା ଜ୍ଞାନ-ବିଜ୍ଞାନରେ ନିପୁଣ ବିଶିଷ୍ଟ ବିଦ୍ୱାନମାନଙ୍କର ସାହଚର୍ଯ୍ୟ ପାଇଥିଲି । କିନ୍ତୁ, 'ବିଦ୍ୟା ଦଦାତି ବିନୟମ୍'ର ଯଥାର୍ଥ ଦୃଷ୍ଟାନ୍ତ ମିଳି ନଥିଲା । ୧୯୭୫ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ଯେତେବେଳେ ମୁଁ ଡକ୍ଟର ଏମ୍. ଡି. ବାଲସୁବ୍ରମଣ୍ୟମ୍ ମହାଶୟଙ୍କ ଆଗ୍ରହରେ ସଦାଶିବକେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠକୁ ଜଣେ ଅଳ୍ପକାଳିକ ହିନ୍ଦୀ ଅଧ୍ୟାପକ ଭାବରେ କାର୍ଯ୍ୟ କରିବା ପାଇଁ ପୁରୀ ଆସିଲି । ସେତେବେଳେ ଉକ୍ତ ବିଦ୍ୟାପୀଠରେ ମୋର କେହି ପରିଚିତ ନଥିଲେ । ସର୍ବପ୍ରଥମେ ଅହେତୁକ ବନ୍ଧୁ ଭାବରେ ପାଇଥିଲି ଶ୍ରୀ ବାଳୁକେଶ୍ୱର ପାଢ଼ୀଙ୍କୁ । (ସମ୍ପ୍ରତି ଉକ୍ତ ବିଦ୍ୟାପୀଠରେ ଇତିହାସ ଅଧ୍ୟାପକ ସେ ମୋର ସମବୟସ୍କ) । ଦ୍ୱିତୀୟ ବ୍ୟକ୍ତି ଥିଲେ ପଣ୍ଡିତ ଶ୍ରୀଯୁକ୍ତ କୁଳମଣି ମିଶ୍ର ମହାଶୟ । ଜ୍ଞାନ ଓ ବୟସ ଦୃଷ୍ଟିରୁ ସ୍ୱତଃ ସେ ଥିଲେ ମୋର ସମ୍ମାନାସ୍ପଦ ଏବଂ ଗୁରୁତୁଲ୍ୟ । ପାଢ଼ୀବାବୁ ଯେତେବେଳେ ତାଙ୍କୁ ମୋର ପରିଚୟ ଦେଲେ ସେତେବେଳେ ସେ ଏତେ ଆନନ୍ଦାଭିଭୂତ ହୋଇ ମୋର ସ୍ୱାଗତ କଲେ ଯେ ମୁଁ ଯାବଜ୍ଜୀବନ ତାହା ଭୁଲି ପାରିବି ନାହିଁ । କି ସ୍ନେହ ତାଙ୍କର ଜଣେ ଅପରିଚିତ ଅଧ୍ୟାପକଙ୍କ ପ୍ରତି ? ଯେତେବେଳେ ସେ ଜାଣିଲେ ଯେ ପ୍ରଥମେ ମୁଁ ସଂସ୍କୃତଗ୍ରନ୍ଥ ଓ ତା'ପରେ ଇଂରାଜୀ, ହିନ୍ଦୀ ଇତ୍ୟାଦିରେ ଉଚ୍ଚତର ଶିକ୍ଷା ଓ ଉପାଧି ପାଇଛି । ସେ ଆନନ୍ଦରେ କହିଲେ ଏପରି ଜଣେ ଅଧ୍ୟାପକ ପାଇ ବିଦ୍ୟାପୀଠ ଧନ୍ୟ ହୋଇଛି ଓ ଆମେ ନିଜକୁ ମଧ୍ୟ ଧନ୍ୟ ମନେ କରୁଛୁ । ପଣ୍ଡିତ ମହାଶୟ ନିଜମାତୃଭାଷାପରି ସହଜ, ସରଳ ଓ ସୁବୋଧ ସଂସ୍କୃତ ଭାଷାରେ ମୋ ସହିତ ଦୀର୍ଘସମୟ ଧରି କଥାବାର୍ତ୍ତା ହେଲେ । ବିଶେଷଭାବରେ କାଶୀର ଅଧ୍ୟୟନ, ଅଧ୍ୟାପନ ତଥା ଗବେଷଣା ସଂପର୍କରେ ଓ ସାମାଜିକ ଚଳଣି ବିଷୟରେ ବୁଝିନେଉ ଥିଲେ । ତାଙ୍କ ବାର୍ତ୍ତାଳାପରୁ ତାଙ୍କ ଜିଜ୍ଞାସୁ ମନୋଭାବ ଏବଂ ପାଣ୍ଡିତ୍ୟ ଉଦ୍ଭାସିତ ହେଉଥିଲା । ଏଥିସହିତ ତାଙ୍କର ବିନମ୍ର ବ୍ୟକ୍ତିତ୍ୱ ଏତେ ସ୍ନେହପୂର୍ଣ୍ଣ ତଥା କୋମଳ ଥିଲା, ଯାହାକି ସାଂପ୍ରତିକ

ସମାଜରେ ଖୋଜିଲେ ମିଳିବା ସହଜ ନୁହେଁ । ମତେ ଜଣାଗଲା ମୁଁ ସାକ୍ଷାତ୍ ଜଣେ ବିନମ୍ର ଅବତାରଭୁକ୍ତ ମହାପୁରୁଷଙ୍କର ସାନ୍ନିଧ୍ୟ ଲାଭ କରିଛି । ପ୍ରକୃତରେ ଆଜିହିଁ ସଜ୍ଜନ ସାହାଚର୍ଯ୍ୟ ମିଳିଲା ଓ ମନେ ପଡିଗଲା ଭର୍ତ୍ତୃହରିଙ୍କର ନୀତିଶ୍ଳୋକ —

ଜାଡ୍ୟଂ ଧିୟୋ ହରତି ସିଞ୍ଚତି ବାଚି ସତ୍ୟଂ
ମାନୋନ୍ନତିଂ ଦିଶତି ପାପମପାକରୋତି ।
ଚେତଃ ପ୍ରସାଦୟତି ଦିକ୍ଷୁ ତନୋତି କୀର୍ତ୍ତିଂ
ସତ୍ ସଂଗତିଃ କଥୟ କିଂ ନ କରୋତି ପୁଂସାମ୍ ॥

ପଣ୍ଡିତ ମହାଶୟଙ୍କ ଏକ ଆକର୍ଷକ ବ୍ୟକ୍ତିତ୍ୱ ଥିଲା ବିନମ୍ର ସ୍ୱଭାବ ସହିତ ସର୍ବଦା ହସ ହସ ମୁଖ । ପ୍ରଥମ ସାକ୍ଷାତ ପରେ ଅନ୍ୟ ସମୟରେ ଯେତେବେଳେ ଦେଖା ହୁଏ ସଂକ୍ଷେପରେ ସେ ଭଲ-ମନ୍ଦ, ଖାଦ୍ୟ-ପେୟ ଓ ବସ-ବାସ ବିଷୟ ପଚାରି କହୁନା କହୁ ଶାସ୍ତ୍ରଚର୍ଚ୍ଚା କରନ୍ତି ।

ସେ ଥିଲେ ଧର୍ମଶାସ୍ତ୍ରର ଜଣେ ପ୍ରବୀଣ ପଣ୍ଡିତ ଓ ଅଧ୍ୟାପକ, ତାହା ସହିତ ବ୍ୟାକରଣ, ସାହିତ୍ୟ, ଦର୍ଶନ, ଜ୍ୟୋତିଷ ଆଦି ବିଷୟରେ ତାଙ୍କର ପାଣ୍ଡିତ୍ୟ କମ୍ ନଥିଲା । ଅନାବଶ୍ୟକ ସାଂସାରିକ କିମ୍ବା କୁଟିଳ ରାଜନୀତି ଚର୍ଚ୍ଚା ନକରି ସଦୈବ ସେ ଶାସ୍ତ୍ରାଧ୍ୟୟନ ଶାସ୍ତ୍ରୀୟ ଚର୍ଚ୍ଚା, ଅଧ୍ୟାପନ ଓ ଗବେଷଣାରେ ନିମଜ୍ଜିତ ରହୁଥିଲେ । ସେ ଥିଲେ ଏକ ସହୃଦୟ ବିଦଗ୍ଧ କବି ମଧ୍ୟ । ଧର୍ମଶାସ୍ତ୍ରଶବ୍ଦକୋଷ ଧ୍ୱନ୍ୟାଲୋକର ଅନୁବାଦ ଓ ଅନ୍ୟାନ୍ୟ କେତେ ଗୁଡିଏ ଗ୍ରନ୍ଥ ତାଙ୍କ ଅଧ୍ୟବସାୟର ପ୍ରତିଫଳନ ।

ନିରଳସତା ଥିଲା ତାଙ୍କର ସ୍ୱାଭାବିକ ଗୁଣ । କର୍ତ୍ତବ୍ୟ ପ୍ରତି ସେ କେବେହେଲେ ଅବହେଳା କରୁ ନଥିଲେ । ଶ୍ରୀକ୍ଷେତ୍ରର କେତେକ ସାଂସ୍କୃତିକ ସଂସ୍ଥା ସହ ସେ ସଂପୃକ୍ତ ଥିଲେ କିନ୍ତୁ କଦାପି ଅର୍ଥଲିପ୍ସା କିମ୍ବା ବ୍ୟକ୍ତିଗତ ସ୍ୱାର୍ଥରେ ଜଡିତ ନଥିଲେ ।

ଆସ୍ତିକତାର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ । ଶ୍ରୀକ୍ଷେତ୍ରରେ ଥିବା ସମୟରେ ସେ ନିୟମିତ ଭାବେ ଜଗନ୍ନାଥଙ୍କ ଦର୍ଶନ କରୁଥିଲେ ଓ ଶ୍ରୀମନ୍ଦିର ପରିକ୍ରମା କରୁଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ନିଜ ବାସୋଦ୍ୟାନକୁ

କିଛି ପୁଷ୍ପ ଚୟନ କରି ଗୋଟିଏ ତାମ୍ର ପାତ୍ରରେ ନେଇ ଜଗନ୍ନାଥ ମନ୍ଦିରକୁ ଯିବାବେଳେ ତାଙ୍କୁ ଅନେକ ଦେଖିଥିବେ । ନିରାଡ଼ମ୍ବର ବେଶଭୂଷା, ବିଶୁଦ୍ଧ ଭାରତୀୟ ଧୋତି, ଉତ୍ତରୀୟ ଓ ଅଙ୍ଗବସ୍ତ୍ର ଧାରଣ କରି ନିଜର ସାତ୍ତ୍ୱିକ ଜ୍ୟୋତିରେ ଛାତ୍ର, ଅଧ୍ୟାପକ ଓ ଜନସାଧାରଣଙ୍କର ସେ ପ୍ରୀତିଭାଜନ ହୋଇ ପାରିଥିଲେ । ପ୍ରକୃତରେ ସେ ଥିଲେ ଅଜାତଶତ୍ରୁ ।

ବହୁଧା ମୋର ତାଙ୍କ ସହ ଦେଖାହୁଏ ଲକ୍ଷ୍ମୀ ମନ୍ଦିରର ଜଗମୋହନ କମ୍ବା ମୁଖଶାଳାରେ । ଏହା ଏକ ସଂଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୭୭ ଜୁଲାଇ ମାସରେ ମୁଁ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରୁ ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର ଗୁଲିଗଲି । ମୋ ଯିବାବେଳେ ସେ ଦୁଃଖୀଥିଲେ; ତା ସହିତ କହିଥିଲେ, "ବାଇବି ଦଉଡ଼ି ମଣିଷ ପାଣି ଯେଣିକି, ଟାଣିକି ତେଣିକି ଯାଇ ।" ଆପଣ ଯାନ୍ତୁ, ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । ଏହାପରେ ମୁଁ ଯେତେବେଳେ ପୁରୀ ଆସେ ପଣ୍ଡିତ ମହାଶୟଙ୍କର ଦର୍ଶନ ମିଳେ ସେହି ଲକ୍ଷ୍ମୀମନ୍ଦିରଠାରେ । ଶ୍ରୀ ମନ୍ଦିର ଦେବ-ଦେବୀ, ଐତିହ୍ୟ, କିମ୍ବଦନ୍ତୀ, ଶାସ୍ତ୍ରୀୟତା, ଗୁଣ-ଦୋଷ ଓ ସାମାଜିକତା ସମ୍ବନ୍ଧରେ ତାଙ୍କର ଗଭୀର ଜ୍ଞାନ ଥିଲା । ସେ ବିଷୟରେ ବହୁଧା ଆମର ଚର୍ଚ୍ଚା ହୁଏ । ପଣ୍ଡିତ ମହାଶୟ ବହୁଜ୍ଞ ଓ ବହୁଶ୍ରୁତ ଥିଲେ । ନିଜକୁ ସେ ଜଣେ ବିଦ୍ୟାର୍ଥୀ ବୋଲି ଭାବୁଥିଲେ ଓ ଅନ୍ୟଠାରୁ କିଛି ନା କିଛି ଜାଣିବାପାଇଁ ଲାଳାୟିତ ରହୁଥିଲେ ।

ସେ ଥିଲେ ଛାତ୍ରବତ୍ସଳ ଅଧ୍ୟାପକ । ତାଙ୍କର ଅଧ୍ୟାପନା ଶୈଳୀ ଅତି ଚମତ୍କାର ଓ ହୃଦ୍‌ବୋଧ ଥିଲା । କେବଳ ସେତିକି ନୁହେଁ ଛାତ୍ର ଛାତ୍ରୀମାନଙ୍କର ଚାଲି-ଚଳଣି, ବ୍ୟବହାର, ଅଭାବ-ଅସୁବିଧା ଓ ବସ-ବାସ ପ୍ରତି ସେ ନିରନ୍ତର ଧ୍ୟାନ ଦେଉଥିଲେ । ଯେଉଁ ଛାତ୍ରମାନେ ତାଙ୍କ ଅନ୍ତେବାସୀ ଥିଲେ, ସେମାନେ ସର୍ବଦା ପଣ୍ଡିତ ମହାଶୟଙ୍କର ଗୁଣଗାନ କରନ୍ତି । ଏପରି କି ତାଙ୍କ ମଧୁର ବ୍ୟବହାର ଦ୍ୱାରା ଧୃଷ୍ଟ ଛାତ୍ରମାନେ ମଧ୍ୟ ଶିଷ୍ଟ ଗୁଣବିମଣ୍ଡିତ ହେବାର ଦୃଷ୍ଟାନ୍ତ ଅଛି । ନିଜ ଅଧ୍ୟାପନ ବୃତ୍ତିରେ ମୂଳତଃ ସେ ସନ୍ତୁଷ୍ଟ ଥିଲେ । ତାଙ୍କ ଭିତରେ ହୀନମନ୍ୟତା ନ ଥିଲା ।

ଆଜି ପଣ୍ଡିତ ମହାଶୟ ଇହ ଜଗତରେ ନାହାନ୍ତି ବୋଲି ମୁଁ ବିଶ୍ୱାସ କରି ପାରୁନାହିଁ ଏବେ ମଧ୍ୟ ଜଣାଯାଏ ଯେ ପଣ୍ଡିତଙ୍କ ଶ୍ରୀକ୍ଷେତ୍ରରେ

ଅତ୍ୟନ୍ତ କୀର୍ତ୍ତି ସ୍ୱରୂପରେ । ସଂପ୍ରତି ତାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ସ୍ମୃତିରକ୍ଷା ସହ ତାଙ୍କ ପ୍ରଦର୍ଶିତ ଅଧ୍ୟାପନା ଓ ଗବେଷଣା ମାର୍ଗକୁ ପ୍ରଶସ୍ତ କରିବା ହେଉଛି ସରକାରଙ୍କର ଓ ଜନସାଧାରଣଙ୍କର ପବିତ୍ର କର୍ତ୍ତବ୍ୟ । କାହିଁକି ନା କୁହାଯାଏ ଯେ 'ପ୍ରତିବଧ୍ନାତି ହି ଶ୍ରେୟଃ ପୂଜ୍ୟପୂଜାବ୍ୟତିକ୍ରମଃ ।' ଯେତେବେଳେ ଆମେ ଭାରତବାସୀ ଗର୍ବକରୁ ଏବଂ କହୁ ଯେ 'ଭାରତସ୍ୟ ପ୍ରତିଷ୍ଠେ ଦ୍ୱେ ସଂସ୍କୃତଂ ସଂସ୍କୃତିସ୍ତଥା ।' ସେତେବେଳେ ଏକଥା ମନେ ରଖିବାକୁ ହେବ ଯେ ପଣ୍ଡିତ ମହାଶୟଙ୍କ ପରି କେତେକ ବିଦ୍ୱାନଙ୍କ ଦ୍ୱାରା ହିଁ ଏହାର ସୁରକ୍ଷା ହୋଇ ପାରିଛି । ଅତଏବ ତାଙ୍କ କାର୍ଯ୍ୟକୁ ଆଗେଇ-ନେବା ଓ ତାଙ୍କ ପନ୍ଥାଙ୍କ ଅନୁସରଣ କରିବା ହେବ ତାଙ୍କ ପାଇଁ ଯଥାର୍ଥ ଶ୍ରଦ୍ଧାଞ୍ଜଳି । ସେ ଆମର ଚିରସ୍ମରଣୀୟ ଓ ନମସ୍ୟ । ବସ୍ତୁତଃ ସେ ଥିଲେ ଉତ୍କଳ ଜନନୀଙ୍କର କୁଳମଣି ଓ ଆମ ସମସ୍ତଙ୍କର ପ୍ରେରଣା ଦାତା ।

ବିନାୟକ ଆଚାର୍ଯ୍ୟ କଲେଜ, ବ୍ରହ୍ମପୁର

ଦୟା, ସ୍ନେହ ଓ ସଦ୍‌ଭାବର ଅବତାର

ପଣ୍ଡିତ ଦୁର୍ଗାଚରଣ ଦାଶ

ଶ୍ୱେତ ବସନ, ଗୌରବର୍ଣ୍ଣ, ଚନ୍ଦନ ଚର୍ଚ୍ଚିତ ଚନ୍ଦ୍ରଧବଳ ଲଲାଟ ମଣ୍ଡଳ, ସଦା ହାସ୍ୟମୁଖ, ଆମ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ବର୍ତ୍ତମାନ ଧର୍ମଶାସ୍ତ୍ରାଧ୍ୟାପକ ଥିଲେ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ଶର୍ମା । ଯେ କି ସହକର୍ମୀଙ୍କ ଦ୍ୱାରା ପଣ୍ଡିତଜୀ ତଥା ବିଦ୍ୟାର୍ଥୀଙ୍କ ଦ୍ୱାରା କୁଳମଣି ସାର୍ ନାମରେ ପରିଚିତ ।

ଯଦିଓ ସେ ଧର୍ମଶାସ୍ତ୍ର ପଢାଉଥିଲେ ତଥାପି ଧର୍ମ ନାମରେ କୁପରମ୍ପରା ଯୁକ୍ତ ଅନ୍ଧ ବିଶ୍ୱାସର ସେ ଥିଲେ ଘୋର ବିରୋଧୀ । ଥରେ ଏକ ଘରୋଇ ଉତ୍ସବରେ ତାଙ୍କ ସହିତ ଆମେ କେତେଜଣ ଯୋଗଦେଇଥିଲୁ, ସେଠାରେ ଛତିନାଥ ମେଳା ହେଉଥାଏ । ଆମେ ଲକ୍ଷ୍ୟ କଲୁ ଏ ପ୍ରକାର କାର୍ଯ୍ୟ ପାଇଁ ସେ ନିଜର ଆଗ୍ରହ ଜମାରୁ ପ୍ରକାଶ କରୁ ନାହାନ୍ତି । କିଛି କ୍ଷଣ ଗଲାପରେ ସେ କହିଲେ—"ଯେଉଁଠି ଠାକୁରଙ୍କ ନାମରେ ଗଞ୍ଜେଇ

ଭୋଗକରି ତାହା ପାନକରିବାକୁ ଶିକ୍ଷା ଦିଆଯାଏ, ତାହା କେବେହେଲେ ଧର୍ମଶାସ୍ତ୍ର ସମ୍ମତ ହୋଇ ନ ପାରେ । ମାତ୍ର ଉପସ୍ଥିତ ନ ହେଲେ ସମ୍ପର୍କୀୟଙ୍କ ମନ ଦୁଃଖ । ସଂସାରରେ ଯେଣୁ ଅଛୁ ତେଣୁ ଆସିବାକୁ ବାଧ୍ୟ ହେଲି ।

ଯଦ୍ୟପି ସିଦ୍ଧମ୍ ଲୋକବିରୁଦ୍ଧମ
ନାଦରଣୀୟମ୍ ନାଚରଣୀୟମ୍ ॥

ସଂସାରୀ ପ୍ରତି କ୍ଷତିକାରକ ନିଶା ଦ୍ରବ୍ୟକୁ ପ୍ରସାଦ ନାମରେ ଗ୍ରହଣ କରିବା କଳ୍ପିତ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ କାର୍ଯ୍ୟ, ଏହା କେବେହେଲେ ଧର୍ମଶାସ୍ତ୍ରାନୁମୋଦିତ ନୁହେଁ ।" ସତରେ କେତେ ସୁଦୂର ପ୍ରସାରୀ ତାଙ୍କର ଚିନ୍ତାଧାରା ।

ବିଦ୍ୟାପୀଠ ହେଉ ବା ତାଙ୍କର କୁଟୀର ହେଉ, ଯେତେବେଳେ କେହି କୌଣସି ସାହାଯ୍ୟ ଚାହେଁ, ସେ ତାହା କାୟମନୋବାକ୍ୟରେ ପୂରଣ କରୁଥିଲେ । ନିଜେ ଧର୍ମଶାସ୍ତ୍ରାଧ୍ୟାପକ ହେଲେ ମଧ୍ୟ କୌଣସି ପିଲାକୁ ଏହି ବିଷୟ ବାଧ୍ୟକରି ପଢିବାକୁ କହି ନାହାନ୍ତି । ସେ କୁହନ୍ତି— "ବିଦ୍ୟାକୁ ବିଦ୍ୟାର୍ଥୀ ରୁଚି ଅନୁଯାୟୀ ପଢିବା ଉଚିତ୍ । ବାଧ୍ୟଲବ୍ଧ ଶିକ୍ଷା ସ୍ଥାୟୀ ହୁଏନା, ବରଂ ଆଗ୍ରହର ସହ ଗ୍ରହଣ କଲେ ତାହା ପୂର୍ଣ୍ଣ ହୁଏ ।" ନୂତନ ବିଦ୍ୟାର୍ଥୀଙ୍କର ଶିକ୍ଷା ଗ୍ରହଣ ବେଳେ ବିଭିନ୍ନ ଭୁଲ ହୋଇଥାଏ । ସେଥିରେ ସେ କ୍ଷୁର୍ଣ୍ଣ ନ ହୋଇ ବରଂ ଅଧିକ ଚେଷ୍ଟା କରିବାକୁ ଉତ୍ସାହ ଦେଉଥିଲେ । ସେ କହନ୍ତି "ସଂସ୍କୃତରେ ନିର୍ଭୁଲ ଭାବରେ କିଛି ଲେଖିବାକୁ ଚାହୁଁଥିଲେ ତୁମେ ଶ୍ଳୋକ ରଚନା କରି ଦେଖାଅ । ଏହାଦ୍ୱାରା ତୁମମାନଙ୍କର ବ୍ୟାକରଣଗତ ଶୁଦ୍ଧତା ବୃଦ୍ଧି ପାଇବ ଓ ଏକ ଶ୍ଳୋକ ରଚିତ ହେବାପରେ ଯେଉଁ ଆନନ୍ଦ ପାଇବ ତାହାର ମୂଲ୍ୟ କଳନାତୀତ ।" ତାଙ୍କର ଏହି ଉକ୍ତିର ଯାଥାର୍ଥ୍ୟ ଆମେ ମର୍ମେ ମର୍ମେ ଅନୁଭବ କରି ଆସିଛୁ ।

ଉଚ୍ଚ ଶିକ୍ଷା ପାଇଁ ଯେଉଁମାନେ ସଂସ୍କୃତ ବିଷୟକୁ ବାଛି ନେଇଥାନ୍ତି ସାଧାରଣତଃ ଦେଖାଯାଏ ସେମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥାଏ । ସେଥିପାଇଁ ଅଧିକାଂଶ ବିଦ୍ୟାର୍ଥୀ କୌଣସି ଧନିକର ବା ମଠର ସହାୟତା ଲୋଡ଼ିଥାନ୍ତି । ତଥାପି ଆବଶ୍ୟକୀୟ ପୁସ୍ତକ କ୍ରୟ ନିମିତ୍ତ ଅର୍ଥାଭାବରୁ

ଅଧ୍ୟାପକମାନଙ୍କ ସାହାଯ୍ୟ ନିଆଯାଇଥାଏ । ଏହି ବିଦ୍ୟାପୀଠର ଅଧ୍ୟାପକମାନେ ମଧ୍ୟ ଯଥା ସମ୍ଭବ ଅର୍ଥ ଦେଇ ଥାଆନ୍ତି । ଏପରି କ୍ଷେତ୍ରରେ କୁଳମଣି ସାରଙ୍କର ଅବଦାନ ଅଛି । କୌଣସି ବିଦ୍ୟାର୍ଥୀର ଦୁଃସ୍ଥିତି ଶୁଣିଲେ ସେ ଧନଦାନ ସହ ଛାତ୍ରର ମାନସିକ ସ୍ଥିରତା ପାଇଁ ଅନେକ ବୁଝାଇ ଥାଆନ୍ତି । ତାଙ୍କ ହସ ହସ ମୁଖରେ ମଧୁର କଥା ଏବେ ବି ମନରେ ଚିରପରି ଅଙ୍କି ହୋଇଯାଏ । କୌଣସି ଛାତ୍ର ଉଚ୍ଛୃଙ୍ଖଳ ହେଲେ ସେ କହନ୍ତି "ତୁମ୍ଭେ ସଂସ୍କୃତ ପଢିବାକୁ ଏଠାକୁ ଆସିଛ, ବ୍ରାହ୍ମଣ ପରି ବ୍ୟବହାର କର," ମୁଁ ଲକ୍ଷ୍ୟ କରିଛି ତାଙ୍କର ଏହି ବାଣୀ ଉଦ୍ଧତଙ୍କୁ ହତବାକ୍ କରି ଦେଇଛି ।

ସ୍ୱାସ୍ଥ୍ୟ ତଥା ଶୃଙ୍ଖଳା ରକ୍ଷା ଦାୟିତ୍ୱକୁ ସାର୍ ଛାତ୍ରାବାସର ନିରୀକ୍ଷକ ଥିବା ସମୟରେ ପଦେ ପଦେ ଜଗି ରଖୁଥିଲେ । ଭୋଜନ ସମୟରେ ଉପସ୍ଥିତ ରହି ଖାଦ୍ୟର ପରିମାଣ ତଥା ଗୁଣାତ୍ମକ ମୂଲ୍ୟାୟନ ନିର୍ଣ୍ଣୟ କରୁଥିଲେ । କିଛି ଦିନ ବ୍ୟବଧାନରେ ବିଦ୍ୟାର୍ଥୀମାନେ ବ୍ୟବହାର କରୁଥିବା ପାଇଖାନା ପରିଷ୍କାର ରହୁଛି କି ନାହିଁ ଜାଣିବା ପାଇଁ ନିଜେ ଗାମୁଛା ପିନ୍ଧି ବୁଲି ଆସୁଥିଲେ ।

ଅନେକ ପଞ୍ଜିକାର ଏହି ସାରଙ୍କଠାରୁ ବିଭିନ୍ନ ଧର୍ମ ସଙ୍କଟ ସମୟରେ ଧର୍ମଶାସ୍ତ୍ରାନୁମୋଦିତ ପ୍ରାୟଶ୍ଚିତ୍ତ କର୍ମମାନ ଗ୍ରହଣ କରି ଲିପିବଦ୍ଧ କରି ଥାଆନ୍ତି । ପୁରୀସ୍ଥ ଜେଲ ମଧ୍ୟରେ ରବିବାସରୀୟ ଧର୍ମସଭାରେ ଉଦ୍‌ବୋଧନ ଦେଇ ବିଚାରାଧୀନ ବ୍ୟକ୍ତିଙ୍କ ନୈତିକ ଉନ୍ନତି ନିମିତ୍ତ ସାର୍ ସତତ ଚେଷ୍ଟିତ ଥିଲେ । ଗୁରୁ ସାର୍‌ଙ୍କ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଏତିକି ମିନତି ତାଙ୍କର ଅମରାତ୍ମା ଆମ୍ଭମାନଙ୍କୁ ସତ୍ ପଥରେ ପରିଚାଳିତ କରୁ ।

●

ବଇତାଳ ବିଦ୍ୟାପୀଠ

ସାରଙ୍କ ପାଇଁ ପଦେ

ରବି ଚରଣ ରଥ

ଏହି ମାଟିରେ ଜନ୍ମନେଲେ ଦିନେ ନା ଦିନେ ମରିବାକୁ ହୁଏ । ଏଇଟା କିଛି ନୂଆ ନୁହେଁ । ଯିଏ ଜନ୍ମ ନିଏ ତାର କିଛି ଭୂମିକା ଏଠାରେ ଥାଏ । ରଙ୍ଗମଞ୍ଚରେ ରସ ଆସ୍ୱାଦନ କରିବା ଯାହା, କେଉଁ ଭୂମିକାରେ କିଏ ଭଲ କରିଛି, କିଏ ମନ୍ଦ କରିଛି କହିବା ସେୟା ନୁହେଁ । ସେଠାରେ ଦର୍ଶକମାନେ ବିଚାରକ । ସମସ୍ତଙ୍କର ମତ ଭିନ୍ନ । ଭିନ୍ନ ଭିନ୍ନ ମତ ହୋଇ ମଧ୍ୟ ବିଚାର ସମସ୍ତଙ୍କର ପ୍ରାୟ ଏକ ହୁଏ । ପଣ୍ଡିତ କୁଳମଣି ମିଶ୍ରଙ୍କ ଭୂମିକା ଆମେ କ'ଣ କହିବା ? ପରବର୍ତ୍ତୀ ଉତ୍କଳୀୟ ଧର୍ମ ନିବନ୍ଧକାରମାନେ ତାହା କହିପାରିବେ ।

ପଣ୍ଡିତ କୁଳମଣି ମିଶ୍ର (ମୋ ସା'ର୍)ଙ୍କ ସହିତ ପ୍ରତ୍ୟକ୍ଷରେ ଆସିଲି ୧୯୮୧ ମସିହାରେ । ତା ପୂର୍ବରୁ ମୁଁ ଯେ ଅପରିଚିତ ଥିଲି ତାହା ନୁହେଁ । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଶିଷ୍ୟ ଭାବରେ ମୋ ନନା ତାଙ୍କୁ 'କୁଳମଣି ଭାଇନା' ବୋଲି ଡାକନ୍ତି । ପ୍ରଥମେ ପ୍ରଥମେ ମୁଁ କେତେଥର 'ଦଦେଇ' ଡାକିବା ମୋର ମନେ ପଡ଼ୁଛି । ପରେ କିନ୍ତୁ ମୋର ସାର୍ ଡାକିବା ଅଭ୍ୟାସଟା ସବୁଦିନପାଇଁ ରହିଗଲା । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କୁ ମୁଁ ବାପା (ଜେଜେ) ଏବଂ ତାଙ୍କ ସ୍ତ୍ରୀଙ୍କୁ ମା' ବୋଲି ଡାକେ । ମା'ଙ୍କ ମୁହଁରୁ ସାର୍‌ଙ୍କ ପିଲାଦିନର କଥା ତଥା ଗୁରୁଭକ୍ତି ବିଷୟରେ ଶୁଣିଥିଲି । ସାର୍ ଛୋଟବେଳେ ଗାଁରୁ (ହଳଦିଆରୁ) ଆସି ପୁରୁଣା ଭୁବନେଶ୍ୱରସ୍ଥ ବାପାଙ୍କ ଘରେ ରହି ପଢ଼ାପଢ଼ି କରନ୍ତି । ସେ ପଢ଼ୁଥିବାବେଳେ ସାହିରେ ନାଟ ତାମସା ହେଲେ ମା କୁହନ୍ତି ଆରେ କୁଳମଣି ଯାଉନୁ ନାଟ ଦେଖିବୁ । ସାର୍ କୁହନ୍ତି ମା' ମୋତେ ସେଗୁଡ଼ାକ ଭଲ ଲାଗେନା । ଏହା କହି ଘରର କବାଟ ଝରକା ଦେଇ ପାଠ ପଢନ୍ତି । ଯେତେ ଜୋରରେ ପାଟିତୁଣ୍ଡ ହେଲେ ମଧ୍ୟ ସେ ପାଠ ପଢାରୁ ଉଠି ଦେଖିବାକୁ ଆସନ୍ତି ନାହିଁ । ଅତି ଅଳ୍ପ ବୟସରୁ ତାଙ୍କର ପଢିବାର ଆଉ ଲେଖିବାର ଥିଲା ପ୍ରଗାଢ଼ ନିଷ୍ଠା । ଯାହା କି ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିଲା ।

ସାର୍‌ଙ୍କର ଯେ ଖାଲି ପଢିବାରେ ଲେଖିବାରେ ପ୍ରଗାଢ ନିଷ୍ଠା ଥିଲା ତାହା ନୁହେଁ, ଧର୍ମଶାସ୍ତ୍ରୀୟ ସମସ୍ୟା ସମାଧାନର ଗଭୀରତା ଅତୁଳନୀୟ ଥିଲା । ଶ୍ରୀପଞ୍ଚମୀ ତଥା ଅଶୋକାଷ୍ଟମୀ ଭଳି କେତେକ ସ୍ଥଳରେ ସାର୍ ତାଙ୍କର ସ୍ୱକୀୟ ମତ ତୁଳନାତ୍ମକ ଭଙ୍ଗୀରେ ଏପରି ସମାଧାନ କରିଛନ୍ତି ଯେ କୌଣସି ଲୋକ ତାକୁ ସହଜରେ ହୃଦୟଙ୍ଗମ କରିପାରିବ । ଶ୍ରୀପଞ୍ଚମୀରେ କୁନ୍ଦକୁସୁମ ଚୟନ ସମୟ ପ୍ରାତଃକାଳ ଦର୍ଶାଇ ସାୟଂକାଳର ନିଷେଧ କରିଛନ୍ତି । ପୁନଶ୍ଚ ତାର ପୂଜାକାଳ ପ୍ରାତଃସମୟ ବୋଲି ପ୍ରମାଣିତ କରିଛନ୍ତି । ଅଶୋକାଷ୍ଟମୀର ଅଶୋକ କଳିକା ପାନକୁ ଭୋଜନ ସମୟ (ମଧ୍ୟାହ୍ନ) ରେ ପ୍ରମାଣିତ କରି ତାର ସମୟ ମଧ୍ୟାହ୍ନ ବୋଲି ପ୍ରମାଣିତ କରିଛନ୍ତି । ସାର୍‌ଙ୍କର ଏହି ନିର୍ଣ୍ଣୟ ପରବର୍ତ୍ତୀ ଧର୍ମ ନିବନ୍ଧକାରମାନଙ୍କୁ କେତେ ଯେ ଉପାଦାନ ଯୋଗାଇବ ତାହା କହିବା ସମ୍ଭବ ନୁହେଁ । ସମୟ ଆସିପାରେ "ଉତ୍କଳୀୟ ଧର୍ମଶାସ୍ତ୍ରକୁ ପଣ୍ଡିତ କୁଳମଣି ମିଶ୍ରଙ୍କ ଦାନ" ସମ୍ପର୍କୀୟ ପ୍ରଶ୍ନ ଯେ ନ ଆସିବ ତାହା କିଏ କହିବ । ଏହି ବିଷୟରେ ଏକ ଗବେଷଣାତ୍ମକ ପ୍ରବନ୍ଧ ମଧ୍ୟ ଲେଖା ଯାଇପାରେ ।

ସାର୍‌ଙ୍କୁ ଯିଏ ଦେଖିବ ସିଏ ତାଙ୍କୁ ଜଣେ ପରମ୍ପରାଗତ ପଣ୍ଡିତ ଭାବରେ ଗ୍ରହଣ କରିବ । ଜଣେ ଶାସ୍ତ୍ରବିତ୍ ହୋଇପାରେ କିନ୍ତୁ ଶାସ୍ତ୍ରାନୁସାରେ ଚଳିବା ବହୁତ କଷ୍ଟ । ମାତ୍ର ସାର୍‌ଙ୍କଠାରେ ଦୁଇଟାଯାକ ଥିଲା । ଯେତେ ଦୂର ସମ୍ଭବ ସେ ଦୁଇଟାଯାକ ପାଳିବାକୁ ଚେଷ୍ଟା କରୁଥିଲେ । ତାଙ୍କ ମନରେ ଅହଂ ଭାବ ମୁଁ ଲକ୍ଷ୍ୟ କରିନାହିଁ । ମନ୍ଦିରର ବାଇଶି ପାହାଚ, ବେଢା, ରାସ୍ତା, ଘାଟ ଯେଉଁଠି ତାଙ୍କୁ ଶାସ୍ତ୍ରର ସନ୍ଦେହ ବିଷୟ ପଚାରିଲେ ସେ ସେଇଠାରେ ତାହାର ସମାଧାନ କରିଥାନ୍ତି । ସେ କାହା ବିରୋଧରେ ଯାଆନ୍ତି ନାହିଁ କି କାହାରିକୁ ଗାଳି ଦିଅନ୍ତି ନାହିଁ । ତାଙ୍କର ବଡ଼ ଗାଳି ହେଲା 'ଚୁଲିଠା ହେଲା' 'ନିଆଁଠା ହେଲା' ଏହା ବ୍ୟତୀତ ମୁଁ ଅନ୍ୟ କିଛି ଶୁଣିନାହିଁ । ତାଙ୍କର ଛାତ୍ରବତ୍ସଳତା କହିବା ଅତିରଞ୍ଜିତ ହେବ । ଯିଏ ତାଙ୍କ ଘରକୁ ଯାଇ ମା'ଙ୍କୁ କହିବେ "ଆରେ ଅମୁକ ଆସିଲାଣି ତାକୁ କ'ଣ ଦିଅ" କିଛି ନ ହେଲେ ଅଗଣାରେ ଥିବା ଗୁଜୁଳିଆ ଗଛରୁ ଗୁଜୁଳିଆଟିଏ ନ ହେଲା କାହିଁକି ? ଛାତ୍ରମାନଙ୍କ ମନରେ ଶଙ୍କା କେବେ ରଖୁ ନ ଥିଲେ । ତାର ସମାଧାନ ପାଇଁ ସର୍ବଦା ତତ୍ପର ଥିଲେ ।

ସାରଙ୍କ ଠାରୁ ଛାତ୍ର ସମୟର କର୍ମନିଷ୍ଠା, କାର୍ଯ୍ୟକାଳ ସମୟର ଛାତ୍ର ବତ୍ସଳତା, ଉପଯୁକ୍ତ ଗୁରୁଭାବରେ ଛାତ୍ରର ଯେଉଁଠାରେ ଯେଉଁ ସମୟରେ, ଯାହା ନିକଟରେ ଶଙ୍କା ଜାତ ହେଲା ତାର ସମାଧାନ କରିବା ପ୍ରଣାଳୀ ଶିକ୍ଷଣୀୟ । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ କହିବା ଅନୁସାରେ ସଦ୍‌ଗୁରୁ ମିଳିବା କଷ୍ଟ । ଯାହା ଭାଗ୍ୟରେ ଥାଏ ସେ ସଦ୍‌ଗୁରୁ ଲଭ କରେ । ତେଣୁ ସେ କହନ୍ତି—

"ସଦ୍‌ଗୁରୁ ଯେବେ ମାରେ ଗୋଇଠା
ଅନ୍ଧାର ଘରେ ଜଳେ ବଇଠା ॥"

ସଦ୍‌ଗୁରୁ ଗୋଇଠା ମାରିଲେ ମଧ୍ୟ ତାହା ଛାତ୍ରର ଭବିଷ୍ୟତ ଉଜ୍ଜ୍ୱଳ କରେ, ସାର୍‌ଙ୍କ ଭଳି ସଦ୍‌ଗୁରୁ ମିଳିବା ମଧ୍ୟ ସୌଭାଗ୍ୟର ବିଷୟ ।

●

ଗବେଷଣା ବିଭାଗ,
ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ; ପୁରୀ

"ତସ୍ମୈ-ଶ୍ରୀ-ଗୁରବେ ନମଃ"

ଅଧ୍ୟାପକ ଡ଼କ୍ଟର ସୂର୍ଯ୍ୟମଣି ରଥ

୧୯୮୦-୮୧ ମସିହାଠାରୁ ସାର୍‌ଙ୍କ ସହ ମୋର ସମ୍ପର୍କ । ମୁଁ ସେତେବେଳେ ବେଦକର୍ମକାଣ୍ଡ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥାଏ । ମହର୍ଷି ମହେଶଯୋଗୀଙ୍କ ଉଦ୍ୟମରେ ପୁରୀରେ ଗୋଟିଏ ଅନୁଷ୍ଠାନ ସେତେବେଳେ ଖୋଲିଥାଏ ଓ ତାହା ବେଦଭବନରେ ଚାଲୁଥାଏ । ଫୁଲର ମହକ ଅନୁସରଣ କରି ଭ୍ରମର ବୁଲିଲା ପରି ମହର୍ଷିଙ୍କ ଲୋକେ ସାର୍‌ଙ୍କ ପାଣ୍ଡିତ୍ୟ ଜାଣି ପାରିଲେ । ଯୋଗକୁ ସାର ସେତେବେଳେ କେନ୍ଦ୍ରୀୟ ବିଦ୍ୟାପୀଠରୁ ଅବସର ନେଇଥାଆନ୍ତି । ଅଧ୍ୟୟନ-ଅଧ୍ୟାପନାରେ ଯାହାଙ୍କ ସମୟ କଟିଛି ତାହାଙ୍କ ସେବା ଘରେ କପରି ବାନ୍ଧି ହୋଇ ରହିପାରିବ ? ଶେଷକୁ ସାର୍ ଆସି ମହର୍ଷିଙ୍କ ସଂସ୍ଥାରେ ଯୋଗଦେଲେ । ଏ ଅବସରରେ ତାଙ୍କ

ସହ ମୋର ପ୍ରଥମ ସମ୍ପର୍କ ଗୁରୁ-ଶିଷ୍ୟ-ଭାବରେ । ଇତ୍ୟବସରରେ ସ୍ୱର୍ଗତଃ ପଣ୍ଡିତ ଦେଉଳେ ଶାସ୍ତ୍ରୀଜୀ ସେଠାରେ ଯୋଗଦେଇଥା'ନ୍ତି । ଦେଉଳେଜୀ ଆମକୁ କାବ୍ୟ ପ୍ରକାଶ ପଢ଼ାଉଥାନ୍ତି । ମାତ୍ର ଅନେକ ସମୟରେ ସେ ଅଣ୍ଡ୍ରା- ସର୍ଦ୍ଧ ପ୍ରଭୃତିରେ ଅନ୍ୟାନ୍ୟ ହେଉଥିବାରୁ କିଛି ଅଂଶ ସାର୍ ଆମକୁ ପଢାଉଥିଲେ । ଏହି ସମୟରେ ସଂସ୍କୃତରେ ଭାଷଣ କରିବା ପ୍ରଭୃତି ବିଷୟରେ ସାର୍ ବତାଉଥା'ନ୍ତି । ମୁଁ ମଧ୍ୟ ଏଥିରେ ସଫଳ ହୋଇଛି । ଏକଥା ଅସ୍ୱୀକାର କରିପାରିବ ନାହିଁ ।

ହଁ ଆଉ ଗୋଟିଏ କଥା । ଆମ ଉପର ଶ୍ରେଣୀରେ ଜ୍ଞାନବାବୁ (ଜ୍ଞାନରଞ୍ଜନ ପତି) ପଢ଼ୁଥାନ୍ତି । ସାର ତାଙ୍କୁ ଶ୍ଳୋକ ରଚନା ପ୍ରଣାଳୀ ଶିଖାଉଥାନ୍ତି । ମୋତେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରିବାକୁ ସାର୍ କହିଲେ । ସର୍ବଭାରତୀୟ ସ୍ତରରେ ସଂସ୍କୃତ ଭାଷାରେ ଶାସ୍ତ୍ରାର୍ଥ ପ୍ରତିଯୋଗିତା ଓ ଶ୍ଳୋକ ରଚନା କରି ଅନ୍ୟମାନେ ପୁରସ୍କୃତ ହେଉଛନ୍ତି ଶୁଣି ମନ ଖୁବ୍ ଉଦ୍‌ବେଳିତ ହେଉଥାଏ, ଯୋଗକୁ ନିଆଁରେ ଘିଅ ଢାଳିଲା ପରି ସାର୍‌ଙ୍କ ସାନ୍ନିଧ୍ୟ ମତେ ମିଳିଗଲା । ଅତଏବ ଏଥିରେ ଆଗେଇ ଯିବାର ଆଉ କିଛି ଅସୁବିଧା ହେଲାନି । ମୋର ପୂରା ମନେଅଛି, ସାର୍ ପ୍ରଥମେ ଅନୁଷ୍ଟୁପ୍ ଛନ୍ଦରେ ଗୋଟିଏ ପାଦ ଦେଲେ ଯଥା-'ଭଜ ସମ୍ୟକ୍ ପୟୋନିଧିଃ' ଓ କହିଲେ ଏହାକୁ ପୂରଣ କରିବ । ଆଉ ମଧ୍ୟ ମାର୍ଗ କହିଦେଲେ । ପ୍ରଥମେ ମୋର ଚାରିପାଞ୍ଚ ଥର ଭୁଲ୍ ହେଲା । ବାରମ୍ବାର ଭୁଲ୍ ଥିବା ଅଂଶ ଗୁଡ଼ିକ କାହିଁକି ଭୁଲ୍ ହେଲା, କ'ଣ କରିଥିଲେ ଠିକ୍ ହୋଇ ଥା'ନ୍ତା ଇତ୍ୟାଦି ସାର୍ କହୁଥାନ୍ତି । ଉକ୍ତ ଶ୍ଳୋକଟି ମୋର "ସମସ୍ୟାପୂର୍ତ୍ତିଶତକମ୍"ରେ ପ୍ରକାଶିତ ହୋଇଛି । ଆଜି ବାରମ୍ବାର ଶ୍ଳୋକ ତିଆରି ପାଇଁ ମନରେ ଶଙ୍କା ଆସୁଥାଏ । କିନ୍ତୁ ସାର୍ ପୁନଃ ପୁନଃ ପ୍ରେରଣା ଦେଉଥାନ୍ତି । ଏହାପରେ ଥରେ ମହେଶ ଯୋଗୀଙ୍କର ଅନୁଷ୍ଠାନରେ କୌଣସି ଏକ ଉତ୍ସବ ପାଳିତ ହେବାକୁ ଥାଏ । (ବୋଧେ ମହର୍ଷିଙ୍କ ଜନ୍ମ ଦିନ ହେବ) ସାର୍ କହିଲେ ଶିବଙ୍କ ଉଦ୍ଦେଶ୍ୟରେ ପଞ୍ଚକ ବା ଅଷ୍ଟକଟିଏ ଲେଖ । ମୁଁ ଏଥିରେ ଅନୁପ୍ରାଣିତ ହୋଇ "ଈଶ୍ୱର ପଞ୍ଚକମ୍" ଶୀର୍ଷକ ପଞ୍ଚକଟିଏ ଲେଖିଲି । ଏହା ପରେ ୧୩-୨-[illegible]୧ରେ "ସୁଧର୍ମା" ସଂସ୍କୃତ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ହେଲା । ଏହି ଭାବରେ ସଂସ୍କୃତ ଭାଷଣ ଓ ଶ୍ଳୋକ ରଚନା କରିବା ପାଇଁ କାବ୍ୟଙ୍କ ଶିକ୍ଷାଭ୍ୟାସ ଟିକକ ମୁଁ ସାର୍‌ଙ୍କଠାରୁହିଁ ପାଇଛି ।

ଏହାପରେ କିଛି ଦିନ ବିତିଗଲା । ଗବେଷଣା ପାଇଁ ମୁଁ ଯେତେବେଳେ ସାର୍‌ଙ୍କ ସାହାଯ୍ୟପ୍ରାର୍ଥୀ ହେଲି, ସେ ମାର୍ଗଦର୍ଶକ ହେବାପାଇଁ ଅକୁଣ୍ଠଚିତ୍ତରେ ରାଜି ହେଲେ । କିନ୍ତୁ ସେତେବେଳେ ସେ ମାର୍ଗଦର୍ଶକ ହେବାପାଇଁ ପ୍ରାପ୍ୟ ବୟସ ହେଉଥିଲେ । ମାତ୍ର ମୋ କାମପାଇଁ ହଁ କଲେ । ଏଥିରୁ ମୋ ପାଇଁ ତାଙ୍କର ବ୍ୟକ୍ତିଗତ ସଦିଚ୍ଛା ଥିବାର ଅନୁଭବ କଲି । ପରେ ତାଙ୍କ ଘରକୁ ଯେତେବେଳେ ଯାଏ ଅତି ହସ ଖୁସିରେ ଖୋଲା ହୃଦୟରେ କଥାବାର୍ତ୍ତା କରନ୍ତି । କଥାଚ୍ଛଳରେ ସେ ଅନେକ ଉପଦେଶ ମଧ୍ୟ ଦେଉଥାନ୍ତି । କଥାବାର୍ତ୍ତାବେଳେ ସେ ତାଙ୍କର ପିଲା ଦିନର କଥାଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଅନୁଭୂତି କହି ପକାନ୍ତି । ଏପରିକି ତାଙ୍କର ଛାତ୍ରପଢ଼ା ସମୟର ସୁଖ ଦୁଃଖ ମଧ୍ୟ ନ କହି ରହିପାରନ୍ତି ନାହିଁ । ତାଙ୍କ ସଂସର୍ଗରେ ଆସିଥିବା ଅନେକ ପଣ୍ଡିତମାନଙ୍କର ଜ୍ଞାନ ଗରିମା ଦୋଷ ଗୁଣ ମଧ୍ୟ ନିଃଶଙ୍କ ମନରେ କଥା ପ୍ରସଙ୍ଗରେ କହିଦିଅନ୍ତି । କିନ୍ତୁ ବିଶେଷ କଥା ଏତିକି ସମସ୍ତଙ୍କ ଗୁଣକୁ ସେ ଯେପରି ପରିଶୀଳିତ କରନ୍ତି ଦୋଷକୁ ସେପରି ଚିହ୍ନାନ୍ତି ନାହିଁ । ଏହା ତାଙ୍କର "ଗୁଣ ଚାହେଁ ଗୁଣିଆ" ଉକ୍ତିର ଲକ୍ଷଣ ।

ସାର୍‌ଙ୍କ ମାର୍ଗଦର୍ଶକତାରେ ପି.ଏଚ-ଡି କରିଥିବା ଗବେଷକଙ୍କ ମଧ୍ୟରେ ମୁଁ ଅନ୍ତିମ । ମୋର ସବୁ କାମ ସରିଯାଇଥାଏ, ପରୀକ୍ଷକଙ୍କ ସ୍ୱୀକୃତି ପ୍ରାପ୍ତ ରିପୋର୍ଟ ଆସିଯାଇଥାଏ । ବାକ୍ ପରୀକ୍ଷା ମଧ୍ୟ ସରିଯାଇଥାଏ । କେବଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନୁଷ୍ଠାନିକ ଘୋଷଣା ନାମା ପ୍ରକାଶିତ ହେବାକୁ ଥାଏ । ଏ ସମୟରେ ଆରପାରିରୁ ଆସିଥିବା ଡାକରାକୁ ସାର୍ ପ୍ରତ୍ୟାଖ୍ୟାନ କରିପାରିଲେ ନାହିଁ । ସେ ଆଉ ମୋର ଫଳ ଶୁଣି ପାରିଲେ ନାହିଁ । ଚାଲିଗଲେ ସବୁଦିନ ପାଇଁ ।

★

ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ କଲେଜ, ପୁରୀ

ସ୍ମୃତି ଶତଦଳ

ଅଧ୍ୟାପିକା ଶ୍ରୀମତୀ ବାସନ୍ତୀ ମିଶ୍ର

ପରମ ପୂଜନୀୟ ପିତୃ ଦେବଙ୍କର ଶାନ୍ତ ସୌମ୍ୟ ବିଗ୍ରହ ଯେତେବେଳେ ମୋର ମାନସ ଚକ୍ଷୁ ସମ୍ମୁଖରେ ଉପସ୍ଥାପିତ ହେଉଅଛନ୍ତି, ସେତେବେଳେ ଅନେକ ସ୍ମୃତି ଏକ ସମୟରେ ସଜୀବ ହୋଇ ମୋର ହୃଦୟକୁ ଆନ୍ଦୋଳିତ, ବ୍ୟଥିତ ଓ ଆହତ କରିପକାଉଛନ୍ତି । ପିତୃ ବିୟୋଗ ଦୁଃଖ ସନ୍ତାନକୁ ଦିନେ ନା ଦିନେ ଭୋଗ କରିବାକୁ ହୁଏ ଏବଂ ଏହି ସତ୍ୟ ଆମ୍ଭମାନଙ୍କ ଜୀବନରେ ମଧ୍ୟ ସଂଘଟିତ ହେଲା । କିନ୍ତୁ ଏହି ବିୟୋଗ କେବଳ ଏହି ଜନ୍ମପାଇଁ ନୁହେଁ, ଜନ୍ମାନ୍ତର ପାଇଁ ଏହି ଭାବନା ମୋର ପ୍ରାଣକୁ ବିଦୀର୍ଣ୍ଣ କରିପକାଉଛି । ସେହି ପବିତ୍ର ଜୀବନ୍ମୁକ୍ତ ପୁରୁଷଙ୍କର ପରମପଦକୁ ଅନ୍ତିମ ଗତି ହୋଇଛି ଏବଂ ଜନ୍ମାନ୍ତରରେ ମଧ୍ୟ ଏହି ପ୍ରାଣ ତାଙ୍କ ସହିତ ମିଳିତ ହୋଇ ଆଲୋକିତ ହୋଇ ପାରିବ ନାହିଁ । ଏ ବିଷୟରେ ମୁଁ ନିଃସନ୍ଦେହ ।

ନନାଙ୍କ ଜୀବନରେ ସର୍ବଦା ଶାନ୍ତି, ସନ୍ତୋଷ ଓ ଆତ୍ମପୂର୍ଣ୍ଣତାର ଭାବ ପ୍ରକଟିତ ହୋଇଥିଲା । ସେ ଥିଲେ ଜଣେ ଯଦୃଚ୍ଛା-ଲାଭ-ସନ୍ତୁଷ୍ଟ ବ୍ୟକ୍ତି । ଗୃହସ୍ଥାଶ୍ରମରେ ରହି ସେ ଶୁଦ୍ଧ କର୍ମଯୋଗ ସାଧନ କରିଅଛନ୍ତି ।

'ଘାସ କଟା ଠାରୁ ଘୋଡା ଚଢା' ଯାଏଁ ସମସ୍ତ ପ୍ରକାର କର୍ମ ତାଙ୍କୁ ଜଣାଥିଲା ଓ ପ୍ରତ୍ୟେକ କର୍ମକୁ ସେ ସମ୍ମାନ ଓ ଦକ୍ଷତାର ସହିତ ସମ୍ପାଦନ କରୁଥିଲେ । କୌଣସି କାର୍ଯ୍ୟ ପ୍ରତି ସେ କେବେହେଲେ ବିତୃଷ୍ଣା ଭାବ ପ୍ରକାଶ କରିବାରେ ମୁଁ ଦେଖିନାହିଁ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମକୁ ଅନ୍ୟ ଉପରେ ନିର୍ଭର ନ କରି ନିଜେ ହିଁ ସମ୍ପାଦନ କରିଛନ୍ତି । ନନାଙ୍କର ତାଙ୍କ ବଂଶ ଓ ପରମ୍ପରା ପାଇଁ ଯଥେଷ୍ଟ ସମ୍ମାନ ରହିଥିଲା । ବହୁବାର ସେ ପୂର୍ବ ପୁରୁଷ ମାନଙ୍କର କୀର୍ତ୍ତି-କାହାଣୀକୁ ଆମ ସମ୍ମୁଖରେ ପ୍ରକାଶ କରୁଥିଲେ ଓ ସେ ସମୟରେ ଆନନ୍ଦରେ ଉତ୍ଫୁଲ୍ଲିତ ହୋଇ ଉଠୁଥିଲେ । ତାଙ୍କର ପୂର୍ବପୁରୁଷମାନଙ୍କର କୀର୍ତ୍ତିକୁ ବଞ୍ଚାଇ ରଖିବାପାଇଁ ସେ ସତତ ଆଗ୍ରହୀ ଥିଲେ । ତେଣୁ ସେମାନଙ୍କଦ୍ୱାରା ରଚିତ ସ୍ତୋତ୍ର ଓ ଶ୍ଳୋକ ଗୁଡ଼ିକୁ ଏକତ୍ର ସଂକଳନ କରି ପ୍ରକାଶ କରୁଥିଲେ । ବାଲ୍ୟକାଳରୁ ହିଁ ସେ ନିଜର ସ୍ୱଭାବ, ଚରିତ୍ର ଓ ବୁଦ୍ଧିମତା ଦ୍ୱାରା ବନ୍ଧୁ-କୁଟୁମ୍ବ ତଥା ଗ୍ରାମବାସୀ ମାନଙ୍କର ହୃଦୟକୁ ଆକର୍ଷଣ କରି ପାରିଥିଲେ । ବାଲ୍ୟକାଳରେ ଗ୍ରାମକୁ ଯାଇଥିବା ସମୟରେ ମୁଁ ଦେଖିଛି । ଗ୍ରାମବାସୀ-

ମାନେ ତାଙ୍କ ପାଖକୁ ଆସୁଥିଲେ, କେତେ ସ୍ନେହ ଓ ଶ୍ରଦ୍ଧା ପ୍ରକାଶ କରି, "ତୁ ତ ଆମ କୁଳର ମଣି" ବୋଲି ବାତ୍ସଲ୍ୟ ପ୍ରକାଶ କରି ସତେ ଯେପରି ଆନ୍ତରିକ ତୃପ୍ତି ଅନୁଭବ କରୁଥିଲେ । ଅପରପକ୍ଷରେ ନନାଙ୍କର ଗୁରୁଜନ ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଭକ୍ତି ରହିଥିଲା । ଯେ କୌଣସି ଉତ୍କୃଷ୍ଟ ଦ୍ରବ୍ୟ ସେ ଦେବତାଙ୍କୁ ସମର୍ପଣ କରିବା ପରେ ଗୁରୁଜନମାନଙ୍କୁ ପ୍ରଦାନ କରି ତତ୍ପରେ ନିଜେ ଗ୍ରହଣ କରୁଥିଲେ । ଗ୍ରାମ ବଗିଚାରେ ଫଳୁଥିବା ଉତ୍କୃଷ୍ଟ ଆମ୍ବ ଗୁଡ଼ିକୁ ସେ ଗ୍ରାମର ବୃଦ୍ଧ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ଭୋଜନ କରାଉଥିଲେ । ପୂର୍ବରେ ଗୁରୁଦେବ ପଣ୍ଡିତ ଶ୍ରୀ ଆନନ୍ଦ ମିଶ୍ର, ପଣ୍ଡିତ ଶ୍ରୀ ବାସୁଦେବ ମିଶ୍ର, ପଣ୍ଡିତ ଶ୍ରୀ କିଶୋରୀମୋହନ ଦ୍ୱିବେଦୀ ପ୍ରଭୃତି ଗୁରୁ ସ୍ଥାନୀୟଙ୍କ ଘରେ ନିଜେ ଯାଇ ଦେଇ ଆସୁଥିଲେ । ଗୁରୁଜନ ମାନଙ୍କର ଶୁଭେଚ୍ଛା ଓ ଆଶୀର୍ବାଦ ତାଙ୍କ ସମୃଦ୍ଧ ଜୀବନର କାରଣ ବୋଲି ସେ ସର୍ବଦା ସ୍ୱୀକାର କରୁଥିଲେ । ଏତେ ପରିଣତ ବୟସରେ ମଧ୍ୟ ପ୍ରାତଃ କାଳରେ ଶଯ୍ୟା ତ୍ୟାଗ କରିବା ସମୟରେ ମୋର ଅଜା ବା ଆଈ କେହି ସମ୍ମୁଖରେ ଉପସ୍ଥିତ ଥିଲେ ସେମାନଙ୍କର ପଦସ୍ପର୍ଶକରି ପ୍ରଣାମ କରିବାର ମୁଁ ବହୁ ବାର ଲକ୍ଷ୍ୟ କରିଛି ।

ଝଡ଼ବର୍ଷା ଶୀତ କାକର ପ୍ରତ୍ୟେକ ସନ୍ଧ୍ୟାରେ ହାତରେ ପୁଷ୍ପଭେଟି ନେଇ ଶ୍ରୀ ଜଗନ୍ନାଥଙ୍କୁ ରସ ଭାବ ବିହ୍ୱଳ ହୋଇ ଦର୍ଶନ କରୁଥିଲେ ଓ ପ୍ରଭୁଙ୍କର କରୁଣାମୟ ମୂର୍ତ୍ତିରୁ କରୁଣାର ଝର ଅବିରତ ତାଙ୍କ ଉପରେ ଝରି ପଡୁଥିଲା । ସତରେ, ମୋତେ ବହୁତ ଭଲ ଲାଗୁଥିଲା ନନାଙ୍କ ସାଙ୍ଗରେ ମନ୍ଦିର ଯିବାକୁ । ସମ୍ମୁଖରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦାରୁମୂର୍ତ୍ତି ଓ ପାର୍ଶ୍ୱରେ ତାଙ୍କର ଚଳନ୍ତି ପ୍ରତିମା ଦଣ୍ଡାୟମାନ ହେଲପରି ମନେ ହେଉଥିଲା ।

ଜଣେ ଜୀବନ୍ମୁକ୍ତ ପୁରୁଷ ଭାବରେ ସଂସାରରେ ରହି ସେ ସତେ ଯେପରି ଜୀବନର ଅନ୍ତିମ ପର୍ଯ୍ୟାୟ ନିର୍ବାହ କରୁଥିଲେ ପରିଧାନ, ଶୟନ ପ୍ରଭୃତି ଯେପରି କେବଳ ଶରୀର ରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । ବ୍ୟକ୍ତିଗତ ଭୋଗ ବିଳାସ ଦିଗରେ ତାଙ୍କର ସଚେତନତା ମଧ୍ୟ ନ ଥିଲା । କିନ୍ତୁ ସଂସାରରେ ଅନ୍ୟ ମାନଙ୍କ ପ୍ରତି ସେ କେବେହେଲେ ଉଦାସୀନ ଭାବ ପୋଷଣ କରିନାହାନ୍ତି । ସେ ଆମମାନଙ୍କୁ ଅତ୍ୟନ୍ତ ସ୍ନେହ ଓ ଶ୍ରଦ୍ଧାରେ ପାଳନ

କରିଛନ୍ତି, ସମସ୍ତ ପ୍ରକାର ସୁଖ ଓ ସୁବିଧା ଯୋଗାଇ ଦେଇଛନ୍ତି, ଉଚ୍ଚଶିକ୍ଷା ପ୍ରଦାନ କରି ଯଥାଯୋଗ୍ୟ ସ୍ଥାନରେ ସ୍ଥାପନ କରିଛନ୍ତି । ଏହା ତ ପ୍ରତ୍ୟେକ ପିତା କରିଥାନ୍ତି । କିନ୍ତୁ ତାଙ୍କର ବିଶେଷତ୍ୱ ଏହି ଯେ କୌଣସି ପ୍ରକାର ଅଭାବ ବା ଅସୁବିଧା ସେ ଆମମାନଙ୍କୁ ଜାଣିବାକୁ ମଧ୍ୟ ସୁଯୋଗ ଦେଇ ନାହାନ୍ତି । ଝିଅମାନଙ୍କୁ ବିବାହ ଦେଇସାରିଲେ ପରେ ମଧ୍ୟ ତାଙ୍କ ହୃଦୟରୁ ମମତାର ଝର ବହୁ ଗୁଣିତ ହୋଇ ଆମ ଆଡ଼କୁ ଝରି ଆସୁଥିଲା । ପ୍ରତ୍ୟେକ ଜନ୍ମଦିନ ପୂର୍ବରୁ ନନା ଟଙ୍କା ପଠାଇ ଦିଅନ୍ତି କିମ୍ବା ନୂଆ ଶାଢ଼ୀ ଧରି ନିଜେ ଆସି ପହଞ୍ଚି ଯାଆନ୍ତି । ବନ୍ଧୁମାନଙ୍କ ସହିତ ସେ ସବୁ ପ୍ରକାରରେ ସ୍ନେହ ସମ୍ପର୍କ ରକ୍ଷା କରୁଥିଲେ । ସେମାନଙ୍କର ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଉପସ୍ଥିତ ରହି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଆମୋଦିତ କରୁଥିଲେ । ପ୍ରତ୍ୟେକଙ୍କର ସେ ଥିଲେ ପ୍ରିୟତମ ବନ୍ଧୁ "ସେ ଥିଲେ ଅଜାତଶତ୍ରୁ ।"

ତାଙ୍କ ହୃଦୟରେ ବିଶ୍ୱ ପିତୃତ୍ୱର ଧାରା ପ୍ରବାହିତ ହେଉଥିଲା । କି ପରିଚିତ କି ଅପରିଚିତ ପ୍ରତ୍ୟେକ ତାଙ୍କର ମଧୁମୟ କୋମଳ ଭାଷଣରେ ଆକଣ୍ଠ ପରିତୃପ୍ତ ହୋଇ ତୃପ୍ତିରେ ଯତ୍‌କିଞ୍ଚିତ୍ ପାନ ଭୋଜନ କରି ଅଧିକନ୍ତୁ ପରିତୃପ୍ତ ହେବା ପରି ମନେ କରୁଥିଲେ । ଦାଣ୍ଡଦୁଆର କଦଳୀଗଛରୁ କଅଁଳ ପତ୍ରଟିଏ ନିଜ ହାତରେ କାଟି ଆଣି କେତେ ଆଦରରେ ଦାଣ୍ଡର ଭିକାରୀଟିକୁ ବସାଇ ଖାଦ୍ୟ ପଦାର୍ଥ ପରିବେଷଣ କରନ୍ତି, ସେହି ଦୃଶ୍ୟ ଯିଏ ଦେଖିଛି, ସେ ନିଶ୍ଚିତ ଭାବରେ ପ୍ରଭାବିତ ହୋଇଛି । ଯେଉଁ ବ୍ୟକ୍ତି ତାଙ୍କର ଆତିଥ୍ୟ ଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି ସେ ନିଶ୍ଚୟ ସନ୍ତୋଷର ପରାକାଷ୍ଠା ଉପଲବ୍ଧି କରିଛନ୍ତି । ଏହି ପ୍ରସଙ୍ଗରେ ନନା କହନ୍ତି ଅତିଥି ପରାୟଣତା ଓ ପରୋପକାର ତାଙ୍କର ବଂଶଗତ ଗୁଣ । ତାଙ୍କର ବଂଶରେ ସର୍ବଦା କେହି ନା କେହି ନିରାଶ୍ରୟ ବ୍ୟକ୍ତି ଆଶ୍ରୟ ଗ୍ରହଣ କରି ଉପକୃତ ହୋଇଛନ୍ତି । ଏହି ଅବସରରେ ମୋର ଗୋଟିଏ ଘଟଣା ମନରେ ଆସିଯାଏ । ନୂଆକରି କିଣିଥିବା ଚପଲ ହଳକ ବାହାରେ ରଖି ନନା ଘର ଭିତରକୁ ପ୍ରବେଶ କଲେ ଓ ରିକ୍ସା ଚାଳକ ସେ ହଳକ ଅପହରଣ କରିନେଲା । ନନା ଏହା ଜାଣି ହସି ହସି କହିଲେ "ହଉ । ଭଲ ହେଲା । ନେଲା, ପିନ୍ଧିବ ।"

ଛାତ୍ରମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ଶ୍ରଦ୍ଧା ଆତ୍ମଜ ମାନଙ୍କ ଅପେକ୍ଷା ଅଧିକ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଜଣେ ଶିକ୍ଷାଦାତା ଗୁରୁ ଭାବରେ ସେ ଯେପରି କର୍ତ୍ତବ୍ୟ ପରାୟଣ ଥିଲେ । ସେହିପରି ସଚେତନ

ଥିଲେ ସେମାନଙ୍କ ବ୍ୟକ୍ତିଗତ ସମସ୍ୟା ଗୁଡ଼ିକୁ ହୃଦୟଙ୍ଗମ କରି ଯଥାସାଧ୍ୟ ସମାଧାନ କରିବାରେ । ତାଙ୍କର ପ୍ରିୟ ଛାତ୍ରଗଣ ତାଙ୍କୁ ବିଭିନ୍ନ ପ୍ରକାରରେ ସେବା ଅର୍ପଣ କରିଛନ୍ତି, ନିଷ୍ଠା ଓ ଆନ୍ତରିକତାର ସହିତ ଦଶାହାଦିକୃତ୍ୟ ସମାପନରେ ସହଯୋଗ କରିଛନ୍ତି । ତାଙ୍କ ପ୍ରତି ଏହି ଭକ୍ତି ଓ ଆନୁଗତ୍ୟ ଅହୈତୁକ ନୁହେଁ । ନିଷ୍କାମ ସେବା ଓ ଶୁଦ୍ଧ ମମତା ଦେଇ ସେ ସେମାନଙ୍କର ପ୍ରାଣକୁ ଆକର୍ଷଣ କରିପାରିଥିଲେ ।

ସେ ଆଜୀବନ ସରସ୍ୱତୀ ଆରାଧନା କରିଛନ୍ତି । ରାତି ରାତି ଅନିଦ୍ର ରହି ସଦ୍‌ଗ୍ରନ୍ଥ ଅଧ୍ୟୟନ କରନ୍ତି, ଗ୍ରନ୍ଥ ରଚନା କରନ୍ତି ଓ ଛାତ୍ରମାନଙ୍କର ନିବନ୍ଧ ସଂଶୋଧନ କରନ୍ତି ।

ଏପରି ଜଣେ ଉତ୍ତମ ପୁରୁଷଙ୍କର କୋଳରେ ଜନ୍ମ ନେଇଥିବାରୁ ଆମେ ସର୍ବଦା ନିଜକୁ ଧନ୍ୟ ଓ ଗୌରବାନ୍ୱିତ ମନେ କରୁଛୁ । ଖ୍ୟାତି ଓ ଅର୍ଥ ପାଇଁ ଆଶାୟୀ ନ ହୋଇ ଅନ୍ୟମାନଙ୍କର ମଙ୍ଗଳ ପାଇଁ କର୍ମ ସାଧନ କରିବାକୁ ତାଙ୍କଠାରୁ ସର୍ବଦା ପ୍ରେରଣା ମିଳୁଛି । ସଂସାରର ଅସରନ୍ତି ଜଞ୍ଜାଳ ଓ ଅକଳନୀୟ ସମସ୍ୟା ମଧ୍ୟରେ ରହି ଧୈର୍ଯ୍ୟ ଓ ନିଷ୍ଠା ବଳରେ ସଫଳ ଜୀବନ ଯାପନ କରାଯାଇପାରେ, ଏହି ଦୃଷ୍ଟାନ୍ତ ସେ ଆମ ସମ୍ମୁଖରେ ରଖିଯାଇଛନ୍ତି ।

ସଂସାରର ସମସ୍ତ କର୍ତ୍ତବ୍ୟକୁ ସମାପନ କରି ଶ୍ରୀମନ୍ନାରାୟଣଙ୍କର ପବିତ୍ର ନାମ ଗାନ କରି କରି ସେ ସେହି ପରମପଦକୁ ଗମନ କରିଛନ୍ତି— "ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ" ସେହି ପବିତ୍ର ପୁରୁଷଙ୍କୁ ମୃତ୍ୟୁର ଶୀତଳତା ସ୍ପର୍ଶ କରିପାରି ନାହିଁ । ପ୍ରାଣହୀନ ଶରୀରଟିରେ ମଧ୍ୟ କି ଦିବ୍ୟ ଉଜ୍ଜ୍ୱଳତା ! ମୁଖ ମଣ୍ଡଳରେ କି ଶାନ୍ତି ଓ ସନ୍ତୋଷର ଭାବ ! ଆଜି କେବଳ ମୁଁ ନୁହେଁ, ତାଙ୍କର ବାତ୍ସଲ୍ୟ ଭରା ପିତୃତ୍ୱକୁ କର୍ମର ମହନୀୟତାକୁ, ହୃଦୟର ଉଦାରତାକୁ ଉପଲବ୍ଧି ପ୍ରତ୍ୟେକ କରିଥିବା ବ୍ୟକ୍ତି ତାଙ୍କର ଅନୁପସ୍ଥିତିକୁ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ସେ ସଂସାରର ଋଣ ପରିଶୋଧ କରିବା ଉଦ୍ଦେଶ୍ୟରେ କର୍ମ କରିଗଲେ ଏବଂ ଆମ୍ଭମାନଙ୍କୁ ଚିରଦିନପାଇଁ ତାଙ୍କଠାରେ ଋଣୀ କରି ରଖିଦେଇଗଲେ ।

□□□

ସଂସ୍କୃତ-ବିଭାଗ ଫକୀର ମୋହନ କଲେଜ, ବାଲେଶ୍ୱର ।

ମୋର ପ୍ରଥମ ସାକ୍ଷାତ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ସମ୍ପର୍କରେ ଗବେଷଣା ପାଇଁ ଯେଉଁ ପ୍ରକଳ୍ପଟି ହାତକୁ ନିଆହୋଇଥିଲା, ସେଥିର ଏକ ଆଲୋଚନା ସଭାରେ ସର୍ବପ୍ରଥମେ ଅବସରପ୍ରାପ୍ତ କୁଳପତି ଶ୍ରୀ ବଟକୃଷ୍ଣ ମହାନ୍ତିଙ୍କ ଆହ୍ୱାନ କ୍ରମେ ମୁଁ ୧୯୮୮ ଡିସେମ୍ବର ୯ ତାରିଖରେ ଯୋଗ ଦେଇଥିଲି । ସେଠାରେ ସ୍ୱର୍ଗୀୟ ଧର୍ମଶାସ୍ତ୍ର ଅଧ୍ୟାପକ ପଣ୍ଡିତ କୁଳମଣି ମିଶ୍ରଙ୍କ ସଙ୍ଗେ ମୋର ପ୍ରଥମ ସାକ୍ଷାତ ହୋଇଥିଲା । ସେତେବେଳେ ଅନ୍ୟଜଣେ ପଣ୍ଡିତ ଡ଼. ସତ୍ୟବାଣୀ ମିଶ୍ରଙ୍କ ସହିତ ମଧ୍ୟ ମୋର ଆଳାପ ହୋଇଥିଲା । ଉଭୟେ ଓଡ଼ିଶାର ଦୁଇଟି ଉଜ୍ଜ୍ୱଳ ମଣି ପରି ଥିଲେ ଜଣେ ଧର୍ମଶାସ୍ତ୍ର ଏବଂ ଅନ୍ୟ ଜଣେ ତନ୍ତ୍ରଶାସ୍ତ୍ରର ଗବେଷଣା କାର୍ଯ୍ୟଭାର ସେହି ପ୍ରକଳ୍ପରେ ଗ୍ରହଣ କରିଥିଲେ । ମୋତେ ଦିଆଯିବାକୁ ପ୍ରସ୍ତାବ ହୋଇଥିଲା, ପୁରୀ ମନ୍ଦିର-ମାନଙ୍କରୁ ବିଶେଷତଃ ନୃସିଂହମନ୍ଦିରରୁ ପ୍ରାପ୍ତ ଅପ୍ରକାଶିତ ଶିଳାଲିପିଗୁଡ଼ିକ ପାଠକରି ଶ୍ରୀଜଗନ୍ନାଥଙ୍କ ପ୍ରାଚୀନ ଇତିହାସ ଲେଖିବା ଭାର । ତାହା ମୁଁ ତା ୨୪-୪-୧୯୮୯ ଠାରୁ ଆରମ୍ଭ କଲି ଯେତେବେଳେ ଶ୍ରୀଯୁକ୍ତ ମହାନ୍ତିଙ୍କ ପରେ ଅଧ୍ୟାପକ ଡ଼. ଗୌରାଙ୍ଗଚରଣ ନାୟକ କୁଳପତି ଆସନ ଗ୍ରହଣ କରି ସେହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାନ୍ତି । ତାଙ୍କ ଶ୍ରଦ୍ଧା ଏବଂ ଉତ୍ସାହ ହେତୁ ଧର୍ମଶାସ୍ତ୍ର, ତନ୍ତ୍ର ବିଭାଗ ସଙ୍ଗେ ସଙ୍ଗେ ସେଥିରେ ନୂତନ ଗ୍ରନ୍ଥ ଲେଖା ଅଗ୍ରଗତି କଲା । କାରଣ କୁଳପତି ନିଜେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦର୍ଶନ (Philosophy) ବିଭାଗ ଅଧ୍ୟାପକରୂପେ ସୁନାମ ଅର୍ଜନ କରିଛନ୍ତି ।

ଆଜି ସେହି ଧର୍ମଶାସ୍ତ୍ର ଓ ତନ୍ତ୍ରଶାସ୍ତ୍ର ବିଶାରଦ ଉଭୟ ପଣ୍ଡିତ କୁଳମଣି ମିଶ୍ର ଓ ଡ଼. ସତ୍ୟବାଣୀ ମିଶ୍ର ଯଥାକ୍ରମେ ଇହଧାମ ତ୍ୟାଗକରି ଅଛନ୍ତି । ପଣ୍ଡିତ ସତ୍ୟବାଣୀ ମିଶ୍ରଙ୍କ ରଚିତ ବିରାଟ ଗ୍ରନ୍ଥ "ତନ୍ତ୍ରଶାସ୍ତ୍ରର ଅଭିଧାନ" ଅପୂର୍ଣ୍ଣ ରହିଗଲା । ସେପରି ପଣ୍ଡିତ କୁଳମଣି ମିଶ୍ରଙ୍କ ଗବେଷଣାତ୍ମକ ଧର୍ମଶାସ୍ତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ସ୍ଥାନ ଅପୂର୍ଣ୍ଣ ହୋଇ ରହିଲା । ଏହା ସେହି ପ୍ରକଳ୍ପର ଅପୂରଣୀୟ କ୍ଷତି ।

୧୯୮୯ ସାଲଠାରୁ ବହୁ ସମୟରେ ପଣ୍ଡିତ କୁଳମଣି ମିଶ୍ରଙ୍କ ସଙ୍ଗେ ମୋର ଦେଖା ହୁଏ। ତାଙ୍କ ନିରାଡମ୍ବର ସରଳ ଓ ମଧୁର ସମ୍ଭାଷଣ ମୋତେ ମୁଗ୍ଧ କରିଦିଏ। ବ୍ରାହ୍ମଣର ଶୁଦ୍ଧ-ପୂତ-ଜୀବନ ସେ ଅତିବାହିତ କରୁଥିଲେ। ଜଣେ ନିଷ୍ଠାପର ଧର୍ମଶାସ୍ତ୍ର ଅଧ୍ୟାପକରୂପେ ସତ୍ୟ ଭାଷଣ ତାଙ୍କର ମହାନ୍ ଆଦର୍ଶ ଥିବା ମୁଁ ଅନୁଭବ କରିଥିଲି। 'ନାରଦୀୟ-ସ୍ମୃତି'ର ନିମ୍ନୋକ୍ତ ନିର୍ଦ୍ଦେଶ ସେ ପାଳନ କରୁଥିଲେ ବୋଲି ମୁଁ ମନେ କରେ।

"ଏକମେବାଦ୍ୱିତୀୟଂ ତତ୍ ପ୍ରାହୁଃ ପାବନମାତ୍ମନଃ।
ସତ୍ୟଂ ସ୍ୱର୍ଗସ୍ୟ ସୋପାନଂ ପାରାବାରସ୍ୟ ନୌରିବ ॥"

ସ୍ୱର୍ଗତ 'ପଣ୍ଡିତ କୁଳମଣି ମିଶ୍ରଙ୍କ ସତ୍ୟନିଷ୍ଠ ଗୁଣ ହିଁ ତାଙ୍କ ପାଣ୍ଡିତ୍ୟକୁ ମଣି-କାଞ୍ଚନ ସଂଯୋଗ କରିଥିଲା।

ଏକଦା ମୁଁ ଗୋଟିଏ କ୍ଷୁଦ୍ର ତାଳପତ୍ର ପୋଥି ସଂଗ୍ରହ କରି ତାହା ଓଡ଼ିଶା ଷ୍ଟେଟ୍ ମ୍ୟୁଜିଅମ୍‌କୁ ଦେଇଥିଲି। ସେଥିରେ ନାମଥିଲା "ଅନ୍ୟାପଦେଶଶତକମ୍"। ତାହା ସଂକଳନ କରିଥିଲେ, ଓଡ଼ିଶାର ଜଣେ ପ୍ରାଚୀନ ସୁଧୀ-ପଣ୍ଡିତ ଓ କଳିଙ୍ଗର ଶାସକ ଭୁବନାନନ୍ଦ ସନ୍ଧିବିଗ୍ରହିକ। ପ୍ରଥମେ ସେ 'ପାତ୍ର' ଉପାଧି ପାଇ ଚତୁର୍ଥ ନରସିଂହଦେବ (ଖ୍ରୀ. ୧୩୭୭-୧୪୧୩)ଙ୍କ ସଭାପଣ୍ଡିତ ଥିଲେ। ସେତେବେଳେ ତାଙ୍କ ପରିବାରର ଅନ୍ୟ ଜଣେ ବୟୋଜ୍ୟେଷ୍ଠ ଓ "ସହୃଦୟାନନ୍ଦ" କାବ୍ୟ ପ୍ରଣେତା କୃଷ୍ଣାନନ୍ଦ 'ମହାପାତ୍ର' ଓ 'ସନ୍ଧିବିଗ୍ରହିକ' ଉପାଧିରେ ଭୂଷିତ ହୋଇ ସେହି ରାଜସଭାରେ ଥିବା କଥା ପୁରୀ ଶଙ୍କରାନନ୍ଦ ମଠରୁ ପ୍ରାପ୍ତ ୧୩୯୫ ଖ୍ରୀଷ୍ଟାବ୍ଦରେ ଏକ ଦାନ ସମ୍ପର୍କୀୟ ତାମ୍ରଶାସନରେ ଖୋଦିତ ହୋଇଅଛି *। ଚତୁର୍ଥ ନରସିଂହ ଦେବଙ୍କ ଉତ୍ତରାଧିକାରୀ ଚତୁର୍ଥ ଭାନୁଦେବ (ନିଃଶଙ୍କ ଭାନୁ)ଙ୍କ ରାଜତ୍ୱ କାଳରେ ଭୁବନାନନ୍ଦଙ୍କୁ 'ମହାପାତ୍ର ସନ୍ଧିବିଗ୍ରହ' ପଦବୀରେ ଭୂଷିତ କରି "କଳିଙ୍ଗ-ପରୀକ୍ଷା" ରୂପେ ନିଯୁକ୍ତ କରାଯାଇ ଥିଲା ⊙। ତାଙ୍କ ଭ୍ରାତା

---

* ମତ୍ ପ୍ରଣୀତ "Inscriptions of Orissa" Vol- V, Pt. ii Page 554 ଦ୍ରଷ୍ଟବ୍ୟ।

⊙ ସିଂହାଚଳସ୍ଥ ଶ୍ରୀ ବରାହ ନୃସିଂହଙ୍କ ମନ୍ଦିରରୁ ପ୍ରାପ୍ତ 'ଶିଳାଲେଖ ଏଜ୍ଞ' ପୁସ୍ତକ, ପୃଷ୍ଠା- ୫୭୨ ଦ୍ରଷ୍ଟବ୍ୟ।

କିମ୍ବା ନିକଟତମ ସମ୍ପର୍କୀୟ ମହାପାତ୍ର ପରହାସାନନ୍ଦ ନାମକ ଅନ୍ୟ ଜଣେ 'ସନ୍ଧିବିଗ୍ରହୀ' ମଧ୍ୟ କଳିଙ୍ଗର 'କଳିଙ୍ଗ-ପରୀକ୍ଷା'ରୂପେ ନିଯୁକ୍ତ ହୋଇଥିଲେ ।

ଯେଉଁ କ୍ଷୁଦ୍ର ପୋଥିଟି ଓଡ଼ିଶା ମ୍ୟୁଜିୟମ୍ ଲାଇବ୍ରେରୀକୁ ମୁଁ ଯୋଗାଇଥିଲି ତାହା ଉପଦେଶାତ୍ମକ ୧୦୦ଟି ସଂସ୍କୃତ ଶ୍ଳୋକର ସଂକଳନ । ସେଥିର ପ୍ରଣେତା ବା ସଂଗ୍ରାହକ ଭୁବନାନନ୍ଦ ସନ୍ଧିବିଗ୍ରହୀ, ଯେ କି ଗଙ୍ଗ ରାଜତ୍ୱର ଶେଷ ପର୍ଯ୍ୟାୟରେ ଦାୟିତ୍ୱପୂର୍ଣ୍ଣ ଶାସନ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଦୁଇଟି ଅଭିଲେଖରେ ତାଙ୍କନାମ ଖ୍ରୀ: ୧୩୯୪ ଓ ଖ୍ରୀ: ୧୪୭୦ (ନିଃଶଙ୍କଭାନୁଙ୍କ ୮ମ ଅଙ୍କ)ରେ ଅଙ୍କିତ ହୋଇଅଛି । ତାଙ୍କର ସଂକଳିତ ପୋଥିର ନାମ ହେଉଛି "ଅନ୍ୟାପଦେଶଶତକମ୍" । ଯେଉଁ ଶ୍ଳୋକଗୁଡ଼ିକ ସେଥିରେ ଦିଆଯାଇଛି, ସେ ସମସ୍ତ ପରବର୍ତ୍ତୀ ଜଗନ୍ନାଥ ମିଶ୍ର ସ୍ୱୀୟ ଅଳଙ୍କାର ଗ୍ରନ୍ଥରେ ଉଦାହରଣ ରୂପେ ବ୍ୟବହାର କରି ଅଛନ୍ତି । ସେହି ଶ୍ଳୋକ ଗୁଡ଼ିକ ସ୍ୱତନ୍ତ୍ରଭାବେ, ଐତିହାସିକ ମୁଖବନ୍ଧ ସହ ପ୍ରକାଶ ପାଇଁ ମ୍ୟୁଜିଅମ୍‌ରେ ମୁଁ ଦେଇଥିଲି । ସେଥିର ସମୀକ୍ଷା ସକାଶେ ଡା. ଭଗବାନ ପଣ୍ଡାଙ୍କୁ ଦିଆଯାଇଥିଲା । ବୋଧହୁଏ ପଣ୍ଡିତ କୁଳମଣି ମିଶ୍ର ସେତେବେଳେ "ସୂକ୍ତିରତ୍ନାବଳୀ" ନାମକ ଗୋଟିଏ ଗ୍ରନ୍ଥ ସଂକଳନ କରୁଥିବାରୁ ଶ୍ଳୋକଗୁଡ଼ିକ ତାଙ୍କ ଗ୍ରନ୍ଥରେ ଦେଇଛନ୍ତି ବୋଲି ସେ ମୋତେ କହିଥିଲେ । କେବଳ ଗୋଟିଏ ଶ୍ଳୋକର ସନ୍ଧାନ ସେ ପାଇ ନ ଥିବା ମଧ୍ୟ ମୋତେ ଜଣାଇ ଥିଲେ । ବାସ୍ତବରେ ତାଙ୍କର ପାଣ୍ଡିତ୍ୟ ଓ ବିଶ୍ଳେଷଣ ପ୍ରକ୍ରିୟା ଅତି ଉଚ୍ଚକୋଟିର ହୋଇଥିବାରୁ ତାହା ମୋତେ ମୁଗ୍ଧ କରିଥିଲା ।

ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବେ ପୁରୀର ତତ୍କାଳୀନ ଶ୍ରେଷ୍ଠ ଧର୍ମଶାସ୍ତ୍ର-ବେତ୍ତା ପଣ୍ଡିତ ଆନନ୍ଦଚନ୍ଦ୍ର ମିଶ୍ରଙ୍କ ସମ୍ପର୍କରେ ମୁଁ ଆସିଥିଲି । ପୁରୀର ଅଦ୍ୱିତୀୟ ପଣ୍ଡିତ ରୂପେ ସେ ପରିଚିତ ଥିଲେ । କିନ୍ତୁ କ୍ରୋଧ ସମ୍ଭାଳିବା ପାଇଁ ସଂଯମ ତାଙ୍କଠାରେ ନଥିଲା । ପଣ୍ଡିତ କୁଳମଣି ମିଶ୍ର କିନ୍ତୁ ଯେପରି ମିଷ୍ଟଭାଷୀ ସେପରି ଦୟାଳୁ ଥିବାରୁ ତାଙ୍କଠାରେ ମାନବିକତାର ଗୁଣାବଳୀ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ଥିଲା । ଆଜି ତାଙ୍କ ମୃତ୍ୟୁର ପ୍ରଥମ ବାର୍ଷିକ ଶ୍ରାଦ୍ଧରେ ତାଙ୍କୁ ସ୍ମରଣ କରିବା ସୁଯୋଗ ମୋତେ ଦେଇଥିବାରୁ ଉଦ୍ୟୋକ୍ତାମାନଙ୍କୁ ବିଶେଷତଃ ତାଙ୍କର ଅତି ପ୍ରିୟ ଛାତ୍ର ଓ ସହକର୍ମୀ ଅଧ୍ୟାପକ ଡକ୍ଟର ବ୍ରଜକିଶୋର ସ୍ୱାଇଁଙ୍କୁ ମୁଁ ମୋର ଆନ୍ତରିକ ସଦିଚ୍ଛା ଓ ଆଶୀର୍ବାଦ ଜ୍ଞାପନ କରୁଛି ।

—୦—

ଗୁରୋ କୃପାଳୋ କୃପୟୋପଦିଶ୍ୟତାମ୍

ପଣ୍ଡିତ ଗୋଦାବରୀଶ ପ୍ରହରାଜ

ଶାସ୍ତ୍ରେଷୁ ଶ୍ରମବାନ୍ କ୍ରିୟାସୁ କୁଶଳୀ ବିଦ୍ୱଦ୍‌ବରେଣ୍ୟଃ ସୁଧୀଃ ।
ବ୍ରହ୍ମଧାନପରାୟଣୋ ନିରଳସଃ କର୍ତ୍ତବ୍ୟନିଷ୍ଠଃ ଶୁଚିଃ ॥
ଶାସ୍ତ୍ରାଣାଂ ସରଳାର୍ଥତତ୍ତ୍ୱନଚୟନ୍, ବିଶ୍ଳେଷୟନ୍ ଦୀପୟନ୍ ।
କାଳ-ବ୍ୟାଳ-କରାଳ-ଦଂଶନ-ବଶାଦ୍ ସ୍ୱର୍ଗଂ ଗତଃ ସଦ୍‌ଗୁରୁଃ ୧ ॥

ଅନେକଶଃ ସନ୍ତି ବିପଶ୍ଚିତୋ ଭୁବି
ନ ଦୃଶ୍ୟତେ ତେଷୁ ଭବାଦୃଶୋ ସୁଧୀଃ ।
ଗୃଣନ୍ତି ଲୋକାଃ ଭବଦୀୟ ସଦ୍‌ଗୁଣାନ୍
ପ୍ରଣୀତଶାସ୍ତ୍ରାଣି ପଠନ୍ତି ସଜ୍ଜନାଃ ॥ ୨ ॥

ବିଭିନ୍ନ ଶାସ୍ତ୍ରାଣି ବିଲୋକ୍ୟ ସର୍ବଥା
ତଦୀୟ ସୁକ୍ଲିଷ୍ଟ ସୁବୋଧନଂ କୃତମ୍ ।
ନିଗୂଢ ଶାସ୍ତ୍ରୀୟ ବିଶେଷ ଭାବନାମ୍
ମଧୀତ୍ୟ ଛାତ୍ରାଃ କୃତକୃତ୍ୟତାଂ ଗତାଃ ॥ ୩ ॥

ପଞ୍ଜିକାସୁ ତିଥିକୃତ୍ୟଜାତକ-
ମାକଳୟ୍ୟ ଜନତାହିତାୟ କଃ ।
ଶାସ୍ତ୍ରତତ୍ତ୍ୱ ସଂକଳଂ ସମାହରନ୍
ନିର୍ଣ୍ଣୟିଷ୍ୟତି ନୁ କୋ ଭବାଦୃତେ ॥ ୪ ॥

ପ୍ରାପୁଷ୍ଟିଓ ବିବେକେ ଚ ଧ୍ୱନିକାବ୍ୟେ ତଥୈବ ଚ
ଶ୍ରୁତବୋଧେ ତଥାଽନ୍ୟାସୁ ରଚନାସୁ ବହ୍ୱୀଷ୍ୱପି ।
ସର୍ବେଷାଂ ସୁଖବୋଧାୟ ଟୀକାଂ ବାଳବିବୋଧିନମ୍
ଯେ ପଠନ୍ତି ମୁଦା ତେ ତ୍ୱୈ ଭକ୍ତ୍ୟା ଭୂରି ନମନ୍ତି ବଃ ॥ ୫ ॥

ଭାରତୀୟ ସୁରଭାରତୀ ପ୍ରିୟାଃ
ଭୁସୁରାଶ୍ଚ କବୟୋ ବୁପଶ୍ଚିତଃ ।
ରାଜମାର୍ଗ-ପୁରମନ୍ଦିରେଷୁ ଚ
ସଂ ସ୍ମରନ୍ତି ଭବତାଂ ହୃତଂ ବଚଃ ॥ ୫ ॥

ବେଦପାଠମଧୁଗାୟନଂ ଯଥା
ଭାରତୀୟମହମାୟୃତାଂ ସଦା ।
କୀର୍ତ୍ତୟନ୍ ଜଗତି ବା ପ୍ରବର୍ତ୍ତତେ
ଭାସ୍ୟତାନ୍ ସୁଚୀରଂ ଭବଦ୍ୟଶଃ ॥ ୬ ॥

ଭବତୁ ସ୍ୱରୂପଂ ପଦପଙ୍କଜପ୍ରଭା
ସଦା ଚକାସ୍ତେ ଚଲମାନସେ ମମ ।
ଯଦା ଯଥା ଯତ୍ କରଣୀୟମସ୍ତି ନଃ
ଗୁରୋ କୃପାଳୋ କୃପୟୋପଦଶ୍ୟତାମ୍ ॥ ୮ ॥

ଭୁବନେଶ୍ୱର

—※—

ଗୁଣ କେବେ ଲୁଚ ଯାଏ ନାହିଁ

ଶ୍ରୀମତୀ ସୁଷମା ରଥ

ତ୍ୟାଗ, ତପସ୍ୟା ଓ ଜ୍ଞାନ ଯୁଗେ ଯୁଗେ ଭାରତୀୟ ଆଧ୍ୟାତ୍ମିକ ଚେତନାକୁ ଋଦ୍ଧିମନ୍ତ ଓ ରୁଚିମନ୍ତ କରି ଆସିଛି । ତ୍ୟାଗୀ ଓ ତପସ୍ୱୀ ଜୀବନର ଆଦର୍ଶ ଭାରତୀୟ ସଂସ୍କୃତିକୁ ଗଭୀର ଭାବେ ପ୍ରଭାବିତ କରୁଛି । ଯଥାର୍ଥରେ ଏହା ଆମ ଆଧ୍ୟାତ୍ମିକ ସାଧନାର ମୂଳଭିତ୍ତି ଓ ପରମ୍ପରାର ପରମ ଆକର୍ଷଣ । ଏହି ତ୍ୟାଗୀ ଜ୍ଞାନୀ ତପସ୍ୱୀମାନଙ୍କର ସଂଖ୍ୟା ବହୁ ବିରଳ ହେଲେ ମଧ୍ୟ ସେମାନେ ଅମ୍ଳାନ ସୂର୍ଯ୍ୟ ଶିଖା ପରି ବର୍ତ୍ତମାନ ତଥା ଭବିଷ୍ୟତକୁ ଉଦ୍‌ଭାସିତ କରନ୍ତି । ସେହି ମହାପୁରୁଷ ମାନଙ୍କର ସାଧନା ମଣିଷ ଜୀବନକୁ ନବମୟ କରିବାପାଇଁ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି । ଯଥାର୍ଥରେ ସେମାନେ ନୀରବ ବିପ୍ଳବୀ । ଅବାଞ୍ଛିତତାକୁ ଅପସାରିତ କରି ଯାହା ବାଞ୍ଛିତ ତାକୁ ଆହ୍ୱାନ କରିବା ବିପ୍ଳବର ଆଭିମୁଖ୍ୟ । ସେଥିପାଇଁ ତ୍ୟାଗୀ, ତପସ୍ୱୀ ତଥା ଜ୍ଞାନୋପାପ୍ତ ପୁରୁଷଗଣ ଆମର ଚିର ସ୍ମରଣୀୟ ଓ ବନ୍ଦନୀୟ । ଭବିଷ୍ୟତ ଜୀବନପାଇଁ ଯେଉଁ ନୂତନ ଦିଗନ୍ତର ସନ୍ଧାନ ସେମାନେ ଦେଇଯାନ୍ତି, ତାହା ତାଙ୍କୁ ଧ୍ରୁବତାରା ସଦୃଶ ଚିର ଦୀପ୍ତିମନ୍ତ କରି ରଖେ ଓ ସେମାନେ ପ୍ରାତଃ ସ୍ମରଣୀୟ ହୋଇ ରହନ୍ତି । ତେଣୁ ପୂଜ୍ୟ ପୂଜା ଆମର ଅନାହତ ପରମ୍ପରା ଓ ଏହା ଆମ ସଂସ୍କୃତିର ପବିତ୍ର ନିର୍ମାଲ୍ୟ । ତେଣୁ ସେହିଭଳି ଏକ ଯୁଗପୁରୁଷ ତଥା ମୋର ଗୁରୁ ଚିରନମସ୍ୟଙ୍କର ଆଜି ମହାପ୍ରୟାଣର ପ୍ରଥମବର୍ଷରେ ଏକ ସ୍ମରଣୀୟସାବରେ ସ୍ନେହ ମହାମହିମଙ୍କର ଗୁଣାବଳୀର ଅଙ୍କୁର ପରିସ୍ଫୁଟନ କରିବାପାଇଁ ଲେଖନୀରେ ଚାଲିଥିଲେ ମଧ୍ୟ ଲେଖିବାକୁ ଭାଷା ନାହିଁ ଏବଂ ଶକ୍ତି ନାହିଁ ତଥାପି······ଶ୍ରୁତିଶାସ୍ତ୍ରାନୁସାରେ—

"ବେଦ ବେଦାଙ୍ଗବିନ୍ନାସମସ୍ତଭୂତା ଭୟପ୍ରଦଃ
ଅହିଂସା ସତ୍ୟବଚନଂ କ୍ଷମା ଚେତି ବିନିଶ୍ଚିତମ୍
ବ୍ରାହ୍ମଣସ୍ୟ ପରୋଧର୍ମୋ ବେଦାନାଂ ଧାରଣାପି ଚ
କ୍ଷତ୍ରିୟସ୍ୟ ହି ଯୋ ଧର୍ମଃ ସ ହି ନେଷ୍ୟତ ବୈ ତବଃ"

ଅର୍ଥାତ୍—ବେଦ ବେଦାଙ୍ଗ ଏହି ସୁନ୍ଦର କଥା କହୁଛନ୍ତି, ଯେ ବ୍ରାହ୍ମଣ ତାହାଙ୍କୁ ହିଁ କୁହାଯିବ, ଯେ ସର୍ବଭୂତର ଅଭୟ କାରଣ ହେବେ । ତେହି

ଷ ପ୍ରାଣୀ ଟିକିଏ ହେଲେ ଭୟ ବା ଆଶଙ୍କାବୋଧ କରିବେ ନାହିଁ । କାରଣ ସେମାନେ ସ୍ୱଭାବତଃ ହିଁ ଅହିଂସ । ଅହିଂସା, ସତ୍ୟବଚନ କ୍ଷମା ଇତ୍ୟାଦି ଗୁଣ ନିଶ୍ଚିତ ଭାବରେ ସେମାନଙ୍କର ଭୂଷଣ ଏହାଛଡ଼ା ବେଦାଦି ଗ୍ରନ୍ଥ ପାଠ କରି ତା'ର ମର୍ମାର୍ଥକୁ ହୃଦୟରେ ଧାରଣ କରିବା ସେମାନଙ୍କର କର୍ମ । ତେଣୁ ଏହି ସକଳ ଗୁଣର ଅଧିକାରୀ ହୋଇଥିଲେ ଆଚାର୍ଯ୍ୟ ପଣ୍ଡିତ କୁଳମଣି ମିଶ୍ର ତାଙ୍କ ମନରେ ନ ଥିଲା କ୍ରୋଧ ବା ଘୃଣା । ସେ ସବୁକାଳେ ସମସ୍ତଙ୍କୁ ଆଶୀର୍ବାଦ ତଥା ଉପଦେଶ ବାଣୀ ହିଁ ଜୀବନରେ ଶେଷ ପର୍ଯ୍ୟନ୍ତ ଦେଇ ଆସିଛନ୍ତି ଏବଂ ପ୍ରତ୍ୟେକଙ୍କର ଉନ୍ନତି କାମନା କରିଆସିଛନ୍ତି ଏବଂ ସେ ଜ୍ଞାନରେ ତଥା ବୁଦ୍ଧିମତ୍ତାରେ ଶ୍ରେଷ୍ଠରେ ଥିଲେ । ଯାହା ଫଳରେ ଗୁଣିର ଗୁଣ କେବେହେଲେ ଲୁଚିଯାଏ ନାହିଁ ଯାହାଦ୍ୱାରା କି ନିଜର ଶାସ୍ତ୍ରଚର୍ଚ୍ଚା ଦ୍ୱାରା ସେ ୧୯୮୪ ସାଲରେ ସର୍ବଶ୍ରେଷ୍ଠ ରାଷ୍ଟ୍ରପତି ସମ୍ମାନ ଲାଭ କରିଥିଲେ ଏବଂ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ତାଙ୍କର ମନକୁ ସ୍ପର୍ଶ କରିପାରି ନ ଥିଲା । ଯାହା ଫଳରେ ସେ ଶାରୀରିକ ଅସୁସ୍ଥ ହେଲେ ମଧ୍ୟ ସେ ଭବିଷ୍ୟତର ଯୁବ ତଥା ଜ୍ଞାନାର୍ଥୀମାନଙ୍କୁ ଦିଗ୍‌ଦର୍ଶନ ଦେବାପାଇଁ ବହୁତ ଉପାଦେୟ ଗ୍ରନ୍ଥ ଲେଖିଯାଇଛନ୍ତି, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଗଲେ ମଧ୍ୟ କେତେଗୁଡ଼ିଏ ଗ୍ରନ୍ଥ ପ୍ରକାଶିତ ହୋଇପାରି ନାହିଁ ତେଣୁ ସେପରି ଜଣେ ମହାମହିମ ଜ୍ଞାନୀ ବିଦ୍ୱାନ୍ ପୁରୁଷଙ୍କୁ ମାତ୍ର ଗୃଣ୍ଡବର୍ଷ ଗୁରୁରୂପେ ପାଇଥିବାରୁ ମୁଁ କ୍ଷୀଣବୁଦ୍ଧି ସମ୍ପନ୍ନା ନିଜକୁ ଗୌରବାନ୍ୱିତ ମନେ କରୁଛି । ମନୁଷ୍ୟ ସମାଜରେ ଏହି ଯେଉଁ ଭଗବାନଙ୍କର ଜନ୍ମ ମୃତ୍ୟୁ ଲୀଳା ବାସ୍ତବରେ ଦୁଃଖ ଦାୟକ ! ଯଥାର୍ଥରେ କବି ଗଙ୍ଗାଧର ମେହେରଙ୍କ ମତରେ—

"ଚିର ସ୍ଥାୟୀ ନୁହେଁ ଶରୀର ପାଦପ
ଭବ ତରଙ୍ଗିଣୀ ତୀରେ
ପ୍ରାଣ ମୂଳ ମାଟି ଧୌତ ହୋଇଗଲେ
ବହିଯାଏ କାଳନଦୀରେ"

□□□

ଗବେଷିକା ଶ୍ରୀବିହାର ।

ସୃଷ୍ଟି ତୁମ କାଳଜୟୀ

ସ୍ୱରାଜଲକ୍ଷ୍ମୀ ଦାସ

"ଦିଗ୍‌ଦର୍ଶନୀ"ର ଦାଗ ସଂପୂର୍ଣ୍ଣ ନିର୍ଣ୍ଣୟ କରିବା ପୂର୍ବରୁ
ସେଇ ମହାଧ୍ୱନି, ସେ ଉଜ୍ଜ୍ୱଳ, ଆଲୋକର
ସନ୍ଧାନରେ ଚାଲିଗଲ—
ସାର୍ଥକ କରିଦେଇ କୁଳମଣି ନାମ ।

ବାଣୀଙ୍କ କେଳୀଭୂମିର ବିଳାସରେ
ଉଜ୍ଜ୍ୱଳ ଆଜି ତୁମ "କାଳଦୀପ ଟୀକା"
କର୍ମକାଣ୍ଡେ କରିଗଲ ଆଜୀବନ ଜ୍ଞାନର ସାଧନା
"ବିଷ୍ଣୁ-ଶିବଙ୍କର ସହସ୍ରନାମ"ର ସମାହାରେ

ସ୍ମୃତି ତବ ଝଙ୍କୃତ କରିଦିଏ ଶ୍ରୀବିହାର କୋଣେ ଅନୁକୋଣେ
ଧର୍ମଶାସ୍ତ୍ର ବିଭାଗ ଆଉ ଶବ୍ଦକୋଷ
"ନିତ୍ୟାଚାର-ପ୍ରଦୀପ"ରେ ଆଲୋକିତ କରି ତୁମ ଜୀବନ ପ୍ରଦୀପ
"ପ୍ରାୟଶ୍ଚିତ୍ତ ବିବେକ"ରେ କରିଗଲ ଧର୍ମାଧର୍ମ ସୁବିଚାର
"ଶ୍ରୁତିବୋଧ" "ସୂକ୍ତି ରତ୍ନାବଳୀ" ସ୍ମୃତି ହୋଇ ରହିଗଲା
ଜ୍ଞାନାଲୋକ ବିତରଣ ପାଇଁ ।

ହେ ମହାନ୍ ଆତ୍ମା ! ଏଇ ଲଗ୍ନେ
ପ୍ରଥମ ବାର୍ଷିକ ସ୍ମୃତି ଅବସରେ କରୁଛୁଁ କାମନା—
ତୁମ ସୃଷ୍ଟି ହେଉ କାଳଜୟୀ,
ଆହେ ମହାମନା !

(ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ରଙ୍କ ରଚିତ ବିଭିନ୍ନ ଗ୍ରନ୍ଥ ଉପରେ ଆଧାରିତ)

ଶ୍ରୀବିହାର, ପୁରୀ

*

ସହ ଧର୍ମିଣୀଙ୍କ ସହିତ ୧୯୮୭ ମସିହାରେ

ସ୍ୱରଚିତ "କାଳଦୀପ" ପୁସ୍ତକ ସହିତ

ନନାଙ୍କୁ ଯେପରି ଜାଣେ

ଶ୍ରୀମତୀ ବିନତା ମିଶ୍ର

ନନାଙ୍କ ବିଷୟରେ କ'ଣ ଲେଖିବି ? ତାଙ୍କର ବହୁମୁଖୀ ପ୍ରତିଭା, କର୍ମନିଷ୍ଠା ତଥା ଧର୍ମନିଷ୍ଠାକୁ ମାପିବା ପାଇଁ ମୋର ବା ଯୋଗ୍ୟତା କାହିଁ ? ମୁଁ ଭାବେ, ବହୁ ଜନ୍ମର ପୁଣ୍ୟ ଫଳରେ ତାଙ୍କ କନ୍ୟାଭାବେ ଜନ୍ମ ନେଇ ତାଙ୍କର ଧର୍ମାନୁପ୍ରାଣିତ କର୍ମନିଷ୍ଠ ଆଦର୍ଶ ଜୀବନକୁ ଅନୁଧ୍ୟାନ କରିବାର ସୌଭାଗ୍ୟ ମିଳିଛି । ସେ କେବଳ ଜଣେ ଧର୍ମଶାସ୍ତ୍ର ଅଧ୍ୟାପକ ନ ଥିଲେ, ଜୀବନର ପ୍ରତିଟି ମୁହୂର୍ତ୍ତ ତାଙ୍କର ଧର୍ମଦ୍ୱାରା ନିୟନ୍ତ୍ରିତ ହେଉଥିଲା । ତାଙ୍କ ଜୀବନର ମୂଳମନ୍ତ୍ର ଥିଲା 'ଯତୋ ଧର୍ମସ୍ତତୋ ଜୟଃ' । ଶ୍ରୀମଦ୍‌ଭାଗବତରେ ଉଲ୍ଲେଖ ଅଛି ଯେ ସାଧୁ, ସଜ୍ଜନମାନେ ସ୍ୱକୀୟ ଅବସ୍ଥାନ ଦ୍ୱାରା ଯେକୌଣସି ସ୍ଥାନକୁ ତୀର୍ଥରେ ପରିଣତ କରନ୍ତି (ତୀର୍ଥୀକୁର୍ବନ୍ତି ତୀର୍ଥାନି ସ୍ୱାନ୍ତଃସ୍ଥେନ ଗଦାଭୃତା) । ବସ୍ତୁତଃ ନନାଙ୍କ ଅବସ୍ଥାନ କାଳରେ ଆମର ଘର ତୀର୍ଥରେ ପରିଣତ ହୋଇଥିଲା । ଜ୍ଞାନ-ପିପାସୁ ଛାତ୍ରଗଣ, ଧର୍ମବିଷୟକ ବିଭିନ୍ନ ସଂଶୟର ସମାଧାନ କରିବାକୁ ଆସୁଥିବା ବ୍ୟକ୍ତିମାନେ, ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ସଂସ୍କୃତ ବିଦ୍ୱାନ୍‌ମାନେ ପ୍ରତ୍ୟହ ନନାଙ୍କ ପାଖକୁ ଆସୁଥିଲେ । ଶାସ୍ତ୍ରଚର୍ଚ୍ଚା ଓ ଧର୍ମାଲୋଚନା ଆମ ଗୃହକର୍ମର ଏକ ମୁଖ୍ୟ ଅଙ୍ଗ ଥିଲା ।

ନନାଙ୍କର ଭଗବଦ୍‌ବିଶ୍ୱାସ ଥିଲା ଅଟଳ । ଈଶ୍ୱର ପ୍ରତ୍ୟେକ କ୍ରିୟାକଳାପ କେବଳ ହେତୁ ଓ କାର୍ଯ୍ୟ (Cause and effect)ର ଏକ ନିଶ୍ଚେତନ ପ୍ରକ୍ରିୟା ନୁହେଁ । ପ୍ରତ୍ୟେକ ପ୍ରକ୍ରିୟା, ପ୍ରତ୍ୟେକ ବସ୍ତୁ ଏକ ଦିବ୍ୟଇଚ୍ଛା ଦ୍ୱାରା ନିୟନ୍ତ୍ରିତ— ଏହାହିଁ ଥିଲା ତାଙ୍କର ମୂଳ ବିଶ୍ୱାସ । କୌଣସି ସନ୍ଦିଗ୍ଧ ମୁହୂର୍ତ୍ତରେ କେତେକ ଏହି ବିଶ୍ୱାସ ହରାଇ ବସନ୍ତି । ଆଉ କେତେକ କେବଳ ବିପଦ ସମୟରେ ଏହି ବିଶ୍ୱାସ ପୋଷଣ କରନ୍ତି କିନ୍ତୁ ସେ ଏହି ଉଭୟ ଶ୍ରେଣୀର ଭଗବଦ୍‌ବିଶ୍ୱାସୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ଆଜିଠାରୁ କୋଡ଼ିଏ ବର୍ଷ ପୂର୍ବେ ନିଜ ଜନ୍ମଦିନରେ ଭଗବାନ୍‌ଙ୍କ ପ୍ରତି ପ୍ରାର୍ଥନା କରି ସେ ଯେଉଁ ପଦ୍ୟ ଲେଖିଥିଲେ ତାହା ତାଙ୍କ ଜୀବନର ଏକ ପ୍ରଧାନ ଲକ୍ଷ୍ୟ ଥିଲା—

ପ୍ରତି ମୁହୂର୍ତ୍ତରେ ରଜନୀ ବାସରେ   ତବ ଶ୍ରୀଚରଣେ ରହୁ ମନ
ଶରଦେ ଶରଦେ ସମ୍ପଦେ ବିପଦେ,   ତୁଅ ପ୍ରଭୁ ମୋର ଗଣ୍ଠିଧନ
ଏହି ଅଳି ମୋର
କରିବ ନାହିଁଟି କେବେ ଦୂର ।

ମୋର ମନେ ଅଛି, ଯେତେବେଳେ ଏକାଦଶ ଶ୍ରେଣୀରେ ପଢୁଥିଲି ସେତେବେଳେ ମୋ ତଳ ଭାଇ ରମାକାନ୍ତଙ୍କୁ ଟାଇଫଏଡ଼ ହୋଇଥିଲା । ଅତ୍ୟଧିକ ଜ୍ୱର ହେତୁ ସେ ବାରମ୍ବାର ସଂଜ୍ଞାହୀନ ହୋଇପଡ଼ୁଥିଲା । ବୋଉ ବସି ତା ପାଖରେ ବିକଳ ଭାବରେ କାନ୍ଦୁଥିଲା । ସେତେବେଳେ ନନା ଅନନ୍ୟ ଭାବରେ ଠାକୁରଙ୍କ ଘରେ ପୂଜା କରୁଥିଲେ । ଭଗବାନ୍ ହିଁ ତାଙ୍କୁ ସମସ୍ତ ବିପଦରୁ ରକ୍ଷା କରିବେ ବୋଲି ପୂର୍ଣ୍ଣବିଶ୍ୱାସ ତାଙ୍କର ଥିଲା । ମୁଁ ସେତେବେଳେ ଅସ୍ଥିର ହୋଇ ନନା କ'ଣ ଖାଲି ପୂଜା କରୁଛନ୍ତି ଭାବି ଦୌଡ଼ିଗଲି ନନାଙ୍କ ତତ୍‌କାଳୀନ ଗ୍ରହ ଆମର ଜଣେ ସମ୍ପର୍କୀୟ ପ୍ରଫୁଲ୍ଲମାମୁଁଙ୍କୁ ଡାକି-ଆଣିବାକୁ । ପରେ ବୁଝି ପାରିଲି ଅସ୍ଥିରତା ଅଜ୍ଞତାର କାରଣ । ପୂର୍ଣ୍ଣ ସମର୍ପଣ ହିଁ ପୂର୍ଣ୍ଣ ଜ୍ଞାନର ଲକ୍ଷଣ । ସେହି ପୂର୍ଣ୍ଣ ସମର୍ପଣ ହିଁ ତାଙ୍କୁ ବିଭିନ୍ନ ବିପତ୍ତିରୁ ରକ୍ଷା କରିଥିଲା ।

ଆଉ ଏକ ଦିନର ଘଟଣା । ଏବେ ବି ଚିନ୍ତାକଲେ ମୋତେ ଆଶ୍ଚର୍ଯ୍ୟ ଲାଗେ । ମୋର ଏମ୍. ଏ. ପରୀକ୍ଷା ପରେ ଛୁଟିରେ ଆମେ ଦକ୍ଷିଣ ଭାରତ ବୁଲିଯାଇଥିଲୁ । ନନା, ବୋଉଙ୍କ ସହିତ ମୁଁ ଓ ମୋର ସାନ ଦୁଇଭାଇ ଥିଲୁ । ବିଭିନ୍ନ ଜାଗାରେ ରହି ସେହି ସବୁ ସ୍ଥାନରେ ଥିବା ମନ୍ଦିରମାନଙ୍କୁ ଯାଇ ଠାକୁର ଦର୍ଶନ କରି ଆସୁଥିଲୁ । ବାଟରେ ଥରେ ତିରୁଚିନାପଲ୍ଲୀ ଷ୍ଟେସନଠାରେ ଆମର ଓହ୍ଲାଇବାର ଥିଲା । ଅଥଚ ତା'ପୂର୍ବରୁ ଅନ୍ୟ ଏକ ନିର୍ଜନ ସ୍ଥାନରେ ଭୁଲ୍‌ବଶତଃ ଆମେ ଓହ୍ଲାଇ-ପଡ଼ିଲୁ । ଲାଇନ୍ କ୍ଲିୟର୍ ଥିବାର ସିଗ୍‌ନାଲ୍ ନ ଥିବାରୁ ବୋଧହୁଏ ଗାଡ଼ି ରହିଯାଇଥିଲା କିମ୍ବା ଚେନ୍ ଟଣା ଯାଇଥିବାରୁ ଗାଡ଼ି ରହିଯାଇଥିଲା । ସେତେବେଳକୁ ରାତି ପ୍ରାୟ ଦୁଇଟା । ଟ୍ରେନ୍ ଲାଇନ୍ ଦୁଇକଡ଼ରେ ଜଙ୍ଗଲ । ଅନ୍ୟ ଆଡ଼କୁ ଯିବାର ରାସ୍ତା ନାହିଁ । ଘରଦ୍ୱାର କିଛି ପାଖରେ ନାହିଁ । କେହି ଲୋକ ମଧ୍ୟ ନାହାନ୍ତି । ଆମେ ଖୁବ୍ ଶୀଘ୍ର ଓହ୍ଲାଇ ପଡ଼ିବା ପରେ ଗାଡ଼ି ଛାଡ଼ିଦେଲା । ଏପରି ବିପଦସଙ୍କୁଳ ସ୍ଥାନରେ ଅର୍ଦ୍ଧରାତ୍ରରେ

କେଉଁ ବିପତ୍ତିର ଯେ ଆଶଙ୍କା ନାହିଁ ? ନନା ଆମକୁ ନେଇ କେଉଁ ଆଡ଼କୁ ଯିବେ ? କେବଳ ଭଗବାନ୍‌ଙ୍କୁ ସ୍ମରଣ କରୁଥାନ୍ତି । ଏହି ସମୟରେ ଜଣେ ୧୦/୧୨ ବର୍ଷର ପିଲା କେଉଁଆଡୁ ଦୌଡ଼ି ଆସିଲା । ତା ଭାଷା ଆମେ କିଛି ବୁଝିପାରୁ ନ ଥିଲୁ କି ସେ ଆମ କଥା ବୁଝୁ ନ ଥିଲା । ତଥାପି ସେ ଆମ କଥାରୁ କିଛି ବୁଝିପାରି ଆମର ୮/୧୦ ଟା ବଡ ବଡ ବେଡ଼ିଙ୍ଗ ଓ ଟ୍ରଙ୍କ ପ୍ରଭୃତିକୁ ନେଇ ଆରପଟ ଲାଇନ୍‌ରେ ରହିଥିବା ଗୋଟିଏ ପାସେଞ୍ଜର ଟ୍ରେନ୍‌କୁ ଉଠାଇ ଦେଲା । ଆମେ ଟ୍ରେନ୍‌ରେ ଉଠିବା ସଙ୍ଗେସଙ୍ଗେ ଟ୍ରେନ୍ ଛାଡିଦେଲା । ଏତେ ଶୀଘ୍ରରେ ସେ ପିଲାଟି କିପରି ଆମକୁ ସାହାଯ୍ୟ କଲା ଓ ୨/୩ ମିନିଟ୍ ଭିତରେ ଏତେ ବଡ ବଡ଼ ଜିନିଷ ସେ କିପରି ନେଇ ଆଉ ଏକ ପାସେଞ୍ଜର୍ ଟ୍ରେନ୍‌ରେ ଚଢ଼ାଇଦେଲା । ସେ ପାସେଞ୍ଜର୍ ଟ୍ରେନ୍ ମଧ୍ୟ କିପରି ସେଠାରେ ଆସି ରହିଲା, ତାହା ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗେ । ଭଗବତ୍‌କୃପା ଛଡ଼ା ଏହା ଅନ୍ୟ କିଛି ନୁହେଁ । "ଧର୍ମ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷିତଃ" ।

ଆଉ ଏକ ଘଟଣା । ପ୍ରାୟ ୩୦ ବର୍ଷ ତଳର କଥା । ନନା ଏ କଥା ଅନେକ ସମୟରେ କୁହନ୍ତି । ଥରେ ସେ ତାଙ୍କର ଖୁଡ଼ୀଶାଶୁଙ୍କ ଦଶାହକୁ ମହାପ୍ରସାଦ ହାଣ୍ଡି ଦୁଇଟି ନେଇ ଯାଉଥିଲେ । ଟ୍ରେନ୍‌ରୁ ଓହ୍ଲାଇବା ପରେ କିଛିଦୂର ଯାଇ ବସ୍‌ରେ ଉଠିବାକୁ ହେବ । ଦୁଇଟା ମହାପ୍ରସାଦ ହାଣ୍ଡିକୁ ଦୁଇ କାନ୍ଧରେ ରଖିଥାନ୍ତି । ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର ଷ୍ଟେସନରେ କେହି ଲୋକ ମିଳିବା ଅସମ୍ଭବ । ନନା ସେତେ ସବଳ ନୁହନ୍ତି । ଦୁଇଟି ମହାପ୍ରସାଦ ହାଣ୍ଡିକୁ ଟେକି ନେବାର ଶକ୍ତି ତାଙ୍କର ନାହିଁ । କିନ୍ତୁ ଜଗନ୍ନାଥଙ୍କ ପ୍ରସାଦକୁ ଯେ କୌଣସି ସ୍ଥାନରେ ତଳେ ରଖିଲେ ତାଙ୍କର ଅବମାନନା ହେବ । ଏଣେ ଆଖିରୁ କଷ୍ଟରେ ଲୁହ ବୋହିଗଲାଣି । ହଠାତ୍ ଜଣେ ଅପରିଚିତ ଲୋକ ଆସି ହାଣ୍ଡି ଦୁଇଟି ତାଙ୍କଠାରୁ ନେଇ ବସ୍‌ଷ୍ଟପ୍-ଠାରେ ବସ୍‌କୁ ଉଠାଇଦେଲେ । ସେତେବେଳେ ଅଳ୍ପ ବସ୍ ଥିବାରୁ ଖୁବ୍ ଭିଡ ହେଉଥିଲା । ନନା ଟିକେଟ୍ କରି ଟଙ୍କା ଭାଙ୍ଗିଇ ଲୋକଟିକୁ କିଛି ପଇସା ଦେବାପାଇଁ ଖୋଜିଲେ । କିନ୍ତୁ ତାକୁ ପାଇଲେ ନାହିଁ । ଏପରି ନିଷ୍କାରଣ ବନ୍ଧୁ, କୌଣସି ପ୍ରତ୍ୟାଶା ନ ରଖି ସାହାଯ୍ୟ କରିଥିବା ଅପରିଚିତ ବ୍ୟକ୍ତି କାହିଁକି ତାଙ୍କର ଅସୁବିଧାରେ ତାଙ୍କୁ ସାହାଯ୍ୟ କଲା ନନା ସେ ବିଷୟରେ ଚିନ୍ତାକଲେ । ମନେ ମନେ ଭଗବାନ୍‌ଙ୍କୁ ଧନ୍ୟବାଦ ଦେଲେ ।

ପରୋପକାର ନନାଙ୍କ ଜୀବନର ବ୍ରତଥିଲା । ଘରକୁ ବିଭିନ୍ନ ଲୋକଙ୍କୁ ଡ଼ାକି ସତ୍କାର କରିବାରେ ତାଙ୍କର ଆନନ୍ଦ ଅବର୍ଣ୍ଣନୀୟ । ପ୍ରତ୍ୟହ ଅତିଥି ଚର୍ଚ୍ଚା ସେ ନିଷ୍ଠିତ ଭାବରେ କରୁଥିଲେ । ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଥିବାବେଳେ ବିଭିନ୍ନ ପର୍ବ ପର୍ବାଣୀକୁ ସଂସ୍କୃତ କଲେଜ ହଷ୍ଟେଲ୍‌ରେ ଥିବା ପିଲାମାନଙ୍କୁ ସେ ଘରୁ ପିଠାକରି ନେଇ ଖୋଉଥିଲେ । ସ୍ୱଳ୍ପ ସମ୍ବଳ ମଧ୍ୟରେ ଦରିଦ୍ର ଓ ଅର୍ଥୀମାନଙ୍କୁ ସେ ନିଷ୍ଠିତ ସାହାଯ୍ୟ କରୁଥିଲେ । ନିଜେ ମଧ୍ୟ ଅତ୍ୟନ୍ତ ଗୁଣଜ୍ଞ ଓ କୃତଜ୍ଞ ଥିଲେ । ସେ ସବୁବେଳେ କହୁଥିଲେ ଯେ ମାନବିକତା ଯଦି ନାହିଁ କେବଳ ବିଦ୍ୱତ୍ତା ନିରର୍ଥକ । ଯେଉଁ କେତେକ ପରୋପକାରୀ ବ୍ୟକ୍ତିମାନେ ତାଙ୍କୁ ସାହାଯ୍ୟ କରିଥିଲେ ସେମାନଙ୍କୁ ସ୍ମରଣକରି ଓ ସମଗ୍ର ସଂସାରରେ ସେମାନଙ୍କର ସ୍ୱଳ୍ପତା ଥିବା ଦର୍ଶାଇ ସେ ଏକ ଶ୍ଲୋକ ବୋଲନ୍ତି—

ଅସୁଭିର୍ବସୁଭିଃ ସୁଚରିତବାଗ୍‌ଭିଃ
ପରୋପକାରଃ କ୍ରିୟତେ ସଦ୍‌ଭିଃ ।
ଜଗଦୁପକର୍ତ୍ତା ସୁକୃଷ୍ଣ ସରଳଃ
କୋଟିଷୁ କୋଟିଷୁ କୋଟିଷୁ ବିରଳଃ ।।

ଏପରି ଏକ ଉଦାହରଣ ଦେଇ ସେ ସଂସ୍କୃତ କଲେଜର ଭୂତପୂର୍ବ ଅଧ୍ୟକ୍ଷ ପୁଣ୍ୟଶ୍ଲୋକ ପଣ୍ଡିତ କଶୋରୀମୋହନ ଦ୍ୱିବେଦୀଙ୍କ କଥା କୁହନ୍ତି । ପ୍ରାୟ ୨୫ ବର୍ଷ ତଳର କଥା । ସେତେବେଳେ ବହୁତ ଅସୁବିଧା ଭିତରେ ପୁରୀରେ ଗୋଟିଏ ସ୍ଲେଟ ଦୁଇ ବଖରାଥିବା ଘର ତିଆରି କରିଥାନ୍ତି । ସେତେବେଳେ ବହୁତ ଆର୍ଥିକ ଅସୁବିଧା ଥାଏ । ସରସ୍ୱତୀ ପୂଜା ଆସୁଥାଏ । ପିଲାମାନଙ୍କ ପୂଜାପାଇଁ ଚାନ୍ଦା ଓ ସ୍କୁଲ ଖର୍ଚ୍ଚ । ଏହିପରି ଅନେକ ଚିନ୍ତାରେ ନନା ବିବ୍ରତ ଥାଆନ୍ତି । କାହାକୁ ମାଗିବା ବା ଋଣ ଆଣିବାର ଅଭ୍ୟାସ ତାଙ୍କର ନାହିଁ । କ'ଣ କରିବେ କପରି ଖର୍ଚ୍ଚ ତୁଲାଇବେ ? ଏହିପରି ଚିନ୍ତିତ ମନରେ କଶୋରୀ ବାବୁଙ୍କ ଘରକୁ ଯାଇଥିଲେ । କଶୋରୀବାବୁଙ୍କୁ କହିଲେ ଯେ ତାଙ୍କର ଓ ମା'ଙ୍କର (କଶୋରୀବାବୁଙ୍କ ଧର୍ମପତ୍ନୀଙ୍କର) ଦର୍ଶନ ଟିକିଏ କରିବାକୁ ସେ ଆସିଛନ୍ତି । କଶୋରୀବାବୁ କଥାପ୍ରସଙ୍ଗରେ ପଚାରିଲେ "କୁଳମଣି, ଘର ଖଣ୍ଡିଏ ତିଆରି କରିଛ । ବହୁତ ଆର୍ଥିକ ଅସୁବିଧା ଭିତରେ ଥିବ ?" ନନା କିଛି ଉତ୍ତର ଦେବା ପୂର୍ବରୁ ସେ କୋଡ଼ିଏ ଟଙ୍କା ଦେଇ

କହିଲେ, "ନିଅ ଖର୍ଚ୍ଚ କରିବ, ପରେ ଦେବ ।" ନନା ଯଥା ସମୟରେ ପରିଶୋଧ କରିଦେଲେ । କିନ୍ତୁ କୃତଜ୍ଞତାରେ ଏ କଥା ସେ ଏବେ ମଧ୍ୟ କହୁଥିଲେ ।

ଅନ୍ୟ ଏକ ଦିନର ଘଟଣା । ପ୍ରାୟ ଦୁଇବର୍ଷ ତଳର କଥା । ନନା ଶ୍ରୀମନ୍ଦିରକୁ ଦର୍ଶନ କରିବାକୁ ସନ୍ଧ୍ୟା ସମୟରେ ଯାଇଥିଲେ । ପଚିଶ ଟଙ୍କା ପକେଟ୍‌ରେ ରଖିଥାନ୍ତି ପରିବା ଆଣିବା ପାଇଁ । ଠାକୁରଙ୍କୁ ଦର୍ଶନ କରି ସାରି ଲକ୍ଷ୍ମୀବଜାରକୁ ଯାଇ ପରିବା କିଣିଲେ । ପରିବା କିଣିସାରି ଦେଖନ୍ତି ଯେ ପକେଟ୍‌ରେ ଟଙ୍କା ନାହିଁ । ମନ୍ଦିର ଭିତରେ କିଏ ପକେଟ୍‌ରୁ ଟଙ୍କା ଚୋରିକରି ନେଇଯାଇଛି । ଦୋକାନୀକୁ ଟଙ୍କା ଚୋରିହେବା କଥା କହିଲେ ଓ ପରିବାତକ ରଖିଦେବାକୁ ବସିଲେ । ଦୋକାନୀ ଜଣେ କହିଲେ, "ଆପଣ ପରିବା ନିଅନ୍ତୁ ଟଙ୍କା କାଲି ଦେବେ ।" ଏହା କହି ସେ ରିକ୍‌ସା ଡାକି, ନନାଙ୍କ ପାଖରେ ଟଙ୍କା ନ ଥିବା ଜାଣି ରିକ୍‌ସାବାଲାକୁ ନିଜେ ଭଡ଼ା ଦେଇ ରିକ୍‌ସାରେ ନନାଙ୍କୁ ବସାଇ ଦେଲେ । ପରିବା ଦୋକାନୀର ମହାନୁଭବତା ଦେଖି ନନା ଘରେ ଆସି ସେକଥା ବର୍ଣ୍ଣନା କଲେ । କହିଲେ, ମହାନୁଭବତା ଏକ ଆନ୍ତରିକ ଗୁଣ ଯାହା ସ୍ୱଭାବସିଦ୍ଧ ଓ ସ୍ୱତଃସ୍ଫୂର୍ତ୍ତ । ତା ପାଇଁ କୌଣସି ବିଦ୍ୱତ୍ତାର ଆବଶ୍ୟକତା ନାହିଁ । ପୁଣି କହିଲେ ବଡ଼ ଓ ସାନ, ଉଚ୍ଚ ଓ ନୀଚ ସବୁଶ୍ରେଣୀର ଲୋକମାନଙ୍କ ମଧ୍ୟରେ ମହାତ୍ମାମାନେ ରହିଛନ୍ତି ।

ନନା ପିଲାଦିନରୁ ଖୁବ୍ ଦାୟିତ୍ୱବାନ୍ ଥିଲେ । ସାତବର୍ଷ ବୟସରେ ବ୍ରତଘର ହେବାପରେ ତାଙ୍କର ନନା ତାଙ୍କୁ ଟଙ୍କା ବାକ୍‌ସର ଚାବି ଦେଇ ଘରଖର୍ଚ୍ଚ ବୁଝିବାର ଦାୟିତ୍ୱ ଦେଇଥିଲେ । ସେ ଯେ କେବଳ ଦାୟିତ୍ୱବାନ୍ ଥିଲେ ତାହା ନୁହେଁ । ତାଙ୍କର ପିଲାମାନଙ୍କୁ ଦାୟିତ୍ୱବାନ୍ କରିବା ପାଇଁ ସେ ସବୁବେଳେ ଶିକ୍ଷା ଦେଉଥିଲେ । ମୁଁ ଯେତେବେଳେ ଚତୁର୍ଥ ଶ୍ରେଣୀରେ ପଢୁଥିଲି ସେତେବେଳେ ସେ ଘର ଖର୍ଚ୍ଚ ପାଇଁ ମୋତେ ଟଙ୍କା ଦିଅନ୍ତି ଓ ହିସାବ ରଖିବାକୁ କହନ୍ତି । ଦାୟିତ୍ୱବୋଧ ସହ କର୍ମନିଷ୍ଠା ତାଙ୍କର ଅପୂର୍ବ ଥିଲା । କେବେ ସେ କିଛି ନ କରି କେବଳ ଚିନ୍ତାକରି ବସିବା ମୁଁ ଦେଖିନାହିଁ । କିଛି ସମୟ ପାଇଲେ, ଅନ୍ୟ କୌଣସି କାମ ନ ଥିଲେ ସେ ବହି ଧରି ବସୁଥିଲେ । ରାତିରେ ନିଦ ଭାଙ୍ଗିଗଲେ ରାତି ଯେତେ ଥିଲେ ମଧ୍ୟ ବହିଧରି ପଢୁଥିଲେ କିମ୍ବା ଲେଖୁଥିଲେ । ଆମେ ଅନେକ ସମୟରେ ଦେଖି

ରାତି ଦୁଇଟା କମ୍ବା ତିନଟା ବେଳେ ମଧ୍ୟ ସେ ଉଠି ପଡୁଥିବେ । ଆଳସ୍ୟ ତାଙ୍କ ଜୀବନକୁ ସ୍ପର୍ଶ କରି ନ ଥିଲା । ଧର୍ମ ନିଷ୍ଠାରେ ଅବିଚଳିତ ରହି ସାଂଖ୍ୟ (ଜ୍ଞାନ) ଓ ଯୋଗ (କର୍ମ)ର ଅନୁଷ୍ଠାନ ଦ୍ୱାରା ତାଙ୍କର ଜୀବନ ଅତିବାହିତ ହୋଇଥିଲା । ଅନ୍ତକାଳରେ ନାରାୟଣଙ୍କୁ ସ୍ମରଣ କରି ସେ ଦେହତ୍ୟାଗ କଲେ । ଏହା ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ହୋଇଥିବା ସାର୍ଥକ ଜୀବନ (ଜନ୍ମଲାଭ)—

"ଏତାବାନ୍ ସାଂଖ୍ୟଯୋଗାଭ୍ୟାଂ ସ୍ୱଧର୍ମପରିନିଷ୍ଠୟା ।
ଜନ୍ମଲାଭଃ ପରଃ ପୁଂସାମନ୍ତେ ନାରାୟଣସ୍ମୃତିଃ ॥"

ତାଙ୍କର ଆଦର୍ଶ ଆମ ସମସ୍ତଙ୍କୁ ସବୁବେଳେ ଅନୁପ୍ରାଣିତ କରି ରହିବ ।

ଅଧ୍ୟାପିକା, ସଂସ୍କୃତ ବିଭାଗ
ରମାଦେବୀ ମହିଳା କଲେଜ୍, ଭୁବନେଶ୍ୱର

ହେ ମହାନ୍ ! ପ୍ରଣିପାତ ନେଇ

କାହ୍ନୁଚରଣ ଦାସ

ହେ ମହାନ୍ ! ସତ୍ୟ ନ୍ୟାୟ ଧର୍ମର ପାଳକ
ଶାନ୍ତି ମୈତ୍ରୀ ପ୍ରେମ ପ୍ରୀତି ଶ୍ରଦ୍ଧାର ପ୍ରତୀକ
ସତେ କ'ଣ ଆଜି ତୁମେ ଯାଇଅଛ ସେହି ଧାମେ
ଯେଉଁ ସ୍ଥାନେ ରହିଅଛି କଳ୍ପନାର କଳ୍ପକଳ୍ପାନ୍ତର ?
ଯା'ର ଦାନ ଅବିରତ ଅକ୍ଷୟ ଅଚିନ୍ତ୍ୟ
ଅବାରିତ ଗତାଗତେ ଦ୍ୱିକୂଳ ପ୍ଲାବିତ
କି ନେଇ ବନ୍ଦିବି ତା'ରେ
ପୁଣ୍ୟାତ୍ମାର ଶେଷହୀନ କୃତି
ଏହା ହିଁ ଆଶା କେବଳ
"ହେ ମହାନ୍ ପ୍ରଣିପାତ ନେଇ ।"

ଶ୍ରୀବିହାର, ପୁରୀ

—✻—

ଯଶ ରହିବ ମହୀତଳେ

ଡକ୍ଟର ବ୍ରଜ କିଶୋର ନାୟକ

୧୯୭୧ ମସିହା ଅଗଷ୍ଟ ୨୫ ତାରିଖ ଠାରୁ ମୁଁ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠର ଛାତ୍ର ଥିବାବେଳେ ପଣ୍ଡିତ ମହାଶୟଙ୍କ ସମ୍ପର୍କରେ ଆସିବାର ସୌଭାଗ୍ୟ ଲାଭ କରିଥିଲି । ଯେଉଁ ଛାତ୍ର ଭଲ ପଢୁଥିଲେ ସେମାନଙ୍କୁ ସାର୍ ତାଙ୍କର ଛାତ୍ର ବାତ୍ସଲ୍ୟଗୁଣରେ ଅତି ଆପଣାର କରିଥିଲେ । ବିଦ୍ୟାଠାରୁ ସେ ଚରିତ୍ରକୁ ବଡ଼ବୋଲି ମନେ କରୁଥିଲେ । ତାଙ୍କର ପ୍ରଧାନ ଅନୁକରଣୀୟ ଗୁଣ ହେଉଛି ଯେ ସେ ଅନେକ ବହି ପଢ଼ନ୍ତି ଓ ସବୁବେଳେ କିଛି ନା କିଛି ଲେଖନ୍ତି । ଯିଏ ଯେଉଁ ବିଷୟ ପଢୁନା କାହିଁକି ସଂସ୍କୃତ ଭାଷାକୁ ପ୍ରଥମେ ଭଲଭାବରେ ଜାଣିବା ଉଚିତ ଏହା ଥିଲା ତାଙ୍କର ମହାନ୍ ଉପଦେଶ ।

ଆମ୍ଭେମାନେ ଛାତ୍ରାବାସରେ ରହିବା ପୂର୍ବରୁ ସାର୍ ଛାତ୍ରାବାସର ପରିଚାଳକ ଦାୟିତ୍ୱ ତୁଲାଉଥିଲେ । ସବୁ ମାସରେ ସାର୍ ବିଦ୍ୟାର୍ଥୀମାନଙ୍କର ଆର୍ଥିକ ଅଭାବ ଜାଣି ନିଜ ବେତନରୁ ଡାଲି ଚାଉଳ ପ୍ରଭୃତି କିଣି ଦିଅନ୍ତି ଅବଶ୍ୟ ପଛରେ ତାହାକୁ ଭରଣା କରିଯାଏ । ଅନେକ ସମୟରେ ନିଜ ବାସଭବନରେ ମା'ଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଇ ଛାତ୍ରମାନଙ୍କ ନିକଟରେ ପହଞ୍ଚ ଯାଉଥିଲେ । ଛାତ୍ରମାନଙ୍କ ପାଖରେ ସେ ନିଜେ ସ୍ୱତଃ ପ୍ରବୃତ୍ତ ହୋଇ ଛାତ୍ରାବାସରେ ପହଞ୍ଚ ପଢ଼ାଇବା ଆମେ ଅନେକଥର ଅନୁଭବକରେ ଆଣିଛୁ ।

ଅଦ୍ୟାବଧି ସଂସ୍କୃତର ବ୍ୟାକରଣକୁ ଛାତ୍ରମାନେ ଆମୂଳଚୂଳ ଭଲଭାବେ ଜାଣି ପାରୁନଥିବାରୁ ସାର୍ ସବୁବେଳେ ଦୁଃଖ ପ୍ରକାଶ କରନ୍ତି ଓ ଚିନ୍ତିତ ଥାଆନ୍ତି । ଏଥି ଲାଗି ଓଡ଼ିଶାର ବୈୟାକରଣ ମାନଙ୍କୁ ସେ ଅନେକଥର ଏ ବିଷୟରେ କିଛି ଫଳ ନ ଦେଖି କ୍ଷୋଭ ପ୍ରକାଶ କରିଛନ୍ତି ।

ସଂସ୍କୃତ ଭାଷଣ ସମୟରେ ତାଙ୍କର ଗୋଟିଏ ସ୍ପନ୍ଦନ ହେବାର କେବେ ହେଲେ ଦେଖାଯାଇନାହିଁ । ସଂସ୍କୃତର ଅନେକ ବିଷୟରେ ତାଙ୍କର ପାଣ୍ଡିତ୍ୟ ଥିଲେ ମଧ୍ୟ ମୁଖ୍ୟତଃ ଧର୍ମଶାସ୍ତ୍ର ଓ ସାହିତ୍ୟରେ ଗଭୀର ପ୍ରବେଶ ଥିଲା । ଓଡ଼ିଶାର ପ୍ରୌଢ ବିଦ୍ୱାନ୍ ପ୍ରଧାନାଚାର୍ଯ୍ୟ ପଣ୍ଡିତ ଆନନ୍ଦ ମିଶ୍ରଙ୍କ ଠାରୁ ୪ବର୍ଷ ଧର୍ମଶାସ୍ତ୍ର ପଢି ସାରିବା ପରେ ସେ ପ୍ରଧାନାଚାର୍ଯ୍ୟ ପଣ୍ଡିତ

ବାସୁଦେବ ମିଶ୍ରଙ୍କ ଠାରୁ ମାତ୍ର ୨ ବର୍ଷ ସାହିତ୍ୟ ଅଧ୍ୟୟନ କରିଥିଲେ । ମାତ୍ର ଦୁଇ ବର୍ଷ ସାହିତ୍ୟ ଅଧ୍ୟୟନରେ ସାର୍‌ଙ୍କର ଏଭଳି ବ୍ୟୁତ୍ପତ୍ତି ବଢ଼ି ଯାଇଥିଲା । ଯାହା ଫଳରେ ଧ୍ୱନ୍ୟାଲୋକ ଭଳି ଏକ କଠିନ ଅଳଙ୍କାର ଗ୍ରନ୍ଥକୁ ସର୍ବପ୍ରଥମେ ସେ ଓଡ଼ିଆ ଭାଷାରେ ଅନୁବାଦ କରି ଅନୁବାଦ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

ଶାସ୍ତ୍ର ଅଧ୍ୟୟନ ଓ ଅଧ୍ୟାପନା ବ୍ୟତୀତ ସାର୍‌ଙ୍କ ପାଖରେ ଆଉ ଏକ ଅନନ୍ୟ ସାଧାରଣ ବୃତ୍ତି ଥିଲା – ତାହା ହେଉଛି ଗବେଷଣା । ଗବେଷଣାରେ ତାଙ୍କର ଯେଉଁ ପାରଦର୍ଶିତା ଥିଲା ତାର ମୂଳ ଉତ୍ସ ହେଉଛନ୍ତି ତାଙ୍କ ବିଦ୍ୟାର୍ଥୀ ଜୀବନର ଅଧ୍ୟକ୍ଷ ଡକ୍‌ଟର କରୁଣାକର କର । ସେ ଛାତ୍ରମାନଙ୍କର କେବଳ ଅଧ୍ୟାପନା ଦାୟିତ୍ୱ ନେଇ ନ ଥିଲେ ସେମାନଙ୍କର ଭବିଷ୍ୟତ କର୍ମଚିନ୍ତା ପାଇଁ ମଧ୍ୟ ଅହରହ ଚିନ୍ତିତ ଥିଲେ । ଯୋଗ୍ୟ ଛାତ୍ରମାନେ ଯୋଗ୍ୟ ସ୍ଥାନ ପାଇବା ଉଚିତ ଏ ବିଷୟରେ ସାର୍‌ଙ୍କର ଅନବରତ ଚିନ୍ତା । ତାଙ୍କର ଆଶୀର୍ବାଦରୁ ମୁଁ ସୌଭାଗ୍ୟ କ୍ରମେ ତାଙ୍କ ସହିତ ଏକ ଅନୁଷ୍ଠାନରେ ଅଧ୍ୟାପନା କରିବାର ସୁଯୋଗ ପାଇଛି । ଗବେଷଣା ପାଇଁ ପ୍ରେରଣା ଦେଇ ସଫଳ ହେବାପାଇଁ ସେ ମୋତେ ଆଶୀର୍ବାଦ ଢାଳି ଦେଇଛନ୍ତି । ସଫଳତା ଅର୍ଜନ କରିବାର କେତୋଟି ସାନ୍ଦ୍ର ମୁହୂର୍ତ୍ତରେ ତାଙ୍କର ଆତ୍ମାଙ୍କୁ ମନେ ପକାଇ କେତେ ବୁନ୍ଦା ଲୋତକ ଢ଼ାଳି ତାଙ୍କର କଥା କେତେ ମନେ ମନେ ଭାବିଛି ।

ସେ ହେଉଛନ୍ତି ଶୁଭାନୁଧ୍ୟାୟୀ ଗୁରୁ ପ୍ରତ୍ୟେକ ପରିସ୍ଥିତିରେ ଶିଷ୍ୟ ସହିତ ସମ୍ପର୍କ ରକ୍ଷା କରିଥାନ୍ତି । ମୁଁ ଜହ୍ନି ମୁଣ୍ଡିଆ (ପୁରୀ ସହର) ଛକରେ ରହୁଥିବା ବେଳେ ଅନେକଥର ସେ ମୋ ଘରକୁ ଆସି ସୁଖ-ଦୁଃଖ ଓ ପାଠ ବିଷୟରେ ମୋ ସହିତ କଥା ହୋଇଯାଆନ୍ତି । ମୋର ବିଦ୍ୟା ବୁଦ୍ଧିରେ ମୁଁ ଅସନ୍ତୁଷ୍ଟ ଥିବାବେଳେ ସେ ବା କାହିଁକି ଅହେତୁକ ଭାବରେ ମୋର ପ୍ରଶଂସା କରି ପରଗୁଣ ପରମାଣୁକୁ ପର୍ବତ କରନ୍ତି-ମୁଁ ଜାଣିପାରେ ନାହିଁ । ଆମ ବିଶ୍ୱବିଦ୍ୟାଳୟର ବର୍ତ୍ତମାନର କୁଳପତି ଡଃ ଗୌରାଙ୍ଗ ଚରଣ ନାୟକଙ୍କ ସ୍ୱାଗତ ସଭାରେ ତାଙ୍କ ପ୍ରିୟ ଶିଷ୍ୟ ଡ଼ଃ ବ୍ରଜକିଶୋର ସ୍ୱାଇଁଙ୍କର ପରିଚୟ ଦବାବେଳେ ସାର୍ କହିପକାଇଲେ-"ଅୟଂ ମମ ଶିଷ୍ୟୋଽପି ଗୁରୁରିବ" । ଏ ଯେଉଁ ସଦ୍‌ଗୁଣ ତାଙ୍କ ପାଖରେ ଥିଲା ତାହା ଅନ୍ୟତ୍ର ବିରଳ । ଅନ୍ୟର ଗୁଣକୁ ତ ମୁଖରେ ପ୍ରଶଂସା କରିବା ତାଙ୍କ ଚରିତ୍ରର ଏକ ପ୍ରଧାନ ଦିଗ ।

-

"ଯେତେ ବାଧା ବିଘ୍ନ ପଡ଼ିଲେ ମଧ୍ୟ ନିଜ କର୍ତ୍ତବ୍ୟ କରିଚାଲ ।" ଏକଥା ସେ ସବୁବେଳେ କହୁଥିଲେ । ଏପରି ମୃତ୍ୟୁ ଶଯ୍ୟାରେ ପଡ଼ିଥିବାବେଳେ ତାଙ୍କ ବଡ ପୁଅ 'ବାବୁ'କୁ କଲିକତା ଟ୍ରେନିଂ ଯିବା ପାଇଁ ସେ ପ୍ରେରଣା ଦେଇଛନ୍ତି ।

ଛାତ୍ରଙ୍କୁ ସବୁ ଶାସ୍ତ୍ରୀୟ ରହସ୍ୟ ହଠାତ୍ କହିଦେବାକୁ ସେ ପସନ୍ଦ କରନ୍ତି ନାହିଁ । ତା'ର କାରଣ ସବୁ କଥା କହିଦେଲେ ଛାତ୍ର ନିଜେ ନିଜେ ୫ଖଣ୍ଡ ବହି ପଢ଼ି ବୁଝିବାପାଇଁ ଯତ୍ନ କରି ନ ପାରେ । ମୁଁ ଅନେକ ସମୟରେ ତାଙ୍କୁ ଅନେକ କଥା ପଚାରିଛି, କିନ୍ତୁ ଉତ୍ତର ତୁମେ ନିଜେ ଖୋଜି ବାହାର କର ବୋଲି ମୋତେ କହନ୍ତି । ମୁଁ ସେ ସମୟରେ ତାଙ୍କର ମହିମମୟ ଗୁଣକୁ ଅନୁଭବ କରିପାରେ ନାହିଁ । ଏହିଭଳି ଅନେକ ସଦ୍‌ଗୁଣର ଆଧାର ଥିଲେ ଗୁରୁଦେବ ପଣ୍ଡିତ କୁଳମଣି ମିଶ୍ର । ଯଥାର୍ଥରେ କବି କହିଛନ୍ତି—

ସର୍ବେ ଚଳିବେ କାଳବଳେ
ଯଶ ରହିବ ମହୀତଳେ

★

ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ

ତମାଚାର୍ଯ୍ୟଂ ପ୍ରଚକ୍ଷତେ

ଡକ୍‌ଟର ନୀଳକଣ୍ଠ ପତି

ପୁରୀ ସଂସ୍କୃତ ବିଦ୍ୟାପୀଠରେ ଅଧ୍ୟୟନ ଲିପ୍‌ସା ନେଇ ମୁଁ ଯେତେବେଳେ ଉପସ୍ଥିତ ହୁଏ ସେତେବେଳେ ମୋର ସୌଭାଗ୍ୟକୁ ଗୁରୁଦେବ ବିଦ୍ୟାପୀଠର ଅଧ୍ୟକ୍ଷ ଦାୟିତ୍ୱରେ ଥାଆନ୍ତି । ସେତେବେଳକୁ ଶାସ୍ତ୍ରୀ ଶ୍ରେଣୀରେ ନାମ ଲେଖାଇବା ସମୟ ଅତୀତ ହୋଇଥାଏ, ତେହେଲେ ମଧ୍ୟ ସେ ମୋ ପ୍ରତି ଦୟା ପରବଶ ହୋଇ 'ସର୍ବଦର୍ଶନ' ବିଭାଗରେ ନାମ ଲେଖାଇଲେ କୌଣସି ପ୍ରକାରେ ଗ୍ରହଣ କରାଯାଇ ପାରିବ ବୋଲି ପରାମର୍ଶ ଦେଲେ । ସେତେବେଳେ ମୁଁ 'ସର୍ବଦର୍ଶନ' ବିଷୟରେ ସଂପୂର୍ଣ୍ଣ ଅନଭିଜ୍ଞ ଥିବା ହେତୁ ଅନିଚ୍ଛା ସତ୍ତ୍ୱେ ଅଗତ୍ୟା ତାଙ୍କର ପ୍ରରୋଚନା ଏବଂ ଉପଦେଶକୁ ଶିରୋଧାର୍ଯ୍ୟ କରି ନେଲି । ପରବର୍ତ୍ତୀ କାଳରେ ଏହି ବିଷୟଟି ମୋର ପ୍ରିୟ

ବିଷୟ ଭାବରେ ମୋ ଜୀବନକୁ ପ୍ରଭାବିତ କରିଅଛି । ଏଣୁ ଗୁରୁଦେବ ମୋ ଦୃଷ୍ଟିରେ ଜଣେ ପ୍ରକୃତ 'ଆଚାର୍ଯ୍ୟ' ।

ଅଧ୍ୟୟନ, ବୋଧ, ଆଚରଣ ଓ ପ୍ରଚାର-ଏହି ଚାରିଗୋଟି ଉପାୟ ଦ୍ୱାରା ମଣିଷ ବିଦ୍ୟାରେ ପାରଙ୍ଗମ ହୁଏ । ଗୁରୁଦେବଙ୍କ ଜୀବନରେ ଏହା ପୂର୍ଣ୍ଣ ଭାବରେ ପରିଲକ୍ଷିତ ହୁଏ । ସେ ସର୍ବଶାସ୍ତ୍ରବିତ୍ ହୋଇଥିଲେ ବି ତାଙ୍କର ବିଶେଷ ଅଧ୍ୟୟନ ଓ ଅଧ୍ୟାପନା ଧର୍ମ ଶାସ୍ତ୍ରରେ ହିଁ ଥିଲା । ମାତ୍ର ତାଙ୍କ ହୃଦୟରେ ବିଭାଗ ନିର୍ବିଶେଷରେ ବିଦ୍ୟାର୍ଥୀ ମାନଙ୍କ ପ୍ରତି ପ୍ରଗାଢ ସ୍ନେହ ଓ ଆଦର ପରିଲକ୍ଷିତ ହେଉଥିଲା-ଏହା ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଥିବେ ନିଶ୍ଚୟ ଉପଲବ୍ଧି କରିଥିବେ । ତାଙ୍କ ବାସଭବନ ସମସ୍ତଙ୍କ ପାଇଁ ଗୁରୁକୁଳ ଆଶ୍ରମ ଏବଂ ପରମାରାଧ୍ୟା ମା (ଗୁରୁ ପତ୍ନୀ) ସମସ୍ତଙ୍କ ପାଇଁ ଅନ୍ନପୂର୍ଣ୍ଣା । ଆମେ ଯେତେବେଳେ ତାଙ୍କ ଘରକୁ ଯାଉ ସେ ଅତି ସ୍ନେହ ବୋଳା ଭାଷାରେ ପଚାରନ୍ତି "ଆରେ ଖାଇଛୁ ତ"? ଆମ ଉତ୍ତରକୁ ଅପେକ୍ଷା ନ କରି ସଙ୍ଗେ ସଙ୍ଗେ ମା'ଙ୍କୁ କହି ପକାନ୍ତି ବା ଅଗଣାରେ ଥିବା ପିଜୁଳି ଗଛରୁ କିଛି ତୋଳି ଖାଇବାକୁ ବାଧ୍ୟ କରନ୍ତି ।

ଗୁରୁଦେବ ପ୍ରଣତି ସ୍ୱୀକାର କରନ୍ତି ଏକ ବିଶେଷ ମୁଦ୍ରାରେ । ଦକ୍ଷିଣ ହସ୍ତର ପାପୁଲିକୁ ଠିକ୍ ଚକ୍ରୁ କରିବା ମୁଦ୍ରାରେ ରଖି କହନ୍ତି 'ଭଲ ଅଛୁତ' ? ମୁଁ ଠିକ୍ ସେତିକବେଳେ ଭାବେ ଯେ ଗୁରୁଦେବ ଆମର ସମସ୍ତ ସମସ୍ୟାକୁ ଚକ୍ରୁ କରିଦେଲେ ଅର୍ଥାତ୍ ଆମର ସମସ୍ତ ସମସ୍ୟା ନିଜ ଉପରକୁ ନେଇଗଲେ ମୋର ମନେ ଅଛି ମୋତେ କେତେଥର କହିଛନ୍ତି ଯେ "ନୀଳକଣ୍ଠ ! ଯଦି ତୁମ ଦୃଷ୍ଟିରେ କେହି ଗରିବ ବ୍ରାହ୍ମଣ ପିଲା ଅର୍ଥାଭାବରୁ ବ୍ରତୀ ହୋଇପାରୁ ନାହାନ୍ତି ତାହାହେଲେ ମୋ ପାଖକୁ ଆଣିବ ।" ଏଥିରେ ସେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରି ଉପନୟନ ସଂପାଦନ କରନ୍ତି କେତେବେଳେ କେହି ବେଦାଧ୍ୟୟନ ପାଇଁ ଇଚ୍ଛା ପ୍ରକାଶ କଲେ ବେଦାଙ୍ଗ ଅଧ୍ୟୟନ ପାଇଁ ପରାମର୍ଶ ଦିଅନ୍ତି । ସେ ହିଁ ପ୍ରଥମେ ମୋର ସାହିତ୍ୟ ପିପଠିଷାକୁ ଦର୍ଶନ ପିପଠିଷାରେ ରୂପାନ୍ତରିତ କରିଛନ୍ତି । ସୁତରାଂ ସେ ଯଥାର୍ଥରେ ଧର୍ମଶାସ୍ତ୍ରସମ୍ମତ ଆଚାର୍ଯ୍ୟ--

ଉପନୀୟ ତୁ ଯଃ ଶିଷ୍ୟାନ୍ ବେଦମଧ୍ୟାପୟେଦ୍ ଦ୍ୱିଜଃ ।
ସକଳ୍ପଂ ସରହସ୍ୟଂ ଚ ତମାଚାର୍ଯ୍ୟଂ ପ୍ରଚକ୍ଷତେ ॥

□ □

ସର୍ବଦର୍ଶନ ବିଭାଗ ମୁଖ୍ୟ, ଶ୍ରୀବିହାର, ପୁରୀ

ଗୁରୁଦେବଙ୍କ ସ୍ମରଣେ

ଡକ୍ଟର ଜୟକୃଷ୍ଣ ମିଶ୍ର

ଗୁରୁଦେବଙ୍କର ସ୍ମୃତିଚାରଣ ଅବସରରେ ଇହଧାମ ତ୍ୟାଗ କରିବା ଦିନର ଶେଷ କେତୋଟି ମୂହୁର୍ତ୍ତ ଏବେ ମଧ୍ୟ ମୋର ମାନସ ପଟଳକୁ ଆନ୍ଦୋଳିତ କରୁଅଛି । ପ୍ରକୃତରେ ଆଜି ଗୁରୁଦେବ ଇହଧାମରେ ନାହାନ୍ତି ବୋଲି ଏବେ ମଧ୍ୟ ବିଶ୍ୱାସକରି ହେଉନି । କାଲିପରି ଲାଗୁଛି ଗୁରୁଦେବଙ୍କର କହିଥିବା ପ୍ରକାରେ ସେଦିନ ଠିକ୍ ୪ଟା ବେଳକୁ ତାଙ୍କ ବାସଭବନରେ ଉପସ୍ଥିତ ହୋଇଗଲି । ଆଦେଶ ମୁତାବକ କେତେକ ରନ୍ଧନ ସାମଗ୍ରୀ ସନ୍ଧ୍ୟା ପୂର୍ବରୁ ସଂଗ୍ରହ କରିବା ପାଇଁ ଲକ୍ଷ୍ମୀବଜାର ଗଲି । ଇତି ମଧ୍ୟରେ 'ଗୁରୁଦେବ' ନିଜର ସେବାରେ ଅନ୍ୟକୁ ନିୟୋଜିତ କରିବାକୁ ନାପସନ୍ଦ କରି ଶୌଚାଳୟକୁ ତରତରହୋଇ ଯାଇ ଶରୀରର ଭାରସାମ୍ୟ ହରାଇ ପଡ଼ିଗଲେ ଏବଂ ମସ୍ତିଷ୍କରେ କିଛି ଆଘାତ ପାଇ ଚେତାଶୂନ୍ୟ ହୋଇ ପଡିଲେ । ମା'ଙ୍କଠାରୁ ସୂଚନା ପାଇ କେତେକ ଆତ୍ମୀୟ ଅଭିଜ୍ଞ ଚିକିତ୍ସକ ଅନ୍ତରର ସହିତ ଏହି ମହାମାନବଙ୍କର ଜୀବନଦୀପରେ କିଛିମାନ ଇନ୍ଧନ ସଂଯୋଗ କରିବାରେ ସଫଳ ହୋଇପାରିଥିଲେ ।

ସନ୍ଧ୍ୟା ପୂର୍ବରୁ ରନ୍ଧନ ସାମଗ୍ରୀ ନେଇ ପହଞ୍ଚି ଗୁରୁଜୀଙ୍କ ଶରୀରରେ ଅମ୍ଳଜାନ ସଂଯୋଗ କରାଯାଇଥିବା ଦେଖି ପାଖରେ ଥିବା ଆତ୍ମୀୟ ଚିକିତ୍ସକଙ୍କଠାରୁ ଆକସ୍ମିକ ଗୁରୁତର ଅସୁସ୍ଥତାର କାରଣ ଜିଜ୍ଞାସା କରିଥିଲି । ଗୁରୁଜୀ ସଂଜ୍ଞା ଫେରି ପାଇବା ପରେ ସ୍ୱଭାବ ସୁଲଭ ଢଙ୍ଗରେ ସମସ୍ତ ଆତ୍ମୀୟଙ୍କ ସହିତ କୁଶଳ ବାର୍ତ୍ତାମାନ କରିଥିଲେ ଯଦିଓ ଚିକିତ୍ସକମାନେ ତାଙ୍କୁ ବାର୍ତ୍ତାଳାପରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ । ସର୍ବୋପରି ମୋ ସହିତ ମଧ୍ୟ କିଛି କୁଶଳ ବାର୍ତ୍ତା କରି ସାମାନ୍ୟ ସେବାର ସୁଯୋଗ ଦେଇଥିଲେ । ସର୍ବଶେଷରେ ରାତି ୧୨ଟା ବେଳକୁ ପ୍ରାୟ ବନ୍ଧୁବାନ୍ଧବଙ୍କୁ ବିଦାୟ ଦେଇଥିଲେ । ସେତେବେଳକୁ ଗୁରୁଜୀଙ୍କର ଜ୍ୟେଷ୍ଠପୁତ୍ର କଲିକତାରେ ଟ୍ରେନିଂ ନେବାପାଇଁ ଠିକ୍ ୨ଦିନ ପୂର୍ବରୁ ଚାଲିଯାଇଥିବା ଯୋଗୁଁ ଆସିବା ସମ୍ଭବପର ହୋଇପାରି ନ ଥିଲା । କିନ୍ତୁ ସାନପୁଅ ଏବଂ ସାନ ଜ୍ୱାଇଁ ଫୋନ ଯୋଗେ ସୂଚନା ପାଇ ଆସି ପହଞ୍ଚି ଯାଇଥିଲେ ।

ତେଣୁ ଗୁରୁଜୀ ମୋତେ ମଧ୍ୟ "ପିଲମାନେ (ତୁମର ପରିବାର) ଏକୁଟିଆ ସେଠାରେ ଥିବେ, ତୁ ଚାଲିଯା, ସକାଳୁ ଶୀଘ୍ର ପଳାଇ ଆସିବୁ" ତାଙ୍କର ଶେଷ ଦର୍ଶନରୁ ଅବ୍ୟାହତି ଦେଲେ । ଅବଶ୍ୟ ସନ୍ଧ୍ୟା ସାତଟା ପରଠାରୁ ଇଚ୍ଛା ପୂର୍ବକ ସାଧାରଣଜଳ ପିଇବାରୁ ନିବୃତ୍ତ ରହି କେବଳ ଗଙ୍ଗାଜଳ ଅଧିକ ପରିମାଣରେ ପିଇବାକୁ ବାରମ୍ବାର ମାଗିଥିଲେ । ସନ୍ଧ୍ୟା ବେଳଠାରୁ ଅନବରତ ଜୀବନ ଛାଡ଼ିବା ପର୍ଯ୍ୟନ୍ତ କେବଳ ନାରାୟଣ ଶବ୍ଦ ତୁଣ୍ଡରେ ଧରି ପୁଣ୍ୟାତ୍ମାମାନଙ୍କର ପଥ ଅନୁସରଣ କରିବାରେ ପଶ୍ଚାତ୍‌ପଦ ହୋଇ ନଥିଲେ ।

ରାତି ୧୧ଟା ୪୫ମିନିଟ୍‌ରେ ଗୁରୁଜୀ କିଛି ସମୟ ନିଦ୍ରାଯିବା ଦେଖି ମୁଁ ଗୁରୁଜୀଙ୍କର ଶେଷ ଦର୍ଶନ ସାରି ଗୃହକୁ ପ୍ରତ୍ୟାବର୍ତ୍ତନ କଲି । ଗୁରୁଜୀଙ୍କର ଏପରି ଅବସ୍ଥା ଯୋଗୁଁ ଭୋଜନରେ ଅନିଚ୍ଛା ହେତୁ ଶୋଇବାକୁ ଯାଇ ସାମାନ୍ୟ ନିଦ୍ରାଯାଇଥିବା ସମୟରେ ଗୁରୁଜୀଙ୍କ ପାଖରେ ଅବସ୍ଥିତ ହୋଇଥିବା ସଂସ୍କୃତ ବିଶ୍ୱବିଦ୍ୟାଳୟର ଜନୈକ କର୍ମଚାରୀ ମୋତେ ଡାକି-ବାରେ ମୁଁ ତାଙ୍କୁ ଦେଖି ତାଙ୍କ ଉପସ୍ଥିତିର କାରଣ ବୁଝିଗଲି । ଜାଣିଲି ଯେ ମୋର ପୂଜ୍ୟ ଗୁରୁଦେବ ଆଉ ଇହଜଗତରେ ନାହାନ୍ତି । ନିଜ ଅନ୍ତରର କୋହକୁ ନିଜେ ଚାପିରଖିବା ସମ୍ଭବ ନ ହେଲେ ମଧ୍ୟ କୌଣସି ପ୍ରକାର ଗୁରୁଜୀଙ୍କର ବାସଭବନରେ ପହଞ୍ଚି ଗୁରୁ ମା'ଙ୍କୁ ତଥା ଗୁରୁପୁତ୍ରଙ୍କୁ ସାନ୍ତ୍ୱନା ଦେଇଥିଲି । ତାହାପରେ ଅନ୍ୟାନ୍ୟ ଆତ୍ମୀୟ ବନ୍ଧୁବାନ୍ଧବ ଏବଂ ପ୍ରିୟ ଶିଷ୍ୟମାନଙ୍କୁ ଗୁରୁଜୀଙ୍କର ଦେହାନ୍ତ ବାର୍ତ୍ତା ସହିତ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ଖବର ପଠାଗଲା । ଗୁରୁଜୀ କହିଥିବା ପ୍ରକାରେ ତାଙ୍କର ମର ଶରୀରକୁ ନିଜ କାନ୍ଧରେ ଶ୍ମଶାନକୁ ନେଇଥିଲି ଏବଂ ସମସ୍ତ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହେବା ପର୍ଯ୍ୟନ୍ତ ସବୁଥିରେ ନିଜକୁ ସାମିଲ କରିଥିଲି । ସମସ୍ତ କ୍ରିୟା ସମାପ୍ତ ହେବାପରେ ଏକତ୍ରିତ ହୋଇଥିବା ବନ୍ଧୁବାନ୍ଧବମାନେ ଗୃହାଭିମୁଖୀ ହୋଇ ପଡ଼ିଲେ । ଗୁରୁଜୀଙ୍କର ଥିବା ଅବସ୍ଥାରେ ସେ ଗୃହ ଯେତେ ଚଞ୍ଚଳ ହୋଇ ପଡ଼ିଥିଲା, ଗୁରୁଜୀଙ୍କ ଅଭାବରେ ସେ ଗୃହ ନୀରବ ଓ ନିସ୍ତବ୍ଧ ହୋଇ ପଡ଼ିଲା । ଗୁରୁଜୀଙ୍କ ଉପଦେଶ ଅନୁସାରେ ଗୁରୁ ମା' ଏବଂ ଗୁରୁପୁତ୍ର ଥିବାପର୍ଯ୍ୟନ୍ତ ତାଙ୍କପ୍ରତି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ବିଧିସମ୍ମତ ହୋଇଥିବାରୁ ଏବେ ମଧ୍ୟ ପ୍ରାୟ ଦିବସରେ ସେହି

ବାସଭବନରେ ପହଞ୍ଚି ଗୁରୁମାତାଙ୍କ ଦର୍ଶନ କରିବାରୁ ଏବଂ ଯଥାସମ୍ଭବ ଆବଶ୍ୟକୀୟ କାର୍ଯ୍ୟରେ ସାହାଯ୍ୟ କରିବାରୁ ବିରତ ହୋଇନାହିଁ ବୋଲି ଭାବୁଛି ।

ଦୀର୍ଘ ସତର ବର୍ଷର ଅବିଚ୍ଛିନ୍ନ ଗୁରୁଶିଷ୍ୟ ସମ୍ପର୍କ ସମ୍ବନ୍ଧରେ ସଂକ୍ଷେପରେ କହିବାକୁ ଗଲେ ଗୁରୁଦେବ ଜଣେ ଅନନ୍ୟ ସାଧାରଣ ବ୍ୟକ୍ତିତ୍ୱ ସମ୍ପନ୍ନ ଦେବପ୍ରତିମ ଥିଲେ । ଛାତ୍ରବତ୍ସଳ, ଦୟାବନ୍ତ, ପରୋପକାରୀ, ଅତିଥି ପରାୟଣ, ମିଷ୍ଟଭାଷୀ, କର୍ତ୍ତବ୍ୟପରାୟଣ ଓ ଅନେକଗୁଣସମୂହରେ ଭୂଷିତ ହୋଇ ସେ ଛାତ୍ରମାନଙ୍କର ହୃଦୟର ଅଧିଷ୍ଠିତ ଦେବତା ହୋଇ ପାରିଥିଲେ । କୌଣସି ଛାତ୍ର କେବେ ତାଙ୍କର ପ୍ରତ୍ୟକ୍ଷରେ ବା ପରୋକ୍ଷରେ ବିରୋଧାଚରଣ କରିବା ଦେଖାଯାଇ ନାହିଁ । ବିଶେଷକରି ମୋତେ ସେ ଅତ୍ୟନ୍ତ ନିଜର ପରି ମନେ କରୁଥିଲେ । ଜନ୍ମ ସମ୍ବନ୍ଧଠାରୁ ବିଦ୍ୟା ସମ୍ବନ୍ଧ ଶତଗୁଣରେ ଉତ୍କୃଷ୍ଟ ହୋଇଥିବାରୁ ସେ ଛାତ୍ରମାନଙ୍କୁ ଅନୁରୂପ ଶ୍ରଦ୍ଧା ଓ ଛାତ୍ରମାନେ ତାଙ୍କୁ ଅନୁରୂପ ଭକ୍ତି ପ୍ରଦର୍ଶନ କରୁଥିଲେ ।

ରାଷ୍ଟ୍ରପତି ସମ୍ମାନ ପାଇବା ପରେ ତାଙ୍କର ଯଶ ଭାରତର ପ୍ରତି ପ୍ରାନ୍ତରେ ବିଚ୍ଛୁରିତ ହୋଇଯାଇଥିଲା । ସେ ଭାରତର ପ୍ରତ୍ୟେକ ପ୍ରାନ୍ତର ବିଶିଷ୍ଟ ବିଦ୍ୱାନମାନଙ୍କୁ ଉଚିତ ସମ୍ମାନ ଦେଖାଉଥିଲେ । ତେଣୁ ଭିନ୍ନ ଭିନ୍ନ ପ୍ରାନ୍ତର ବହୁ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ତାଙ୍କର ଆତିଥ୍ୟ ସ୍ୱୀକାର କରି-ଥିବାର ମୁଁ ଅନୁଭବ କରିଅଛି । ତୀର୍ଥ ଭ୍ରମଣକୁ ଗୃହସ୍ଥ ଜୀବନର ଏକ ଅଙ୍ଗରୂପେ ସେ ଧରିନେଇଥିଲେ । ସେ ଥିଲେ ବାସ୍ତବରେ ଅଜାତଶତ୍ରୁ । ନିଜର କର୍ତ୍ତବ୍ୟକୁ ସେ ମହତ୍ତ୍ୱ ସ୍ଥାନ ଦେଉଥିଲେ । କୌଣସି ବ୍ୟକ୍ତିର ବ୍ୟକ୍ତିତ୍ୱ ଅପେକ୍ଷା ଚରିତ୍ରକୁ ସେ ପ୍ରାଧାନ୍ୟ ଦେଉଥିଲେ । ଯଦି କୌଣସି ବ୍ୟକ୍ତି ନିଜର କର୍ତ୍ତବ୍ୟରେ ଅବହେଳା କରେ ବା ଚରିତ୍ର ସ୍ଖଳନ କରିବସେ ତେବେ ସେ ତାଠାରେ କେବେହେଲେ ସନ୍ତୁଷ୍ଟ ନ ଥାନ୍ତି । ସର୍ବୋପରି ତାଙ୍କ ଠାରେ କୌଣସି ଐଶ୍ୱରିକଶକ୍ତି ଥିବାର ମୁଁ ଅନୁଭବ କରିଥିଲି । ତେଣୁ ନିଜ ଲୋକଙ୍କୁ ଦେଖିବାପରି ପ୍ରତ୍ୟହ ସେ ଦେବଦର୍ଶନ କରୁଥିଲେ । ଗୁରୁଦେବଙ୍କ ଦର୍ଶନ ଦେବଦର୍ଶନ ଭାବରେ ମାନିନେବାପାଇଁ ମୁଁ ହୃଦୟକୁ ସଜାଡ଼ି ନେଇଛି ।

—*—

ଶ୍ରୀବିହାର, ପୁରୀ

ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଧର୍ମଶାସ୍ତ୍ର ବିଭାଗର ସ୍ମୃତିଅର୍ଘ୍ୟ



[ପଣ୍ଡିତ ମହାଶୟ, ପ୍ରିୟଶିଷ୍ୟ ଡକ୍ଟର ବ୍ରଜକିଶୋର ସ୍ୱାଇଁଙ୍କ ସହ ପ୍ରଖ୍ୟାତ ମୀମାଂସକ ପଣ୍ଡିତ ଏସ୍. ସୁବ୍ରହ୍ମଣ୍ୟମ ଶାସ୍ତ୍ରୀଙ୍କ ସହିତ ଆଲୋଚନାରତ (୧୯୮୯ ମସିହା)]

ହେ ମହାତ୍ମା ! ତୁମେ ଯଦି ଭାଗ୍ୟ ନିୟନ୍ତା
ସଜାଡ଼ି ନଗଲ କମ୍ପା ଜାତିର ଭାଷାର ଧାଡ଼ି
ଆଉ ସଜାଡ଼ି ନ ଗଲ ପଥଭ୍ରଷ୍ଟ ପଥିକଙ୍କୁ
କହିଲ ଧର୍ମଃ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା
ଏଇଥିରେ କ'ଣ ଭରିଦେଲ ଜୀବନର ପ୍ରତିଫଳନ? ॥୧॥ –ରତିକାନ୍ତ ମିଶ୍ର

ତୁମ ପଦଚିହ୍ନେ ଚଳିଚାଲି ହେବୁ ସଂସ୍କୃତ ଜଗତ ସାର
ତୁମର ଆଦର୍ଶେ ହୋଇ ଅନୁଗାମୀ ହେଲାବୁ ତରଣ ଭବ ॥ ୨ ॥

—କଳ୍ପନା ମିଶ୍ର

ଦୁଇମାସେ ତବ ବିଦ୍ୟା ଅଧ୍ୟୟନେ ପାଇଛୁ ଯେତିକ ଜ୍ଞାନ
ଭୁଲି କି ପାରିବୁ ତବ ସ୍ନେହ ଶ୍ରଦ୍ଧା ବଞ୍ଚିଥିବୁ ଯେତେ ଦିନ ? ॥ ୩ ॥

— ସୁଷମା ସାହୁ

ଶାନ୍ତ ସରଳ ବାକ୍ୟ ଭଙ୍ଗୀରେ ରହିଥିଲା ତବ କରୁଣା ଦିଶା
କ୍ରୋଧର ଭାଷାରେ ପୂରିରହିଥିଲା କ୍ଷମାର ନିଚ୍ଛକ ଭବ୍ୟ ଆଶା ॥ ୪ ॥

— ଅଞ୍ଜଳି ମହାପାତ୍ର

ସ୍ୱଳ୍ପଦିନ ପାଇଁ ପରିଚୟ ପାଇ ଧନ୍ୟ ହୋଇଥିଲୁ ଗୁରୁଣୀ ତବ ହୋଇ
ମନ୍ଦାକିନୀ ସମ ତବ ଜ୍ଞାନ ବାରି ପବିତ୍ର କରିଛି ମନକୁ ଆମରି ॥ ୫ ॥

— ସୁମିତ୍ରା ମିଶ୍ର

ବ୍ୟକ୍ତିର ସମାହାରେ ଏହି ଜାତି ମନ୍ଦାକିନୀ
ପାବନ ଚରଣେ ତାର ଢାଳିଥିଲା ଉଚ୍ଛ୍ୱସିତ ପ୍ରଣତିର ଧାରା
ଅମୀୟ ହେ ପାଦୋଦକ ପ୍ରୀତିଦାନେ ଦେଇଗଲା
ସଂସ୍କୃତେ ସଂସ୍କୃତି ପସରା ॥ ୬ ॥ — ଶ୍ୱେତସିକ୍ତା ମିଶ୍ର

ନର ଶରୀରଟି ପାଉଁଶ ହୋଇଛି କାଳର କରାଳ ଗ୍ରାସେ
ଆତ୍ମାଟି ତବ ରହିଛି ଅମର ମାତର କାଉଁରୀ ସ୍ପର୍ଶେ ।
ତୁମ ପ୍ରତିଛବି ଉଦ୍ଭାସିତ ହୁଏ ଖାତା ବହି କାଗଜରେ
ତୁମରି ମହିମା ବଖାଣିବା ବେଳେ ଚକ୍ଷୁରୁ ଲୋତକ ଝରେ ॥ ୭ ॥

— ଇପ୍ସିତା ସ୍ୱାଇଁ

ଚିତାଇବା ଛଳେ କ୍ଷୁବ୍ଧ ହୋଇ ସେ ଅନ୍ତରେ ଲୁଚାଇ ସ୍ନେହ
ତାଙ୍କ ଗୁଣ ଆଜ ମନେ ପଡ଼ିଗଲେ ଆପେ ଆସିଯାଏ କୋହ ॥ ୮ ॥

— ସସ୍ମିତା ସାମନ୍ତସିଂହାର

ତୁମ ସ୍ମୃତିସୌଧପରେ ଢାଳି ଆମ ପ୍ରୀତି ଶ୍ରଦ୍ଧାଞ୍ଜଳି
ହେ ପୁଣ୍ୟାତ୍ମା ! ନିଶି ଦିବସରେ ଦିଅ ତବ ଜ୍ଞାନାଶିଷ ଢାଳି ॥ ୯ ॥

— ଲକ୍ଷ୍ମୀପ୍ରିୟା ନାୟକ

ମିଶ୍ର ଆପଣେ : ଏକ ଅମ୍ଳାନ ପ୍ରତିଭା

ଅଧ୍ୟାପକ ଆଦ୍ୟାପଦ ଦାସ

ବିଗତ ବର୍ଷ ୧୯-୨-୯୦ ତାରିଖରେ ପ୍ରଖ୍ୟାତ ପଣ୍ଡିତ ସଂସ୍କୃତିର ସନ୍ତାନ ଏବଂ ଜଗନ୍ନାଥ ସଂସ୍କୃତି ଜଗତର ବିଶିଷ୍ଟ ପୁରୁଷ ଶ୍ରୀଯୁକ୍ତ କୁଳମଣି ମିଶ୍ର ଶର୍ମା ସ୍ୱର୍ଗାରୋହଣ କରି ଅଛନ୍ତି । ସେ କେବଳ ଯେ ଜଣେ ଅତି ଉଚ୍ଚ-କୋଟୀର ସଂସ୍କୃତ ବିଦ୍ୱାନ ଥିଲେ ତାହା ନୁହେଁ । ସେ ଯଥାର୍ଥରେ, ମାନବତାର ଉପାସକ, ବିଶ୍ୱକଲ୍ୟାଣ ଚିନ୍ତାର ପ୍ରସାରକ ଓ ଜଗନ୍ନାଥ ସଂସ୍କୃତିର ପୃଷ୍ଠପୋଷକ ମଧ୍ୟ ଥିଲେ । ଏତାଦୃଶ ବିଦ୍ୱଦ୍‌ବର୍ଯ୍ୟଙ୍କ ସହିତ ମୋର ପରିଚୟ ଅତ୍ୟନ୍ତ ସ୍ୱଳ୍ପକାଳର । ତଥାପି ସେହି ସ୍ୱଳ୍ପ ସମୟର ଅନୁଭୂତିକୁ ନେଇ ମୁଁ ତାଙ୍କର କେତେକ ଗୁଣାବଳୀ ବର୍ଣ୍ଣନା କରିବାକୁ ଇଚ୍ଛା କରୁଅଛି ତାହା କେବଳ ଯେ, ମୋତେ ଉଦ୍‌ବୁଦ୍ଧ କରିଛି ତାହା ନୁହେଁ ମୋଭଳି ଅନେକ ଅଜ୍ଞମାନଙ୍କର ଜୀବନକୁ ଆଲୋକିତ କରିବାରେ ସାହାଯ୍ୟ କରିପାରେ ବୋଲି ମୋର ଦୃଢ଼ ପ୍ରତ୍ୟୟ ରହିଛି ।

ଜୀବନର ତାରୁଣ୍ୟରୁ ସେ ଜଣେ ସାମାନ୍ୟ ସଂସ୍କୃତ ପଣ୍ଡିତ ହୋଇ ମଧ୍ୟ ଜ୍ଞାନସାଧନାରେ ଏତେବେଶୀ ନିମଗ୍ନ ଥିଲେ ଯେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ସେଥିରୁ ଦୂରେଇ ଯାଇ ନ ଥିଲେ । ପ୍ରତ୍ୟେକ ସଂସ୍କୃତ ପଣ୍ଡିତ ଭଳି ଆର୍ଥିକ ଅନାଟନର ଶିକାର ହୋଇ ଥିଲେ ମଧ୍ୟ ତାହା ତାଙ୍କୁ ତାଙ୍କର ଜ୍ଞାନ ସାଧନାରୁ ଦୂରେଇ ଦେଇପାରି ନ ଥିଲା । ମିଶ୍ର ଆପଣଙ୍କର ମୌଳିକ ସୃଜନଶୀଳ ପ୍ରତିଭା ତାଙ୍କର ରଚିତ ଗ୍ରନ୍ଥମାନଙ୍କରୁ ସହଜରେ ଅନୁମେୟ । (ତାଙ୍କ ରଚନାବଳୀର ତାଲିକା ଦ୍ରଷ୍ଟବ୍ୟ) ।

ତାଙ୍କର ପ୍ରସିଦ୍ଧ ଅନୁବାଦ ପାଠବ 'ବିଷ୍ଣୁ ସହସ୍ରନାମ' ଅନୁବାଦରୁ ଜଣାପଡେ । ବିଷ୍ଣୁ ସହସ୍ରନାମର ଯଥାର୍ଥ ପାଣ୍ଡୁଲିପିରୁ ସଂପୂର୍ଣ୍ଣ ଅଂଶଗୁଡିକର ନିର୍ଭୁଲ ଅନୁବାଦ ଓ ବିଶ୍ଳେଷଣ ତାଙ୍କର ପ୍ରଗାଢ ପାଣ୍ଡିତ୍ୟର ସୂଚନା ଦେଇଥାଏ । ସେ ଧର୍ମଶାସ୍ତ୍ରର ଜଣେ ପ୍ରସିଦ୍ଧ ବିଦ୍ୱାନ ଥିଲେ ଓ ବେଦ ବିଷୟରେ ତାଙ୍କର ଗଭୀର ଜ୍ଞାନ ଥିଲା ।

ସଂସ୍କୃତ ସାହିତ୍ୟର ନିରଳସ ସେବାପାଇଁ ପଣ୍ଡିତ ମହାଶୟ ରାଷ୍ଟ୍ରପତି ପୁରସ୍କାର ଲାଭ କରିବାକୁ ସମର୍ଥ ହୋଇଥିଲେ । ନିଜର ପ୍ରତିଭ

ପତ୍ରପ୍ରକାଶ କରି ପ୍ରତିଷ୍ଠା ଅର୍ଜନ କରିଥିବାରୁ ରାଷ୍ଟ୍ରିୟ ସଂସ୍କୃତ ସଂସ୍ଥାନ ତାଙ୍କୁ ଚୂଡ଼ାମଣି ଅଧ୍ୟାପକ ଭାବରେ ନିଯୁକ୍ତ ଦେବାକୁ ବାଧ୍ୟ ହୋଇଥିଲେ । ସେ ଜଣେ ସାଧାରଣ ପଣ୍ଡିତ ହୋଇ ମଧ୍ୟ ଦକ୍ଷ ପ୍ରଶାସକ ଭାବରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉପାଧ୍ୟୁତ୍ତର ବିଭାଗଗୁଡ଼ିକର ସଂଯୋଜକ ଭାବରେ ସମସ୍ତଙ୍କର ପ୍ରଶଂସା ଭାଜନ ହୋଇଥିଲେ । ଜ୍ୟୋତିଷ-ଶାସ୍ତ୍ରରେ ଅତ୍ୟନ୍ତ ନିପୁଣ ଥିବାରୁ ଓ ଧର୍ମଶାସ୍ତ୍ର ବିଷୟରେ ଗଭୀର ଅନୁଶୀଳନ ଥିବାରୁ ସେ କଟକ ରାଧାରମଣପ୍ରେସ ପଞ୍ଜିକାର ସଂଶୋଧକ ଓ ଉପଦେଷ୍ଟା ଥିଲେ । ସେ ନିଜେ ଧର୍ମଶାସ୍ତ୍ରର ପ୍ରାଧ୍ୟାପକ ଥାଇ ସାହିତ୍ୟ ଦର୍ଶନ, ପୁରାଣ ଇତ୍ୟାଦି ବିଷୟଗୁଡ଼ିକରେ ତାଙ୍କର ଗଭୀର ଅଧ୍ୟୟନ ରହିଥିବା ଅନସ୍ୱୀକାର୍ଯ୍ୟ । ଉକ୍ତ ଗୁଣଗୁଡ଼ିକରୁ ଜଣାଯାଏ ଯେ ସେ ରାଷ୍ଟ୍ର-ସେବାରେ ସାହିତ୍ୟ ସାଧନାରେ, ମାନବତାର ଆରାଧନାରେ ନିଜର ସମଗ୍ର ଜୀବନ ଉତ୍ସର୍ଗୀକୃତ କରିଥିଲେ ।

ପଣ୍ଡିତ ମହାଶୟଙ୍କ ସହିତ ମୋର ଏକାନ୍ତ ବ୍ୟକ୍ତିଗତ ଅନୁଭୂତି ଏଠାରେ ଉଲ୍ଲେଖ ନ କଲେ ପଣ୍ଡିତ ମହାଶୟଙ୍କର ଗୋଟିଏ ଉଜ୍ଜ୍ୱଳ ଦିଗ ଅସଂପୂର୍ଣ୍ଣ ରହିଯିବ ବୋଲି ମୁଁ ଚିନ୍ତା କରେ । ମୋତେ ଧର୍ମଶାସ୍ତ୍ର ଉପାଧ୍ୟୁତ୍ତର ଶ୍ରେଣୀରେ 'ଋତ' ସମ୍ବନ୍ଧରେ ଆଲୋଚନା କରିବା ପାଇଁ ସୁଯୋଗ ମିଳିଥିଲା । 'ଋତ' ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଆଲୋଚନା ପାଇଁ ମୁଁ କେତୋଟି ଗ୍ରନ୍ଥ ଆଲୋଚନା କରିଥିଲି କିନ୍ତୁ ଯେତେବେଳେ ଉକ୍ତ ସଭାରେ ପଣ୍ଡିତ ମହାଶୟଙ୍କର 'ଋତ' ସମ୍ବନ୍ଧୀୟ ତତ୍ତ୍ୱ ଏବଂ ତଥ୍ୟ ଉପରେ ସଭାପତିଙ୍କ ଅଭିଭାଷଣ ଶୁଣିଲି ମୁଁ ଏତେ ବେଶୀ ସଂକୁଚିତ ହୋଇପଡ଼ିଲି ଯେ ମନେହେଲା ସେ ସେହି ବିଷୟରେ ମହାସମୁଦ୍ର ତୁଲ୍ୟ କିନ୍ତୁ କଥାବାର୍ତ୍ତାରେ ସେ ପ୍ରମାଣିତ କରିଥିଲେ, 'ଅନୁତ୍ସେକୋ ହି ବିକ୍ରମାଳଙ୍କାରଃ' ।

ଆଜି ମଧ୍ୟ ସଂସ୍କୃତର ସଂସ୍କରଣ ପାଇଁ ଏତାଦୃଶ ମହାପୁରୁଷମାନଙ୍କର ପ୍ରୟୋଜନ ରହିଛି । ଯେଉଁମାନେ ସ୍ୱକୀୟ ଜୀବନ ସଂସ୍କୃତ ସେବାରେ ସମର୍ପଣ କରିବେ କାରଣ ଏ ଦେଶର ଗୌରବ ସେମାନଙ୍କ ଉପରେ ନିର୍ଭର କରେ ।

ଉତ୍କଳ ସଂସ୍କୃତ ଶିକ୍ଷା ଅଧୀକ୍ଷକ, ପୁରୀ

ଶ୍ରଦ୍ଧାଞ୍ଜଳି

ଶ୍ରୀରମେଶଚନ୍ଦ୍ର ରାଉତ

ପୂଜାସ୍ପଦ ସମ୍ମାନନୀୟ ବାଗ୍ମୀ ଧର୍ମଚେତା
ସ୍ୱନାମଧନ୍ୟ ପଣ୍ଡିତ ହେ ମହାନୁଭବ
ଗୁଣାଶ୍ରିତ ଭକ୍ତାଶ୍ରିତ ଅଦ୍ୱୈତ ସନ୍ଧାନୀ
ମୃତ୍ୟୁଞ୍ଜୟୀ କାଳଜୟୀ ଅକ୍ଷୟ ଅମର ॥୧॥

ଜ୍ୟୋତିଷ ବିଦ୍ୟା ପ୍ରବକ୍ତା ଧର୍ମଶାସ୍ତ୍ରବେତ୍ତା
ସାହିତ୍ୟିକ ଅଧ୍ୟାପକ କବି ହେ ଲେଖକ
ତର୍କକାଶୀ ମହାଯଶା ବିଦୁଷ ପ୍ରବର
ସଂସ୍କାରକ ନୀତିବାନ୍ ସାଧୁ ସୁଧୀଜନ ॥୨॥

ସଂସ୍କୃତ ସଂସ୍କୃତିରକ୍ଷା କବଚ ପିନ୍ଧଣ
ଜ୍ଞାନ-କର୍ମ-ଉପାସନା ଲେଖନୀ ଆୟୁଧେ
ମନ୍ଥିଲ ସାଗର ଜ୍ଞାନ ବିଗ୍ରହ ପୟୋଧି
ନବନୀତ ଗ୍ରନ୍ଥମାଳା ଲମ୍ଭାଇଲ ବାଣୀ ବିଳାସରେ ॥୩॥

ହେ ଅମୃତ ବରପୁତ୍ର ଉତ୍କଳ ମାତାର
ସ୍ନେହଶୀଳ ଦୟାବାନ୍ ବେଦାନ୍ତ ବିଜ୍ଞାନୀ
ପୁରୁଷୋତ୍ତମଙ୍କୁ ଧ୍ୟାୟୀ ହୃଦୟ ପଙ୍କଜେ
ପୁରୁଷୋତ୍ତମ କ୍ଷେତ୍ରରେ କଲ ମହାଯାତ୍ରା ॥୪॥

ଖୋଜୁଛି ତୁମକୁ ଆଜ ଉତ୍କଳ ଜନନୀ
ଖୋଜୁଛି ଭାରତବର୍ଷ ଖୋଜିବ ଏ ବିଶ୍ୱ
ଦେନ ମୋ ପ୍ରଣତି ଆଜ ଏ ଶ୍ରାଦ୍ଧ ବାସରେ
ଆଶିଷ ଢାଳ ହେ ଗୁରୁ ପରଲୋକୁଁ ତବ ॥୫॥

ବନ୍ଦୋବସ୍ତ କାର୍ଯ୍ୟାଳୟ, ପୁରୀ

— ୦ —

ସ୍ୱନାମଧନ୍ୟ ପଣ୍ଡିତ କୁଳମଣି ମିଶ୍ର ମହୋଦୟ

ଡକ୍ଟର କିଶୋରନାଥ ଝା

ଗୁରୁକଳ୍ପ ସ୍ୱନାମଧନ୍ୟ ପଣ୍ଡିତ କୁଳମଣି ମିଶ୍ର ମହୋଦୟ ଦୁର୍ଭାଗ୍ୟବଶତଃ ଆମ୍ଭଙ୍କୁ ଦୁଃଖିତ କରି ଚାଲିଯାଇଛନ୍ତି । ସ୍ୱର୍ଗଲୋକରେ ଧର୍ମବିଚାରବସରରେ ଇନ୍ଦ୍ର ପଣ୍ଡିତ ମହାଶୟଙ୍କର ଉପସ୍ଥିତି କାମନା କରି ଗତବର୍ଷ ଅକସ୍ମାତ୍ ମହାଶୟଙ୍କୁ ଆମନ୍ତ୍ରଣ କରି ନେଇଛନ୍ତି ଏହା ଉତ୍ପ୍ରେକ୍ଷା କରାଯାଇପାରେ । ଧୂପସୁବାସିତ ପଦାର୍ଥର ସ୍ଥାନାନ୍ତରରେ ଧୂପର ସୁବାସ କିଛି କ୍ଷଣ ରହିବାପରି ପଣ୍ଡିତ ମହାଶୟଙ୍କର ସ୍ମୃତି ମଧ୍ୟ ଆମର ହୃଦୟକୁ ବେଳେ ବେଳେ ଆନ୍ଦୋଳିତ କରିପକାଉଛି ।

ଧୈର୍ଯ୍ୟ ଏବଂ ସନ୍ତୋଷର ବିଷୟ ଏହି ଯେ ମହାତ୍ମାମାନେ ସର୍ବଥା କୃତକୃତ୍ୟ ହୋଇ ହିଁ ପରଲୋକ ଗମନ କରନ୍ତି । ମର୍ତ୍ତ୍ୟରେ ଜାତ ହୋଇଥିବା ସମସ୍ତ ପ୍ରାଣୀ ନିଶ୍ଚିତ ମରଣକୁ ପ୍ରାପ୍ତ ହୁଅନ୍ତି । "ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ" ଏହା ନିଷ୍ଠୁର ସତ୍ୟ । ତାଙ୍କର ବିରହରେ ଆମ୍ଭେ ବିଗଳିତ ହେଲେ ମଧ୍ୟ ସେ ଜନ୍ମବନ୍ଧନରୁ ମୁକ୍ତ ହୋଇ ଯଶଦ୍ୱାରା ଚିର ପ୍ରତିଷ୍ଠିତ ହୋଇ ରହିବେ । ଆମ୍ଭର ପବିତ୍ର କର୍ତ୍ତବ୍ୟ ଏହି ଯେ, ଆମ୍ଭର ଶ୍ରେୟଃ ପ୍ରାପ୍ତି ନିମିତ୍ତ ହିଁ ତାଙ୍କର ସ୍ମୃତି ଗ୍ରନ୍ଥକୁ ଏହି ପୁଣ୍ୟ ତିଥିରେ ଉପନିବନ୍ଧ କରି ରଖିବା । ତେଣୁ କାଳିଦାସ ଯଥାର୍ଥରେ କହିଛନ୍ତି— "ପ୍ରତିବଧ୍ନାତି ହି ଶ୍ରେୟଃ ପୂଜ୍ୟପୂଜାବ୍ୟତିକ୍ରମଃ" । ଆମ୍ଭର ଗୁରୁଦେବ ବାସ୍ତବରେ ଅନ୍ୱର୍ଥନାମା କୁଳମଣି ପଦାଭିଧେୟ କେବଳ ଓଡ଼ିଶାରେ ନୁହଁନ୍ତି କିନ୍ତୁ ଭାରତବର୍ଷର ବିଶିଷ୍ଟ ବିଦ୍ୱାନମାନଙ୍କ ମଧ୍ୟରେ ଶିରୋମଣି ସଦୃଶ । "ଅଧୀତମଧ୍ୟାପିତମର୍ଜିତଂ ଯଶୋ ନ ଶୋଚନୀୟଂ କିମପୀହ ଭୂପତେ ।" ସୁତରାଂ ସର୍ବଦା ସେ କୃତ୍ୟ କୃତ୍ୟ ହୋଇଥିଲେ । ତାଙ୍କର ସନ୍ତାନବର୍ଗ ସୁବ୍ୟବସ୍ଥିତ ହୋଇ, ଛାତ୍ରମାନେ ମେଧାସମ୍ପନ୍ନ ହୋଇ ଅନୁସନ୍ଧାନାଧ୍ୟାପନରେ, ପ୍ରଶାସନରେ ନିଯୁକ୍ତ ହୋଇ ସମ୍ମାନାର୍ହ ହୋଇଛନ୍ତି । ସେ ଗୃହସ୍ଥଧର୍ମାନୁକୂଳ ଗୃହ ମଧ୍ୟ ନିର୍ମାଣ କରିଯାଇଛନ୍ତି । ଅନେକ ଆବଶ୍ୟକୀୟ ପୁସ୍ତକ ପ୍ରଣୟନ କରି ଯଶସ୍ୱୀ ମଧ୍ୟ ହୋଇଛନ୍ତି । ମହାଭାରତର ଉକ୍ତି ଅନୁସାରେ ଆଚାର୍ଯ୍ୟସମ୍ବନ୍ଧ ନିତ୍ୟ ଓ ଶାଶ୍ୱତ ହୋଇଥିବାରୁ ଆମ୍ଭର ତାଙ୍କ ପ୍ରତି ଆଦର ଓ ଶ୍ରଦ୍ଧା ରହିବା ଅସ୍ୱାଭାବିକ ନୁହେଁ । ମୃଦୁସୁଖ ବିଶିଷ୍ଟ ହେଲେ ମଧ୍ୟ ଧର୍ମାଚରଣରେ କଠୋର ହୋଇ ଗୁରୁଦେବ ଛାତ୍ରମାନଙ୍କଠାରେ

ସର୍ବଦା ପ୍ରୀତ ଥିଲେ । ଗୁରୁଙ୍କ ବିଷୟରେ ମାଳବିକାଗ୍ନିମିତ୍ରରେ କବିକୁଳ-ଗୁରୁ କାଳିଦାସ କହିଥିବା ବାକ୍ୟର ସେ ହିଁ ପ୍ରକୃତ ନିଦର୍ଶନ । ଯଥା—

ଶ୍ଲିଷ୍ଟା କ୍ରିୟା କସ୍ୟଚିଦାତ୍ମସଂସ୍ଥା ସଂକ୍ରାନ୍ତିରନ୍ୟସ୍ୟ ବିଶେଷଯୁକ୍ତା ।
ଯସ୍ୟୋଭୟଂ ସାଧୁ ସ ଶିକ୍ଷକାଣାଂ ଧୁରି ପ୍ରତିଷ୍ଠାପୟିତବ୍ୟ ଏବ ॥

ମୋର ମନେପଡୁଛି ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଦୀକ୍ଷାନ୍ତ ସମାରୋହରେ ଅଧ୍ୟକ୍ଷ ପଦବୀରେ ସମାସୀନ ହୋଇଥିବା ଗୁରୁ-ଦେବଙ୍କ ମୁଖରୁ ନିଃସୃତ ହେଉଥିବା ନିରବଚ୍ଛିନ୍ନ ସଂସ୍କୃତବାଙ୍ମୟ । ଗୁରୁକଳ୍ପ ଏହି ବିଦ୍ୱଦ୍‌ବରେଣ୍ୟ ଗୃହରେ ଉପସ୍ଥିତ ବ୍ୟକ୍ତିଙ୍କର ଆତିଥ୍ୟକୁ ଅତିଥିଯଜ୍ଞରୂପେ ଭାବିନେଇ ନିଷ୍କପଟ ବ୍ୟବହାର ପ୍ରଦର୍ଶନ କରନ୍ତି । ଅକସ୍ମାତ୍ ତାଙ୍କର ଏହି ନିର୍ହେତୁକ କୃପା ୧୯୮୩ ମସିହା ସାରସ୍ୱତଜ୍ଞାନ-ମହୋତ୍ସବରେ ସଦାଶିବ କେନ୍ଦ୍ରୀୟ ବିଦ୍ୟାପୀଠ ପରିସରରେ ମୋଠାରେ ପଡିଥିଲା । "ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ" ଏହି ବିଷୟକୁ ନେଇ ମୁଁ ସେଠାରେ ବକ୍ତୃତା ଦେଉଥାଏ । ସେଠାରେ ତାଙ୍କର ଆଶୀର୍ବଚନଦ୍ୱାରା ମୋର ଜୀବନରେ ନିଶ୍ଚୟ ଉନ୍ନତି ସାଧିତ ହେବ ଏହା ମୋର ଦୃଢ ବିଶ୍ୱାସ ଥିଲା । ବହୁବାର ନିଜର ନବୀନ ପ୍ରକାଶିତ ଗ୍ରନ୍ଥ ପ୍ରଦାନ କରି ପତ୍ର ବ୍ୟବହାର ଦ୍ୱାରା ମୋର ଉପକାର ମଧ୍ୟ କରିଛନ୍ତି । ଯଦ୍ୟପି ମୁଁ ତାଙ୍କର ସାକ୍ଷାତ୍ ଅନ୍ତେବାସୀ ନ ଥିଲି ତଥାପି ମୋଠାରେ ତାଙ୍କର ସ୍ନେହ ସେହିପରି ହିଁ ଥିଲା ।

ଏଣୁ ମୁଁ ମଧ୍ୟ ବାଚିକ ସଶ୍ରଦ୍ଧ ସବିନୟ ପ୍ରଣତି ପୁଷ୍ପାଞ୍ଜଳି ତାଙ୍କ ଉଦ୍ଦେଶ୍ୟରେ ବିତରଣ କରି କୃତାର୍ଥ ହେଉଛି । ଏହି ଅବସରରେ ପ୍ରକାଶିତ ହେଉଥିବା ସ୍ମରଣିକାର ଆୟୋଜକମାନଙ୍କ ନିକଟରେ ମଧ୍ୟ ଅଧମର୍ଣ୍ଣ୍ୟତା ସ୍ୱୀକାର କରୁଅଛି । ମହାଭାରତ ଯଥାର୍ଥରେ ଉପଦେଶ ଦିଏ—

ଅଷ୍ଟୌ ଗୁଣାଃ ପୁରୁଷଂ ଦୀପୟନ୍ତି ପ୍ରଜ୍ଞା ଚ କୌଲ୍ୟଂ ଚ ଦମଃ ଶ୍ରୁତଂ ଚ ।
ପରାକ୍ରମଶ୍ଚାବହୁଭାଷିତା ଚ ଦାନଂ ଯଥାଶକ୍ତି କୃତଜ୍ଞତା ଚ ॥

ଏହିସବୁ ଗୁଣଗୁଡିକ ତାଙ୍କଠାରେ ପରିଲକ୍ଷିତ ହୁଏ । ଆଜି ପବିତ୍ର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସେହି ଅମରାତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ରହୁଛି ।

ରିଡର
ଗଙ୍ଗାନାଥ ଝା କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ
ଏଲାହାବାଦ-୨

—୦—

ସହଧର୍ମିଣୀଙ୍କ ସହିତ ୧୯୮୬ ମସିହାରେ



ପଣ୍ଡିତ କୁଳମଣି ମିଶ୍ର ସହଧର୍ମିଣୀ ଓ ଝିଅମାନଙ୍କ ସହିତ ୧୯୫୭
ମସିହାରେ

ନନା ! ତୁମ ଆଶୀର୍ବାଦ ମଥାପରେ ପଡୁଥାଉ ଝରି

ଶ୍ରୀମତୀ ଶାନ୍ତି ମହାପାତ୍ର

ଏକା ମୁଁ ବସିଛି ଆଜ
କେତେ ସ୍ମୃତି ବାରମ୍ବାର ପିଟିହୁଏ ହୃଦୟ ବେଳାରେ;
କେତେ ଦିନ ଗୃହୁଁ ଗୃହୁଁ ସରିଗଲେ, ହଜିଗଲା ସମୟର ଅତଳ ଗର୍ଭରେ ।
ସରଳ, ସୁନ୍ଦର, ଧୀର, ନମ୍ରପୂତ ସେ ମୁଖମଣ୍ଡଳ
ଲୁଚିଗଲା କାହିଁ ପ୍ରାଣ କାନ୍ଦୁଅଛି ଝୁରି,
କାହିଁ କେତେ କଥା ଗଲା ଚାଳିଶି ବର୍ଷର
ଲିଭିବ ମନରୁ କେବେ, ହେବକି ପାଶୋର ।
ପିଲାବେଳେ କେତେ ଅଳି କେତେ ଯେ ଅଝଟ
କେତେଥର ନ ବସିଛି ଅଡ଼ି,
ଏଇଲେ ଲୋଡ଼ା ଏଇଟା ନ ହେଲେ ତ ହେବ ନାହିଁ
ସ୍କୁଲ ବେଳ ଯାଉଅଛି ଗଡ଼ି ।
ସାନ ବଡ଼ କେତେ ଦୋଷ ସବୁରେ କରିଛ କ୍ଷମା
ତୁମ ମନେ ଥିଲା ମୁହିଁ ଶ୍ରେଷ୍ଠ,
ସବୁକଥା ବଡ଼ ଦିଶେ, ସବୁବେଳେ ଟେକି ବସ
ସତେ ଅବା ଥିଲି ବୋଲି ଜ୍ୟେଷ୍ଠ ।
ସବୁ ଟେହ୍ଲା ଛାଡ଼ିଦେଇ ରହିଲ ଦୂରେଇ କାହିଁ
ଜନ୍ମଦିନ ଖୋଜି କିଏ ପଠାଇବ ଟଙ୍କା,
ଭୁଲିଲ ସମସ୍ତ ପ୍ରିୟ ପାଷାଣ କରି ହୃଦୟ, ଛାଡ଼ି ସବୁ ଚାଲିଗଲ ଏକା ।
ଜଞ୍ଜାଳ ରହିଛି ଘେରି, ଦିନଯାଏ କାହିଁ ଚାଲି
ତଥାପି ମନରେ ସଦା ହେଉଛି ମୁଁ ଘାରି,
ଦିବା ନିଶି ତୁମ କଥା ଆଖିଆଗେ ନାଚଉଠେ
ପ୍ରାଣଯିବ ତଥାପି ତା ହେବନାହିଁ ଭୁଲ ।
ମନରେ ଅନେକ କଥା, ପ୍ରାଣରେ ଅନେକ ବ୍ୟଥା
ଆଖିରେ ଲୋତକ ଭରି ରହିଅଛି ବସି,
ଆସୁନାହିଁ ଲେଖି ମୋତେ ମନର ଯନ୍ତ୍ରଣା ଯେତେ, ହୃଦୟ ଯାଉଛି ଫାଟି
କଷ୍ଟ କି ହୋଇବ କେବେ ଭାଷାରେ ପ୍ରକାଶି ।

ଅଳସ ପାଖକୁ ଛୁଇଁ, ନିଜ ପାଇଁ ଚିନ୍ତା ନାହିଁ
ସର୍ବଦା କର୍ମ ଚଞ୍ଚଳ ଦିନେ ତ ପଡ଼ିନ ଶୋଇ,
ସେବା କେ ବା କରିବ ତୁମର,
ହୋଇତ ନଥିଲା ବେଳ, କାହୁଁ ସେ ଆସିଲା କାଳ
ଛଡ଼ାଇ ନେଲା ଆମଠୁ କିବା ଦୋଷ କରିଥିଲୁ ତାର ।
କିନ୍ତୁ ତୁମେ ମହାଜ୍ଞାନୀ
ସତ୍ୟ, ନ୍ୟାୟ, ଧର୍ମ ବଳେ ମୃତ୍ୟୁବେଳା ନିର୍ଣ୍ଣୟ କରି,
ନାରାୟଣ, ନାରାୟଣ କହି କହି ଗଙ୍ଗାଜଳ ମାଗି ପିଇ
ଚାଲିଗଲ ହସି ହସି ବୈକୁଣ୍ଠ ପୁରୀ ।
ସମସ୍ତ ଉତ୍ତମର ଉଚ୍ଚ ସୋପାନରେ ଉଠି
ଜ୍ଞାନାଲୋକ ଜାଳିଦେଲ ଅନେକ ଅଜ୍ଞାନ,
ସରସ୍ୱତୀ ସେବା କରି ଯାହା ତୁମେ କରିଥିଲ ଦାନ
ଅର୍ଜିଲ ସେଥିରେ "ରାଷ୍ଟ୍ରପତିଙ୍କ ସମ୍ମାନ",
ଓଡ଼ିଶାରେ ନୁହଁ ଖାଲି ମହାଭାରତୀୟ ତୁମେ
କାହିଁ ଭଗବାନପୁର ତୁମ ଜନ୍ମସ୍ଥାନ ।
ଧର୍ମ ତୁମ ମହାମନ୍ତ୍ର
ଧର୍ମର ଅବତାର ସ୍ୱୟଂ ଧର୍ମବୀର,
'ସତ୍ୟଂ ବଦ ଧର୍ମଂ ଚର, ଯତୋ ଧର୍ମ ସ୍ତତୋ ଜୟ'
ଶିଖାଇଛଲେ ହସ୍ତଲିପି ଉଦ୍ଭାସିତ କୁଟୀର ଗାଦିର ।
ସଦା ସ୍ଥିର ଶୁଦ୍ଧ ମତି ଦେବତା ବ୍ରାହ୍ମଣେ ଭକ୍ତି
ସ୍ନେହ, ଦୟା, କ୍ଷମା ଗୁଣେ ପ୍ରାଣୀ ମନ କରିଥିଲ ଜୟ,
ତୁମର ଆଦର୍ଶ ହେଉ ଜୀବନ ପାଥେୟ ।
ଏତିକି ବିନତି ମୋର ଏତିକି ମୋ ଆଶା,
ନନା, ତୁମ ଶୁଭ ଆଶୀର୍ବାଦ
ଆମ ମଥାପରେ ସଦା ରହିଥାଉ ଝରି ।

ମାର୍ଫତ୍ ଡାକ୍ତର ବ୍ରଜବନ୍ଧୁ ମହାପାତ୍ର
ସଦର ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ

—o

ଏକ ଅଦ୍ୱିତୀୟ ବ୍ୟକ୍ତିତ୍ୱ

ଅଧ୍ୟାପକ ଡକ୍‌ଟର ହରମୋହନ ମିଶ୍ର

ପ୍ରତ୍ୟେକ ମନୁଷ୍ୟ ବାହ୍ୟ ରୂପ, ଅନ୍ତଃ ସ୍ୱଭାବ, ସ୍ୱକୀୟ ଜ୍ଞାନ ଓ କର୍ମ ଦୃଷ୍ଟିରୁ ଏକ ଓ ଅଦ୍ୱିତୀୟ । ଏହି ବହୁବିଧ ରୂପ ଏବଂ ବିଚିତ୍ରତା ପରମେଶ୍ୱରଙ୍କର ଏକ ଅନନ୍ୟକରଣୀୟ ସାମର୍ଥ୍ୟ । କୌଣସି ସାଧାରଣ ଶିଳ୍ପୀ ପାଖରେ ସୃଷ୍ଟି କରିବାର ଏତେ ବହୁବିଧ ସାମର୍ଥ୍ୟ ନାହିଁ । କିନ୍ତୁ ଅଦ୍ୱିତୀୟ ବ୍ୟକ୍ତି କହିଲେ ତାହା ବୁଝାଏ ନାହିଁ । ଯେଉଁମାନେ ସ୍ୱକୀୟ ପ୍ରତିଭା ଓ ପ୍ରଚେଷ୍ଟା ଦ୍ୱାରା ମନୁଷ୍ୟର ଚିନ୍ତା ଓ ଚେତନାରେ ଆଲୋଡନ ଆଣିପାରନ୍ତି ସେମାନେ ହିଁ ଅଦ୍ୱିତୀୟ ବ୍ୟକ୍ତି ଭାବରେ ଗଣ୍ୟ ହୁଅନ୍ତି । ଅବଶ୍ୟ ଭଲ ଓ ମନ୍ଦ ଉଭୟ ପ୍ରକାର ଅଦ୍ୱିତୀୟ ବ୍ୟକ୍ତି ଅଛନ୍ତି । ପ୍ରଥମ ଶ୍ରେଣୀର ଅଦ୍ୱିତୀୟ ବ୍ୟକ୍ତିମାନେ ସ୍ୱକୀୟ ଗୁଣ ଓ କର୍ମର ସୌରଭ ଦ୍ୱାରା ସନ୍ନିକଟ ବ୍ୟକ୍ତିମାନଙ୍କୁ ଆମୋଦିତ କରି ସେମାନଙ୍କ ଜୀବନଧାରାରେ ପରିବର୍ତ୍ତନ ଆଣିପାରନ୍ତି । ପଣ୍ଡିତ କୁଳମଣି ମିଶ୍ର ଥିଲେ ଏହି ଶ୍ରେଣୀର ଜଣେ ଅଦ୍ୱିତୀୟ ବ୍ୟକ୍ତି । ସେ ଥିଲେ ଧର୍ମନିଷ୍ଠ, ବିଦ୍ୱତ୍ତା ଓ ସୌଜନ୍ୟର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଏହିପରି ଜଣେ ପୁଣ୍ୟାତ୍ମାଙ୍କର ସ୍ମରଣ ହିଁ ଅନ୍ତଃକରଣକୁ ଶୁଦ୍ଧ କରେ । ଯେଉଁମାନେ ତାଙ୍କର ନିକଟ ସଂସ୍ପର୍ଶ ଲାଭ କରିଛନ୍ତି, ସେମାନଙ୍କର ତାହା ପରମ ସୌଭାଗ୍ୟ ବ୍ୟତୀତ ଆଉ କିଛି ନୁହେଁ—

> "ଯେଷାଂ ସଂସ୍ମରଣାତ୍ ପୁଂସାଂ ସଦ୍ୟଃ ଶୁଧ୍ୟନ୍ତି ବୈ ଗୃହାଃ ।
> କିଂ ପୁନର୍ଦର୍ଶନସ୍ପର୍ଶ ପାଦଶୌଚାସନାଦିଭିଃ ॥"

ଜାମାତା ଭାବରେ ତାଙ୍କର ସାମୀପ୍ୟ ଲାଭକରିବାର ଓ ବିଭିନ୍ନ ବୌଦ୍ଧିକ ବିଷୟ ନେଇ ତାଙ୍କର ଚିନ୍ତାଧାରାକୁ ବିଶ୍ଳେଷଣ କରିବାର ସୌଭାଗ୍ୟ ମୁଁ ଲାଭକରିଛି । ଏହି ଦୁର୍ଲଭ ସାନ୍ନିଧ୍ୟ ମୋର ଚିନ୍ତନ ପ୍ରକ୍ରିୟା ଓ ଧାରଣା ସମୂହକୁ ଗଭୀର ଭାବରେ ପ୍ରଭାବିତ କରିଛି । ପଣ୍ଡିତ ମିଶ୍ରଙ୍କର ଜୀବିତାବସ୍ଥାରେ ମୁଁ ଯେବେ ପୁରୀ ଯାଉଥିଲି, ସେତେବେଳେ ପୁରୀ ଯିବାର ଏକ ମୁଖ୍ୟ ଆକର୍ଷଣ ସେ ହିଁ ଥିଲେ । ଯଦି କିଛି ଅସମାହିତ ପ୍ରଶ୍ନ ଥାଏ, କିଛି ଶ୍ଳୋକର ଅର୍ଥ ସ୍ପଷ୍ଟ ହେଉ ନ ଥାଏ, କୌଣସି ଶ୍ଳୋକର ମୂଳଗ୍ରନ୍ଥର

ନାମ ଜଣାପାଉ ନଥାଏ କିମ୍ବା କୌଣସି ଶାସ୍ତ୍ରୀୟ ବିଷୟରେ ସନ୍ଦେହ ଥାଏ, ତେବେ ସେ ତାହାର ସମାଧାନ କରି ଦେଉଥିଲେ ।

ପଣ୍ଡିତ ମିଶ୍ର କର୍ମନିଷ୍ଠାର ଏକ ଜ୍ୱଳନ୍ତ ନିଦର୍ଶନ ଥିଲେ । ଆଳସ୍ୟ ତାଙ୍କୁ ସ୍ପର୍ଶ କରି ନଥିଲା । କେବେ କିଛି ଚିନ୍ତାକରି ବସି ରହିବାର ମୁଁ ତାଙ୍କୁ ଦେଖିନାହିଁ । ସମୟ ପାଇଲେ କିଛି ଲେଖୁଥିଲେ କିମ୍ବା ବହି ଦେଖୁଥିଲେ । ଗ୍ରନ୍ଥ ପ୍ରତି ତାଙ୍କର ଅତିଶୟ ପ୍ରୀତି ଥିଲା । ଥରେ ମୁଁ ତାଙ୍କୁ କେତେକ ଶ୍ଳୋକ କେଉଁ ପୁରାଣରେ ଅଛି ବୋଲି ପଚାରିଥିଲି । ତାହା ଶ୍ରୀମଦ୍‌ଭାଗବତରେ ଅଛି ବୋଲି ସେ କହିଲେ ଓ ସଙ୍ଗେ ସଙ୍ଗେ ବହି ବାହାରିକରି ମୋତେ ଦେଖାଇଲେ ! କହିଲେ— "ସଦ୍‌ଗ୍ରନ୍ଥ ନିକେତନରେ ସଂସ୍କୃତ ଭାଗବତ ମିଳୁଛି, ଖଣ୍ଡେ ଆଣି ରଖନ୍ତୁ । କେବେ ପୁଣି ମୁଦ୍ରଣ ଅଭାବରୁ ମିଳିବନି ।" ଦୀର୍ଘସୂତ୍ରୀ ସ୍ୱଭାବରୁ ମୁଁ ଅନେକ ମାସ ଧରି ତାହା କିଣି ନ ଥିଲି । ଆଉଥରେ ଭାଗବତର କେତେକ ବିଷୟ ନେଇ ପଚାରିଲି ସେ ସେହି ଶ୍ଳୋକ ମାନଙ୍କୁ ମୋତେ ଦେଖାଇଲେ । ସେହିଦିନ ସେ ଗୋଟିଏ ସଂସ୍କୃତ ଭାଗବତ ବହି ମୋ ପାଇଁ କିଣି ଆଣିଲେ । ମୁଁ ବର୍ତ୍ତମାନ ଚିନ୍ତା-କରୁଛି, ଯଦି ସେ ମୋତେ ବହି ଖଣ୍ଡିକ ଉପହାର ଭାବରେ ଦେଇ ନଥାନ୍ତେ ତେବେ ଅବହେଳା ବଶତଃ ମୁଁ ଏହି ଗ୍ରନ୍ଥରତ୍ନ ପଢ଼ିବାର ସୁଯୋଗ ହରାଇ ଥାଆନ୍ତି ।

ଥରେ ମୋର ଅନୁରୋଧକ୍ରମେ ସେ ମୋ ସହିତ ପୁରୀରେ ଥିବା ଶଙ୍କର ସମ୍ପ୍ରଦାୟର ମଠମାନଙ୍କୁ ଦେଖିବାକୁ ଯାଇଥିଲେ । ଗୋବର୍ଦ୍ଧନ ମଠ, ଶଙ୍କରାନନ୍ଦ ମଠ ଓ ଗୋପାଳତୀର୍ଥ ମଠକୁ ଆମେ ଗଲୁ । ଦ୍ୱିତୀୟ ତୃତୀୟ ମଠ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଶଙ୍କରାନନ୍ଦ ମଠରେ ଥିବା ଭଗ୍ନ ସମାଧି ମନ୍ଦିରମାନଙ୍କୁ ଦେଖି ଦୁଃଖରେ କହିଲେ, "ଏହିଠାରେ ଶ୍ରୀଧର ସ୍ୱାମୀଙ୍କ ପରି ମହାତ୍ମାମାନଙ୍କର ସମାଧି ରହିଛି । କିନ୍ତୁ ଆମ ଲୋକେ ଏପରି ଲୁବ୍ଧ ଓ କୃତଘ୍ନ ଯେ ସ୍ୱାମୀ ସନ୍ନ୍ୟାସୀ) ମାନଙ୍କର ଭଙ୍ଗା ସମାଧିର ପଥର ସବୁ ଚୋରିକରି ନେଉଛନ୍ତି ।" ଏହାକହି ସ୍ୱାମୀମାନଙ୍କ ବସିବା ସ୍ଥାନରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ପରମ୍ପରା ପ୍ରତି କି ସମ୍ମାନ ! ମୁଁ ତାଙ୍କୁ ଦେଖିକରି ମୁଣ୍ଡିଆ ମାରିଲି । ନିଜ ଆତ୍ମସମୀକ୍ଷା କଲି । ତାଙ୍କ ସହ ନିଜକୁ ତୁଳନା କଲି । ଆମ ହୃଦୟ ମଧ୍ୟରେ ଯୁଗ ଯୁଗର ଯେଉଁ

ଅହଙ୍କାର ଓ ଆତ୍ମଗୃରିତା କମାଠ ବାନ୍ଧି ରହିଥିଲା, ତାହା ତାଙ୍କୁ ସ୍ପର୍ଶ କରି ନ ଥିଲା ।

ଧର୍ମ ହିଁ ତାଙ୍କ ଜୀବନର ଭିତ୍ତିଭୂମି ଥିଲା । ଭାରତୀୟ ଧାର୍ମିକ ପରମ୍ପରାର ସେ ଥିଲେ ଜଣେ ମହାନ୍ ପ୍ରବକ୍ତା । କିନ୍ତୁ କୌଣସି କଥାକୁ ଅବିଗୃରିତ ଭାବେ ଗ୍ରହଣ କରିବା ତାଙ୍କର ସ୍ୱଭାବ ବିରୁଦ୍ଧ ଥିଲା । ତାଙ୍କର ଚିନ୍ତାଧାରା ଯଥେଷ୍ଟ ଆଧୁନିକ ଓ ବିଶ୍ଳେଷଣାତ୍ମକ ଥିଲା । ଦିନେ ଆଲୋଚନା-କ୍ରମେ ମୁଁ ତାଙ୍କୁ ଅବତାର ବାଦ ବିଷୟରେ କେତେକ ପ୍ରଶ୍ନ କରିଥିଲି । ବିଭିନ୍ନ ପୁରାଣମାନଙ୍କରେ ଅବତାରମାନଙ୍କର ଯେଉଁ ବିରୁଦ୍ଧାତ୍ମକ ବର୍ଣ୍ଣନା ଦେଖାଯାଏ ସେଥିମଧ୍ୟରୁ କ'ଣ ସତ୍ୟ ହୋଇପାରେ ? ଅବତାର କ'ଣ ଦଶ, ଚବିଶି କିମ୍ବା ଅସଂଖ୍ୟ ? ଆଲୋଚନାକ୍ରମେ ସେ ବିଭିନ୍ନ ପୁରାଣରେ ବର୍ଣ୍ଣିତ ଅବତାର କଥାମାନଙ୍କରେ ଥିବା ବିରୋଧମାନଙ୍କୁ ଦେଖାଇଥିଲେ । ଉଦାହରଣତଃ ନୃସିଂହାବତାର । ଶ୍ରୀମଦ୍‌ଭାଗବତରେ ଲେଖାଅଛି ଯେ ନୃସିଂହ ସ୍ତମ୍ଭରୁ ବାହାରି ପ୍ରହଲ୍ଲାଦକୁ ରକ୍ଷାକରି ତାର ପିତା ହିରଣ୍ୟକଶିପୁକୁ ବିଦାରଣ କଲେ । ଏହି ଧାରଣା ସାଧାରଣ ଭାବେ ପ୍ରଚଳିତ । ବିଷ୍ଣୁ-ପୁରାଣରେ ସ୍ତମ୍ଭରୁ ବାହାରିବା କଥା ନାହିଁ । ମତ୍ସ୍ୟପୁରାଣରେ ଅଛି ନରସିଂହ ବୈକୁଣ୍ଠରୁ ଓଙ୍କାର ସହ ଆସି ହିରଣ୍ୟକଶିପୁର ସଭାରେ ପହଞ୍ଚିଲେ । ପ୍ରହ୍ଲାଦ (ପ୍ରହ୍ଲାଦ)କୁ ତାର ପିତା କଷ୍ଟଦେବା ଏଥିରେ ନାହିଁ । ଅଧିକନ୍ତୁ ପ୍ରହ୍ଲାଦ ନରସିଂହଙ୍କର ଆଗମନ ବିଷୟ ତାର ପିତାଙ୍କୁ ସୂଚାଇବା ଏଥିରେ ବର୍ଣ୍ଣିତ ହୋଇଛି । ବିଷ୍ଣୁପୁରାଣରେ ଅଛି ଯେ ବିଭିନ୍ନ କଷ୍ଟ ଦେବାପରେ ହିରଣ୍ୟ-କଶିପୁ ତାର ପୁଅ ପ୍ରହ୍ଲାଦକୁ ଆଲିଙ୍ଗନ କରି ନେଇଛି । ବ୍ରହ୍ମାଣ୍ଡପୁରାଣରେ ପ୍ରହ୍ଲାଦ, ସହ୍ଲାଦ, ଅନୁହ୍ଲାଦ ଓ ହ୍ଲାଦ ପ୍ରଭୃତି ହିରଣ୍ୟକଶିପୁଙ୍କ ଚାରିଜଣ ପୁଅଙ୍କର ବର୍ଣ୍ଣନା ଦିଆଯାଇଛି । କିନ୍ତୁ ଭାଗବତର ପ୍ରହ୍ଲାଦ ଚରିତ ଏଥିରେ ନାହିଁ ।

ଏହିପରି ଭାବରେ ବିଭିନ୍ନ ଅବତାର ବର୍ଣ୍ଣନ କିପରି ଭାବରେ ଉଦ୍‌ଭୂତ ହୋଇ ବିକଶିତ ହୋଇଛି ତାହା ଗବେଷକମାନଙ୍କ ପାଇଁ ଉପଯୋଗୀ । ଆଧୁନିକ ଗବେଷକମାନେ ଏସବୁକୁ ଲୋକ-କଳ୍ପିତ ପ୍ରାଚୀନ ଆଖ୍ୟାୟିକା ବୋଲି ମନେକରନ୍ତି । କିନ୍ତୁ ଏହି ସବୁ ଗବେଷଣାର ସନାତନ ଧର୍ମ ଧାରଣା ସହ ସମ୍ବନ୍ଧ ବହୁତ କମ୍ । ସତ୍ୟର ଅଭିବ୍ୟକ୍ତି ପାଇଁ ଏହା ନିଶ୍ଚିତ ବିଗୃରଯୋଗ୍ୟ ଯେ ଅବତାର-ତତ୍ତ୍ୱ କେବଳ କିଛି

ଆଖ୍ୟାୟିକା ଉପରେ ପ୍ରତିଷ୍ଠିତ କିମ୍ବା ଏଥିମଧ୍ୟରେ କିଛି ଐତିହାସିକ ସତ୍ୟ ରହିଛି କିମ୍ବା କିଛି ପ୍ରତୀକାତ୍ମକ ତତ୍ତ୍ୱ (Symbolic truth)କୁ ଏପରି ସ୍ଥୂଳଭାବେ କଳ୍ପନା କରାଯାଇଛି । ବିଭିନ୍ନ ଆଖ୍ୟାୟିକାମାନଙ୍କର କିପରି ସମୟକ୍ରମେ ବିବର୍ତ୍ତନ ଘଟିଛି ତାହା ଆଲୋଚନା କରିବା ଅପେକ୍ଷା ସେହି ଆଖ୍ୟାୟିକାମାନଙ୍କରେ ଥିବା ଚିରନ୍ତନ ସତ୍ୟର ଅବବୋଧ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଅଧିକ ଉପଯୋଗୀ । ଆଧୁନିକ ସଂସ୍କୃତ ସାହିତ୍ୟର ଗବେଷକମାନେ ଏହି ଦ୍ୱିତୀୟ ଦିଗଟି ପ୍ରତି ସମ୍ପୂର୍ଣ୍ଣ ନିଶ୍ଚେତନ ରହିଛନ୍ତି । ପଣ୍ଡିତ ମିଶ୍ରଙ୍କର ଧାରଣା କିନ୍ତୁ ଏ କ୍ଷେତ୍ରରେ ଅଧିକ ପ୍ରଣିଧାନ ଯୋଗ୍ୟ । କେବଳ ପାରମ୍ପରିକ ବିଶ୍ୱାସ ଉପରେ ଆସ୍ଥା ରଖି ସେ ଏ ସମସ୍ତଙ୍କୁ ସମ୍ପୂର୍ଣ୍ଣ ଐତିହାସିକ ତଥ୍ୟ ଭାବରେ ଗ୍ରହଣ କରୁ ନଥିଲେ କିମ୍ବା ଆଧୁନିକ ଗବେଷକମାନଙ୍କ ପରି କେବଳ ଲୋକ-କଳ୍ପିତ ଆଖ୍ୟାୟିକା ବୋଲି କହୁ ନ ଥିଲେ । ତାଙ୍କ ମତରେ କେତେକ ଅବତାର ପ୍ରତୀକାତ୍ମକ ଯଥା— ମତ୍ସ୍ୟ, କୂର୍ମ, ନୃସିଂହ ପ୍ରଭୃତି । କେବଳ ରାମ ଓ କୃଷ୍ଣଙ୍କୁ ସେ ଐତିହାସିକ ଅବତାର ବୋଲି କହୁଥିଲେ । ବୁଦ୍ଧ ଅବତାର ନୁହନ୍ତି ଓ କଳ୍କୀ ସମ୍ପୂର୍ଣ୍ଣ ଭାବରେ କଳ୍ପିତ ବୋଲି ସେ କହୁଥିଲେ । ମୁଁ ଥରେ ପଚାରିଲି— "ଯଦି ରାମ ଓ କୃଷ୍ଣଙ୍କଠାରେ ଅଲୌକିକ ଗୁଣ ଓ ଦେବତ୍ୱ ଥିବାରୁ ତାଙ୍କୁ ଅବତାର କୁହାଯିବ ତେବେ ଅନ୍ୟ କାହା ପାଖରେ ତାହା ଦେଖାଗଲେ ତାଙ୍କୁ ଅବତାର କାହିଁକି ନ କୁହାଯିବ ? ପୁରାଣରେ ବର୍ଣ୍ଣିତଠାରୁ ଅଧିକ ଅବତାର ଭବିଷ୍ୟତରେ ନ ହେବ ବୋଲି କ'ଣ ପ୍ରମାଣ ?" ସେ ଭାଗବତର ଶ୍ଳୋକ ଉଦାହରଣ ଦେଇ କହିଲେ—

"ଅବତାରାହ୍ୟସଂଖ୍ୟେୟା ହରେଃ ସତ୍ତ୍ୱନିଧେର୍ଦ୍ୱିଜାଃ ।
ଯଥା ବିଦାସିନଃ କୁଲ୍ୟାଃ ସରସଃ ସ୍ୟୁଃ ସହସ୍ରସଃ ॥"

"ଏହି ଶ୍ଳୋକଟି ହିଁ ସାର । ଅବତାର ଅସଂଖ୍ୟ । ସମସ୍ତଙ୍କଠାରେ ବ୍ରହ୍ମ ଥିବାରୁ ବେଦାନ୍ତ ଦୃଷ୍ଟିରୁ ସମସ୍ତେ ଜଣେ ଜଣେ ଅବତାର । ଆଉ ଯାହାଠାରେ ତାହା ପ୍ରକଟିତ ସେମାନଙ୍କୁ ଅବତାର କୁହାଯାଇପାରେ ।" ମୁଁ ତାଙ୍କୁ କହିଲି "ଆପଣ ଅବତାର ତତ୍ତ୍ୱ ଉପରେ ଏକ ପ୍ରବନ୍ଧ ଲେଖନ୍ତୁ ।" ସେ କହିଲେ- "ମୋତେ ବେଳ ହେଉନି । ବାର୍ଦ୍ଧକ୍ୟ ହେତୁ ପରିଶ୍ରମ କରିବାର ଶକ୍ତି କମି ଗଲାଣି । ଯଥାର୍ଥ ଭାବରେ ସତ୍ୟକୁ ଉପସ୍ଥାପନ ନକରି ଲୋକଙ୍କ ମଧ୍ୟରେ ଧର୍ମ-ବିଚିକିତ୍ସା ସୃଷ୍ଟି କରିବାକୁ ମୁଁ ଚାହେଁ ନାହିଁ ।"

ଆଜକାଲ ଗବେଷଣା ନାମରେ ଯେଉଁ ଯଦୃଚ୍ଛା ପ୍ରବନ୍ଧ ଓ ଗ୍ରନ୍ଥ ଲେଖା-ଯାଉଛି ତାହା କରିବାକୁ ସେ ପସନ୍ଦ କରୁ ନଥିଲେ । ଧର୍ମର ରକ୍ଷା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଜ୍ଞାନର ଉଚ୍ଚତା, ଅଗାଧ ହୃଦୟବତ୍ତା ଓ ଅସଂଖ୍ୟ ସୁଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ମୁଁ ତାଙ୍କୁ ଦେଖିଲେ ବେଳେ ବେଳେ ଆଶ୍ଚର୍ଯ୍ୟ ହୁଏ । ଏହିପରି ଅଜାତଶତ୍ରୁ, କୌଣସି ଲୋକର କେବେହେଲେ ଅମଙ୍ଗଳ ଚିନ୍ତା କରୁନଥିବା, ବିଦ୍ୟା ବିନୟ-ସମ୍ପନ୍ନ, ସତତ କର୍ମତତ୍ପର ମହାପୁରୁଷ ପୃଥିବୀରେ କେତେ ଜଣ ଥିବେ ।

ଅଧ୍ୟାପକ,
ରମାଦେବୀ ମହିଳା କଲେଜ, ଭୁବନେଶ୍ୱର

ଶ୍ରୀଗୁରୁ ସ୍ମରଣେ

ଶ୍ରୀ ପ୍ରକାଶ ଚନ୍ଦ୍ର ମିଶ୍ର

ହେ ପୂଜ୍ୟ ମାର୍ଗଦର୍ଶକ ଧର୍ମଶାସ୍ତ୍ର ଗବେଷକ
ଏ ଅଜ୍ଞାନ ଜନେ ଦେଲ ଜ୍ଞାନର ଆଲୋକ
କରି ସଙ୍ଗ ସୁବ୍ୟବସ୍ଥା ଧର୍ମଶାସ୍ତ୍ର ବିଦ୍ୟାଶିକ୍ଷା
ଛାତ୍ରଙ୍କ ହିତରେ ସଦା ହେଲ ହେ ଚିନ୍ତିତ ॥୧॥
ବିଦ୍ୟାପୀଠେ ଶିକ୍ଷାଦାନ କରି ଲଭିଲ ସମ୍ମାନ
ବିଶ୍ୱବିଦ୍ୟାଳୟେ କଲ ଶିକ୍ଷା ସମାପନେ
ବହୁଦୂରୁ ଛାତ୍ରମାନେ ଆସିଣ ତୁମ୍ଭ ପଦେ
ଶିକ୍ଷା ଗ୍ରହଣ କରିଲେ ହରଷ ମନେ ॥୨॥
ଏ ଶିଷ୍ୟ ସନ୍ତାପହାରି ପରଲୋକ ବାର୍ତ୍ତାଶୁଣି
ସ୍ୱର୍ଗଦ୍ୱାର ଯାଏ ଗଲି ଅଶ୍ରୁଳ ନେତ୍ରେ
ଦେଖିଲି ଶ୍ମଶାନଠାରେ ପୂରିତ ଜନ୍ତୁ ସହିତେ
ତୁମ୍ଭ ଅର୍ଦ୍ଧଦଗ୍ଧ ଶରୀରର ଜ୍ୱଳନ ମାତ୍ର ॥୩॥
ଛାତ୍ରଛାତ୍ରୀ ଅଧ୍ୟାପକ ବ୍ୟଥାରେ ହୋଇ ଚିନ୍ତିତ
ହଜିଲେ ତୁମର ଗୁଣ ନାହିଁ ତାର ଅକଳନ
ପ୍ରଥମ ଶ୍ରାଦ୍ଧ ବର୍ଷରେ ଏହା ମୋର ନିବେଦନ
ଏ ହତଭାଗ୍ୟକୁ ଦିଅନ୍ତୁ ଦିବ୍ୟ ଜ୍ଞାନ ॥୪॥

—୦—

ଶ୍ରୀବିହାର, ପୁରୀ

ପଣ୍ଡିତଙ୍କ ସହିତ କେତୋଟି ମୁହୂର୍ତ୍ତ

ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର

ପଣ୍ଡିତଙ୍କ ସହିତ ମୋର କେତେକ ମହାର୍ଘ ମୁହୂର୍ତ୍ତ ମୁଁ ଅତିବାହିତ କରିଛି ସେ ସବୁ ଏବେ ସ୍ମରଣୀୟ ବିଷୟ । ସାରାଜୀବନ ସେ ସମୟ ଭୁଲିବାର ନୁହେଁ । ଥରେ ଚତୁର୍ଥ ପାଣ୍ଡବ ନକୁଳ ବାସୁକୀଙ୍କଠାରୁ ପୃଥିବୀ ଧାରଣ କରିବାପାଇଁ ସମର୍ଥ ହୋଇଥିଲେ ବଶିଷ୍ଠଙ୍କ ସତ୍ସଙ୍ଗଲାଭ କରିଥିବା ଫଳରୁ । ଏକଥା ମହାଭାରତ ଯୁଗର । ସେହିପରି ପଣ୍ଡିତଙ୍କ ସହିତ ମୋର ସଙ୍ଗ ଲାଭ ଅନୁରୂପ ସାର୍ଥକ ହୋଇଛି ।

ପଣ୍ଡିତ ମହାଶୟ ଯେତେବେଳେ ବାଟରେ ଘାଟରେ ବା ମନ୍ଦିରରେ ଦେଖା ହୁଅନ୍ତି ଖୁବ୍ ଅନ୍ତରଙ୍ଗ ଭାବେ କୁଶଳ ଜିଜ୍ଞାସା କରିଥାନ୍ତି । ଘରେ ଡାଣ୍ଡଘର ଖଟ ଉପରେ ବସି ନିରନ୍ତର କିଛି ନା କିଛି ଲେଖିବାର ବା ପଢିବାର ଦେଖାଯାଇଥାଏ । ଯେ କୌଣସି ଜିଜ୍ଞାସୁ ପହଞ୍ଚିଲେ ସେ ଅତି ଆଗ୍ରହରେ ତାଙ୍କ ସହିତ ଆଲୋଚନା କରନ୍ତି । ସେଠାକୁ ଗଲେ କିଛି ନା କିଛି ନୂତନ ତଥ୍ୟ ବା ତତ୍ତ୍ୱ ଜାଣି ଫେରିବାକୁ ହୁଏ । ତା ସଙ୍ଗେ ସଙ୍ଗେ ନୂଆ କିଛି ପୁସ୍ତକର ଉପହାର ମଧ୍ୟ ମିଳିଥାଏ । ଧର୍ମଶାସ୍ତ୍ରୀୟ ସିଦ୍ଧାନ୍ତ ବ୍ୟତୀତ ତାଙ୍କର ସାଧାରଣ ଛାତ୍ର ଓ ସଂସ୍କୃତ ପ୍ରେମୀମାନଙ୍କ ପାଇଁ ଅବଦାନ କିଛି କମ ନୁହେଁ । ବିଷ୍ଣୁ ସହସ୍ରନାମର ବ୍ୟାଖ୍ୟା, ଏ ଦୃଷ୍ଟିରୁ ଉଦାହରଣୀୟ । 'ବ' ଓ 'ୱ' (ବ) ମଧ୍ୟରେ ଆମ ଓଡ଼ିଆଙ୍କର ଉଚ୍ଚାରଣ ଭେଦ ନ ଥିବାରୁ ସଂସ୍କୃତ ଲେଖିବା ଓ ପଢିବା କ୍ଷେତ୍ରରେ ଓଡ଼ିଆ ଛାତ୍ରଙ୍କ ଅସୁବିଧାକୁ, ଉପଲବ୍ଧି କରି ସେ 'ବ' ନବକମ୍ ଲେଖିଥିଲେ ଯେଉଁଥିରେ କି 'ବର୍ଗୀୟ 'ବ' ଶବ୍ଦମାନ ସଂଗୃହୀତ ହୋଇଥିଲା । ସେଥିରେ ମଧ୍ୟ ସନ୍ତୁଷ୍ଟ ନ ହୋଇ ସେ ତାର ଟୀକା ରଚନା କଲେ ।

ତାଙ୍କର ଜୀବନରେ ସବୁ ସ୍ତରରେ ସେ ସନ୍ତୁଷ୍ଟ ଥିଲେ ମଧ୍ୟ କେବଳ ବିଦ୍ୟାଲାଭ ନିମିତ୍ତ ଅସନ୍ତୁଷ୍ଟ ଥିଲେ । ପ୍ରତିମୁହୂର୍ତ୍ତରେ ଆଉ କିଛି ଜାଣିବାକୁ ଅଧିକାର କରିବାକୁ ଚାହୁଁଥିଲେ । ଆମେ କିନ୍ତୁ ବିଦ୍ୟାବ୍ୟତୀତ ଅନ୍ୟସବୁ ଅଧିକାର କରିବାରେ ବ୍ୟସ୍ତ । ସେଥିପାଇଁ ସେ ବିଦ୍ୟାନୁରାଗୀ ଓ ଜିଜ୍ଞାସୁମାନଙ୍କ ପ୍ରତି ଖୁବ୍ ସହାନୁଭୂତିଶୀଳ ଥିଲେ ।

ଥରେ ଉଜ୍ଜୟିନୀରେ ହେଉଥିବା କାଳିଦାସ ସମାରୋହ ପାଇଁ ଗୋଟିଏ ପ୍ରବନ୍ଧ ପ୍ରସ୍ତୁତ କରୁଥାଏ । ସେଥିରେ ଧର୍ମଶାସ୍ତ୍ର ବିଷୟକ ଶଙ୍କା ଉପୁଜିବାରୁ ମୁଁ ପୁରୀ ଦଉଡ଼ିଲି । ବିଶ୍ୱବିଦ୍ୟାଳୟରେ ସେ ବ୍ୟସ୍ତ ଥିଲେ । ଘରକୁ ଗଲି ସେଠି ସେ ପ୍ରେସ୍ ଓ ମନ୍ଦିର ଯିବା କଥା ଶୁଣି ଅପେକ୍ଷା କରି ନିରାଶ ହୋଇ ଫେରୁଛି । ରାତି ପ୍ରାୟ ସାଢ଼େ ଦଶଟା ହେବ । ପଣ୍ଡିତ ମହାଶୟଙ୍କୁ ଘରକୁ ଫେରିବା ବାଟରେ ଦେଖି ତାଙ୍କ ସଙ୍ଗେ ଆସିଲି । ବାଟରେ ସେ ମୋର ସମସ୍ୟା ବିଷୟରେ ଅବହିତ ହୋଇଗଲେ । ଘରକୁ ଆସି ବହି ଖଣ୍ଡିଏ ନେଇ ନିର୍ଦ୍ଦିଷ୍ଟ ଅଂଶ ପଢ଼ିବାକୁ କହି ଗାମୁଛା ପାଲଟି ଆସିଲେ । ଆଲୋଚନା ଚାଲିଲା । ବହିପରେ ବହି ଖୋଲି ଦେଉଥାନ୍ତି ଓ ଦେଖାଉଥାନ୍ତି । ମୋର ପ୍ରଶ୍ନର ଉତ୍ତର ହସି ହସି ସ୍ୱଭାବ ସୁଲଭ ଭଙ୍ଗୀରେ ଦେଇଚାଲିଥାନ୍ତି । ଏହାପରେ ରାତି ସାଢ଼େ ଏଗାରଟା ବାଜିବାକୁ ବସିଲାଣି । ତାଙ୍କର ପତ୍ନୀ ସେପଟେ ତାଙ୍କୁ ଖାଇବାକୁ ଡାକେ ଓ ନିଜେ ଖାଇବେ ସେଥିପାଇଁ ବ୍ୟସ୍ତ ହେଉଥାନ୍ତି । କେତେବେଳେ ଠିଆ ହେଉଥାନ୍ତି । ତାଙ୍କର କାଚ ଝୁଣୁ ଝୁଣୁ ଶବ୍ଦ ଶୁଭୁଥାଏ । କିନ୍ତୁ ଏ ପରିଣତ ବୟସରେ ମଧ୍ୟ ତାଙ୍କୁ ପଢ଼ାରୁ ନିବର୍ତ୍ତାଇବା ପାଇଁ ଚାହୁଁ ନ ଥାନ୍ତି ବା ସାହସ ପାଉ ନ ଥାନ୍ତି ମୁଁ ଜାଣି ପାରିଲି ନାହିଁ । ପଣ୍ଡିତ ମହାଶୟ ଏ ସବୁ ପ୍ରତି କର୍ଣ୍ଣପାତ କରି ନ ଥାନ୍ତି । ମୋର ମୂଳ ସମସ୍ୟାର ସମାଧାନ ହୋଇଥିଲେ ମଧ୍ୟ ପ୍ରସଙ୍ଗାନ୍ତରର ଆଲୋଚନାରେ ପୁଣି ସେ ଗମ୍ଭୀରତାର ସହିତ ପୃଷ୍ଠା ଲେଉଟାଇ ଦେଖି ଚାଲିଥାନ୍ତି । ଏହି ପରିସ୍ଥିତିରେ ମୁଁ ପଣ୍ଡିତଙ୍କୁ ସେତିକି ଥାଉ ବୋଲି କହିଲି ? କିନ୍ତୁ ସେ ସେଥିରୁ ଆଉ ଉଠୁ ନ ଥାନ୍ତି ଶେଷରେ ମୁଁ ଉଠି ଠିଆ ହୋଇ କହିଲି ଆପଣ ଯାଇ ଭୋଜନ ଓ ବିଶ୍ରାମ କରନ୍ତୁ । ରାତି ବେଶୀ ହେଲାଣି । ମୁଁ ଆଉ କେତେବେଳେ ଆସିଲେ ଏ ବିଷୟ ଆଲୋଚନା କରିବି । ଏତିକି କହି ବିଦାୟ ନେଲି ।

ପଣ୍ଡିତଙ୍କର ସରଳ ନିରାଡ଼ମ୍ବର ଜୀବନ ପଦ୍ଧତି ଓ ନିଜର ସିଦ୍ଧାନ୍ତ ଉପରେ ଅଟଳ ବିଶ୍ୱାସ ପ୍ରଣିଧାନ ଯୋଗ୍ୟ । ତାଙ୍କର ଜୀବନ ଖୁବ୍ ସାର୍ଥକ ମନେହୁଏ. ଏଭଳି ନିରଳସ ଋଷି ପ୍ରତିମ ବିଦ୍ୱାନ୍‌ଗଣ ଏବେ ଦେଶରୁ ବିରଳ ହେବାକୁ ବସିଲେଣି । ଏମାନଙ୍କ ଜୀବନ ଆମକୁ ବଞ୍ଚିବାର ପ୍ରକୃଷ୍ଟ କଳା କ'ଣ ସୂଚାଇବ ନାହିଁ ?

❋

ସଂସ୍କୃତ ବିଭାଗ ଉତ୍କଳ ବିଶ୍ୱବିଦ୍ୟାଳୟ ।

ସ୍ମୃତି ପୁଷ୍ପାଞ୍ଜଳି

ପଣ୍ଡିତ ଭାଗବତ ପ୍ରସାଦ ତ୍ରିପାଠୀ

କର୍ମଯୋଗୀ ପ୍ରବର ପଣ୍ଡିତ କୁଳମଣି ପଣ୍ଡିତ କୁଳମଣି ବର୍ଷୋର୍ଦ୍ଧ୍ୱ-କାଳ ହେଲା, ଆଉ ଆମ ଗହଣରେ ନାହାଁନ୍ତି । ସେ ମର ସଂସାର ତ୍ୟାଗ କରି ସତେ ଅବା ଆମମାନଙ୍କ ସହିତ ଶାସ୍ତ୍ରୀୟ କ୍ରୀଡ଼ା କରିବାକୁ ବା ସେମାନଙ୍କୁ ଜିଣିବା ଇଚ୍ଛାରେ ଅମର ଲୋକକୁ ଚାଲିଯାଇଛନ୍ତି । ସେ ଯେ କେବଳ ଗଲେ ତାହା ନୁହେଁ । ଦିନେ ଏ ମରସଂସାରକୁ ଛାଡ଼ି ଆମ ସମସ୍ତଙ୍କୁ ଯିବାକୁ ପଡ଼ିବ । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି—

"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମମୃତସ୍ୟ ଚ" —

ଅର୍ଥାତ୍-ଜନ୍ମନେବା ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ ଓ ମୃତ ବ୍ୟକ୍ତିର ଜନ୍ମ ସୁନିଶ୍ଚିତ । ଏହି ସିଦ୍ଧାନ୍ତ ଅନୁସାରେ ପଣ୍ଡିତ କୁଳମଣି ମିଶ୍ରଙ୍କ ପୂର୍ବରୁ ବହୁ ପ୍ରୌଢ଼ ପାଣ୍ଡିତ୍ୟ ମଣ୍ଡିତ ବ୍ୟକ୍ତିମାନେ ମଧ୍ୟ ମରଧାମରୁ ବିଦାୟ ନେଇଛନ୍ତି ।

ତେବେ ପଣ୍ଡିତ କୁଳମଣି ମିଶ୍ରଙ୍କ ପରଲୋକ ଗମନ ପରେ ବିଶେଷତଃ ତାଙ୍କର ଉଦ୍ଦେଶ୍ୟରେ ବିଭିନ୍ନ ସଭାସମିତିରେ ଓ ବିଭିନ୍ନ ପତ୍ର ପତ୍ରିକାରେ ଏଭଳି ତତ୍ପରତାର ସହ ତାଙ୍କ ଜୀବନ ଚରିତ ଇତ୍ୟାଦିର ବ୍ୟାପକ ଆଲୋଚନା କାହିଁକି ହେଉଛି । ତାଙ୍କ ପୂର୍ବବର୍ତ୍ତୀ ପ୍ରୌଢ଼ପଣ୍ଡିତମାନଙ୍କ ବିଷୟରେ ତ କାହିଁ କୌଣସି ବିଶିଷ୍ଟ ଆଲୋଚନା ହୋଇ ନାହିଁ । ତେଣୁ ପଣ୍ଡିତ କୁଳମଣିଙ୍କଠାରେ କି ବିଶେଷତ୍ୱ ଥିଲା ଯେଉଁଥି-ପାଇଁକି, ଏପରିକି ଶତ ଶତ ବ୍ୟକ୍ତି ବିଭିନ୍ନ ସଭା ସମିତି ଓ ପତ୍ରପତ୍ରିକାରେ ତାଙ୍କ ବିଷୟରେ ସ୍ତୁତିମୁଖର ହୋଇ ଉଠୁଛନ୍ତି । ଏହା ହିଁ ତାଙ୍କ ମୃତ୍ୟୁରେ ପର୍ଯ୍ୟାଲୋଚନୀୟ । ବାସ୍ତବରେ ବିଚାର କଲେ ତାଙ୍କର ଯେଉଁ ମହନୀୟ କୀର୍ତ୍ତି କେବଳ ଉତ୍କଳରେ ନୁହେଁ, ଅଧିକନ୍ତୁ ବାରାଣସୀ, ଦିଲ୍ଲୀ, ନାସିକ, ମାନ୍ଦ୍ରାସ୍, ମହାରାଷ୍ଟ୍ର ଓ ଉଜ୍ଜୟିନୀ ପ୍ରଭୃତି ଭାରତ ବର୍ଷର ପ୍ରମୁଖ ବୈଦୁଷ୍ୟ କେନ୍ଦ୍ରରେ ବ୍ୟାପ୍ତ ହୋଇଛି । ସେହି କୀର୍ତ୍ତି ସହିତ ତାଙ୍କର ପ୍ରୌଢ଼ପାଣ୍ଡିତ୍ୟ ତାଙ୍କ ପ୍ରତି ଲୋକାନୁରାଗର କାରଣ ପ୍ରମାଣିତ ହେଉନାହିଁ । ପ୍ରକୃତରେ ତାଙ୍କ

ଠାରେ ଦୁଇ ତିନୋଟି ବଶିଷ୍ଟ ବୈଶିଷ୍ଟ୍ୟ ଥିଲା । ତନ୍ମଧ୍ୟରୁ ଗୋଟିଏ ବଶିଷ୍ଟ ବୈଶିଷ୍ଟ୍ୟ ହେଲା ତାଙ୍କର ସ୍ୱଭାବ । ମାତ୍ର ଶାସ୍ତ୍ରର ଏହି ବଚନ ଅନୁସାରେ—

ସର୍ବସ୍ୟ ହି ପରୀକ୍ଷ୍ୟନ୍ତେ-ସ୍ୱଭାବା ନେତରେ ଗୁଣାଃ
ଅତୀତ୍ୟ ହି ଗୁଣାନ୍ ସର୍ବାନ୍-ସ୍ୱଭାବୋମୂର୍ଦ୍ଧ୍ନି ବର୍ତ୍ତତେ ॥

ପଣ୍ଡିତ କୁଳମଣି ମିଶ୍ରଙ୍କର ଶାନ୍ତ ଶିଷ୍ଟତା ସହିତ ଯେଉଁ ମଧୁର ସ୍ୱଭାବ ଥିଲା, ଯାହାକୁ କ ନିମ୍ନ ସ୍ତରୀୟ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଅତ୍ୟୁନ୍ନତ ସ୍ତରୀୟ ବ୍ୟକ୍ତିମାନେ ଅନୁଭବ କରିଛନ୍ତି । ଏସହି ଗୋଟିଏ ବଶିଷ୍ଟ ବୈଶିଷ୍ଟ୍ୟ ତାଙ୍କଠାରେ ଏପରି ପ୍ରବଳ ଜନାନୁରାଗ ସୃଷ୍ଟି କରିଥିଲା । ଯଥା ପଣ୍ଡିତ କୁଳମଣି ମିଶ୍ରଙ୍କ ଠାରେ କେଜାଣି କେହି ଅବା, କେତେ ଅବା, ଅଥବା କୌଣସି ପ୍ରସଙ୍ଗରେ କ୍ରୋଧର ଅନୁଭବ କରି ଥାଇପାରେ । କିନ୍ତୁ-ପ୍ରାୟ ସେ ସ୍ମିତପୂର୍ବାଭାଷୀ ଥିଲେ, ନିଜର ମଧୁର ବଚନରେ । ମଧୁର ବ୍ୟବହାରରେ ଓ ମଧୁର ସ୍ୱଭାବରେ ସେ ଜନତାକୁ ନିଜ ପ୍ରତି ଆକୃଷ୍ଟ କରି ଥିଲେ । ତେଣୁ ସମସ୍ତଙ୍କର ସେ ପ୍ରୀତି ଓ ସନ୍ତୋଷଭାଜନ ହୋଇପାରିଥିଲେ । ସ୍ଥାନୀୟ ଲୋକଙ୍କ ବ୍ୟତିରେକେ ବହୁ ବହିର୍ଦେଶାଗତ ବଶିଷ୍ଟ ଶିଷ୍ଟମାନଙ୍କୁ ସତ୍କାରଦ୍ୱାରା ଅଭ୍ୟାପ୍ସିତ କରୁଥିଲେ । କେବଳ ନିଜ ଗୁରୁମାନଙ୍କ ବ୍ୟତିରେକେ ଅନ୍ୟ ବିଭାଗୀୟ ଗୁରୁମାନଙ୍କୁ ଓ ନିଜ କର୍ମ କ୍ଷେତ୍ରରେ ଥିବା ନିମ୍ନ ଶ୍ରେଣୀୟ କର୍ମଚାରୀମାନଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ ଦେଇ ନିଜର ଉଦାରତାର ଓ ବଦାନ୍ୟତାର ଗୁରୁ । ସେ ପ୍ରଭାବ ସେମାନଙ୍କ ସହିତ ଅନ୍ୟ ମାନଙ୍କ ଉପରେ ପକାଇଦେଇଛନ୍ତି । ଏ ବିଷୟରେ ଏକ ସ୍ମରଣୀୟ ଉଦାହରଣ ଏହି ଯେ—

ଶେଷ ଜୀବନରେ ସେ ପୁରୀସ୍ଥ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଂଯୋଜକ (Co-Ordinator) ରୂପରେ କର୍ମ କରିଥିଲେ । ସେଠାରେ ତାଙ୍କର ଯେଉଁ କାର୍ଯ୍ୟାଳୟ ଆଲମିରା ଥିଲା, ତନ୍ମଧ୍ୟରୁ ତାଙ୍କ ଦେହାବସାନରେ କେତେଗୁଡ଼ିଏ ଟିପାକାଗଜ ମିଳିଥିଲା, ସେ ଗୁଡ଼ିକରୁ ଏକ ସୁସ୍ପଷ୍ଟ ସୂଚନା ମିଳିଲା ଯେ ଅନେକ ନିଃସ୍ୱଗୁରୁ ଓ ନିମ୍ନ ଶ୍ରେଣୀୟ କର୍ମଚାରୀମାନେ ତାଙ୍କଠାରୁ ସହସ୍ରାଧିକ ଟଙ୍କା ନେଇଛନ୍ତି । ଏଭଳି ଉଦାର ବ୍ୟକ୍ତିଠାରେ ଜନାନୁରାଗ ନ ହୋଇ ଆଉ କେଉଁଠି ହେବ ?

ଏହା ଛଡା ତାଙ୍କଠାରେ ଆଉ ଏକ ସ୍ମରଣୀୟତମ ବୈଶିଷ୍ଟ୍ୟ ଥିଲା ତାହା ହେଉଛି-ସେ ଜଣେ ଆଦର୍ଶ କର୍ମଯୋଗୀ ଥିଲେ । ଏହା ସମସ୍ତେ ଅନୁଭବ କରିଛନ୍ତି-ଏବଂ କର୍ମଯୋଗିତ୍ୱ ପାଇଁ ହିଁ ସେ ନିଜ ଜୀବନରେ ଚରମ ସିଦ୍ଧି ଲାଭ କରିପାରିଛନ୍ତି ।

ସଂସ୍କୃତ ଭାଷାରେ ଲେଖିଥିବା ନିବନ୍ଧମାନଙ୍କ ମଧ୍ୟରୁ "କାଳିଦାସସ୍ୟ ରାମଗିରିଃ" ବୋଲି ତାଙ୍କର ଗୋଟିଏ ସର୍ବଶେଷ ଉଲ୍ଲେଖଯୋଗ୍ୟ ନିବନ୍ଧ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଗବେଷଣାତ୍ମକ ପତ୍ରିକା "ସଂସ୍କୃତ ବିମର୍ଶ"ରେ ପ୍ରକାଶ ପାଇଥିଲା । ବିଶ୍ୱକବି କାଳିଦାସଙ୍କ ବିଶ୍ୱ-ପ୍ରସିଦ୍ଧ ମେଘଦୂତାଖ୍ୟ ଖଣ୍ଡକାବ୍ୟରେ—

"ଯକ୍ଷଶ୍ଚକ୍ରେ ଜନକତନୟା ସ୍ନାନପୁଣ୍ୟୋଦକେଷୁ
ସ୍ନିଗ୍ଧଚ୍ଛାୟାତରୁଷୁ ବସତିଂ ରାମଗିର୍ଯ୍ୟାଶ୍ରମେଷୁ ।"

ବୋଲି ଯାହା ଲେଖାଅଛି ସେଥିରେ ନିର୍ଦ୍ଦିଷ୍ଟ ହୋଇଥିବା 'ରାମଗିରି' କେଉଁଠାରେ ? ଏହି ଗବେଷଣାରେ ପ୍ରବୃତ୍ତ ହୋଇ ପଣ୍ଡିତ ମହାଶୟ ତାଙ୍କର ଭୌଗୋଳିକ ଗବେଷଣାବଳରେ ଏହା ସିଦ୍ଧ କରିଛନ୍ତି ଯେ— ଉତ୍କଳ ପ୍ରଦେଶ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ 'ରାମଗିରି' ନାମକ ପର୍ବତ ହିଁ କାଳିଦାସଙ୍କ ପ୍ରତିପାଦ୍ୟ ରାମଗିରି । ଆଜିକାଲି ଉଜ୍ଜୟିନୀର ଗବେଷକମାନେ ଉଜ୍ଜୟିନୀ ନିକଟରେ ଥିବା "ରାମଟେକ୍" ନାମକ ଏକ ପ୍ରତ୍ୟନ୍ତ ପର୍ବତ-କ୍ଷୁଦ୍ର ପାହାଡ ଖଣ୍ଡକୁ ମେଘଦୂତର "ରାମଗିରି" ବୋଲି ଯାହା କହୁଛନ୍ତି, ତାହାକୁ ମେଘର ମାର୍ଗବର୍ଣ୍ଣନା ଦୃଷ୍ଟିରୁ ଅଯୁକ୍ତିଯୁକ୍ତ ଓ ପ୍ରାମାଦିକ ବୋଲି ପ୍ରମାଣିତ କରିଛନ୍ତି । ସେଥିପାଇଁ ସଦାଶିବ ସଂସ୍କୃତ କଲେଜ (ବର୍ତ୍ତମାନ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ)ରେ ନାଟକ ପ୍ରଭୃତି ପାଇଁ ଗୋଟିଏ ପର୍ଦ୍ଦା (ସିନ୍)ରେ ସ୍ୱପ୍ରଦର୍ଶିତ ମାନଚିତ୍ରରେ "ମେଘଦୂତସ୍ୟ ମେଘ-ମାର୍ଗଃ" ନାମରେ ମେଘର ଗତିପଥ ଦର୍ଶାଇଛନ୍ତି । ଏତଦ୍ୱାରା 'କାଳିଦାସ' ଉତ୍କଳୀୟ ବୋଲି ହଠାତ୍ କହି ନ ହେଲେ ମଧ୍ୟ ଉତ୍କଳ ପ୍ରଦେଶ ସହିତ କାଳିଦାସଙ୍କର ଦୀର୍ଘକାଳ ବ୍ୟାପୀ ଘନିଷ୍ଠ ସମ୍ବନ୍ଧ ଥିବା ପ୍ରମାଣିତ ହେଉଛି । ଏହା ଉତ୍କଳପ୍ରାନ୍ତ ପାଇଁ କମ୍ ଗୌରବର କଥା ନୁହେଁ ଏବଂ ଉତ୍କଳ ଜନନୀଙ୍କୁ ଏହି ଗୌରବ ପ୍ରଦାନ ଜନ୍ୟ ଶ୍ରେୟଃ ପଣ୍ଡିତ କୁଳମଣି ମିଶ୍ରଙ୍କର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ । □୦□

ଅତିଥି ପ୍ରାଧ୍ୟାପକ ଓ ସଂଯୋଜକ, ଶ୍ରୀବିହାର, ପୁରୀ

ଯାହାଙ୍କର ବିଶ୍ୱାସରେ ଈଶ୍ୱର ପ୍ରତିଫଳିତ

ଶ୍ରୀ ଲକ୍ଷ୍ମୀଧର ଶତପଥୀ

ମୋର ସେ ଭାଇନା-ବଡଭାଇ । ସେ କେବଳ ଥିଲେ ମୋର ବନ୍ଧୁ, ଉପଦେଷ୍ଟା ଏବଂ ଶିକ୍ଷକ । ବୟସ ହିସାବରେ ସେ ତ୍ରୁଳୁବ ଏବଂ ଖେଳିବାବେଳର ବନ୍ଧୁ ଥିଲେ । ତାଙ୍କ ଉପସ୍ଥିତିରେ ମୁଁ ନିଜକୁ ଶକ୍ତିବାନ୍ ମନେ କରୁଥିଲି ଓ ପ୍ରତିବନ୍ଧକ ସବୁ ନିସ୍ତେଜ ହୋଇଯାଉଥିଲା । ତାଙ୍କର ସ୍ୱଭାବଜ ସାରଲ୍ୟ, ବନ୍ଧୁସୁଲଭ ସୌଜନ୍ୟ, ସର୍ବୋପରି ଅନାବିଲ ମଧୁର ବ୍ୟବହାର କେବଳ ମୋତେ କାହିଁକି ସମସ୍ତ ପରିଜନ ଓ ପ୍ରତିବେଶୀଙ୍କୁ ବିମୋହିତ କରୁଥିଲା । ଅଗାଧ ପାଣ୍ଡିତ୍ୟ, ଅପରିମିତ ଜ୍ଞାନ, ଆସକ୍ତି ବିହୀନ ଆଚରଣ, ସ୍ଥିତପ୍ରଜ୍ଞ ସ୍ୱଭାବର ଯେ ଅଧିକାରୀ ଥିଲେ, ସେ ଆମ ମାନଙ୍କ ପାଇଁ ଉପଦେଷ୍ଟା ଓ ଶିକ୍ଷକଙ୍କର ମହନୀୟ ଆସନରେ ଆସୀନ ହେବା ସ୍ୱାଭାବିକ ।

ତାଙ୍କ ଜୀବନ ଦର୍ଶନର ବିବିଧ ପ୍ରତିଫଳନ ମୋତେ ସ୍ପର୍ଶ କରିଛି । ସେମାନଙ୍କ ମଧ୍ୟରୁ ତାଙ୍କ ଗଭୀର ଓ ସମର୍ପିତ 'ଭଗବତ ବିଶ୍ୱାସ' ପ୍ରସଙ୍ଗ ଯାହାକି ମୋତେ ଅନୁପ୍ରାଣିତ କରିଛି, ତାର ଆଭାସ ନଦେଇ ମୋର ବିନମ୍ର ଶ୍ରଦ୍ଧାଞ୍ଜଳିର ଉପସଂହାର କରିପାରୁନାହିଁ । ବର୍ଷେ ତାଙ୍କ ସଭାପତିତ୍ୱରେ ପରିଚାଳିତ ଶ୍ରୀଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ଛାତ୍ରଙ୍କୁ ଦିଆଯାଉଥିବା କେନ୍ଦ୍ର ବୃତ୍ତି ବନ୍ଦ ରଖିଦେଲେ । ଅନୁଷ୍ଠାନଟି ଚାଲିବ କିପରି ? ସମସ୍ତେ ହା ହତାଶ ହୋଇପଡିଲେ । ଭାଇନା କହିଲେ, "କର୍ମ କର, ଜଗମୋହନ ସେ କଥା ଅବଶ୍ୟ ବୁଝିବେ ।" ପରେ ପରେ ଜଣାପଡ଼ିଲା ଯେ ଶ୍ରୀଯୁକ୍ତ ଗୁରୁପ୍ରସାଦ ମହାନ୍ତି ଓ ପରିଚାଳନା କମିଟି ସଦସ୍ୟଙ୍କ ପ୍ରଚେଷ୍ଟାରୁ । ଗ୍ରାଣ୍ଟ କୋଡ଼ି ପାଞ୍ଚହଜାର ଟଙ୍କା ମିଳିବ । ଭାଇନା ଆଶ୍ୱସ୍ତ ହେଲେ, କହିଲେ, "ମୁଁ କହୁଛି, କର୍ମ କର, ଜଗନ୍ନାଥ ଅଛନ୍ତି ।" ଭାଇନା ତାଙ୍କଠାରେ ଦୃଢ଼ ବିଶ୍ୱାସ ରଖି ସବୁ କରିଯାଆନ୍ତି, ସମସ୍ତ କର୍ମକୁ ବ୍ରହ୍ମାର୍ପଣ କରନ୍ତି । କହନ୍ତି, 'ବିଶ୍ୱାସ' ମଣିଷକୁ ନମାଷୀ କରେ । ଏହା ମନ ରାଜ୍ୟରେ ଏପରି ଏକ ପ୍ରକ୍ରିୟା ସୃଷ୍ଟି କରେ ଯେ ମନର ଚାପଲ୍ୟ କମିଯାଏ ଓ ନିଶ୍ଚଳତା ଆସିଯାଏ । ଫଳରେ ଶୁଦ୍ଧ ଇଚ୍ଛାଶକ୍ତି କ୍ରିୟାଶୀଳ ହୁଏ । ତା ବ୍ୟତିରେକେ ପୂଜା, ପାଠ, ଭଜନ,

କୀର୍ତ୍ତନ, ଜପ, ଧ୍ୟାନ, ବ୍ରତ, ଉପବାସ ଓ ତୀର୍ଥାଟନାଦି ସାଧନାପୂର୍ଣ୍ଣ ସିଦ୍ଧି ପ୍ରଦାନ କରିପାରନ୍ତି ନାହିଁ । ଭକ୍ତିମାର୍ଗର ପ୍ରଥମ ପାବଚ୍ଛ ହେଉଛି 'ବିଶ୍ୱାସ' ।

ସମାଜ ଜୀବନର ରୂପାନ୍ତରଣରେ 'ବିଶ୍ୱାସ' ମୂଲ୍ୟବାନ ଭୂମିକା ଗ୍ରହଣ କରିଥାଏ, ଭାଇନାଙ୍କର ଅଭିମତ । ସେ କହୁଥିଲେ "ଏହା ଏପରି ଗୋଟିଏ ମାନସିକ ସ୍ତର ଯେଉଁଠାରେ କି ଶୃଙ୍ଖଳା ଓ ସଂହତି ଆପେ ଆପେ ଆଶ୍ରିତ ହୁଅନ୍ତି ।" ଇତିହାସର ଗୁପ୍ତଯୁଗ ଓ ସୌନ୍ଦର୍ଯ୍ୟ ଯୁଗର ସାମାଜିକ ଶୃଙ୍ଖଳା ଓ ସଂହତି, ଭାଇନାଙ୍କ ଆଲୋଚନାରେ ଉଦାହରଣ ହୋଇଥାଏ । ତାତ୍ପର୍ଯ୍ୟ ହେଲା—"ଦ୍ୱାରେ ଦ୍ୱାରେ ତାଲା ପଡୁ ନ ଥିଲା, କେହି କାହାକୁ ଅବିଶ୍ୱାସ କରୁ ନ ଥିଲେ, 'ସଂଶୟାତ୍ମା ବିନଶ୍ୟତି' । ଐକ୍ୟ ଓ ସଂହତି ଶାନ୍ତିସ୍ଥାନ ଲାଭ କରିଥିଲା; କାରଣ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆଦି ମୂଲ୍ୟବୋଧ ପ୍ରତି ଅଧିବାସୀଙ୍କର ବିଶ୍ୱାସ ଥିଲା । 'ପରୋପକାରଃ ସ୍ୱର୍ଗାୟ' ସେମାନଙ୍କ ଚିନ୍ତା, କଥା ଓ କାର୍ଯ୍ୟରେ ରୂପାନ୍ତରିତ ହୋଇଥିଲା । କଥାରେ ବା କାର୍ଯ୍ୟରେ କାହେଁ କାହାର ଅନିଷ୍ଟ ଘଟିଯିବ, ସେଥିପ୍ରତି ଭୟ ଥିଲା ।

ଭାଇନା ମଧ୍ୟ ଆଧ୍ୟାତ୍ମିକ ଜୀବନର ସ୍ୱଚ୍ଛନ୍ଦ ଅଗ୍ରଗତି ଓ ଆତ୍ମିକ ଜୀବନର ସଦ୍‌ଗତି ନିମିତ୍ତ 'ବିଶ୍ୱାସ' ଉପରେ ଗୁରୁତ୍ୱ ଦେଉଥିଲେ । ତାଙ୍କର ବିଶ୍ୱାସ ହେଲା-"ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର ।" ଏହି ଉକ୍ତିଟି ଆମ୍ଭମାନଙ୍କ ପାଇଁ ଏକ ସାର୍ଥକ ବାର୍ତ୍ତା", ଭାଇନା କହନ୍ତି । "କାରଣ ସମସ୍ତଙ୍କର ମାଲିକ ଏକ । ସୃଷ୍ଟି, ସେହି ପରଂବ୍ରହ୍ମଙ୍କର ସମ୍ପ୍ରସାରଣ-ସେ ସମ୍ବନ୍ଧ ବିଦ୍ୟମାନ ।

ବିଶ୍ୱାସ ତତ୍ତ୍ୱକୁ ହୃଦୟଙ୍ଗମ କରାଇବାପାଇଁ ଭାଇନାଙ୍କଠାରୁ ଶୁଣିଥିବା ଗୋଟିଏ କ୍ଷୁଦ୍ର ଦୃଷ୍ଟାନ୍ତର ଉପସ୍ଥାପନା କରିବା ସଙ୍ଗତ ମନେ କରୁଛି । ଦୃଷ୍ଟାନ୍ତଟି ହେଲା-"ଗୋଟିଏ ଖ୍ୟାତିପ୍ରଦ ଜଳପ୍ରପାତ ଉପରେ ଏପଟରୁ ସେପଟକୁ ବନ୍ଧାହୋଇଥିବା ଗୋଟିଏ ରସିରେ ସାଇକେଲ ଚଳାଇବା ପାଇଁ ଜଣେ ସାଇକେଲ ଚାଳକ ଆସିଲେ । ରସିରେ ସାଇକେଲ ଚାଲିବ ଏବଂ ଜଳପ୍ରପାତ ଉପରେ । କୌତୁହଳ ସହ ବହୁ ଲୋକ ଏହା ଦେଖିବାକୁ ରୁଣ୍ଡ ହେଲେ । ସାଇକେଲ ଚାଳକ ଅନାୟାସରେ ରସି ଉପରେ ସାଇକେଲ ଚଳାଇ ଆରପାଖକୁ ଗଲେ ଓ ସେପାଖରୁ ଏପାଖକୁ ଆସିଲେ ।

ଦେଖଣାହାରିମାନେ ବାଃ ବାଃ କଲେ ଓ ଚଡ଼ାଲୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଲେ । ଚଡ଼ାଲୀ ସେମାନଙ୍କୁ କହିଲେ, "ଆପଣମାନେ ବିଶ୍ୱାସ କରୁଛନ୍ତି କି ଯେ ମୁଁ ମୋ କାନ୍ଧରେ ଜଣେ ଲୋକଙ୍କୁ ବସାଇ ସାଇକେଲରେ ବସି ପ୍ରପାତ ଆରପାଖକୁ ନେଇ ଯାଇପାରିବି ?" ଲୋକମାନେ ଉତ୍ତର ଦେଲେ, "ହଁ ନେଇଯାଇପାରିବେ ।" ସାଇକେଲ ବାଲା କହିଲେ, "ଆପଣଙ୍କ ମଧ୍ୟରୁ ଜଣେ ଆସନ୍ତୁ ।" ଲୋକମାନେ ପରସ୍ପରକୁ ଚାହାଁ ଚାହିଁ ହେଲେ, କିନ୍ତୁ କେହି ବାହାରିଲେ ନାହିଁ । ଶେଷରେ ଜଣେ ବ୍ୟକ୍ତି ବାହାରି ଆସିଲେ । ସାଇକେଲ ଚାଳୀ ଏ ବ୍ୟକ୍ତିଙ୍କୁ କାନ୍ଧରେ ବସାଇ ରସି ଉପରେ ସାଇକେଲ ଚଲାଇ ପ୍ରପାତର ଆରପାଖକୁ ଓ ସେପାଖରୁ ଏ ପାଖକୁ ଫେରି ଆସିଲେ ।" ଏହି ଉଦାହରଣଟିକୁ ବ୍ୟାଖ୍ୟା କରି ଭାଇନା କହିଲେ, "ଚଡ଼ାଲୀଙ୍କର ନିଜ ଅଭ୍ୟାସ ପ୍ରତି 'ବିଶ୍ୱାସ' ଦୃଢ ନ ଥିଲେ ସେ ଏ ଦୁଃସାହସିକ କର୍ମ ସମ୍ପାଦନ କରିପାରି ନଥାନ୍ତେ ।" କାନ୍ଧରେ ବସିବା ବ୍ୟକ୍ତି ବିଷୟରେ କହିଲେ, "ଏହି ବ୍ୟକ୍ତି ଚଡ଼ାଲୀଙ୍କର ପାଟବ ଦେଖି ବିଶ୍ୱାସ କଲେ ଯେ ସେ ତାଙ୍କୁ ପାର କରାଇ ଦେଇପାରିବେ । ଏହି ବିଶ୍ୱାସ ତାଙ୍କର 'ସମର୍ପିତ ବିଶ୍ୱାସ' । ନିଜକୁ ଚଡ଼ାଲୀଙ୍କଠାରେ ସମର୍ପଣ ପୂର୍ବକ ବିଶ୍ୱାସ କଲେ ଯେ ସେ ନିର୍ବିଘ୍ନରେ ପ୍ରପାତ ପାର ହୋଇ ପାରିବେ । ତାହା ହିଁ ହେଲା । ଏହି ଦୁଇ ବ୍ୟକ୍ତିଙ୍କର ବିଶ୍ୱାସ ହିଁ ସେମାନଙ୍କୁ ସିଦ୍ଧି ପ୍ରଦାନ କଲା ।

ପରମପୂଜ୍ୟ ଭାଇନା ଆଜି ଆଉ ଆମ ପାଖରେ, ଇହ ଜଗତରେ ନାହାନ୍ତି । ଗତବର୍ଷ ତା ୧୯-୨-୯୦ ରିଖ ଦିନ ପୁଣ୍ୟ ତିଥିରେ ସେ ଅମର ଧାମର ଯାତ୍ରୀ ହୋଇଗଲେ । ଯେଉଁ ଜଗନ୍‌ମୋହନ ଜଗନ୍ନାଥଙ୍କଠାରେ ଦୃଢ ସମର୍ପିତ ବିଶ୍ୱାସ ସ୍ଥାପନ କରିଥିଲେ ସେହି ଜଗତର ନାଥ ଜଗନ୍ନାଥଙ୍କ ଚରଣ କମଳରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ ।

'ଜୟ ଜଗନ୍ନାଥ' ।

□ □

ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧିକାରୀ ।

ଯଦ୍ଧାତ୍ରା ନିଜଭାଲପଟ୍ଟଲିଖିତଂ

ବୈଦ୍ୟ ଅତୁଲଚନ୍ଦ୍ର ମହାପାତ୍ର

ସ୍ୱର୍ଗତ ପଣ୍ଡିତ ମିଶ୍ରଙ୍କ ସହିତ ମୁଁ ପୁରୀ ସଦାଶିବ ସଂସ୍କୃତ ମହାବିଦ୍ୟାଳୟରେ ୧୯୫୦ ମସିହାର ଗ୍ରୀଷ୍ମାବକାଶ ଆରମ୍ଭଠାରୁ ପରିଚିତ। ପୁନଶ୍ଚ ୧୯୫୮ ମସିହା ଅକ୍ଟୋବର ମାସରେ ମୁଁ ଉକ୍ତ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇବା ପରଠାରୁ ସମ୍ପର୍କ ଘନିଷ୍ଠତର। ପଣ୍ଡିତ ମହାଶୟଙ୍କର ଗୋଟିଏ ବାକ୍ୟ ମୋର ଆଜି ମଧ୍ୟ ମନେ ଅଛି। ତଥାହି — 'କୁଗ୍ରାମପି ଜଳନ୍ ଧେରାମାୟୁ ଘଟ୍ଟପୁଟଦଥ୍ରରଞ୍ଜିମୁଖନକ୍ତମୁକ୍ତଭୁକ୍ତି'। ମୋର ଅଭ୍ୟାସ — ସଂସ୍କୃତ ପଣ୍ଡିତ ଓ ସ୍ନାତକମାନଙ୍କୁ ଦେଖିଲେ ମୁଁ ସଂସ୍କୃତ ଭାଷାରେ ପ୍ରଥମରେ ଅଭିନନ୍ଦନ ଓ ଆଳାପ କରେ। ସେ ମଧ୍ୟ ସଂସ୍କୃତରେ ମୋ ସହିତ ବାକ୍ୟାଳାପ ଆରମ୍ଭ କରୁଥାଆନ୍ତି। ସେ ଥିଲେ ମୋର ଜଣେ ବିଶେଷ ସହାୟକ। କାରଣ ସଂସ୍କୃତରେ ପ୍ରକୃତ ପାଣ୍ଡିତ୍ୟ ମୋର ନାହିଁ। ଜଣେ ଆୟୁର୍ବେଦ ସ୍ନାତକ ଓ ଅଧ୍ୟାପକ ଭାବରେ ସଂସ୍କୃତ ଭାଷାରେ ଅଧ୍ୟୟନ ଓ ସାମୟିକ ଆଲୋଚନା ମାଧ୍ୟମରେ ଯାହା ଅବଗତ କରିବାର ସୁଯୋଗ ପାଇଛି। ପଣ୍ଡିତ ମହାଶୟଙ୍କ ବାସଭବନ ମୋର ବାସଭବନର ଅନତିଦୂରସ୍ଥ ହୋଇଥିବାରୁ ତାଙ୍କ ସହିତ ସାକ୍ଷାତ୍ ହେଲେ ସଙ୍ଗେ ସଙ୍ଗେ ମୋର ବହୁ ସନ୍ଦେହ ବିଷୟରେ ଆଲୋଚନା ସମାଧାନ ପ୍ରାପ୍ତ ପ୍ରତିଭାର ସମ୍ଭବ ହେଉଥିଲା।

ଜୀବନାବସର



ଜନ୍ମ ଦିବସ — ତା ୨୬-୧୨ ୧୯୧୮, ମୃତ୍ୟୁ ଦିବସ — ତା ୧୯-୭-୧୯୯୦

ମିଥୁନ ଲଗ୍ନସ୍ଥ ବୃହସ୍ପତି ସପ୍ତମ ଓ ଦଶମ କେନ୍ଦ୍ରାଧିପ । ମିଥୁନ ଲଗ୍ନରେ ବୃହସ୍ପତିର ସ୍ଥିତି ହେଲେ ମଧ୍ୟ କେନ୍ଦ୍ରାଧିପତ୍ୱ ଓ ଶନି ଗ୍ରହଟିର ଦୋଷ—ବୃହସ୍ପତି ମହାଦଶା ଏବଂ ବୁଧ ମହାଗ୍ରହର ଅନ୍ତର୍ଦ୍ଦଶାରେ ମୃତ୍ୟୁ ଜ୍ୟୋତିଷଶାସ୍ତ୍ର ସିଦ୍ଧାନ୍ତର ବିଶେଷ ବିଚାରର ଗୋଟିଏ ଦିଗ । ପଣ୍ଡିତ ମହାଶୟଙ୍କର ତିନୋଟି ଶୁଭଗ୍ରହ ବର୍ଗୀ - ବୁଧ, ବୃହସ୍ପତି ଓ ଶୁକ୍ର । ଶୁଭଗ୍ରହ ବର୍ଗୀ ହେଲେ ଜାତକର ଉତ୍କର୍ଷ ସାଧନ କରିଥାଏ । ପଣ୍ଡିତ ମହାଶୟଙ୍କର ଉକ୍ତ ତିନୋଟି ଶୁଭ ଗ୍ରହ ବର୍ଗୀ ହୋଇଥିବାରୁ ବୃହସ୍ପତି ଲଗ୍ନର ଦ୍ୱିତୀୟସ୍ଥ ସ୍ଥାନ କର୍କଟ ରାଶିର ଆଂଶିକ ଫଳ ଏବଂ ବୁଧ ଲଗ୍ନର ପଞ୍ଚମ ଏବଂ ତୁଳା ରାଶିର ଆଂଶିକ ଫଳ ଦେଇଥିବା ସ୍ୱୀକାର୍ଯ୍ୟ । କାରଣ ଲଗ୍ନର ଚତୁର୍ଥ ସ୍ଥାନର ଅଧିପତି ପଞ୍ଚମ ଭାବର ଫଳ ଦେଉ ନଥିଲେ ଏବଂ ତତ୍ସହ ବୃହସ୍ପତି କର୍କଟ ରାଶିର ଫଳ ଦେଉ ନ ଥିଲେ, ଗ୍ରନ୍ଥକର୍ତ୍ତା ଭାବେ ସୁପରିଚିତ ହୋଇପାରି ନ ଥାନ୍ତେ । ଯେହେତୁ ବୁଧ ରାହୁଯୁକ୍ତ ଏବଂ ଶୁକ୍ର ରବିଯୁକ୍ତ ।

"ବର୍ଗୋତ୍ତମସ୍ୱକୀୟେ ଭଗମେ ଗ୍ରହାଣାଂ, କୃତ୍ସ୍ନଂ ଫଳଂ ରାଶିଗତଂ ବଦନ୍ତି ।
ଶୁଭାଶୁଭଂ ଜୀବବୁଧୌ ନ ତସ୍ମିନ୍, ତଦ୍ୟୋସ୍ତୁ ପୌର୍ବଂ ଫଳମାଦଶନ୍ତି ॥"

ଚନ୍ଦ୍ର ଓ ଶନି ସିଂହ ରାଶି ଯୁକ୍ତ ଥିବାରୁ ଆକାଙ୍କ୍ଷିତ ରୁଗ୍ଣତା ମାନ ତୃତୀୟସ୍ଥ ଏବଂ ବୁଧ ବର୍ଗୀ ଥିବାରୁ ପଣ୍ଡିତ ମହାଶୟ ୮୦ ରୁ ଅଧିକ ବୟସ ଅତିକ୍ରମ କରିବାର ସୁଯୋଗ ପାଇଥିଲେ । ତିନୋଟି ଶୁଭଗ୍ରହ (ବୃହସ୍ପତି, ବୁଧ, ଶୁକ୍ର) ଲଗ୍ନ, ଷଷ୍ଠ ଓ ସପ୍ତମସ୍ଥ ବର୍ଗୀ ଯୋଗୁ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ପଣ୍ଡିତ ମହାଶୟଙ୍କ କ୍ରମଶଃ ଶାରୀରିକ ଆରୋଗ୍ୟ ଓ ବୁଦ୍ଧି ବୈଭବ ଦେଖାଯାଉଛି । ସପ୍ତମସ୍ଥ ରବି ଓ ଶୁକ୍ର ଦାମ୍ପତ୍ୟ ଜୀବନ ଶାନ୍ତିମୟ ରଖିପାରିଛି । ମଙ୍ଗଳ ଅଷ୍ଟମସ୍ଥ ହୋଇ ମଧ୍ୟ ବୃଦ୍ଧାବସ୍ଥାରେ ପତ୍ନୀ ବିୟୋଗର ସୂଚନା ଦେଉଥିଲେ ମଧ୍ୟ ଏଠାରେ ତାଙ୍କର ଧର୍ମପତ୍ନୀ କୁମୁଦିନୀ ଦେବୀଙ୍କର ଦୀର୍ଘାୟୁଲାଭ ହିଁ କାମ୍ୟ । ବର୍ଷସ୍ଥ କେତୁ ମିଶ୍ରଫଳଦାତା ଓ ମରଣାନ୍ତେ ଊର୍ଦ୍ଧ୍ୱଗତିର ସୂଚନା ଜ୍ୟୋତିଷ ଶାସ୍ତ୍ରର ଅନ୍ୟ ଏକ ପକ୍ଷ ।

ପଣ୍ଡିତ ମହାଶୟଙ୍କ ବୟସ୍କଗଣରେ ଶିକ୍ଷା ସମାଜ କର୍ମନିଷ୍ଠ ନିଷ୍ଠାପର ସାଧକଙ୍କୁ ହରାଇଛୁ । ଜୀବନର ଅନ୍ତିମ ଅବସ୍ଥାରେ ବି ଲେଖାର ଆକାଂକ୍ଷାରେ ବ୍ୟସ୍ତ ରହିଥିଲେ । ତାଙ୍କର ଅପ୍ରକାଶିତ ରଚନା ଓ ଗ୍ରନ୍ଥ ପ୍ରକାଶନ ଅମର ଆତ୍ମା ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ।

—ଗଙ୍ଗାଧର ନନ୍ଦ, ପୁରୀ

ଏକ ମହାର୍ଘ ସ୍ମୃତି

ପ୍ରଫେସର ସର୍ବେଶ୍ୱର ଦାସ

ଗୃହ୍ମଁ ଗୃହ୍ମଁ ପଣ୍ଡିତ କୁଳମଣି ମିଶ୍ରଙ୍କ ତିରୋଧାନ ପରେ ବର୍ଷେ ବିତିଗଲାଣି । ତାଙ୍କର ଅକାଳ ଅକସ୍ମାତ୍ ବିୟୋଗ ମତେ ଦାରୁଣ ଆଘାତ ଦେଇଥିଲା ଏବଂ କେବଳ ମତେ କାହିଁକି ସମଗ୍ର ସୁଧୀ ସମାଜକୁ ମଧ୍ୟ ଗଭୀର ଦୁଃଖ ଦେଇଥିଲା ।

ମୁଁ ଯେତେବେଳେ ପୁରୀ ଜିଲ୍ଲା ସ୍କୁଲରେ ପଢୁଥିଲି (୧୯୩୭-୪୦ ମସିହାରେ) ସେତେବେଳେ ସେ ଥିଲେ ସଂସ୍କୃତ କଲେଜର ଗୁରୁ ଓ ତାଙ୍କ ସହିତ ମୋର ସାମାନ୍ୟ ପରିଚୟ ହୋଇଥିଲା । କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କ ସହିତ ଅଧିକ ଘନିଷ୍ଠତା ହୋଇଥିଲା ଓ ତାଙ୍କର ଷଦ୍‌ବଣ୍ଣ । ମାୟିକ, ବିନୀତ, ଅତିଭଦ୍ର ସସ୍ନେହ ବ୍ୟବହାର ମତେ ମୁଗ୍ଧ କରିଥିଲା ।

ଗୋଟିଏ ଘଟଣା ବିଶେଷ ଭାବରେ ତାଙ୍କ ପ୍ରତି ମୋର ଶ୍ରଦ୍ଧା ସମ୍ମାନ ବଢ଼ାଇ ଦେଇଥିଲା । ମୁଁ ସେତେବେଳେ ଓଡ଼ିଶା ସରକାରଙ୍କର ସାଂସ୍କୃତିକ ବିଭାଗର ପ୍ରକାଶନ ସଂସ୍ଥାର ମୁଖ୍ୟ ସମ୍ପାଦକ ଥିଲି । ମୁଁ ସେହି ପଦରେ ଯୋଗଦେବା ପୂର୍ବରୁ ପଣ୍ଡିତ ମହାଶୟ ସାଂସ୍କୃତିକ ବିଭାଗର ଅନୁରୋଧରେ ଗୋଟିଏ ଧର୍ମଶାସ୍ତ୍ର ଶବ୍ଦକୋଷ ସଂପାଦନ କରି ପାଣ୍ଡୁଲିପି ଦେଇସାରିଥିଲେ, ତାହା ପ୍ରକାଶଯୋଗ୍ୟ ବିବେଚିତ ହୋଇ ଗୃହୀତ ହୋଇ ସାରିଥିଲା ଏବଂ ସେଥିପାଇଁ ତାଙ୍କ ପ୍ରାପ୍ୟର ଅଧିକାଂଶ ପରିମାଣ ସେ ପାଇ ସାରିଥିଲେ । ପାଣ୍ଡୁଲିପିଟିର କେବଳ ମୁଦ୍ରଣ ହୋଇ ନ ଥିଲା । ମୁଁ ମୁଖ୍ୟ ସଂପାଦକ ରୂପେ ଯୋଗ ଦେଲାପରେ ତାହା ମୋର ଦୃଷ୍ଟିରେ ପଡ଼ିଲା । ସେଥିରୁ ତାଙ୍କର ଧର୍ମଶାସ୍ତ୍ରରେ ଗଭୀର ବ୍ୟାପକ ଜ୍ଞାନର ପରିଚୟ ପାଇ ବିମୁଗ୍ଧ ହେଲି । ତେବେ କେତେକ ଶବ୍ଦ ବିଷୟରେ ଆହୁରି ଅଧିକ ସୂଚନା ଦେଲେ ଏବଂ ଆଉ କେତେକ ଶବ୍ଦର ସୂଚନା ଯୋଗ କଲେ ଧର୍ମଶାସ୍ତ୍ର ଶବ୍ଦକୋଷଟି ଆହୁରି ଉଚ୍ଚକୋଟୀର ହେବ ଭାବି-ପଣ୍ଡିତ ମହାଶୟ ଯେତେବେଳେ ମୁଦ୍ରଣ ସମ୍ପର୍କରେ ଅନୁସନ୍ଧାନ କରିବାକୁ ସଂସ୍କୃତି ବିଭାଗକୁ ଆସିଥିଲେ ମୁଁ ତାହା ଜଣାଇଲି । କିନ୍ତୁ ମୋର ଅନୁରୋଧ

ଉପେକ୍ଷା କରି ପାରିଥାନ୍ତେ । କିନ୍ତୁ ତାହା ନ କରି କୌଣସି ପ୍ରକାରେ କ୍ଷୁଣ୍ଣ ନ ହୋଇ ବିନୟୀର ସହିତ ସଙ୍ଗେ ସଙ୍ଗେ ମୋର ସୂଚନା ଅନୁଯାୟୀ ପରିବର୍ତ୍ତନ ଓ ପରିବର୍ଦ୍ଧନ କରିବାକୁ ରାଜି ହୋଇଗଲେ ଏବଂ ପ୍ରାୟ ଛ'ମାସ ପରେ ବହୁ ପରିଶ୍ରମ କରି ବହୁ ନୂତନ ଶବ୍ଦର ସୂଚନା ଯୋଗକରି ଏବଂ ବହୁ ଶବ୍ଦର ସୂଚନା ଅଧିକ ବିସ୍ତୃତ କରି ତାଙ୍କର ମୂଳ ପାଣ୍ଡୁଲିପିକୁ ଆହୁରି ପ୍ରାୟ ଷାଠିଏ ସତୁରି ପୃଷ୍ଠା ବଢାଇ ତାହା ପ୍ରକାଶ ପାଇଁ ଦେଲେ । ଅଧିକ ପରିଶ୍ରମ ପାଇଁ ବା ପାଣ୍ଡୁଲିପିର କଳେବର ବୃଦ୍ଧି ହୋଇଥିବା ଯୋଗୁଁ କୌଣସି ପ୍ରକାରେ ଅଧିକ ପାରିଶ୍ରମିକ ପାଇଁ ଅନୁରୋଧ ବା ଦାବୀ ଜଣାଇ ନଥିଲେ । ଏପରି ନିର୍ଲୋଭ ବିନୟୀ ପଣ୍ଡିତ ମୁଁ କ୍ୱଚିତ ଦେଖିଛି ।

କେଜାଣି କାହିଁକି ତାଙ୍କର ମୋ ପ୍ରତି ବିଶେଷ ଶ୍ରଦ୍ଧା ସ୍ନେହ ଥିଲା । ଯେବେ ତାଙ୍କ ପାଖକୁ ଯାଇଛି, ପ୍ରତ୍ୟେକ ଥର ସେ ତାଙ୍କଦ୍ୱାରା ରଚିତ ବା ପୁସ୍ତକମାନଙ୍କରୁ ଖଣ୍ଡିଏ ଦୁଇଖଣ୍ଡି ଦେଇଛନ୍ତି । ପ୍ରତ୍ୟେକଟିରୁ ତାଙ୍କର ପ୍ରଗାଢ ପାଣ୍ଡିତ୍ୟର ପରିଚୟ ପାଇଛି । ଲକ୍ଷ୍ୟ କରିଛି ତାଙ୍କର ଅତୁଳନୀୟ ସାଧନା ଓ ନିଷ୍ଠା, ଅଗାଧ ଅକ୍ଳାନ୍ତ ପରିଶ୍ରମ । ତାଙ୍କର ଆଗ୍ରହ କେବଳ ସ୍ମୃତିଶାସ୍ତ୍ର ବା ଧର୍ମଶାସ୍ତ୍ରରେ ଆବଦ୍ଧ ନ ଥିଲା । ସାହିତ୍ୟ, ଅଳଙ୍କାର, କାବ୍ୟ ପ୍ରତି ମଧ୍ୟ ତାଙ୍କର ପ୍ରଗାଢ ଆଗ୍ରହ ଥିଲା । ଉତ୍କଳୀୟଙ୍କର ସଂସ୍କୃତ ସାହିତ୍ୟ ପ୍ରତି ଦାନ ବିଷୟରେ ସେ ଆଲୋକପାତ କରିଛନ୍ତି । ଧ୍ୱନ୍ୟାଲୋକର ଓଡ଼ିଆ ଅନୁବାଦ କରିଛନ୍ତି । 'କୃପାସିନ୍ଧୁ ଜଣାଣ'ର ମୂଳ ସଂସ୍କୃତରୂପ ପୋଥିରୁ ସଂଗ୍ରହ କରି ତାହାର ସଠିକ ସଂପାଦନ କରିଛନ୍ତି । ବହୁ ମୌଳିକ ଗବେଷଣା ସମନ୍ୱିତ ପ୍ରବନ୍ଧ, ପୁସ୍ତକ ତଥା ତାଙ୍କର ସୃଜନୀ ଶକ୍ତି ପରିଚାୟକ ରଚନା ପ୍ରକାଶ କରିଛନ୍ତି । ଜୀବନର ଶେଷ ପର୍ଯ୍ୟନ୍ତ ସେ ଗବେଷଣା କାର୍ଯ୍ୟରେ ଓ ଅଧ୍ୟାପନାରେ ନିଯୁକ୍ତ ଥାଇ ପରମ ନିଷ୍ଠାର ପରିଚୟ ଦେଇଛନ୍ତି । ତାଙ୍କର ଅପ୍ରକାଶିତ ପାଣ୍ଡୁଲିପି "ଗୌତମଧର୍ମସୂତ୍ରର ସୂକ୍ଷ୍ମ ଟୀକା' ଏବେ ତାଙ୍କର ଅନୁରାଗୀ ଛାତ୍ରମାନଙ୍କର ଅକ୍ଳାନ୍ତ ପରିଶ୍ରମରେ ପ୍ରକାଶିତ ହେଉଅଛି । ଶ୍ରୀ ଜଗନ୍ନାଥ ମନ୍ଦିରରେ ବେଦାଧ୍ୟୟନ ଓ ବେଦ ପାଠାଭ୍ୟାସ ପାଇଁ ଅନୁଷ୍ଠାନଟିଏ ପ୍ରତିଷ୍ଠା କରି ସେ ଓଡ଼ିଶାର ବେଦାନୁଶୀଳନର ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିଛନ୍ତି ।

ଏ ସମସ୍ତ ଗରିମା ସତ୍ତ୍ୱେ ତାଙ୍କର ଅହଂଭାବ ବା ଆତ୍ମ ଗରିମା ଆଦୌ ନ ଥିଲା । ସେଥିପାଇଁ ମୃଦୁଭାଷୀ, ଚିର ବିନମ୍ର ମିଶ୍ର ମହାଶୟ ସମସ୍ତଙ୍କର ଅନ୍ତରପ୍ରିୟ ଥିଲେ । ଆଜି ତାଙ୍କର ମୃତ୍ୟୁ ବାର୍ଷିକୀରେ ଗୁଣମୁଗ୍ଧ ଅଗଣିତ ଜନଙ୍କ ସହିତ ମୁଁ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ମୋର ବିନମ୍ର ଶ୍ରଦ୍ଧା ଜ୍ଞାପନ କରୁଛି । ତାଙ୍କର ଆଦର୍ଶ ସମସ୍ତଙ୍କୁ ଅନୁପ୍ରାଣିତ କରୁ ।

—୦—

ଆର୍ମଷ୍ଟ୍ରଙ୍ଗ ରୋଡ଼, ପୁରୀ

ପିତୃ ସ୍ମରଣେ

ରମାକାନ୍ତ

ବିଶ୍ରାମ ହେଉନି ନନା ଚାଲିଗିବାର ବର୍ଷେ ହେବାକୁ ଯାଉଛି । ଦିନକ ଆଗରୁ ମୁଁ ଟ୍ରେନିଂ ପାଇଁ କଲିକତା ଗଲାବେଳକୁ ନନା କହିଥିଲେ ଏଥରବାର୍ଚ୍ଚ ଯାଉଛୁ ଖୁସି ଖୁସି ଯା । ହେଲେ ଫିରାଉବେଳକୁ କାଳେ । ନନାଙ୍କୁ ସିକ୍ ହେବବୋଲି କହୁ ନ କହୁ ଚାଲିଗଲ । ହେଲେ ତାଙ୍କ ମନ କଥା ହେବାକୁ ଅଉ ସୁଯୋଗ ପାଇଲିନି । ଗଲାଦିନ ନନାଙ୍କ ଦେହ ଅପେକ୍ଷାକୃତ ଭଲଥିଲା । ୫ ଦିନର ଟ୍ରେନିଂ ଭିତରେ ନନାଙ୍କ ଦେହ ଅଧିକ ଖରାପ ହୋଇଯିବ ବୋଲି ମୁଁ ଆଶା କରୁ ନଥିଲି । ହେଲେ ମାତ୍ର ଦିନକ ମଧ୍ୟରେ ସବୁ ଶେଷ ହୋଇଗଲା ।

ପିଲାଦିନ କଥା ମନେ ପଡ଼େ । ନନା ମୋତେ ସକାଳୁ ସକାଳୁ ଗୋଡ଼ରେ ବସାନ୍ତି । ଦାଣ୍ଡରେ ବିସ୍କୁଟ୍ ବାଲା ଗଲେ, ବିସ୍କୁଟ୍ ଗୋଟିଏ କିଣି ହାତରେ ଦିଅନ୍ତି । ମୁଁ ନନାଙ୍କ ପାଖରେ ବାରଣ୍ଡାରେ ଥିବା ଖଟରେ ଶୁଏ । ତାଙ୍କ ହାତଧରି ମନ୍ଦିରକୁ ଯାଏ । ପାଦାନ୍ତଆରୁ ନନା ସମସ୍ତଙ୍କୁ ଶ୍ଳୋକ ଶିଖାନ୍ତି । କେତେବେଳେ ପୁଣି ଆମ ପୂର୍ବପୁରୁଷଙ୍କ ବିଷୟରେ କୁହନ୍ତି । ସେତେବେଳେ ନନା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଥାଆନ୍ତି । ତେଣୁ ପ୍ରାୟ ସନ୍ଧ୍ୟାରେ ଡେରିକରି ଆସନ୍ତି । ହଷ୍ଟେଲରେ କିଏ ଖାଇଲା କିଏ ନ ଖାଇଲା ସବୁର ଠିକ ଜଣି ଖବର ରଖନ୍ତି । ଏବଂ ସମସ୍ୟାମାନଙ୍କ

ସମାଧାନ କରନ୍ତି । ସବୁବେଳେ ସଂସ୍କୃତ କଲେଜର ପିଲାମାନେ ପଢ଼ିବାକୁ ଘରକୁ ଆସନ୍ତି । ପଞ୍ଚବାଣୀରେ ବୋଝେ ଲେଖାଏ ପିଠା ହୁଏ ଓ ହଷ୍ଟେଲରେ ବଣ୍ଟାହୁଏ । ନନା ବଡ଼ଭୋରରୁ ଉଠନ୍ତି ହେଲେ ତାଙ୍କୁ କେବେ ଶୀଘ୍ର ଖାଇବାର ଦେଖିନି । ସକାଳୁ ପଢ଼ିବା ପାଇଁ ପିଲାମାନେ ଆସନ୍ତି । ଅଧିକାଂଶ ଦିନ କେହି ନା କେହି କିଛି ସମସ୍ୟା ନେଇ ଧର୍ମଶାସ୍ତ୍ରୀୟ ସମାଧାନ ପାଇଁ ଆସିଥାନ୍ତି । କେବେହେଲେ ନନା କାହାରିକୁ ସମୟ ନାହିଁ କହି ଫେରେଇ ଦେଇଥିବାର ମୁଁ ଦେଖିନାହିଁ । ଭୋଜ ଖାଇବା ପାଇଁ ଡାକୁଥିଲେ ମଧ୍ୟ ସେ ସମସ୍ୟାର ସମାଧାନ ନ କଲାଯାଏଁ ଉଠନ୍ତି ନାହିଁ ।

୭୦ ମସିହାରେ ଆମ ଗାଈ (ବୁଧି) କଣାହେଲା । ପ୍ରଥମେ ପ୍ରଥମେ ବୁଧି ଆମ ଘରେ ଖାଇବାକୁ ଇଚ୍ଛା କରେନି । ନନା ସନ୍ଧ୍ୟାରେ ମନ୍ଦିରରୁ ଫେରିଲା ବେଳେ ୨୫ ପଇସାର ଘାସ କିଣି ଆଣନ୍ତି । କୌଣସି ଦିନ ସେ ନ ଆସିଲେ ନନା ଓ ମୁଁ ତାକୁ ଖୋଜିବାକୁ ଯାଉ । କୌଣସି ଦିନ ଗାଈ ଘରକୁ ନ ଆସିଲେ ସେ ଅସ୍ତବ୍ୟସ୍ତ ହୋଇ ପଡନ୍ତି । ଦିନେ ଆମ ଗାଈ ପିଚୁରେ ପଡିଗଲା । ଅଖିଆ ଅପିଆ ଅକ୍ଲାନ୍ତ ପରିଶ୍ରମ କରି ନନା କିରୋସିନି ଦ୍ୱାରା ତା' ଦେହରୁ ପିଚୁ ଛଡେଇ ତାକୁ ପୁନର୍ଜୀବନ ଦେଲେ । ତା'ପରଠୁ ଯେତେବେଳେ ଗାଈ ନ ଆସିଲେ ପିଚୁ ଡୋ ପାଖରେ ନନା ନିଶ୍ଚୟ ଥରେ ପସ୍ତର ଦେଇ ଆସନ୍ତି । ଗାଈମାନଙ୍କର ଖାଇବା ପିଇବା ରହିବା ଇତ୍ୟାଦିରେ କୌଣସି ଅସୁବିଧା ହେବାକୁ ଦିଅନ୍ତି ନାହିଁ ।

ସେ ସମୟରେ ମୋର ମଝିରେ ମଝିରେ ଜ୍ୱର ହୁଏ । ନନା ପୂଜା ଘରେ ମନ୍ତ୍ର ପାଣି ଛିଞ୍ଚି ଦିଅନ୍ତି । ଥର୍ମୋମିଟର କାଖରେ ଦେଲାବେଳେ ନନା ଦୁଇ ହାତରେ ଯୋରରେ ଚିପି ଧରନ୍ତି, ସେତେବେଳେ ଭାରି ଭଲଲାଗେ । ଥରେ ମୁଁ ଜ୍ୱରରେ ପଡ଼ି ୩ ଦିନ ବେହୋସ ହୋଇ ଯାଇଥିଲି । ବେହୋସ ହେବା ବେଳକୁ ନନା ଦଉଡ଼ି ଆସି ମନ୍ତ୍ର ପାଣି ମୋ ଉପରେ ଛିଞ୍ଚିବା ମୋର ମନେ ଅଛି । ୧୯୮୩ରେ ମୋର ଗୋଡ ଅଣ୍ଟାପାଖ ଫୁଲି ଦାରୁଣ ବିନ୍ଧା ଆରମ୍ଭ ହୁଏ । ଅନେକ ଟୁଣୁକା ଟୁଣୁକି ଔଷଧ ଖାଇ ପରେ ଅପରେସନ ହେବାକୁ ପଡ଼ିଲା । ଅପରେସନ ଆଗରୁ ନନା ଏକ ବଡ଼ ଧରଣର ହୋମର ଆୟୋଜନ କଲେ ଏବଂ ମୋତେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବାକୁ କହିଲେ । ସେହି ଦିନଠୁ ମୁଁ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଆସୁଛି ।

୧୯୭୬ରେ ବିବାହ ଦିବସ ନିର୍ଣ୍ଣୟ ବିଷୟରେ ଯାଜପୁରରେ ସଭା ଥାଏ । ମୁଁ ନନାଙ୍କ ସାଙ୍ଗରେ ଯାଇଥିଲି । ଶାସ୍ତ୍ର ଅନୁସାରେ ଅରକ୍ଷରକ୍ଷଣୀୟାମାନଙ୍କ ପାଇଁ ଦିନ କାଳ ଦେଖିବା ଦରକାର ନାହିଁ ଓ ପ୍ରାପ୍ତ ବୟସ୍କା ଝିଅମାନେ ଅରକ୍ଷଣୀୟା । ତେଣୁ ଆଜିକାଲି ବିବାହଯୋଗ୍ୟ ଝିଅମାନେ ସମସ୍ତେ ଅରକ୍ଷଣୀୟା ଏବଂ ବିବାହକାଳ ଦେଖିବା ଦରକାରନାହିଁ ବୋଲି ପ୍ରମାଣମାନ ଦିଆଗଲା । କିନ୍ତୁ ନନା କହିଲେ ଯେ ସେପରି ହୋଇଥିଲେ ଶାସ୍ତ୍ରକାରମାନେ ଅରକ୍ଷରକ୍ଷଣୀୟା ଯାଗାରେ ପ୍ରାପ୍ତବୟସ୍କା ଝିଅମାନଙ୍କ ବିବାହ ପାଇଁ ଦିନକାଳ ଦେଖିବା ଦରକାର ନାହିଁ ବୋଲି ଲେଖିଥାନ୍ତେ । ସ୍ଥାନ କାଳ ଭେଦରେ ବିବାହ ବୟସର ତାରତମ୍ୟ ଥିବାରୁ ଶାସ୍ତ୍ରକାରମାନେ ବିବାହ ବୟସଟପିଯାଇଥିବା ଝିଅଙ୍କ ପାଇଁ ଅରକ୍ଷରକ୍ଷଣୀୟା ଶବ୍ଦର ବ୍ୟବହାର କରିଛନ୍ତି । ବିବାହ ଦିନ ଠିକ୍ କରିବାର ଉଦ୍ଦେଶ୍ୟ ଶୁଭକାଳରେ ବିବାହ କରିବା । ସେଥିରେ ବୟସର ସମ୍ପର୍କ ନାହିଁ ।

ଦିନେ ନନାଙ୍କର ଜଣେ ଶିଷ୍ୟଙ୍କ ସହ କଥାବାର୍ତ୍ତା ସମୟରେ ମୋ ସହିତ ମତପାର୍ଥକ୍ୟ ହେଲା । ସେ କହିଲେ ତୁମେ ମାଛ ମାଂସତ ଖାଉନାହିଁ ପିଆଜ କାହିଁକି ଖାଉଛ । ପିଆଜ ଗୋମାଂସ ସହ ସମାନ । ବରଂ ମାଛ ମାଂସ ବଦଳରେ ପିଆଜ ଛାଡ଼ିବା ଉଚିତ୍ ହେବ । ହେଲେ ମୁଁ କହିଲି ମାଛ ମାଂସ ଖାଇବାରେ ଜୀବହତ୍ୟା କରିବାକୁ ପଡୁଛି । ପିଆଜ ତ ଗୋଟିଏ ମୂଳ । ମାଛ ମାଂସ ଅପେକ୍ଷା ପିଆଜ ଖାଇବାରେ ଅଧିକ ପାପ କିପରି ହେବ । ନନା ସେ ସମୟରେ ନ ଥିଲେ । ନନା ଫେରିବା ପରେ ତାଙ୍କୁ ପଚାରିଲୁ । ନନା କହିଲେ ପିଆଜ ଗୋମାଂସ ପରି ମାତ୍ର ଗୋମାଂସ ନୁହେଁ । ତୁଳନା ପାଇଁ କବିମାନେ ମୁଖ ଚନ୍ଦ୍ର ପରି ବୋଲି କହିଥାନ୍ତି । ହେଲେ ମୁଖ ଓ ଚନ୍ଦ୍ର ଏକ ହୋଇ ନ ପାରେ ।

ଏହିପରି ଅନେକ ସମୟରେ ନନା ଶାସ୍ତ୍ରଜ୍ଞାନ ପ୍ରୟୋଗ ସଙ୍ଗେ ସଙ୍ଗେ ସାଧାରଣ ଜ୍ଞାନର (Common sense) ପ୍ରୟୋଗ କରୁଥିଲେ । ଦାୟଭାଗ ପଢ଼ାଇଲା ବେଳେ ଛାତ୍ରମାନଙ୍କୁ ନନା ଗଣିତ କଷି ବୁଝାଉଥିଲେ । ନନା ଏତେ ସରଳ ଭାବରେ ବୁଝାନ୍ତି ଯେ ଅନେକ ସମୟରେ ମୋର ମଧ୍ୟ ମନେ ରହିଯାଏ ।

ମୁଁ ବାଣୀବିହାରରେ ପଢୁଥାଏ । ସାଙ୍ଗମାନେ ବ୍ୟାଙ୍କ ପରୀକ୍ଷା ପାଇଁ ଦରଖାସ୍ତ ଦେଉଥାନ୍ତି । ମୁଁ ଦେବି କି ନ ଦେବି ସ୍ଥିର କରି ନ ଥାଏ । ନନାଙ୍କୁ ପଚାରିଲି । ନନା ସଙ୍ଗେ ସଙ୍ଗେ କହିଲେ ହଁ ଦେଇଦେ, ହେଲେ ନ ହେଲେ ନାହିଁ । ସେଥର ମୁଁ ବ୍ୟାଙ୍କ ପରୀକ୍ଷା ଓ ସିଭିଲ୍ ସର୍ଭିସ୍ ପାଇଁ ପରୀକ୍ଷା ଦେଉଥାଏ । ୧୯୭୯ ଡିସେମ୍ବର ୧୫ରେ ସିଭିଲ୍ ସର୍ଭିସ୍ ପରୀକ୍ଷାର ଗଣିତ ପତ୍ର ଥାଏ । ମୁଁ ପଢିଥିବା ଗ୍ରୁପ୍ ଗୁଡ଼ାକରୁ ଗୋଟେ ମାତ୍ର ପ୍ରଶ୍ନ ପଡ଼ିଥିଲା । ବସିବସି ଯେତେ ଚେଷ୍ଟା କଲେ ମଧ୍ୟ ଉତ୍ତର କରି ପାରିଲିନାହିଁ । ସେ ଦିନ ଏକାଦଶୀ ଥାଏ । ଉପବାସକୁ ଜୀବନରେ ପ୍ରଥମ ଥର ଅକୃତ-କାର୍ଯ୍ୟ ହେବାରୁ ମନଦୁଃଖରେ ଭାଙ୍ଗି ପଡ଼ିଥାଏ । କଟକରୁ ଫେରି ବାଣୀବିହାରରେ ହଷ୍ଟେଲ୍ ଆଡ଼େ ଚାଲିବେଳେ ବାଟରେ ନନା ହଷ୍ଟେଲ୍‌ରୁ ଫେରୁଥିବାର ଦେଖିଲି । ନନା ପଚାରିଲେ କେମିତି ହେଲା । ମୁଁ କହିଲି ପୁରା ଖରାପ ହୋଇଗଲା ଆଉ ପାରି ହେବନି । ନନା କହିଲେ ଏଥର ନ ହେଲା ନାହିଁ ଆରଥର ହେବ । ନନା ପିଠା, କ୍ଷୀରି, ସେଓ ଆଦି ଆଣିଥିଲେ । ତା' ପର ଦିନ ବ୍ୟାଙ୍କ ପରୀକ୍ଷା ଥିଲା । ନନା ଆସିବା ପରେ କିଛିଟା ଧୈର୍ଯ୍ୟ ବଢ଼ି ଯାଇଥିଲା । ନନାଙ୍କ ଆଶୀର୍ବାଦରୁ ସେଥର ପାଶ୍ ହୋଇଗଲା ।

୧୯୮୬ ମସିହା ହେବ । ମୁଁ ପାଟନାରେ ଥାଏ । ନନା ଆସି ପହଞ୍ଚିଲେ । ଦେଓଘର (ବୈଦ୍ୟନାଥଧାମ)ରେ ନନାଙ୍କର ବୈଦିକ ସମ୍ମିଳନୀ ଥାଏ । ନନା ଓ ମୁଁ ସକାଳୁ ଦେଓଘର ଗଲୁ । ଗଙ୍ଗାପାଣି ନେଇଥିଲୁ, ସେଥି ଆଗ ମନ୍ଦିରକୁ ଗଲୁ । ନନା ବୈଦ୍ୟନାଥଙ୍କ ଅଭିଷେକ କଲେ । ଆଗରୁ ମୁଁ ଦେଓଘରରେ ଥିଲାବେଳେ ନନା ଯାଇ ନ ଥିଲେ । ପ୍ରଥମଥର ବୈଦ୍ୟନାଥଙ୍କ ଦର୍ଶନ କରି ନନା ବଡ଼ ଆନନ୍ଦିତ ହେଲେ । ସମ୍ମିଳନୀ ହେଲା । ଜଣେ ବୃଦ୍ଧ ବୈଦିକ ପଣ୍ଡିତ ଆସିଥାନ୍ତି । ପ୍ରାୟ ୯୦ ବର୍ଷ ହେବ । କଣ୍ଠ ଥରୁଥାଏ । ହେଲେ ତାଙ୍କର ଉତ୍ତମ ବେଦ ଉଚ୍ଚାରଣ ଓ ଓ ସ୍ୱର ସଙ୍ଗେ ସଙ୍ଗେ ଜ୍ଞାନ ଅତି ଗଭୀର ଥିଲା । ତାଙ୍କ ସହ କିଛି ସମୟ ନନାଙ୍କର ବେଦ ଆଲୋଚନା ହେଲା । ନନା କହିଲେ ବେଦ ହିଁ ବ୍ରହ୍ମ । ବ୍ରହ୍ମ ଜାଣିଥିବା ଲୋକ ବ୍ରାହ୍ମଣ, ଅର୍ଥାତ୍ ବେଦ ଜାଣିଥିବା ଲୋକ ବ୍ରାହ୍ମଣ । ତାପରେ ବେଦ ସ୍ୱର ଅକ୍ଷରରୁ ବେଦ ଉପରେ ଆଲୋଚନା ହେଲା । ନନା ସେ ବୃଦ୍ଧଙ୍କ ପାଣ୍ଡିତ୍ୟରେ ମୁଗ୍ଧ

ହେଲେ । ତାଙ୍କୁ ହାତଯୋଡ଼ି କହିଲେ ଆପଣଙ୍କ ପରି ବେଦଜ୍ଞ ଓଡ଼ିଶାରେ ନାହାନ୍ତି । ଆପଣ ଯଦି ପୁରୀ (ଓଡ଼ିଶା) ଆସନ୍ତେ ତାହାହେଲେ ଆମ ଅନୁଷ୍ଠାନର ଛାତ୍ରମାନେ ଅତ୍ୟନ୍ତ ଉପକୃତ ହୁଅନ୍ତେ । ମୁଁ ଆପଣଙ୍କୁ ବିଶେଷ କିଛି ଦେଇପାରିବିନି । ତଥାପି ଆପଣଙ୍କର ରହିବା ଖାଇବା ବ୍ୟବସ୍ଥା ସହ ମାସକୁ ୬୦୦ ଟଙ୍କା ଲେଖାଏଁ ଦେବି । ବୃଦ୍ଧ ପଣ୍ଡିତ କହିଲେ ମୁଁ ନିଶ୍ଚୟ ଯାଇଥାନ୍ତି । କିନ୍ତୁ ମୋ ଦେହ ଖରାପ ରହୁଥିବା ହେତୁ ମୁଁ ଯାଇ ପାରିବିନି ।

ଫେରିବା ପରେ ନନା କହିଲେ ଏଠି ମୋଟେ ବହି ଛପେଇବାକୁ ମୋର ଇଚ୍ଛା । ତାପରେ ଆମେ ବିଭିନ୍ନ ପ୍ରେସ୍ ବୁଲି ଦେଖିଲୁ ହେଲେ ସେଠିରେ ଦର ଦେଢ଼ଗୁଣ ଦର ହିସ ସମାନ ହେଲା । ନନା କହିଲେ ତାହାହେଲେ ପୁରୀରେ କାହିଁକି ନ ଛପେଇବା । ଦିନେ ଗୋଟେ ପ୍ରେସ୍‌ବାଲା ସହ ପରିଚୟ ହେଲା । ସେ ବହି ଛପେଇବା ପାଇଁ କମ୍ପ୍ୟୁଟର ବସେଇବାରେ ଥାଏ । ମୁଁ ନନାଙ୍କୁ କହିଲି । କମ୍ପ୍ୟୁଟର ଦ୍ୱାରା ବହି ଛପେଇ ହେବ । କିଛି ଅଧିକ ପଇସା ଲାଗିବ । ହେଲେ ବଡ଼ ସୁନ୍ଦର ଭାବରେ ଛପା ହୋଇ ପାରିବ । ନନା ରାଜି ହେଲେ ‘ବିନବକମ୍’’ ବହି ଛପେଇବା ପାଇଁ ପଠେଇଲେ । ସେ କମ୍ପ୍ୟୁଟର ହିନ୍ଦି ସିନା ଜାଣେ ସଂସ୍କୃତ ଶବ୍ଦ କ’ଣ ଜାଣିନାହିଁ । ବହୁତ ଭୁଲ୍ କଲା । ନନା ପୁଣି ପାଟନା ଆସି ୨ ଦିନ ତା ସାଙ୍ଗେ ବସି ସବୁ ସଂଶୋଧନ କଲେ । ଛପା ସରିବା ପରେ ବହିର ଛପା ଦେଖି ନନା ବଡ଼ ପ୍ରସନ୍ନ ହେଲେ ପଚାରିଲେ କେତେ ପଡ଼ିଲା, ମୁଁ କହିଲି ୨୫୦୦ । ନନା କହିଲେ ଏତେ ନେଇଗଲା ସାଧାରଣ ଛପାରେ ତ ୮୦୦ ଲାଗିଥାନ୍ତା । ଆଉ ସେଠି ବହି ଛପେଇବାନି ।

ପାଟନାରେ ଥିବାଯାଏ ପ୍ରତିଦିନ ନନା ଗଙ୍ଗା ସ୍ନାନ କରିବାକୁ ଯାଆନ୍ତି । ସକାଳୁ ବାଡ଼ିରୁ ଦୂବ ତୋଳି ସବୁଦିନ ଗାଧୋଇସାରି ଶୀତରେ ଥରି ଥରି ତର୍ପଣ କରନ୍ତି । ଦୁବ, ଫୁଲ ମନ୍ଦିରରେ ଦେଇ ଫେରନ୍ତି । ଦିନେ ଟୁରିଷ୍ଟ ବସରେ ନାଳନ୍ଦା, ପାବାପୁରୀ ଓ ରାଜଗିର୍ ବୁଲିବାକୁ ଗଲୁ । ନନା କହିଲେ ରାଜଗୃହରୁ ରାଜଗିର୍ ହୋଇଛି । ଜରାସନ୍ଧର ସେଠି ଦୁର୍ଗ ଥିଲା । ପ୍ରକୃତରେ ସେଠି ବଡ଼ ବଡ଼ ପଥର ଦ୍ୱାରା ନିର୍ମିତ ଗୋଟେ ବିରାଟ ବର୍ଗାକାର ଉଚ୍ଚସ୍ଥାନ ରହିଛି । ବୋଧହୁଏ ତାହା କୌଣସି ଦୁର୍ଗର ମୂଳଦୁଆ । ନନା କହିଲେ



ଶ୍ୱଶୁର ଏବଂ ଶାଶୁ
ଶ୍ରୀ ଦବାକର ତ୍ରିପାଠୀ

ଆଦ୍ୟଗୁରୁ ଏବଂ ଗୁରୁପତ୍ନୀ
ପଣ୍ଡିତ ମୃତ୍ୟୁଞ୍ଜୟ ରଥ

This Page is intentionally left Blank

ଜପସନ୍ଧ ଶିବପୂଜା କରୁଥିଲା । ନନାଙ୍କୁ ସେଠି ବସେଇ ମୁଁ ପାହାଡ଼ ଉପରକୁ ଗଲି । ଉପରେ ଗୋଟେ ଶିବ ମନ୍ଦିର ଅଛି । ମନ୍ଦିର ଭଗ୍ନ କେବଳ କେତୋଟି ସ୍ତମ୍ଭ ଅଛି । ଶିବଲିଙ୍ଗ ଗୋଟେ ହେଲେ ମଧ୍ୟ ସୁନ୍ଦର, ପୂଜା ପାଉଛନ୍ତି । ଫେରିବା ବେଳକୁ ଦେଖିଲି ନନା ବ୍ୟସ୍ତହୋଇ ଉପରକୁ ଚଢୁଛନ୍ତି । ମତେ ଦେଖି କହିଲେ ଏତେବେଳଯାଏ କୁଆଡେ ଗଲୁ ? ମୁଁ କହିଲି ଏତେବଡ଼ ପାହାଡ଼ଟା, ମୁଁ ଏକାବେଳକେ ଚଢ଼ି ନ ପାରି ବସି ବସି ଗଲି । ନନା କହିଲେ ହେଉ ଚାଲ । ତା' ପରେ ଫେରିଲୁ ।

ଭୁବନେଶ୍ୱର ଆସିବା ପରେ ଚନ୍ଦ୍ରଶେଖରପୁରରେ ଗୋଟେ ପ୍ଲଟ୍ ଦେଖିଥାଏ । ନନାଙ୍କୁ ନେଇ ସେ ପ୍ଲଟ ଦେଖେଇଲି । ଦେଖିସାରି ନନା ନାପସନ୍ଦ କଲେ । ହେଲେ କହିଲେ ତୋ ଇଚ୍ଛା, ଚନ୍ଦ୍ରଶେଖରପୁରରେ ଖଣ୍ଡେ ଯାଗା କିଣିବାକୁ ଇଚ୍ଛା ଥିବାରୁ ମୁଁ କିଣିବା ପାଇଁ ସ୍ଥିର କଲି । ହେଲେ ରେଜିଷ୍ଟ୍ରେସନ୍ ଦିନ ସେ ଦଲାଲ ଅନ୍ୟଜଣଙ୍କୁ ଯାଗା ଦେଇଦେଲା । ତା' ପରେ ଭୁବନେଶ୍ୱରଠାରୁ କିଛି ଦୂରରେ ଅନ୍ଧାରୁଆଠାରେ ଗୋଟେ ଯାଗା ଦେଖିଲି । ନନାଙ୍କୁ ଆସି ପଚାରିଲି । ନନା କିଛି ସମୟ ଭାବି କହିଲେ କିଣିଦେ । ତା'ପରେ ଆସି ବୁଝିବା ବେଳକୁ ଜାଣିଲି ଯେ ସବୁ ପ୍ଲଟ ବିକି ହୋଇଗଲାଣି । ହେଲେ ଦିନେ ମଧ୍ୟସ୍ଥ ଆସି କହିଲା, କିଣିବେ ଯଦି ସଙ୍ଗେ ସଙ୍ଗେ ଟଙ୍କାଧରି ଆସନ୍ତୁ । ଯାଗା ମିଳିଗଲା । ନନା କିନ୍ତୁ ସେ ଯାଗା ଦେଖିବାକୁ ଆଗ୍ରହ ଦେଖେଇଲେ ନାହିଁ । ନନା କହିଲେ ଯାଗାରୁ କ'ଣ ମିଳିବ ହାଉସିଂ ବୋର୍ଡ଼ର ଘରପାଇଁ ପକା । ନନାଙ୍କର ଭଣଜା ଶ୍ରୀ ସୋମନାଥ ମିଶ୍ର ହାଉସିଂ ବୋର୍ଡ଼ର ଚିଫ୍ ଇଞ୍ଜିନିୟର୍ ଥାଆନ୍ତି । ସେ ନନାଙ୍କୁ ହାଉସିଂ ବୋର୍ଡ଼ ଘର ବିଷୟରେ କହିଥାନ୍ତି । ନନାଙ୍କ କହିବା ଅନୁସାରେ ଘରପାଇଁ ଦରଖାସ୍ତ ଦେଲି ।

କକେଇଙ୍କର ଦୁଇପୁଅ ଦେବୁ, ଗଉଙ୍କର ବ୍ରତଘର ୧୯୯୩ ଜାନୁୟାରି ୨୮ ତାରିଖକୁ ଠିକ୍ ହେଲା । ସେତେବେଳକୁ ନନା ଦେହ ଖରାପରୁ ଉଠିଥାନ୍ତି । ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥାନ୍ତି । କକେଇ ନନାଙ୍କୁ ବ୍ରତ କରିବାକୁ କହିଲେ । ନନା ରାଜି ହେଲେ । କିନ୍ତୁ ଡାକ୍ତରମାନେ ଅଧିକ ପରିଶ୍ରମ ନ କରିବା ପାଇଁ କହିଥାନ୍ତି । ଆମେ ସମସ୍ତେ ନନାଙ୍କୁ ବୁଝାଇଲୁ । କାରଣ ଦିନସାରା ଉପବାସ ରହି ବ୍ରତ କରିବାକୁ ହେବ ।

ହେଲେ ନନା ଶୁଣିଲେ ନାହିଁ । କହିଲେ କ'ଣ ହେବ କହିହେବନି । ନନା ବ୍ରତ କଲେ ।

ନନାଙ୍କର ନିଜ ସୁବିଧା ଅସୁବିଧା ପ୍ରତି କେତେବେଳେ ଖାତିର ନଥିଲା । ସବୁବେଳେ ନିଜ କାମରେ ଲାଗିଥିଲେ । ତାଙ୍କୁ ଜଣେ କର୍ମଯୋଗୀ କହିବା ଅନୁଚିତ ହେବନାହିଁ । ବର୍ଷା ହେଉ ଶୀତ ହେଉ ପ୍ରତିଦିନ ମନ୍ଦିରକୁ ଯାଉଥିଲେ । ଭୁବନେଶ୍ୱର ଆସିବାବେଳେ ସମସ୍ତଙ୍କ ଘରେ ଟିକେ ମୁହଁ ମାରି ଚାଲିଯାଉଥିଲେ । ଯେତେ କହିଲେବି ୨/୪ଦିନ କେବେ ରହିନାହାନ୍ତି । ରାତି ୩ଟାରୁ ଉଠି ବହିପତ୍ରରେ ଲାଗିଯିବେ । ଏତେବଡ ପଣ୍ଡିତ ହେଲେ କ'ଣ ତାଙ୍କ ମନରେ କେବେ ଗର୍ବ ବା ଅହଂକାର ନଥିଲା । ପଣ୍ଡିତମାନେ ପ୍ରାୟତଃ ଅନ୍ୟମାନଙ୍କର ନିନ୍ଦା କରନ୍ତି । ନନା କେବେ କାହାର ନିନ୍ଦା କରୁନଥିଲେ । ନନାଙ୍କ ସାମନାରେ କେହି କାହାର ନିନ୍ଦା କଲେ ନନା ସେଥିରେ ଭାଗ ନେଉନଥିଲେ ।

ନନାଙ୍କର କେବେ ଭଲ ପିନ୍ଧିବା ବା ଭଲ ଖାଇବାର ଆଗ୍ରହ ନଥିଲା । ପେଟ ଦୋଷ ଥିବାରୁ ନନା ପଥ୍ୟାପଥ୍ୟ ଜାଣି ଚଳନ୍ତି ଓ କଣ୍ଟିକରି ଖାଆନ୍ତି । ଅନେକ ସମୟରେ ନନାଙ୍କର ପେଟ ଖରାପ ହୁଏ । ହେଲେ କେବେ ସେଥିପାଇଁ ବା ଅନ୍ୟ ରୋଗ ପାଇଁ ଅଫିସ୍ ବନ୍ଦ କରିଥିବା ମୋର ମନେ ନାହିଁ । ନନାଙ୍କର ଫୁଲ ଗଛରେ ଭାରି ଶରଧା । ବାଡ଼ିପଟେ ଗୋଟେ କରବୀର ଗଛ ଓ ଗୋଟେ ଟଗର ଗଛ ଲଗେଇଥିଲେ କରବୀର ଗଛରେ ବହୁତ ଫୁଲଫୁଟେ । କରବୀର ଗଛ ପରେ ଏକ ଟଗର ଗଛ ବଢ଼ି ପୁରା ଜାଗାରେ ବ୍ୟାପିବାରୁ ଅନେକ ଫୁଲ ଫୁଟେ । ସକାଳୁ ଉଠି ନନା ସେସବୁ ତୋଳନ୍ତି । ସନ୍ଧ୍ୟାବେଳେ ପ୍ରତିଦିନ ନନା ଫୁଲ ନେଇ ମନ୍ଦିରକୁ ଯାଆନ୍ତି । ୧୯୯୦ ଫେବୃୟାରୀ ୧୩ ତାରିଖ ଦିନ ସକାଳୁ ଫୁଲ ତୋଳିବା ସମୟରେହିଁ ନନାଙ୍କର ମୁଣ୍ଡ ବୁଲେଇଲା । ଘରକୁ ଚାଲିଆସି ବସିପଡିଲେ ଏବଂ ସେହିଦିନଠୁ ଶଯ୍ୟାଶାୟୀ ହେଲେ । ଏବଂ ୧୯ ତାରିଖ ଦିନ ଇହଲୀଳା ସମ୍ବରଣ କଲେ ।

କେତେବେଳେ କାହାର ମୃତ୍ୟୁ ସମ୍ବାଦ ଆସିଲେ ଆଲୋଚନା ପଡେ । କିଏ କହେ ଆଗରୁ ଡାକ୍ତରଖାନା ନେଇଥିଲେ ଭଲ ହୋଇଥାନ୍ତା । କିଏ କହେ ଦେହକୁ ଜଗିଥିଲେ ଭଲ ହୋଇଥାନ୍ତା । ନନା କହନ୍ତି "ନାହିଁରେ ପୁଅ କାଳ

ଆସିଲେ କେହି ରଖିପାରିବେନି ।" ବାରମ୍ବାର କହନ୍ତି ମୋତେ ଡାକ୍ତରଖାନା ନେବନାହିଁ । ନନା ରୋଗୀ ହୋଇ ଖଟରେ ଶୋଇବାକୁ ଚାହୁଁ ନଥିଲେ । ଏତେ ଦେହ ଖରାପରେ ମଧ୍ୟ ସେ ଉଠି ବସି ପଡୁଥିଲେ । ଦେଖିବାକୁ ଗଲେ ସେ ଦିନେ ବି "ଶଯ୍ୟାଶାୟୀ" ହୋଇନାହାନ୍ତି । ଶେଷଦିନ ମଧ୍ୟ ସେ ଚାଲବୁଲ କରୁଥିଲେ ଏବଂ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ 'ନାରାୟଣ' 'ନାରାୟଣ' ଜପ କରୁଥିଲେ ।

ନନାଙ୍କଠାରୁ ମୋର ବହୁତ କିଛି ଶିଖିବାର ଥିଲା । ପୂଜା ପାଠ ଆଦି ମୁଁ କିଛି ଶିଖି ପାରିନଥିଲି । ପଢିବା ସମୟରେ ତ ପାଠ ପଢାରେ ଗଲା । ଚାକିରି ପୁଣି ଦୂରରେ ହେଲା । ଓଡିଶାକୁ ଆସିବାପରେ କିଛିଦିନ ନନାଙ୍କ ପାଖେ ରହି ପୂଜାପାଠ ଶିଖିବି ବୋଲି ଭାବିଥିଲି । ହେଲେ ତାହା ଭାବନାରେ ହିଁ ରହିଗଲା । ଯାହାକିଛି କରିବା ଆଗରୁ ମୁଁ ନନାଙ୍କ ସହିତ ପରାମର୍ଶ କରୁଥିଲି । ସେ ସୁଯୋଗ ଆଉ ମିଳିବ ନାହିଁ । ନନାଥିବା ବେଳେ କୌଣସିଥିରେ ଆମକୁ ମୁଣ୍ଡଖେଳେଇବାକୁ ଦେଇନାହାନ୍ତି । ଶେଷପର୍ଯ୍ୟନ୍ତ ଆମେ ତାଙ୍କ ପାଖରେ ସାନପିଲା ହୋଇ ରହିଗଲୁ । ହେଲେ ଆମ ପ୍ରତି ତାଙ୍କର ସ୍ନେହ ଓ ଆଶୀର୍ବାଦ ଅକଳନୀୟ ଥିଲା । ଆଜି ତାଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି, ତାଙ୍କ ଆତ୍ମାର ସଦ୍‌ଗତି ହେଉ ।

ହାବେଲିଗଳି, ପୁରୀ

—o—

ବହୁତ କଥା ରହିଗଲା

ଶ୍ରୀ ବଂଶୀଧର ରଥ

ପିଲାଦିନୁ ପଣ୍ଡିତଙ୍କୁ ଚିହ୍ନେ । ସେତେବେଳେ ମୁଁ ଶ୍ରୀପ୍ରିଣ୍ଟର୍ସରେ କାମ କରୁଥାଏ । ପ୍ରେସ କିଛି ନ ଥାଏ । ପଣ୍ଡିତେ ସଂସ୍କୃତ କଲେଜକୁ ଯିବା ବାଟରେ ସେଠାକୁ ଆସନ୍ତି । ବହି ଛପା କାମ ଦେଖନ୍ତି । ସବୁବେଳେ ଦେଖି ଦେଖି ବହିଟିଏ ଛାପିବାକୁ ହେଲେ । ପରେ କହିଲେ ନାଗରୀ ଅକ୍ଷରରେ ଛାପିଲେ ଭଲ ହୁଅନ୍ତା । ସେଇ ଦିନଠୁ ନାଗରୀ ଅକ୍ଷରରେ ପ୍ରେସଟିଏ କରିବାକୁ ମନ ବଳାଇଲି । ତାଙ୍କର ବହି ଛପା କାମ ଆରମ୍ଭ କରି ତାଙ୍କ ଶେଷ ଜୀବନରେ ମଧ୍ୟ ତାଙ୍କର ଶେଷ ବହି ଛାପିଲି ।

ପଣ୍ଡିତେ ପ୍ରେସକୁ ଆସନ୍ତି । ଜଣେ ଗ୍ରାହକ ମନ ନେଇ ନୁହେଁ । ମୁଁ ବି ତାଙ୍କୁ କେବେ ଗ୍ରାହକ ବୋଲି ଭାବିନାହିଁ କି ସେ ମୋତେ ବ୍ୟବସାୟୀ ବୋଲି ଭାବି ନାହାନ୍ତି । ତାଙ୍କ ଦ୍ୱାରା ମୋର ବି କିଛି ସଂସ୍କୃତ ସେବା ହେଉଛି ବୋଲି ଭାବୁଛି । ତା ଭିତରେ ପଣ୍ଡିତଙ୍କ ନିକଟରେ ନାନା ସନ୍ଦେହ ଫେଡ଼ୁଛି । ଦିଅଁ ଦେଖା କଦଳୀବିକା ନ୍ୟାୟରେ ତାଙ୍କଠୁ ଶୁଣିଛି ଅନେକ କଥା ଶାସ୍ତ୍ରର ବୁଝିଛି । ହେଲେ ଆଜି କାହାକୁ ପଚାରିବି ? ସମସ୍ତେ ଚାଲୁଛନ୍ତି । କାମରେ ସିନା କିଏ ଲଗେଇଲେ ସଂଶୟ ଫେଡ଼ିବେ । ପଣ୍ଡିତେ ଚାଲିଗଲେ । ବହୁତ କଥା ରହିଗଲା..................... ।

ନାରାୟଣ ପ୍ରେସ, ପୁରୀ

—o—

ଅନୁଭୂତିରୁ କିଛି

ଡକ୍ଟର ଲଡୁକେଶ୍ୱର ଶତପଥୀ

ପଣ୍ଡିତ ମହାଶୟଙ୍କ ସହ ମୋର ପ୍ରଥମ ପରିଚୟ ହୁଏ ଲେଖାରେ, ଦେଖାରେ ନୁହେଁ । ସନ ୧୯୪୭ର କଥା । ବ୍ରହ୍ମପୁରରେ ଦକ୍ଷିଣ ଓଡ଼ିଶା ପଣ୍ଡିତସମ୍ମେଳନର ଏକ ଅଧିବେଶନ ହେବାର ଥାଏ । ସେହି ଉଦ୍ଦେଶ୍ୟରେ ଉତ୍କଳୀୟ ବିଦ୍ୱାନ୍‌ମାନଙ୍କଠାରୁ 'ସଂସ୍କୃତ ରାଷ୍ଟ୍ରଭାଷା ହେବାପାଇଁ ଯୋଗ୍ୟତା' ବିଷୟରେ ପ୍ରତିଯୋଗିତା ମୂଳକ ସଂସ୍କୃତ ପ୍ରବନ୍ଧ ମଗାଯାଇଥାଏ । ପଣ୍ଡିତ ମିଶ୍ର ଗୋଟିଏ ପ୍ରବନ୍ଧ ପଠାଇ ଥାନ୍ତି । ମୁଁ ସେତିକି ବେଳକୁ ବ୍ରହ୍ମପୁରସ୍ଥ ତତ୍କାଳୀନ ସମାଧୀନ ସଂସ୍କୃତ ଟୋଲର ଜଣେ ପଣ୍ଡିତ । ପ୍ରବନ୍ଧଟି ପଣ୍ଡିତଙ୍କ ଲେଖାଶୈଳୀ, ଭାଷା, ବିଷୟବସ୍ତୁ ଓ ଯୁକ୍ତିରେ ବେଶ୍ ପ୍ରଭାବଶାଳୀ ହୋଇଥିବାରୁ ତାଙ୍କ ପ୍ରବନ୍ଧଟି ପୁରସ୍କୃତ ହୋଇଥିଲା ।

ତାପରେ ପୁରୀରେ ଅନେକ ଥର ପଣ୍ଡିତ ମହାଶୟଙ୍କୁ ଦେଖିଛି । ତାଙ୍କର ସୌଜନ୍ୟ ସମଦର୍ଶିତା ଏବଂ ଗୁଣଗ୍ରାହିତା ପ୍ରଭୃତି ମୋତେ ମୁଗ୍ଧ କରିଛି । ଦୈବଯୋଗକୁ ଆମେ ଦୁହେଁ ପୁରୀର ତତ୍କାଳୀନ ସଦାଶିବ ସଂସ୍କୃତ କଲେଜର ଅଧ୍ୟାପକ ହେଲୁ । କିଛି ବର୍ଷ ପରେ ମୁଁ ପୁରୀର ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ସଂଯୋଜକ ଥିବାବେଳେ ପଣ୍ଡିତ ମିଶ୍ର ସେଠାରେ ଧର୍ମଶାସ୍ତ୍ର ବିଭାଗର ଅତିଥି ଅଧ୍ୟାପକ ଓ ବିଭାଗ ମୁଖ୍ୟ ଭାବରେ ଯୋଗଦେଲେ । ଅନେକଥର ନିମନ୍ତ୍ରଣ ପାଇ ଆମେ ଦୁହେଁ ଓଡ଼ିଶାରୁ

ଅଖିଳ ଭାରତୀୟ ପ୍ରାଚ୍ୟବିଦ୍ୟା ପ୍ରତିଷ୍ଠାନର ପଣ୍ଡିତ ପରିଷଦରେ ଯୋଗଦେଇଛନ୍ତି । ଏପରି ଭାବରେ ଆମେ ନିକଟ ସଂପର୍କରେ ରହି ପରସ୍ପରର ଆଗ୍ରହ-ବିଗ୍ରହ ସହ ସୁପରିଚିତ ହୋଇଛୁ । ଅନେକ ସଦାଳାପରେ ଆମର ସମୟ ବିତିଯାଇଛି । ଓଡ଼ିଶାରେ ପଣ୍ଡିତ ସମାଜର ସ୍ଥିତି, ଶବ୍ଦମାଧୁରୀ, ସାହିତ୍ୟ ଓ ବେଦ ଚର୍ଚ୍ଚା ଆମ କଥୋପକଥନର ବିଷୟବସ୍ତୁ ହୋଇଥାଏ । ସମୟ ସମୟରେ ଗବେଷଣାରତ ଛାତ୍ରଙ୍କର ଶାସ୍ତ୍ରୀୟ ସମସ୍ୟା ଉପରେ ତର୍କ ବିତର୍କ ହେଉଥାଏ । ସେଥିରେ ପରଚର୍ଚ୍ଚା ପ୍ରଭୃତି ବାହ୍ୟ ବିଷୟର ଆଦୌ ସ୍ଥାନ ନଥାଏ ।

ଥରେ ଓଡ଼ିଶାରେ ବୈଦିକ ସ୍ୱର ବିଷୟରେ ଜାଣିଥିବା ଲୋକ ନାହାନ୍ତି ବୋଲି କହି ପଣ୍ଡିତେ ଦୁଃଖ ପ୍ରକାଶ କରୁଥାନ୍ତି । ମୁଁ ଏ ଦିଗରେ କିଛି ସାଧନା କରିଛି ବୋଲି କହିବାରୁ ପଣ୍ଡିତେ ସାୟଣଭାଷ୍ୟ ସଂବଳିତ ସସ୍ୱର ଋଗ୍‌ବେଦ ମଗାଇ ଗୋଟିଏ ମନ୍ତ୍ର ଡାକିଦେଲେ ଓ ମତେ ସ୍ୱରାଙ୍କନ କରିବାକୁ ଅନୁରୋଧ କଲେ । ମୁଁ ସ୍ୱରାଙ୍କନ କଲି । ତାହା ପୁସ୍ତକର ସ୍ୱରାଙ୍କନ ସହିତ ସମାନ ହେଲା । ପଣ୍ଡିତେ ସେଦିନ ଭାବବିହ୍ୱଳିତ ହୋଇ ପଡ଼ିଲେ । ସେଦିନଠାରୁ ବେଦର ପ୍ରସଙ୍ଗ ଆସିଲେ ମୋତେ ମନେପକାନ୍ତି ।

ସେ ସଂସ୍କୃତକୁ ଭାଷଣର ମାଧ୍ୟମ କରିବାକୁ ଅଧିକ ପସନ୍ଦ କରନ୍ତି । ମୁଁ ସାମନ୍ତ ଚନ୍ଦ୍ରଶେଖର କଲେଜରେ ରିଡର୍ ଥିବାବେଳେ ଆମ ଅନୁରୋଧ ରକ୍ଷାକରି ପଣ୍ଡିତ ମହାଶୟ ଅନେକ ଥର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇଛନ୍ତି ଓ ଅଧ୍ୟାପକମାନଙ୍କୁ ଆପ୍ୟାୟିତ କରି ଅଛନ୍ତି । ତାଙ୍କ ଗ୍ରନ୍ଥ ପ୍ରକାଶନ ଧାରା ଶେଷ ସମୟରେ ମଧ୍ୟ ବ୍ୟାହତ ହୋଇ ନ ଥିଲା । ଦିନେ ମୋ ସଂସ୍କୃତ କବିତାର କେତୋଟି ନମୁନା ସେ ମୋଠାରୁ ନେଲେ, ବୁଝୁ ବୁଝୁ ଜଣାଗଲା ଯେ, ଭାରତର ପ୍ରାଚୀନ ଓ ବର୍ତ୍ତମାନର ସଂସ୍କୃତ କବିଙ୍କର କବିତା ନେଇ ଗୋଟିଏ ସଂଗ୍ରହ ଗ୍ରନ୍ଥ ପଣ୍ଡିତ ମହାଶୟ ନିଜ ବ୍ୟୟରେ ଛାପିବାକୁ ଯାଉଛନ୍ତି । ଏଥିରୁ ତାଙ୍କର ଦେଶ ଓ ସଂସ୍କୃତ ପ୍ରତି ଗଭୀର ଅନୁରାଗ ପ୍ରକାଶିତ ହୁଏ । ଜୀବନର ଅନ୍ତିମ ଦିବସରେ ମଧ୍ୟ ସେ ଉକ୍ତ ଗ୍ରନ୍ଥର ପ୍ରୁଫ୍ ସଂଶୋଧନ କରିଥିବା କଥା ଶୁଣିବାକୁ ମିଳିଲା । ଦିବ୍ୟଲୋକରୁ ଉତ୍କଳୀୟ ସଂସ୍କୃତ ପରିବାର ପ୍ରତି ସବୁବେଳେ ତାଙ୍କର ଶୁଭଦୃଷ୍ଟି ରହିଥାଉ । ଆଜି ତାଙ୍କର ଶ୍ରାଦ୍ଧ ଦିବସରେ ଏହା ହିଁ ସନିର୍ବନ୍ଧ ନିବେଦନ ।

—o—

ଏକ ଗୁଣାରୂଢ ବ୍ୟକ୍ତିତ୍ୱ

ଡ଼କ୍ଟର ଭି ପି ହିମାଂଶୁ

ରାଷ୍ଟ୍ରପତି ସମ୍ମାନ ପାଇସାରିଲା ପରେ ମିଶ୍ର ମହାଶୟଙ୍କ ସହ ଥରେ ଦେଖାହେଲା । ସେ କହିଲେ ଆପଣ ମାନଙ୍କର ସଦ୍‌ଭାବ ଯୋଗୁ ମୁଁ ଏ ସମ୍ମାନ ପାଇଛି । ମୁଁ କହିଲି ମୋର ତ ଏଥିରେ କିଛି ଯୋଗଦାନ ନାହିଁ । ସେ କହିଲେ ଏତେ ବଡ଼ ସମ୍ମାନ ପାଇଁ ସମସ୍ତଙ୍କର ସହଯୋଗ ଏବଂ ସଦ୍‌ଭାବ ଦରକାର ।

ତାଙ୍କର ମୃତ୍ୟୁ ପୂର୍ବରୁ ଦିନେ ମୁଁ କଲେଜରୁ ଫେରୁଥିଲି । ମୋତେ ସେ ଦେଖି କହିଲେ 'ଆପଣ ଗୋଟିଏ ନିଜ ଲେଖା ପଦ୍ୟ ଦିଅନ୍ତୁ" । ମୁ କହିଲି ଦେବି । ଆଠ ଦିନ ପରେ ମୃତ୍ୟୁ ପୂର୍ବରୁ ସେ ପୁଣି ଦେଖା ହେଲେ-'ହିମାଂଶୁ ବାବୁ ! କବିତା ଦେଲେ ନାହିଁ" । ପୂର୍ବ ଲେଖାକୁ ମନେ ପକାଇ ପଣ୍ଡିତ ମହାଶୟଙ୍କୁ ଦେଲି । ସେ ଲେଖାକୁ ସଂଶୋଧନ କରି ରଖିଲେ ତା' ପରେ ଆଉ ଦେଖା ହୋଇନି । ଆନନ୍ଦ ବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ'ର ଓଡ଼ିଆ ଅନୁବାଦ ପଣ୍ଡିତ ମହାଶୟ କରିଛନ୍ତି । ସେ କହିଲେ "ଏହାକୁ ପଢନ୍ତୁ ।" ଏହା ଭିତରେ ଯେଉଁ ଗୁଣ ଦୋଷ ଥିବ ତାହା ମୋତେ ଜଣାଇବେ । ତାଙ୍କର ଏପରି ନିଃସଙ୍କୋଚ ବିଦ୍ୟାପ୍ରେମ ଅନୁକରଣୀୟ ।

"ଯଃ କୌମାର ହରଃ......" କାବ୍ୟ ପ୍ରକାଶର ଏହି ଶ୍ଳୋକଟିରେ ଅଲଙ୍କାରିକମାନେ ଶୃଙ୍ଗାରରସ ମାନୁଛନ୍ତି । କିନ୍ତୁ ମିଶ୍ର ମହାଶୟଙ୍କ ମତରେ ଏଠାରେ ଦୈବପ୍ରୀତି ଆସ୍ୱାଦ୍ୟ । ଆଖୁର ମୂଳଭାଗ ବେଶୀ ମିଠା । ତା ପରେ ମଧ୍ୟଭାଗ ତା'ଠାରୁ କମ୍ ମିଠା । ତା' ଠାରୁ ଶେଷଭାଗ ବହୁତ କମ୍ ମିଠା । ଏହି ଭଳି ଉତ୍ତମ କାବ୍ୟ, ମଧ୍ୟମ କାବ୍ୟ ଓ ଶବକାବ୍ୟର ମାଧୁର୍ଯ୍ୟ ବିବେଚନାଯୋଗ୍ୟ ।

କବିମାନଙ୍କ ମଧ୍ୟରେ କାଳିଦାସଙ୍କୁ ସେ ଗୁରୁତ୍ୱ ଦେଉଥିଲେ । କୁମାର ସମ୍ଭବ ଓ ଶିଶୁପାଳ ବଧର ଗୋଟିଏ ଗୋଟିଏ ପଦ୍ୟ ଉଦ୍ଧାର କରି ସେ ତୁଳନା କରି କହନ୍ତି ·ଦେଖନ୍ତୁ କାଳିଦାସଙ୍କ ପଦ୍ୟ କେତେ ଦୂର ମାଘଙ୍କ ପଦ୍ୟ ଅପେକ୍ଷା ଠିକ୍ ? ଆପଣ ବିଚାର କରନ୍ତୁ । ସେ ପଦ୍ୟ ଦୁଇଟି ଯଥା—

କୁବେର ଗୁପ୍ତାଂ ଦିଶମୁଷ୍ଣରଶ୍ମୌ ଗନ୍ତୁଂ ପ୍ରବୃତ୍ତେ ସମୟଂ ବିଲଙ୍ଘ୍ୟ
ଦିଗ୍‌ଦକ୍ଷିଣା ଗନ୍ଧବହଂ ମୁଖେନ ବ୍ୟଲୀକନିଃଶ୍ୱାସ ମିବୋତ୍ସ ସର୍ଜ ସଃ ॥

କୁ.ସ. ୩-୨୫

କୁବେର ଦଗ୍‌ଭ୍ରଗମପାସ୍ୟ ମାର୍ଗମାଗସ୍ତ୍ୟମୁଷ୍ଣାଂଶୁରବାବର୍ତ୍ତିଃ ।
ଅପେତଯୁଦ୍ଧାଭିନବେଶସୌମ୍ୟୋ ହରହରିପ୍ରସ୍ଥମଥପ୍ରତସ୍ଥେ ॥ ଶିଶୁ ୩-୭

ତୁଳନା କରି ସାରିଲା ପରେ ସେ କହିଲେ : ଆପଣ ଗୋଟିଏ କାମ କରନ୍ତୁ । କାଳିଦାସଙ୍କର ତିନୋଟି କାବ୍ୟ, ଭାରବୀ, ମାଘ ଓ ଶ୍ରୀହର୍ଷଙ୍କ ମଧ୍ୟରେ ସମାଲୋଚନାତ୍ମକ ଅଧ୍ୟୟନ ପ୍ରସ୍ତୁତ କରନ୍ତୁ । ପନ୍ଦର ଦିନ ପରେ ମାସକ ପରେ ସେ ପଚାରନ୍ତି କେତେ ଦୂର କାମ ହୋଇଛି । ମୁଁ ମଝିରେ ମଝିରେ ରଘୁବଂଶର ପ୍ରଭାତ ବର୍ଣ୍ଣନା, ମାଘ ଓ ନୈଷଧର ପ୍ରଭାତ ବର୍ଣ୍ଣନା ତାଙ୍କ ସମକ୍ଷରେ ଉପସ୍ଥାପନ କରେ । ସେଥିରୁ ରଘୁ ବଂଶର ବର୍ଣ୍ଣନାକୁ ସେ ଅଧିକ ପସନ୍ଦ କଲେ । ବସନ୍ତ ତିଲକ ବୃତ୍ତରେ ଲେଖା ଯାଇଥିବାରୁ ସେ ସେହି ବୃତ୍ତର ଅତି ପ୍ରଶଂସା କଲେ । ଥରେ ମୁଁ ପଚାରିଲି-ଆଜ୍ଞା ! ରଘୁବଂଶରେ ଦିଲୀପ ବ୍ରହ୍ମାଙ୍କ ଉପାସନା କରି ବଶିଷ୍ଠ ଆଶ୍ରମକୁ ଯାଇଛନ୍ତି । କୁମାର ସମ୍ଭବରେ କାଳିଦାସ ଶୈବ । ତେଣୁ ଶିବଙ୍କୁ ନମସ୍କାର କରି ଦିଲୀପଙ୍କର ବନକୁ ଯିବା ଉଚିତ ଥିଲା । ସୁତରାଂ କୁମାର ସମ୍ଭବର କାଳିଦାସଙ୍କ ଠାରୁ ରଘୁବଂଶର କାଳିଦାସ ଭିନ୍ନ । ସେ କହିଲେ ଏ ସବୁ ବିଷୟ ମୁଁ All India Oriental Conference ରେ ଉତ୍ଥାପିତ କରିବି ଯେ ଭାରତ ବର୍ଷରେ ବ୍ରହ୍ମାଙ୍କର ପୂଜା କେଉଁ ପ୍ରାନ୍ତରେ ହେଉଅଛି । ଏବଂ ବ୍ରହ୍ମାଙ୍କୁ ଦିଲୀପ ନମସ୍କାର କରିବାର ଯୁକ୍ତି କ'ଣ ?

ଥରେ ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ଡ଼କ୍ଟର ଜୟଦେବ ଗାଙ୍ଗୁଲି ଶାସ୍ତ୍ରୀ ଅଧ୍ୟକ୍ଷ ଥିବା ସମୟରେ ଅଧ୍ୟାପକ ମାନଙ୍କ ମଧ୍ୟରେ ମିଉଜିକ ଚେୟାର ଖେଳ ହୋଇଥିଲା । ସେଥିରେ ପଣ୍ଡିତ ମହାଶୟ ଅତି ଆଗ୍ରହର ସହିତ ଖେଳିଥିଲେ । ଖେଳ ସମୟରେ ମୁଁ ତାଙ୍କ ପଛରେ ଥାଏ । ଏତିକବେଳେ ସେ ଆଗୁଆ ଯାଇ ଚେୟାରଟିରେ ବସି ପଡିଲେ ଏବଂ ପ୍ରତିଯୋଗିତାରେ ପ୍ରଥମ ହେଲେ । ସେଥିପାଇଁ ଗୋଟିଏ ପ୍ୟାକେଟ ଚକୋଲେଟ୍ ସେ ପୁରସ୍କାର ପାଇଥିଲେ । ପରେ ପିଲା ମାନଙ୍କ ମଧ୍ୟରେ ବାଣ୍ଟିଦେଲେ ।

ପଣ୍ଡିତ ମହାଶୟ ଏତାଦୃଶ କେତେଗୁଡ଼ିଏ ଗୁଣରେ ଭୂଷିତ ହୋଇ ନିଜର ବୈଲକ୍ଷଣ୍ୟ ଫୁଟାଇଥିଲେ ।

ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ, ପୁରୀ

—୦—

ସ୍ୱର୍ଗତ ପଣ୍ଡିତ କୁଳମଣି ମିଶ୍ର – ଏକ ଶ୍ରଦ୍ଧାଞ୍ଜଳି

ଗୌରାଙ୍ଗ ଚରଣ ନାୟକ

"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ" ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ । ମରଣଶୀଳ ପ୍ରାଣୀର ମୃତ୍ୟୁ ଏତେ ସହଜ ତଥା ସ୍ୱାଭାବିକ ଯେ, ଏ ସଂପର୍କରେ ଅନୁଶୋଚନାର ଅବକାଶ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ସେଥିଲାଗି ଅର୍ଜ୍ଜୁନଙ୍କୁ ତାଗିଦ୍ କରି ଦେଇଥିଲେ – "ଅଶୋଚ୍ୟା ନ ନ୍ୱ ଶୋଚସ୍ତ୍ୱଂ" ଅର୍ଥାତ୍ ହେ ଅର୍ଜ୍ଜୁନ ଯେଉଁମାନଙ୍କ ଲାଗି ଅନୁଶୋଚନା କରିବା କଥା ନୁହେଁ, ତୁମେ ସେଇମାନଙ୍କ ଲାଗି ବୃଥାରେ ଅନୁଶୋଚନା କରୁଛ । ମହାକବି କାଳିଦାସଙ୍କ 'ରଘୁବଂଶ'ରେ ଇନ୍ଦୁମତୀ ବିୟୋଗରେ ଅଜଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ଯେଉଁ ଉପଦେଶ ଦିଆ ଯାଇଅଛି, ତାହା ଏହିଭଳି "ମରଣଂ ପ୍ରକୃତିଃ ଶରୀରିଣାଂ ବିକୃତିଃ ଜୀବିତ ମୁଚ୍ୟତେ ବୁଧୈଃ" ଅର୍ଥାତ୍ ଦେହଧାରୀ ମାନେ ହିଁ ମୃତ୍ୟୁବରଣ କରନ୍ତି, ଏହା ତାଙ୍କର ସ୍ୱଭାବ ।

ମାତ୍ର ଏସବୁ ସତ୍ତ୍ୱେ ଆମର ଧୈର୍ଯ୍ୟଚ୍ୟୁତି ଘଟେ ଏବଂ ପ୍ରିୟଜନ ବିୟୋଗ ଆମଲାଗି ନିଦାରୁଣ ତଥା ଅସହ୍ୟ ହୋଇପଡ଼େ । ମୃତ୍ୟୁ ଯେତିକି ସତ୍ୟ ପ୍ରିୟଜନ ବିୟୋଗ ଆମଲାଗି ଦୁର୍ବିସହ ହେବା ମଧ୍ୟ ଠିକ୍ ସେଇଭଳି ସତ୍ୟ, କାରଣ ରକ୍ତମାଂସ ଦେହ ଧାରଣ କରି ମଣିଷ ତା ପ୍ରିୟଜନର ଚିର ଅଦର୍ଶନ ଭଳି ନିଷ୍ଠୁର ତଥା ଅପ୍ରିୟ ସତ୍ୟକୁ ସହଜରେ ମାନିନେଇ ପାରେ ନାହିଁ । ଏଣୁ ମଣିଷ ଶୋକାକୁଳ ହୁଏ । ପୁଣି ଏହା ସଂସାରରେ ଏକ ନିତିଦିନିଆ ଘଟଣା ବୋଲି ଅଳ୍ପ ବହୁତେ ଜାଣି ମଧ୍ୟ ସେତେବେଳେ ବ୍ୟକ୍ତିବିଶେଷଙ୍କ ଜୀବନ କାଳରେ ଏହା ଘଟେ, ଅର୍ଥାତ୍ ଯେତେବେଳେ ପ୍ରିୟଜନ ବିୟୋଗ ହୁଏ, ସେତେବେଳର ନିଦାରୁଣ ଯନ୍ତ୍ରଣା ଉକ୍ତ ବ୍ୟକ୍ତି ବିଶେଷଙ୍କୁ ହିଁ ଭୋଗକରିବାକୁ ପଡ଼ିଥାଏ । ନିବିଡ଼ ସଂପର୍କ ନଥିବା ସ୍ଥଳେ ଏଥିରେ ବାହାର ଦୁନିଆଁର ବିଶେଷ କିଛି ଯାଏ ଆସେ ନାହିଁ । ଭାଗ୍ୟର ବିଡ଼ମ୍ବନାରେ ପ୍ରତ୍ୟେକଥର ସତେ ଯେପରି ନୂଆ କରି ଏହି ପ୍ରିୟଜନ-ବିୟୋଗ ଭୋଗିବାକୁ ପଡ଼େ ହୃଦୟ ବାରମ୍ବାର ବିଦୀର୍ଣ୍ଣ ହୁଏ ।

ଏହି ପରିପ୍ରେକ୍ଷୀରେ ବିଚାରିଲେ, ପଣ୍ଡିତ କୁଳମଣି ମିଶ୍ରଙ୍କର ଦେହାନ୍ତ ମୋ ଲାଗି ଥିଲା ସେଇଭଳି ଏକ ପ୍ରିୟଜନ ବିୟୋଗ । ରାଷ୍ଟ୍ରପତି

ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଭଗବତ ଦୟାଲ ଶର୍ମାଙ୍କୁ
ଅଭ୍ୟର୍ଥନା ଜଣାଉଥିବା ସମୟରେ

ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ସହିତ

ସମ୍ମାନ ପ୍ରାପ୍ତ ଜଣେ ବରିଷ୍ଠ ପଣ୍ଡିତ, ଜ୍ଞାନୀ, ଗୁଣୀ, ଛାତ୍ରବତ୍ସଳ ଅଧ୍ୟାପକ ଉଚ୍ଚକୋଟୀର ଗବେଷକ, କବି, ଲେଖକ ଏପରି କେତେ କ'ଣ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସେ । ଏ ସମ୍ପର୍କରେ ଦ୍ୱିମତର ଅବକାଶ ନାହିଁ । ମାତ୍ର ମୋ ଲାଗି ସବୁଠୁ ବଡ଼ କଥା ହେଲା, ସେ ସ୍ୱଳ୍ପକାଳ ମଧ୍ୟରେ ତାଙ୍କର ଅସାଧାରଣ କର୍ତ୍ତବ୍ୟନିଷ୍ଠା ତଥା ହୃଦୟର ଅନାବିଳ ସ୍ନେହ ବନ୍ଧନରେ ମତେ ବାନ୍ଧି ପକାଇ ଥିଲେ । ଏଭଳି ଜଣେ ମହାନ୍ ବ୍ୟକ୍ତିଙ୍କ ସଙ୍ଗେ ସ୍ୱଳ୍ପକାଳ ଲାଗି ହେଲେ ମଧ୍ୟ ସଂସ୍ପର୍ଶରେ ଆସି ଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ସ୍ନାତକୋତ୍ତର ବିଭାଗର ସଂଯୋଜକ ଭାବେ ତାଙ୍କଠି ଯେଉଁ ଅଦ୍ଭୁତ କର୍ତ୍ତବ୍ୟ ନିଷ୍ଠା ମୁଁ ଦେଖିବାକୁ ପାଇଥିଲି ଏବଂ ଜ୍ଞାନ ସଙ୍ଗେ ସଙ୍ଗେ ସ୍ନେହ ପ୍ରୀତିର ଯେଉଁଭଳି ଅଫୁରନ୍ତ ସ୍ରୋତ ତାଙ୍କଠାରୁ ପ୍ରବାହିତ ହୋଇ ସମଗ୍ର ବାତାବରଣକୁ ପବିତ୍ର କରିପକାଇ ଥିଲା, ଏ ସବୁ ଭଗବତ୍ କୃପା ବ୍ୟତିରେକେ ସମ୍ଭବ ନୁହେଁ । ତାଙ୍କର ଏହି ଦୈବୀ ସମ୍ପଦ ବଳରେ ହିଁ ସେ ତାଙ୍କ ସମ୍ପର୍କରେ ଆସିଥିବା ସମସ୍ତଙ୍କର ପ୍ରିୟ ହୋଇ ପାରିଥିଲେ ।

ପଣ୍ଡିତ ମିଶ୍ରଙ୍କର ଆଦର୍ଶ ବୋଧ ତାଙ୍କ ଜୀବନରେ ଏବଂ ତାଙ୍କ ରଚନାମାନଙ୍କରେ ମଧ୍ୟ ବିଭିନ୍ନ ଭାବେ ଦେଖିବାକୁ ମିଳେ । ଏଠାରେ ତାଙ୍କ ରଚନାରୁ ଗୋଟିଏ ଦୁଇଟି ଉଦାହରଣ ଦର୍ଶାଇବାର ଲୋଭ ସମ୍ବରଣ କରି ପାରୁନାହିଁ ।

"ଶ୍ରେଷ୍ଠ ଫୁଲେ ଦେବ ପୂଜା ଲାଞ୍ଚ ଧନେ ଦାନ ।
ବିବାଦ ମନ୍ଦିର ତୋଳା ଦେବତା ସ୍ଥାପନ ।
କାମୁକର ଅନୁକମ୍ପା ଲୁବ୍ଧର ବନ୍ଦନ ।
ଏଥିରେ ସନ୍ତୁଷ୍ଟ କେବେ ହେବେ ଭଗବାନ୍ ?" (ଚିତ୍ତ ଚନ୍ଦ୍ରିକା)

ଉପନିଷଦ୍‌ର ଭାବଧାରା ସଙ୍ଗେ ପଣ୍ଡିତ ମିଶ୍ରଙ୍କର ଉପର୍ଯ୍ୟୁକ୍ତ ଭାବଧାରାର ସାମଞ୍ଜସ୍ୟ ସୁସ୍ପଷ୍ଟ-"ନାବିରତୋ ଦୁଶ୍ଚରିତାନ୍ନାଶାନ୍ତୋ ନାସମାହିତଃ" ଇତ୍ୟାଦି । ଏସବୁ ସତ୍ତ୍ୱେ ତାଙ୍କର ଅନୁପମ ଉଦାରତା ଗୁଣ ଯୋଗୁଁ ସେ ପୁରୁଷୋତ୍ତମଙ୍କ ନିକଟରେ କି ଶିଷ୍ଟ, କି ଦୁଷ୍ଟ ସମସ୍ତଙ୍କ ଲାଗି ପ୍ରାର୍ଥନା ଜଣାଇଛନ୍ତି, ଏହି ବିଶେଷ ଗୁଣ ଟିକକ ତାଙ୍କଠାରେ ଲକ୍ଷ୍ୟ କରିବାର କଥା-"ଶିଷ୍ଟାଂଶ୍ଚ ଦୁଷ୍ଟାଂଶ୍ଚ ଦୟସ୍ୱ ସର୍ବାଂସ୍ତ୍ୱମ ଦେବଃ ପୁରୁଷୋତ୍ତମୋଽସି' (ପୁରୁଷୋତ୍ତମାଷ୍ଟକମ୍) ।

ପଣ୍ଡିତ ମିଶ୍ରଙ୍କର ବ୍ୟକ୍ତିତ୍ୱରେ ଉଚ୍ଚ ଆଦର୍ଶବୋଧ ସଙ୍ଗେସଙ୍ଗେ ରମଣୀୟ ଉଦାରତା ବିବ୍ୟଞ୍ଜାନ ସଙ୍ଗେ ସଙ୍ଗେ ଅନାବିଲ ସ୍ନେହ-ପ୍ରୀତି ଏବଂ ଗମ୍ଭୀର ପାଣ୍ଡିତ୍ୟ ସଙ୍ଗେ ସଙ୍ଗେ ସରସ ହୃଦୟବତ୍ତା, ଏସବୁ ଦୈବୀ ଗୁଣର ସମାବେଶ ଯୋଗୁ ସେ ଥିଲେ ମୋର ଅତ୍ୟନ୍ତ ପ୍ରିୟ, ଆପଣାର ଲୋକ । ଯାହାଙ୍କ ଉପରେ କୌଣସି ଦାୟିତ୍ୱ ନ୍ୟସ୍ତ କରି ଜଣେ ନିଶ୍ଚିନ୍ତ ହୋଇଯାଇପାରେ । ଏଭଳି ଅନବଦ୍ୟ ବ୍ୟକ୍ତିତ୍ୱ ବାସ୍ତବରେ ଦୁର୍ଲଭ, ଏବଂ ସେଇ କାରଣରୁ ତାଙ୍କ ବିୟୋଗଦୁଃଖ ଭୁଲିବାର ନୁହେଁ ।

କୁଳପତି,

ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ।

ପୁଣ୍ୟାତ୍ମା ସ୍ମରଣେ

ଶ୍ରୀ ପ୍ରେମାନନ୍ଦ ତ୍ରିପାଠୀ

'ଉଠ୍ ! ବାଳା ଅଭାବରେ କ'ଣ ବାହାଘର ବନ୍ଦ ହୋଇଯିବ ? ତୋର ପଢାପାଇଁ ଯଦି ଟଙ୍କା ଦରକାର, ତାହାହେଲେ ମାମାର ଗହଣା ମୁଁ ବନ୍ଧା ପକାଇ ତୋତେ ଦେଇ ଦେଉଛି; ନେଇ ଯା ।' କୁଳମଣି ଭାଇନାଙ୍କର ଅକପଟ ଶ୍ରଦ୍ଧା ମୋତେ ବିଚଳିତ କରି ଦେଇଥିଲା ।' ଈଶ୍ୱରଙ୍କ ଇଚ୍ଛାରେ ମୋର ଜୀବନର ଗତି ଅନ୍ୟ ଦିଗରେ ଗଲିଥିଲା; ମାତ୍ର ମନୁଷ୍ୟ ମନୁଷ୍ୟ ପ୍ରତି କେତେଦୂର ଶ୍ରଦ୍ଧାଶୀଳ ହୋଇପାରେ— ସ୍ରଷ୍ଟା ତାଙ୍କ ସୃଷ୍ଟି ପ୍ରତି ଅନବରତ ଦୟାଶୀଳ ହେବାପରି, ସତେ ଯେମିତି ମନୁଷ୍ୟ ହୃଦୟରେ ତାହାହିଁ ପ୍ରତିବିମ୍ବିତ— ଏକଥା ମୋ ମାନସପଟରେ ଅଲିଭା ଲେଖାପରି ରହିଥିଲା ।

ପଣ୍ଡିତ କୁଳମଣି ଥିଲେ ଶ୍ରଦ୍ଧାର ଅବତାର, ନିରନ୍ତ ପ୍ରସନ୍ନମନା, ଛନ୍ଦବିହୀନତା ଥିଲା ତାଙ୍କ ଚରିତ୍ରର ବିଶିଷ୍ଟତା । ଅନ୍ତରର ଦୁଇଟି ମୁଖ୍ୟସ୍ରୋତ ପଣ୍ଡିତ କୁଳମଣିଙ୍କର ଜୀବନର ଗତିକୁ ବିଶେଷ ପ୍ରଭାବିତ କରିଥିଲା । ଗୋଟିଏ ହେଲା ଶାସ୍ତ୍ରାଲୋଚନା ଏବଂ ତା ମାଧ୍ୟମରେ ଭଗବତ୍ ଅନୁଶୀଳନ ଏବଂ ଦ୍ୱିତୀୟଟି ହେଲା ସୀମିତ ସମୟ ମଧ୍ୟରେ ଯଥାସାଧ୍ୟ ପରୋପକାର ।

ପଣ୍ଡିତ ମହାଶୟ ଥିଲେ ଲେଖନୀଶ୍ରଦ୍ଧ । ସନାତନ ସଂସ୍କୃତିକୁ ଜନଲୋକଚକ୍ଷୁକୁ ଆଣିବା ଉଦ୍ଦେଶ୍ୟରେ ଲେଖନୀ ଚାଳନା କରିବାକୁ ସେ ଥିଲେ ବିଶେଷ ଆଗ୍ରହୀ । ତେଣୁ ଅବସର ସମୟ ସେ ପୁରା ସଦୁପଯୋଗ କରୁଥିଲେ ବିଭିନ୍ନ ବ୍ୟାଖ୍ୟା, ଟୀକା ଓ ସମ୍ପାଦନା କରିବାରେ ପୁଣ୍ୟଶ୍ଳୋକ ପଣ୍ଡିତ ମହାଶୟ ଥିଲେ ସମାଜଧର୍ମର ନିରନ୍ତର ସେବକ । ସମାଜଧର୍ମର ପୁନଃପ୍ରତିଷ୍ଠା ପ୍ରତି ତାଙ୍କର ଗଭୀର ଅନ୍ତରିକତା ଥିଲା ।

ନିର୍ଭୀକତା ଏବଂ ସ୍ପଷ୍ଟବାଦିତା ପଣ୍ଡିତ କୁଳମଣିଙ୍କର ଥିଲା ସଂସାରର ଅସଂଗତି ଏବଂ ଅନୌଚିତ୍ୟ ବିରୁଦ୍ଧରେ ଦୁଇଟି ସାମାନ୍ୟ ଅସ୍ତ୍ର । କୁଳମଣିଙ୍କର ଅସ୍ତ୍ର ପ୍ରୟୋଗ କିନ୍ତୁ ସର୍ବଦା ସନ୍ତୁଳିତ ଥିଲା ଏବଂ ପ୍ରତିଥରର ପ୍ରୟୋଗ ଏକାଧାରରେ ତାଙ୍କର ଅନ୍ତରର ନିରଭିମାନିତା ତଥା ସତ୍ୟ ନିଷ୍ଠାର ପରିଚାୟକ ଥିଲା । ଆବଶ୍ୟକସ୍ଥଳେ ସେ ନିଜର ମତକୁ ଦୃଢ଼ ଭାବରେ ବ୍ୟକ୍ତ କରୁଥିଲେ । କିନ୍ତୁ ଅପରପକ୍ଷ ଏଥିରେ ଅସନ୍ତୁଷ୍ଟ ହେବାର ସମ୍ଭାବନାକୁ ସେ ସପକ୍ଷରେ ରଖି ଦୃଢ଼ତା ସହିତ ନିରଭିମାନତାକୁ କଥାଚ୍ଛଳରେ ସମ୍ପୂର୍ଣ୍ଣ ବ୍ୟକ୍ତ କରୁଥିଲେ । ତଥାପି ସେ ତିରସ୍କାର ଭାବରେ ନିଜର ମତବ୍ୟକ୍ତ କରିବାକୁ କଦାପି ପଶ୍ଚାତ୍ପଦ ନଥିଲେ । ଥରେ (ଯେତେଦୂର ମନେ ହୁଏ ୧୯୬୨ ମସିହାରେ) ବିନୋବାଭାବେ ମହୋଦୟ ଓଡ଼ିଶା ପରିକ୍ରମାରେ ଆସିଥାଆନ୍ତି । ଏହି ଅବସରରେ ଅନେକ ସ୍ଥାନରେ ସନ୍ଧ୍ୟା ସମୟରେ ସାମୂହିକ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । କଟକରେ ଏହିପରି ଏକ ବିରାଟ ପ୍ରାର୍ଥନା ସଭା ସରିବା ପରେ ପଣ୍ଡିତ ମହାଶୟ ହଠାତ୍ ବିନୋବାଜୀଙ୍କୁ ପ୍ରଶ୍ନ କରିବାକୁ ଉଠି ପଡ଼ିଲେ । ସଭାସ୍ଥଳର ମନୋବୃତ୍ତି ପୁରାପୁରି ବିନୋବାଜୀଙ୍କ ସପକ୍ଷରେ ଥିଲା । ତେଣୁ ତାଙ୍କୁ କେହି ବିପରୀତ ମତପୋଷଣକାରୀ ପ୍ରଶ୍ନ ପଚାରିବା ଏକପ୍ରକାର କଳ୍ପନାର ବାହାରେ ଥିଲା । କିନ୍ତୁ ପଣ୍ଡିତ କୁଳମଣି ଡରିବାର ଲୋକ ନଥିଲେ । ସଭାରେ ତଥା-ଉପଗତ ଏବଂ ବିଭିନ୍ନମନା ଲୋକସମୂହ ମଧ୍ୟରେ ଅନୌପଚାରିକ ଭାବେ ପ୍ରାର୍ଥନା ବାହ୍ୟକ ଏବଂ ଫଳଦାୟକ ନୁହେଁ ବୋଲି ତାଙ୍କର ମତ ଥିଲା । ସେ ହଠାତ୍ ମଞ୍ଚ ଆଡ଼କୁ ବିନୋବାଜୀଙ୍କ ନିକଟକୁ ଯାଇ ପଚାରିଥିଲେ—'ସଭାସୁ ପ୍ରାର୍ଥନା କ୍ରିୟତେ'— ଇୟଂ ପାଶ୍ଚାତ୍ୟସଂସ୍କୃତିଃ ନ ଶାସ୍ତ୍ରାନୁମୋଦିତା ।

ତାଙ୍କ ଶ୍ୱଶୁରଘର ସୁବର୍ଣ୍ଣପୁର ଗ୍ରାମରେ ପ୍ରତିବର୍ଷ ଜ୍ୟେଷ୍ଠଶୁକ୍ଳ ଦଶମୀକୁ 'ବ୍ରହ୍ମ-ଗୋଛନ୍ଦ ମହାଯଜ୍ଞ' ଅନୁଷ୍ଠିତ ହୁଏ । ବ୍ରହ୍ମ ପୁରା ବିଶ୍ୱ ଏବଂ ଇନ୍ଦ୍ରିୟ (ଗୋ)କୁ ଘେରି ରହିଛନ୍ତି ଏବଂ ତାକୁ ଗୃହୀତ ଏବଂ ପାଳନ କରୁଛନ୍ତି, ଏହିପରି ଚେତନା ଆଣାଇବା ଏହି ଯଜ୍ଞର ଉଦ୍ଦେଶ୍ୟ ଥିଲା । ଏଥିରେ ଚକଡ଼ାର ଗ୍ରାମବାସୀଙ୍କ ବ୍ୟତୀତ ତାଙ୍କ ଶ୍ୱଶୁର ମୁଖ୍ୟ ପ୍ରଯୋଜକ ଥାଆନ୍ତି । ଯଜ୍ଞକୁ ବହୁ ସାଧୁସନ୍ନ୍ୟାସୀ ଆସନ୍ତି ଏବଂ ସେମାନଙ୍କର ସଶ୍ରଦ୍ଧ ଚର୍ଚ୍ଚା କରାଯାଏ । ବିଶ୍ୱାସୀ ଗ୍ରାମବାସୀ ସେମାନଙ୍କର ପୂଜା କରନ୍ତି ଏବଂ ଚରଣରେ ମସ୍ତକ ସ୍ପର୍ଶ କରନ୍ତି । ବନ୍ଧୁବାନ୍ଧବଙ୍କର କଟୁ ସମାଲୋଚନା ସତ୍ତ୍ୱେ କିନ୍ତୁ ପଣ୍ଡିତମାନଙ୍କର ଚରଣ ସ୍ପର୍ଶ କରନ୍ତି, ଯଜ୍ଞରେ ଯୋଗଦାନ କରନ୍ତି, ପୂଜାରେ ଭାଗ ନିଅନ୍ତି କିନ୍ତୁ 'ପଣ୍ଡିତପଣ' ଦେଖାଉଛନ୍ତି ବୋଲି ଭକ୍ତଗଣଙ୍କର ତୀବ୍ର କଟୂକ୍ତି ସତ୍ତ୍ୱେ କୌଣସି ସନ୍ନ୍ୟାସୀଙ୍କର ଚରଣସ୍ପର୍ଶ କରନ୍ତି ନାହିଁ ତଥା ଉଚ୍ଛିଷ୍ଟ ସେବନର ପକ୍ଷପାତୀ ନଥାନ୍ତି । ସମାଲୋଚନାର ପ୍ରତିକୂଳ ବାତାବରଣ ଥିଲେ ମଧ୍ୟ ବିଶେଷ ଅସୁବିଧା ନଥିଲେ କୌଣସି ବର୍ଷ କୁଳମଣି ସସ୍ତ୍ରୀକ ଯଜ୍ଞରେ ଯୋଗଦାନ କରିବାରୁ ବିରତ ହୋଇନାହାନ୍ତି । ହୃଦ୍‌ବୋଧ ହେବାପରେ ଅବଶ୍ୟ ସେ ମୁଖ୍ୟ ପୁରୋଧା ସନ୍ନ୍ୟାସୀଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉ-ଥିଲେ । ମାତ୍ର କାହାର ଛଳନାପୂର୍ଣ୍ଣ ଅଭିବ୍ୟକ୍ତି ତାଙ୍କୁ ବିଚଳିତ କରିପାରି ନଥିଲା ।

ଗୁରୁପୂଜନ ଏବଂ ଗୁରୁଜନମାନଙ୍କ ପ୍ରତି କର୍ତ୍ତବ୍ୟପାଳନ ଆତ୍ମାକୁ ଶୁଦ୍ଧ କରେ, ମନର କଳୁଷ କ୍ଷୟ କରେ ଏବଂ ସଂସାରରେ ଆଗକୁ ଥିବା ପଥକୁ କଣ୍ଟକମୁକ୍ତ କରେ ବୋଲି ତାଙ୍କର ବିଶ୍ୱାସ ଥିଲା । ଇହଧାମ ତ୍ୟାଗ କରିବାର ପ୍ରାୟ ଛଅବର୍ଷ ପୂର୍ବରୁ ସେ ତାଙ୍କର ନବେ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ଶ୍ୱଶୁର ଏବଂ ଶାଶୁଙ୍କୁ ନିଜ ପାଖରେ ରଖିଥିଲେ ଏବଂ ଅକୁଣ୍ଠିତ ଚିତ୍ତରେ ତାଙ୍କ ସେବା କରୁଥିଲେ । ବିଶେଷ ତିଥିରେ ତଥା ପୂଜାପର୍ବାଣିରେ ସେ ବୃଦ୍ଧ ପିତୃମାତୃଙ୍କର ଚରଣୋଦକ ମସ୍ତକରେ ସ୍ପର୍ଶ କରୁଥିଲେ । ଏହା ତାଙ୍କୁ ସଂସାର କ୍ଷେତ୍ରରେ ପ୍ରେରଣା ଓ ଧୈର୍ଯ୍ୟ ଦେଉଥିଲା । ଏ ଅଭ୍ୟାସ ତାଙ୍କର ଏତେ ହୃଦୟଗତ ଥିଲା ଯେ ନଶ୍ୱରଦେହ ତ୍ୟାଗ କରିବାର ଅବ୍ୟବହିତ କିଛି ସମୟ ପୂର୍ବରୁ —ଯେତେବେଳେ କି ସେ ହୁଏତ ତାଙ୍କର ଅନ୍ତର୍ଦୃଷ୍ଟିରେ ଦେଖିପାରୁ





ବନ୍ଧୁ, ସହକର୍ମୀ ଓ ଛାତ୍ର ଛାତ୍ରୀମାନଙ୍କ ଶେଷ ଦର୍ଶନ



ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅସଂଖ୍ୟ
ଜନ ସମାରୋହରେ ଶବଯାତ୍ରା

ଥିଲେ ଯେ ତାଙ୍କୁ ଇହଲୀଳା ସାଙ୍ଗ କରିବାକୁ ହେବ—ସେ ତାଙ୍କର ସହଧର୍ମିଣୀଙ୍କୁ ବୃଦ୍ଧ ପିତୃମାତୃଙ୍କର ଚରଣୋଦକ ଓ ପଦରଜ ତାଙ୍କ ସର୍ବାଙ୍ଗରେ ସିଞ୍ଚିବାକୁ କହିଥିଲେ । ସବୁପ୍ରକାରର ସାଂସାରିକ ସାଫଲ୍ୟରେ ପଣ୍ଡିତ ମହାଶୟ ପାଇଥିଲେ ତାଙ୍କର ସତୀସାଧ୍ୱୀ ପତିପ୍ରାଣା ପତ୍ନୀ କୁମୁଦିନୀଙ୍କର ସହାୟତା । ସମସ୍ତ ସତ୍‌କାର୍ଯ୍ୟ, ଦାନଧର୍ମ ଏବଂ ପୁଣ୍ୟ ପ୍ରୟାସରେ ତାଙ୍କର ପତ୍ନୀ ଥିଲେ ତାଙ୍କର ଯଥାର୍ଥ ପରିପୂରକ । କୁମୁଦିନୀ ସ୍ୱାମୀଙ୍କର ପ୍ରତ୍ୟେକ ପଦକ୍ଷେପକୁ ସମର୍ଥନ କରୁଥିଲେ ଏବଂ ତାଙ୍କର ସମାଲୋଚନାର ଦୃଢ଼ ପ୍ରତିବାଦ କରୁଥିଲେ । ଭାରତର ବିଭିନ୍ନ ପ୍ରାନ୍ତରୁ ଧର୍ମସଭାରେ ଭାଷଣ ଦେବାପାଇଁ ପଣ୍ଡିତ ମହାଶୟଙ୍କୁ ବହୁ ନିମନ୍ତ୍ରଣ ଆସିଥାଏ ଏବଂ ଏ ସମସ୍ତ ଭ୍ରମଣ ସମୟରେ କୁଳମଣି ତାଙ୍କର ସ୍ତ୍ରୀଙ୍କର ସାନ୍ନିଧ୍ୟକୁ ବହୁତ ପ୍ରାଧାନ୍ୟ ଦେଇଥିଲେ ।

ଯେଉଁଭାବ ସ୍ମରଣ କରୁ କରୁ ମନୁଷ୍ୟ ଅନ୍ତକାଳରେ ଦେହତ୍ୟାଗ କରେ, ମୃତ୍ୟୁପରେ ସ୍ଥିତିରେ ସେ ସେହି ଭାବକୁ ପ୍ରାପ୍ତ ହୁଏ । ଉଲ୍ଲେଖ-ଯୋଗ୍ୟ ଏହି ଯେ, କୁଳମଣି ତାଙ୍କ ଶରୀର ତ୍ୟାଗର କିଛିସମୟ ପୂର୍ବରୁ ସ୍ୱଇଚ୍ଛାରେ ଗଙ୍ଗାଜଳ ପାନକରି ଏବଂ ଅନବରତ 'ନାରାୟଣ, ନାରାୟଣ ଜପି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ—

ଅନ୍ତକାଳେ ଚ ମାମେବ
ସ୍ମରନ୍ ମୁକ୍ତ୍ୱା କଳେବରମ୍
ଯଃ ପ୍ରୟାତି ସ ସଦ୍‌ଭାବଂ
ଯାତି ନାସ୍ତ୍ୟତ୍ର ସଂଶୟଃ । (ଗୀତା, ଅଷ୍ଟମ ଅଧ୍ୟାୟ)

ଅତି ଉଚ୍ଚସ୍ତରର ସାଂସାରିକ ଜୀବନ ଅତି ଆଦର୍ଶ ମୃତ୍ୟୁ ଈଶ୍ୱର କୁଳମଣିଙ୍କ ଆଦର୍ଶରେ ଅନ୍ୟମାନଙ୍କୁ ଅନୁପ୍ରାଣିତ କରନ୍ତୁ ।

କରିଷ୍ଣୁ ସଚିବ
ଦିଲ୍ଲୀ (ଭାରତ ସରକାର)

—*—

ଭକ୍ତି ଶ୍ରଦ୍ଧାଞ୍ଜଳି

ଡକ୍ଟର ବିଶ୍ୱନାଥ ସ୍ୱାଇଁ

ଜୀବନର ସାମୁହିକ ବିକାଶ ନିମିତ୍ତ ଯେଉଁମାନଙ୍କଠାରୁ ମୁଁ ପ୍ରେରଣା ବା ଆଶୀର୍ବାଦ ଲାଭ କରିଛି ସେମାନଙ୍କମଧ୍ୟରେ ମୋର ଗୁରୁଦେବ ପଣ୍ଡିତ କୁଳମଣି ମିଶ୍ରଙ୍କର ସ୍ଥାନ ପ୍ରଥମ । ୧୯୬୪ ମସିହାରେ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠରେ ପ୍ରବେଶ କରିବା ସମୟରୁ ମୁଁ ସେହି ମହାପୁରୁଷଙ୍କର ସମ୍ପର୍କରେ ଆସି ତାଙ୍କର ଆଶୀର୍ବାଦରୁ ଧର୍ମଶାସ୍ତ୍ରରେ ଉପାଧ୍ୟୁତ୍ତର ଶିକ୍ଷାଲାଭ କରିଛି । ତାଙ୍କର ପ୍ରତ୍ୟକ୍ଷ ଗୁରୁତ୍ୱାବଧାନ ଅଧ୍ୟୟନ ସମୟରେ ତାଙ୍କଦ୍ୱାରା ପ୍ରତିଷ୍ଠାପିତ ଧର୍ମଶାସ୍ତ୍ର ବିଷୟକ ପତ୍ରିକା ଶ୍ରୀଦେବଯାନ ତଥା ଅନ୍ୟ ପତ୍ରିକା ଦିଗ୍‌ଦର୍ଶିନୀରେ ନିୟମିତ ପ୍ରବନ୍ଧ ଦେବାପାଇଁ ସମର୍ଥ ହୋଇଥିଲି । ଉପାଧ୍ୟୁତ୍ତର ଶିକ୍ଷାଲାଭ ପରେ ଗବେଷଣାକ୍ଷେତ୍ରରେ ମୋର ସାମାନ୍ୟ ସାମର୍ଥ୍ୟ ଥିବା ଲକ୍ଷ୍ୟକରି ଗୁରୁଦେବ ମୋତେ "କାଳସର୍ବସ୍ୱ" ନାମକ ପ୍ରାମାଣିକ ପ୍ରାଚୀନ ଗ୍ରନ୍ଥ ଉପରେ ଗବେଷଣା କରିବା ପାଇଁ ସମ୍ପୃକ୍ତ ପ୍ରେରଣା ଦେଇଛନ୍ତି । ଏପରିକି ଗ୍ରନ୍ଥକାରଙ୍କ ଜନ୍ମସ୍ଥାନ କାଳ ଓ ବଂଶ ପରିଚୟ ପ୍ରଭୃତି ସମ୍ପୂର୍ଣ୍ଣ ତଥ୍ୟ ତାଙ୍କର ସାହଚର୍ଯ୍ୟ ନେଇ ପ୍ରକାଶ କରି ପାରିଛି । "କ୍ଷୟଃ କାର୍ତ୍ତିକାଦି ତ୍ରୟେ ନାନ୍ୟଦା ସ୍ୟାତ୍"— "ସିଦ୍ଧାନ୍ତ ଶିରୋମଣି"ର ଉକ୍ତିକୁ ଖଣ୍ଡନ କରି "କାଳସର୍ବସ୍ୱ" ଗ୍ରନ୍ଥକାର ମହାମହୋପାଧ୍ୟାୟ କୃଷ୍ଣ ମିଶ୍ର ଦେଇଥିବା ଯଥାର୍ଥ ମନ୍ତବ୍ୟ "କର୍କଟାଦିମନ୍ଦୋଚ୍ଚ-ଘଟେ ରବୌ କଳ୍ପଯୁଗାନ୍ତେ ଯୁଗାନ୍ତରେ ବା କାର୍ତ୍ତିକାଦିମାସତ୍ରୟଂ ଭିନ୍ନ ମାଘଫାଲ୍‌ଗୁନାଦୌ କ୍ଷୟମାସୋ ଭବେଦ୍ୟଦି"ର ପ୍ରଶଂସା କରିଛନ୍ତି । ବସ୍ତୁତଃ ସେହି ଅବସରରେ ୧୯୮୨ ମସିହାରେ ମାଘମାସ କ୍ଷୀଣ ହୋଇଅଛି । ଗ୍ରନ୍ଥକାରଙ୍କ ଅନ୍ୟକୃତି ଉତ୍କଳୀୟ ଅଶୌଚ ବ୍ୟବସ୍ଥା ଉପରେ ପ୍ରମାଣିକ ଗ୍ରନ୍ଥ "ଶୁଦ୍ଧିସର୍ବସ୍ୱ"ର ତାଳପତ୍ରମାତୃକାରୁ ମୁଁ ଉଦ୍ଧାର କରୁଥିବା ଜାଣି ଗୁରୁଦେବ ସେ ଗ୍ରନ୍ଥର ପ୍ରକାଶନ ପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ତାଙ୍କର ଐହିକ ସ୍ଥିତିକାଳମଧ୍ୟରେ ସେ ଗ୍ରନ୍ଥ ସମ୍ପୂର୍ଣ୍ଣ ଉଦ୍ଧାର ମୁଁ କରିପାରି ନ ଥିଲି । ଏବେ ସେହି ଗ୍ରନ୍ଥର ଉଦ୍ଧାର ପରେ ମୁଁ ସମ୍ପାଦନ କରିସାରିଥିଲେ ମଧ୍ୟ ତାକୁ ଦେଖି ସନ୍ତୋଷର ସହ ଆବଶ୍ୟକ ସଂଶୋଧନ ବା ଆବଶ୍ୟକ ପରାମର୍ଶ ଦେବାପାଇଁ ଦୁର୍ଭାଗ୍ୟ ବଶତଃ ଗୁରୁଦେବ ଆଜି ଆମ ନିକଟରେ ନାହାନ୍ତି ।

ଧର୍ମଶାସ୍ତ୍ରବିଭାଗରେ ଗବେଷଣା କରିଥିବା ସମସ୍ତ ଗ୍ରନ୍ଥଙ୍କର ଗବେଷଣା ସନ୍ଦର୍ଭ ଗୁରୁଦେବଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଅଛି । ଏପରିକି "ଶ୍ରାଦ୍ଧପ୍ରଦୀପ" ଗ୍ରନ୍ଥ ଉପରେ ଗବେଷଣା କରିଥିବା ସଂପୃକ୍ତ ଗ୍ରନ୍ଥ ତାଳପତ୍ରମାତୃକାରୁ ଉକ୍ତ ଗ୍ରନ୍ଥ ଉଦ୍ଧାର କରି ନ ଥିବାସ୍ଥଳେ ଗୁରୁଦେବ ନିଜେ ଆଗ୍ରହର ସହ ଉକ୍ତ ଗ୍ରନ୍ଥର ଉଦ୍ଧାର କରିଅଛନ୍ତି । ତାଙ୍କର ଏହି ପ୍ରକାର ଅବଦାନ ଥିବା ସତ୍ତ୍ୱେ ଧର୍ମଶାସ୍ତ୍ର ବିଭାଗର କୌଣସି ଗବେଷଣା ସନ୍ଦର୍ଭ ପାଇଁ ସେ ନିଜେ ରେକର୍ଡେଡ଼ଗାଇଡ୍ ହୋଇନାହାନ୍ତି । ଅଧିକନ୍ତୁ ଯୁକ୍ତି ମାଧ୍ୟମରେ ଧର୍ମଶାସ୍ତ୍ରୀୟ ତଥ୍ୟ ଉପସ୍ଥାପନ କରିବାକୁ ଯାଇ ଗୁରୁଦେବ "ଶ୍ରାଦ୍ଧପ୍ରଦୀପ", "କୃତ୍ୟକୌମୁଦୀ" ଓ "କାଳମାଧବୀୟ" ପ୍ରଭୃତି ଗ୍ରନ୍ଥମାନଙ୍କରୁ ବିଭିନ୍ନ ବଚନ ଅତ୍ୟନ୍ତ ଆଗ୍ରହର ସହ ଉଦ୍ଧାର କରିଅଛନ୍ତି ।

ଗୁରୁଦେବଙ୍କର ନିରବଚ୍ଛିନ୍ନ ଉଦ୍ୟମ ତଥା ଆଶୀର୍ବାଦ ହେତୁ ଧର୍ମଶାସ୍ତ୍ର ଚର୍ଚ୍ଚା ନିମିତ୍ତ ଗୁରୁଦାୟିତ୍ୱ ସମ୍ପାଦନ ପାଇଁ ଆମେମାନେ ଅବସ୍ଥାପିତ ହୋଇଅଛୁ । କିନ୍ତୁ ଧର୍ମଶାସ୍ତ୍ର ବା ଗୁରୁଦେବଙ୍କର କୌଣସି ଗୁଣରେ ଆମେମାନେ ପ୍ରଭାବିତ ହେଲଭଳି ପରିଲକ୍ଷିତ ହୁଏନାହିଁ । ଗୁରୁଦେବଙ୍କର ସହକର୍ମୀମାନଙ୍କ ପ୍ରତି ସମାଦର ତଥା ଗ୍ରନ୍ଥସ୍ୱାମୀମାନଙ୍କ ପ୍ରତି ଗ୍ରନ୍ଥବତ୍ସଳତା ଗୁଣ ଆମ ମଧ୍ୟରୁ ଅନେକଙ୍କଠାରେ ବିକୃତ ହୋଇଅଛି । ଅନ୍ୟର ମତକୁ ସମ୍ମାନ ଦେବା ତଥା ଅନ୍ୟର ଯଥୋଚିତ କାର୍ଯ୍ୟକୁ ସ୍ୱୀକୃତି ଦେବାପାଇଁ ତାଙ୍କଠାରୁ ଆମେ ଶିକ୍ଷାଲାଭ କରିଥିଲେ ମଧ୍ୟ ତାହା ଆମଦ୍ୱାରା ଆଚରିତ ହେଉନାହିଁ । ଗ୍ରନ୍ଥସ୍ୱାମୀମାନଙ୍କର ବୌଦ୍ଧିକ ବିକାଶ ତଥା ଉତ୍ସାହବୃଦ୍ଧି ଉଦ୍ଦେଶ୍ୟରେ ସମସ୍ତ ପ୍ରକାରର ଚେଷ୍ଟାକରି ସେମାନଙ୍କ-ଠାରୁ ବିଭିନ୍ନ ପ୍ରବନ୍ଧ ସଂଗ୍ରହକରି ଗୁରୁଦେବ 'ଶ୍ରୀଦେବଯାନ' ତଥା 'ବାଗ୍‌ଦର୍ଶିନୀ' ନାମକ ପତ୍ରିକା ହସ୍ତରେ ପ୍ରକାଶ କରିଥିବା ସ୍ଥଳେ ଗୁରୁଦେବଙ୍କ ପରେ ଆମେ ଅନ୍ୟଦ୍ୱାରା ସଂପାଦିତ ଓଡ଼ିଶାର ପ୍ରାଚୀନ ଧର୍ମଶାସ୍ତ୍ରୀୟ ଗ୍ରନ୍ଥମାନଙ୍କୁ ସାଧାରଣତଃ ଗ୍ରହଣ କରିବାପାଇଁ ନାରାଜ । ଏପରିକି ବିଭାଗୀୟ ବିଭିନ୍ନ କାର୍ଯ୍ୟରେ ଅନ୍ୟ ସାଧାରଣ ଅଧିକାଂଶ ତଥା ଲବ୍ଧପ୍ରତିଷ୍ଠବିଦ୍ୱାନ୍-ମାନଙ୍କ ସମ୍ମୁଖରେ ପୂର୍ବୋକ୍ତ କୃତିଗୁଡ଼ିକୁ ଗ୍ରହଣ କରାଯାଇଥିବାରୁ ଆମେ କଳହ କରିବାକୁ ଅପେକ୍ଷା ରଖିଥାଉ । ପୂର୍ବପୁରୁଷମାନଙ୍କର ସତ୍କାର୍ଯ୍ୟର ଫଳ ପିତୃପୁରୁଷମାନଙ୍କର ଊର୍ଦ୍ଧ୍ୱଗତିର ସହାୟକ ହୋଇଥାଏ — ଏହା ଆମେ ଜାଣି ମଧ୍ୟ ଗୁରୁଦେବଙ୍କର ବିଦ୍ୟାବଂଶର ଦାୟାଦରୂପେ ଆମେ

ଭିଳି ତାଙ୍କର ଊର୍ଦ୍ଧ୍ୱଗତିର ସହାୟକ ହେଉଛି ତାହା ହିଁ ବଶ୍ନର୍ଯ୍ୟ । ସମସ୍ତ ପ୍ରକାରର ଅବୈଧ କାର୍ଯ୍ୟରୁ ବିରତ ହେବା ସଙ୍ଗେ ବୈଧ କାର୍ଯ୍ୟରେ ଆମେମାନେ ଗୁରୁଦେବଙ୍କଭଳି ମନୋନିବେଶ କଲେ ଶାସ୍ତ୍ରଚର୍ଚ୍ଚାର ଉନ୍ନତି ହେବ । ଗୁରୁଦେବଙ୍କ ଆତ୍ମାର ସଦ୍‌ଗତି ହେଉ, ଅମରଲୋକରେ ରହି ସେ ସର୍ବଦା ଆମକୁ ଶାସ୍ତ୍ରଚର୍ଚ୍ଚା ନିମିତ୍ତ ତଥା ସଂସ୍କୃତ ସମାଜ ଗଢିବା ନିମିତ୍ତ ଆଶୀର୍ବାଦ କରନ୍ତୁ । ତାହା ହିଁ ତାଙ୍କର ଶ୍ରାଦ୍ଧ ତିଥିରେ ମୋର ବିନମ୍ର ପ୍ରାର୍ଥନା ।

ଅଧ୍ୟାପକ, ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ପୁରୀ

—୦—

ସ୍ମୃତି ଓ ଅନୁଭୂତି

ଶ୍ରୀମତୀ କ୍ଷେତ୍ରମଣି ଦେବୀ

ଏଥି ମଧ୍ୟରେ ଅତିକ୍ରମ କରିଗଲାଣି ଅର୍ଦ୍ଧ ଗୋଟିଏ ବର୍ଷ । କେତେ ଉତ୍‌ଥାନ ପତନ ମଧ୍ୟ ଦେଇ ବର୍ଷଟି ବିତିଗଲା ।

ଓଡିଶାରେ ତଥା ଭାରତରେ ମଧ୍ୟ ବହୁଛାତ୍ର ସ୍ୱର୍ଗତ ଗୁରୁଦେବଙ୍କର କୃପା ଲାଭକରି ଉଚ୍ଚ ପଦ ପଦବୀରେ ଅଧିରୂଢ଼ ହୋଇପାରିଛନ୍ତି । ମୁଁ ମଧ୍ୟ ସେହି ସାନ୍ନିଧ୍ୟର ସୌଭାଗ୍ୟ ଲାଭକରି ଅତୀତର ସେହି ପ୍ରୀତି ମଧୁର ଓ ଆନନ୍ଦ ଦାୟକ ସ୍ମୃତି ସବୁକୁ ସାଇତି ରଖିଛି । ଗୁରୁଦେବଙ୍କ ସହିତ ମୋର ଯେଉଁ ସମ୍ପର୍କ ତାହା କେବଳ ଅଧ୍ୟୟନ ଓ ଅଧ୍ୟାପନା ମଧ୍ୟରେ ସୀମିତ ନଥିଲା । ସେ ଏକ ପିତୃବତ୍ସଳ ହୃଦୟରେ ମୋତେ ଦେଖୁଥିଲେ । ତାଙ୍କ ଠାରୁ ପାଇଥିବା ଅକପଟ ଶ୍ରଦ୍ଧା, ଅନାବିଲ ସ୍ନେହ ଓ ସହାନୁଭୂତିକୁ ଭାଷାରେ ପ୍ରକାଶ କରିହେବ ନାହିଁ । ତାହା କେବଳ ଅନୁଭବ୍ୟ ଓ ହୃଦୟ ଗ୍ରାହ୍ୟ ।

ବି.ଏ. ପାଶ୍‌କରି ଘରେ ଥାଏ । ପିତୃହୀନା କନ୍ୟା ବାହାରେ ପଢିବାକୁ ମନା । ତେଣୁ ଅନ୍ୟାନେ ପାୟ ହୋଇ ଗୃହକର୍ମରେ ମନ ଦେଇଥାଏ । ପ୍ରାୟ ପ୍ରତ୍ୟେକ ବର୍ଷ ଜାହ୍ନୁଡା ଯାହାକୁ ଗୁରୁଦେବଙ୍କର

ପରିବାର ଆମଘରକୁ ରଥ ଦେଖିବା ପାଇଁ ଆସନ୍ତି । କାରଣ ତାଙ୍କର ମଧ୍ୟମା କନ୍ୟା ମୋର ସହ ପାଠିନୀ ଓ, ଅନ୍ତରଙ୍ଗ ବନ୍ଧୁ ମଧ୍ୟ ଥରେ ବାପୁଜୀ ଯାହାଙ୍କୁ ସେ ଆମଘରକୁ ଆସିଥାନ୍ତି । ବୋଉକୁ ପଚାରିଲେ-"ଝିଅ କ'ଣ କରୁଛି ? ବାହାରକୁ ତ ପଢିବାକୁ ଛାଡିଲନି । ସେ ଯାଉ, ଆମ ସଂସ୍କୃତ କଲେଜରେ ଆଚାର୍ଯ୍ୟ ପଢୁ । ମୁଁ ତ ଅଛି ଝିଅପରି ପାଠ ପଢ଼ି ଆସିବ । କ'ଣ ଅସୁବିଧା ହେବ" । ଏହି କଥାରେ କି ଅମୃତ ଥିଲା । କେଜାଣି ? ଏହି ସ୍ନେହବୋଳା କଥା କେଇପଦ ଶୁଣି ବୋଉ ଖୁସି ହୋଇ ଯାଇଥିଲା ଓ ମୁଁ ସଂସ୍କୃତ କଲେଜରେ ପଢ଼ିବା ପାଇଁ ଅନୁମତି ମଧ୍ୟ ପାଇଥିଲି । ସେଦିନ ମୁଁ ଏକ ଅଦୃଶ୍ୟ ଶକ୍ତିର ସ୍ପର୍ଶ ଲାଭ କରିଥିଲି । ଏକ କାର୍ଯ୍ୟରେ ଦୁଇଟି ଉଦ୍ଦେଶ୍ୟ ସିଦ୍ଧି ଏକ ଦିଗରେ ବିଦ୍ୟାର୍ଜନ ଓ ଅନ୍ୟ ଦିଗରେ ଏକ ମହାନ୍ ବ୍ୟକ୍ତିତ୍ୱର ସ୍ପର୍ଶ ।

ଏଠାରେ ପାଠପଢା ସମୟର ଆଉଗୋଟିଏ କଥା ମନେପଡ଼େ । ଆମେ ୪ ଜଣ ଧର୍ମଶାସ୍ତ୍ର ପଢ଼ୁଥାଉ । ଆମମଧ୍ୟରୁ ବିନାୟକବାବୁ ବର୍ତ୍ତମାନ ତେଲଙ୍ଗ ବାଳିକା ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଅଛନ୍ତି । ଦିନେ ମୁଁ ତାଙ୍କୁ ପଚାରିଲି- 'ଆପଣ ସାହିତ୍ୟାଚାର୍ଯ୍ୟ ନ ପଢି ଧର୍ମଶାସ୍ତ୍ର କାହିଁକି ପଢିଲେ ?" ସେ ମୋତେ ଉତ୍ତରରେ କହିଲେ ହଁ "ମୁଁ ସାହିତ୍ୟାଚାର୍ଯ୍ୟ ପଢ଼ିବାପାଇଁ ଆସିଥିଲି । ମାତ୍ର ପ୍ରଥମଦିନ ମୋର ସାର୍‌ଙ୍କ ସହିତ ଦେଖା-ହେବା ପରେ ଆଉ ସାହିତ୍ୟ ପଢିବାକୁ ଇଚ୍ଛା ହେଲା ନାହିଁ । ମୁଁ ଧର୍ମଶାସ୍ତ୍ର ପଢିଲି" । ମୁଁ ତାଙ୍କର ମୁଖମଣ୍ଡଳକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲି । ତତ୍‌କ୍ଷଣାତ୍ ଉଦ୍‌ଭାସିତ ହେଲା ଗୁରୁଦେବଙ୍କର ତେଜୋଦ୍ଦୀପ୍ତ ମୁଖମଣ୍ଡଳ ଓ ଜ୍ଞାନୋଦ୍ଦୀପକ ବାର୍ତ୍ତାଳାପ ।

୫ ଉ ଦିନଙ୍କର ଗୋଟିଏ ଅନୁଭୂତି- ସଂସ୍କୃତ କଲେଜରେ ଅଧ୍ୟୟନ କରୁଥାଏ । ଦୀର୍ଘଦିନ ଧରି ଜ୍ୱର ଅନୁଭବ କଲି । ଜ୍ୱରର ପ୍ରକୋପ କମିଲା ନା... ...ନେ ମନେ ଚିନ୍ତା କରୁଥାଏ । କଲେଜ ଅନେକ ଦିନ ହେଲା ଯାଇ ପାରୁନି । ସାର୍‌ଙ୍କୁ ଦେଖିଲେ ହୁଏତ ଜ୍ୱର ଟିକିଏ କମି ଯାଆନ୍ତା । ...ଡେଯେପରି ଏହି ଚିନ୍ତା ତାଙ୍କର ଗୁରୁହୃଦୟକୁ ବ୍ୟାକୁଳିତ କଲା । ସେଦି... ...ଟା ସମୟରେ ମୁଁ କାହିଁକି କଲେଜ ଯାଉ ନାହିଁ ବୁଝି-ବାକୁ ଆସି... ...ମୋର ରୁଗ୍ଣ ଶରୀରକୁ ଦେଖି ବ୍ୟସ୍ତ ହେଲେ ଏବଂ

ମନ୍ତ୍ରୋଚ୍ଚାରଣ ପୂର୍ବକ ଶରୀରକୁ ଜ୍ୱରମୁକ୍ତ କରିବାପାଇଁ ଉଦ୍ୟମକଲେ । ସେ ବ୍ୟକ୍ତିତ୍ୱ, କି ଅମଳିନ ସେ ଜ୍ୟୋତି ଏପରି ବ୍ୟକ୍ତିତ୍ୱ ନେଇ ଯେଉଁ ଗୁରୁ ଗୁହର ହୃଦୟକୁ ବିଜୟ କରିପାରେ ସେହି ଜୀବନ ହିଁ ଧନ୍ୟ ହୁଏ ।

ମୁଁ ଚାକିରି କରିବାର ଗୁରୁଦେବ ମୋର ପ୍ରଥମ ସହାୟକ, ସମୟକ୍ରମେ ୪ବର୍ଷ ବାହାରେ କଟାଇ ପୁରୀ ସରକାରୀ ବାଳିକା ବିଦ୍ୟାଳୟକୁ ଆସିଲି ଏବଂ ପ୍ରଥମେ ସାର୍‌ଙ୍କୁ ଦେଖା କରିଥିଲି । ତାଙ୍କର ସେଦିନର ଖୁସି କେବଳ ମୁଁ ହିଁ ଅନୁଭବ କରିଥିଲି ଓ ସେ ହୃଦୟର ଭାଷାକୁ କେବଳ ମୁଁ ପଢ଼ିପାରିଥିଲି ।

ଅନେକ ସମୟରେ ଆମ ଘରକୁ ଆସନ୍ତି । ପଚାରନ୍ତି— 'ଭଲଅଛୁ? ଜେଲ୍‌କୁ ଧର୍ମ ଆଲୋଚନା କରିବାପାଇଁ ଆସିଥିଲି । ତୋକଥା ମନେପଡ଼ିଲା, ଚାଲିଆସିଲି ।" ପିଲାମାନଙ୍କର ଭଲମନ୍ଦଠାରୁ ଆରମ୍ଭ କରି ଘରର ଯାବତୀୟ ଦୁଃଖ ସୁଖରେ ନିମଜ୍ଜିତ ହୋଇଯାନ୍ତି ଓ ମୁଁ ସେହି ସମୟରେ ସେହି ମହାନ୍ ପୁରୁଷଙ୍କ ସାନିଧ୍ୟ ଲାଭକରି ନିଜକୁ ଧନ୍ୟ ମନେକରେ । ଓ ଭାବବିହ୍ୱଳ ହୋଇ ତାଙ୍କର ପାଦପାଂଶୁକୁ ପିଲାଙ୍କ ଉପରେ ଝାଡ଼ିଦିଏ ।

ଆଜି ଏ ସ୍ମୃତିଚାରଣ ଅବସରରେ ତାଙ୍କର ଆଦର୍ଶ ଆମ ଜୀବନର ପାଥେୟ ହେଉ ଏତିକି ମାତ୍ର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।

ସରକାରୀ ବାଳିକା ବିଦ୍ୟାଳୟ, ପୁରୀ

—୦—

ଅନ୍ତିମ ଶଯ୍ୟାରେ ପଣ୍ଡିତ କୁଳମଣି ମିଶ୍ର
(୨୦-୨-୯୦)

ପୁରୀ ସ୍ୱର୍ଗଦ୍ୱାରରେ ଶବାଧାର

ସେ ଆମର ମୁରବୀ

ଶ୍ରୀ ଦିଲୀପ କୁମାର ଷାଡ
ଶ୍ରୀ ଲକ୍ଷ୍ମୀଧର ମହାନ୍ତି

ସାରଙ୍କ ନିକଟରେ କାମ କରିବା ପାଇଁ ଦୈବ ଯୋଗରୁ ଅଠେଇ ବର୍ଷ ଅବସର ମିଳିଥିଲା । ସାର୍ ପଣ୍ଡିତ ଗୁଣୀ ଲୋକ । କିନ୍ତୁ ପ୍ରଶାସନିକ ବୁଦ୍ଧି ଓ ବିଚାରରେ ଏତେ ପୋଖତ ଏକଥା ଆଗରୁ ଆମେ ଜାଣି ନଥିଲୁ । ସାର୍ ହଠାତ୍ କୌଣସି ନିଷ୍ପତ୍ତି ନିଅନ୍ତି ନାହିଁ । କିନ୍ତୁ କୌଣସି ସମସ୍ୟାର ସମାଧାନ ପାଇଁ କ'ଣ ସେ ନିଷ୍ପତ୍ତି ନେବେ ସେ ନିଜେ ମନେମନେ ସ୍ଥିର କରି ରଖିଥାନ୍ତି । କାହାକୁ କହନ୍ତି ନାହିଁ । ପ୍ରସଙ୍ଗକ୍ରମେ ଅନ୍ୟ ସହକର୍ମୀଙ୍କ ମନ୍ତବ୍ୟ ସଂଗ୍ରହ କରନ୍ତି । ଆଲୋଚନା କରି ସିଦ୍ଧାନ୍ତ ଗ୍ରହଣ କରନ୍ତି । ପରେ ଆଉ ମତ ବଦଳାନ୍ତି ନାହିଁ ।

ସାର୍ କୌଣସି ସମସ୍ୟାକୁ ଉପର ଅଧିକାରୀଙ୍କ ଆଡ଼କୁ ଠେଲି ଦିଅନ୍ତି ନାହିଁ, କହନ୍ତି- "ଆମେ କ'ଣ ଡାକଘର, ଆମକୁ ତ' କିଛି ମୁଣ୍ଡେଇବାକୁ ପଡ଼ିବ ।" ତରବରିଆ ଭାବେ ପ୍ରତିକ୍ରିୟା ପ୍ରକାଶ କରିବାକୁ ସେ ଭଲ ପାଆନ୍ତି ନାହିଁ । ସବୁବେଳେ ଆଲୋଚନା କରି ବୁଝାଇ କାମ କରାଇ ନିଅନ୍ତି । ସେଥିଯୋଗୁଁ ତାଙ୍କ ଉପରେ ଭରସା ଥାଏ ।

ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ସାର୍‌ଙ୍କ ମଧ୍ୟ ଛାତ୍ର, କେତେକ ଛାତ୍ରଙ୍କ ଛାତ୍ର । ତେଣୁ ଅଧ୍ୟାପକମାନଙ୍କମଧ୍ୟରେ ହେଉ କି ଛାତ୍ରଙ୍କ ମଧ୍ୟରେ ହେଉ କୌଣସି ସମସ୍ୟା ଆସିଲେ ସେ ନିଜ ଘରର ସମସ୍ୟାଭଳି ବୁଝି ସମସ୍ତଙ୍କୁ ଶ୍ରଦ୍ଧାପୂର୍ଣ୍ଣ କଥାରେ ପରାମର୍ଶ ଦିଅନ୍ତି । କେତେକଙ୍କୁ ବେଳ ପଡ଼ିଲେ ଆକଟ କରନ୍ତି । ସେ ଅଧ୍ୟାପକମାନଙ୍କ ଅପେକ୍ଷା କମ୍ ଦରମା ପାଉଥିଲେ । କିନ୍ତୁ ଆମେ ତାଙ୍କୁ ବହୁବେତନ ଭୋଗୀ ବୋଲି ମଣୁ । ତାଙ୍କ ମନଟା ସେମିତି ବଡ଼ । ସେ ଆମର ମୁରବୀ ଥିଲେ ।

ସ୍ନାତକୋତ୍ତର ବିଭାଗ କାର୍ଯ୍ୟାଳୟ,
ଶ୍ରୀ ବିହାର, ପୁରୀ

କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

କେଦାରନାଥ ମହାପାତ୍ରଙ୍କ ଷଷ୍ଠବାର୍ଷିକ ଶ୍ରାଦ୍ଧ ସଭା

ଅକ୍ଷୟତୃତୀୟା ୧୯୮୭

ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ

ପଣ୍ଡିତ ଶ୍ରୀଯୁକ୍ତ କୁଳମଣି ମିଶ୍ର, ଶ୍ରୀକ୍ଷେତ୍ର, ପୁରୀ

"ସଂସ୍କୃତ ସାହିତ୍ୟକୁ ଉତ୍କଳର ଦାନ" ଶୀର୍ଷକ ଆପଣଙ୍କ ଗବେଷଣାମୂଳକ ପ୍ରବନ୍ଧ, ଧର୍ମଶାସ୍ତ୍ର-ଶବ୍ଦକୋଷ ପ୍ରଭୃତି ବିଭିନ୍ନ ଗ୍ରନ୍ଥ ରଚନା ଦ୍ୱାରା ଆପଣ ଉତ୍କଳଭାରତୀଙ୍କ କଣ୍ଠରେ ଜୟମାଲ୍ୟ ପିନ୍ଧାଇବାର ଗୌରବ ଅର୍ଜନ କରିଛନ୍ତି । ଆପଣ ସଂସ୍କୃତ ଗ୍ରନ୍ଥ ସାଗରକୁ ମନ୍ଥନ କରି ଯେଉଁ ଅମୃତୋପମ ନବନୀତ ଦେଶବାସୀଙ୍କୁ ଅର୍ପଣ କରିଛନ୍ତି, ତାହା ଆପଣଙ୍କ କୃତିତ୍ୱର ଦୀପସ୍ତମ୍ଭସ୍ୱରୂପ ଚିରଭାସ୍ୱର ହୋଇ ରହିବ ।

ଆଜିର ଶ୍ରାଦ୍ଧସଭାରେ ଆପଣଙ୍କ ପରି ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ସୁଯୋଗ ପାଇ "କେଦାରନାଥ ଗବେଷଣା ପ୍ରତିଷ୍ଠାନ" ଗୌରବାନ୍ୱିତ ହୋଇଛି ।

ସୁର ରାଉତରାୟ	**ମତଲୁବ ଅଲ୍ଲି**	**ଯୁଗଳ ପଟ୍ଟନାୟକ**	**ଜାନକୀବଲ୍ଲଭ ପଟ୍ଟନାୟକ**
ସଭାପତି	ମୁଖ୍ୟ ଅତିଥି	ସମ୍ମାନିତ ଅତିଥି	ଉଦ୍‌ଘାଟକ
୧-୫-୮୭	୧-୫-୮୭	୧-୫-୮୭	୧-୫-୮୭

ଉକ୍ତ ସଭାର ଆୟୋଜକ ଥିଲେ ପଣ୍ଡିତ ନୀଳମଣି ମିଶ୍ର ଓ ଡକ୍ଟର ଭଗବାନ ପଣ୍ଡା ।

କର୍ମଯୋଗୀଙ୍କ ଜୀବନପଥ

ତା ୨୨-୧୨---୧୯୧୮ ଜନ୍ମ

୧୯୩୮ ଧର୍ମଶାସ୍ତ୍ର ଶାସ୍ତ୍ରୀ

୧୯୩୯ ଧର୍ମଶାସ୍ତ୍ରାଚାର୍ଯ୍ୟ

୧୯୪୨ ସାହିତ୍ୟାଚାର୍ଯ୍ୟ

୧୯୪୩ ବେଦଶାସ୍ତ୍ରୀ

ତା ୧୪-୨-୧୯୪୫ ପୁରୀ ସଂସ୍କୃତ କଲେଜରେ ଧର୍ମଶାସ୍ତ୍ରାଧ୍ୟାପକ ଭାବରେ ନିଯୁକ୍ତ ।

ତା ୧୬-୧୨-୧୯୫୦ ସଂସ୍କୃତ କାର୍ଯ୍ୟାଳୟ, ଅଯୋଧ୍ୟା ତରଫରୁ 'ସାହିତ୍ୟ ରତ୍ନ'

ତା ୨୪-୧୦-୧୯୬୧ ଓରେଣ୍ଟାଲ ଇନଷ୍ଟିଚ୍ୟୁଟ ପକ୍ଷରୁ 'ବିଦ୍ୟାଭୂଷଣ'

ତା ୧-୪-୧୯୬୮ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ସୁବର୍ଣ୍ଣ-ଜୟନ୍ତୀ ଉତ୍ସବର ସାଧାରଣ ସଂପାଦକ

ତା ୪-୮- ୧୯୭୦ ପ୍ରଧାନାଚାର୍ଯ୍ୟ ବାସୁଦେବ ମିଶ୍ର ସ୍ମୃତି କମିଟିର ସଂପାଦକ

ତା ୧୫-୭-୧୯୭୧ ଶ୍ରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟା-ପୀଠରେ ଧର୍ମଶାସ୍ତ୍ର ଅଧ୍ୟାପକ ଭାବରେ ନିଯୁକ୍ତ

ତା ୫-୬-୧୯୭୩ ରୁ
ତା ୮-୧୦-୧୯୭୩
ତା ୧୦-୩-୧୯୭୪ରୁ
ତା ୧୪-୫-୧୯୭୪ } ସ. କେ. ସଂ. ବି ର ଭାରପ୍ରାପ୍ତ ଅଧ୍ୟକ୍ଷ

୧୯୭୪ରୁ ଶ୍ରୀରାଧାରମଣ ପ୍ରେସ୍ ପଞ୍ଜିକା ସଂଶୋଧନ ଆରମ୍ଭ

ତା ୩୦-୧୦-୧୯୭୭ ଶ୍ରୀ ଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନର ସଭାପତି ଦାୟିତ୍ୱ ଗ୍ରହଣ

ତା ୩୦-୪-୧୯୭୯ ଅବସର ଗ୍ରହଣ

ତା ୮-୧୨-୧୯୮୨ ଶାସ୍ତ୍ରଚୂଡ଼ାମଣି ଗବେଷକ ଭାବରେ ସ. କେ. ସ. ବି ରେ ନିଯୁକ୍ତ

ତା ୯-୧୨-୧୯୮୩ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଧର୍ମଶାସ୍ତ୍ର ବିଭାଗରେ ମୁଖ୍ୟ ଅଧ୍ୟାପକ ଭାବରେ ନିଯୁକ୍ତ

ତା ୧୫-୮-୧୯୮୪ ରାଷ୍ଟ୍ରପତି ସମ୍ମାନପ୍ରାପ୍ତି

୧୯୮୮ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ବିଭାଗ ସଂଯୋଜକ ଭାବରେ ନିଯୁକ୍ତ

ତା ୧୯-୨-୧୯୯୦ ମହାପ୍ରୟାଣ